ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୫/୨୦୨୪ (୧୮ ପୃଷ୍ଠା) | Bhubaneswar, Thursday, January 25/2024 | Page 18 | ₹ 7.00

୫୦ଶ ଭାଗ ୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 63 | ମୂଲ୍ୟ ₹୭/-

DSPL - 577

ଆମ ଓଡ଼ିଶା ନବୀନ ଓଡ଼ିଶା



## ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା
## ଶୁଭାରମ୍ଭ

# ସଚେତନତା କାର୍ଯ୍ୟକ୍ରମ

# ରୂପାନ୍ତରିତ ଓଡ଼ିଶା
ଲୋକକଳା ମାଧ୍ୟମରେ...

୨୫ ଜାନୁୟାରୀ ୨୦୨୪ | ଭୁବନେଶ୍ୱର








OIPR-03029/13/0029/2324

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର

## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ପରେଡ୍: ୧୪,୦୦୦ ସୁରକ୍ଷା କର୍ମୀ ମୁତୟନ ହେବେ

ନୂଆଦିଲ୍ଲୀ, ୨୪।୧ (ପିଟି)

ସାଧାରଣତନ୍ତ୍ର ଦିବସ ଅବସରରେ କର୍ତ୍ତବ୍ୟ ପଥଠାରେ ହେବାକୁ ଥିବା ପରେଡ୍‌ରେ ୧୪,୦୦୦ ସୁରକ୍ଷାକର୍ମୀ ମୁତୟନ ରହିବେ। ଏହି ସମୟରେ ୭୭,୦୦୦ ନିମନ୍ତ୍ରିତ ଅତିଥି କର୍ତ୍ତବ୍ୟ ପଥରେ ଗଣତନ୍ତ୍ର ଦିବସ ପରେଡ୍‌କୁ ଉପଭୋଗ କରିବେ। ଏଥିପାଇଁ ଦିଲ୍ଲୀ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସମ୍ପୂର୍ଣ୍ଣ ଦିଲ୍ଲୀକୁ ପୋଲିସ ଛାଉଣୀରେ ରଖାଯାଇଛି। ଏନେଇ ଦିଲ୍ଲୀ ପୋଲିସ ମୁଖ୍ୟାଳୟରେ ଏକ ପ୍ରେସ୍‌ମିଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି ଦିଲ୍ଲୀର ସ୍ୱତନ୍ତ୍ର ପୋଲିସ କମିଶନର (ସୁରକ୍ଷା) ଦୀପେନ୍ଦ୍ର ପାଠକ। ଗଣତନ୍ତ୍ର ଦିବସ ସମାରୋହକୁ ନେଇ ସୁରକ୍ଷା, ଟ୍ରାଫିକ ଆଦି ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସି ସହ ସମନ୍ୱୟ ରଖି ଦିଲ୍ଲୀ ପୋଲିସ କାର୍ଯ୍ୟ କରୁଥିବା ସେ ପ୍ରକାଶ କରିଛନ୍ତି।

### କୋଟାରେ ଛାତ୍ରଙ୍କ ଆତ୍ମହତ୍ୟା

ଜୟପୁର, ୨୪।୧

କୋଚିଂ ସେଣ୍ଟର ଗୁଡ଼ିକରେ ମେଡିକାଲ, ଇଞ୍ଜିନିୟରିଂ ଆଶାୟୀଙ୍କ ମାନସିକ ଚାପଜନିତ ଆତ୍ମହତ୍ୟାକୁ ନେଇ ଦୁର୍ନାମ ମୁଣ୍ଡାଇଥିବା ରାଜସ୍ଥାନର କୋଟାରେ ଆଉ ଜଣେ ଛାତ୍ର ନିଜ ଜୀବନ ହାରିଛନ୍ତି। ଉତ୍ତର ପ୍ରଦେଶର ମୋରାଦାବାଦ ଜିଲା ବାସିନ୍ଦା ମହମ୍ମଦ ଜୈଦି କୋଟାର ଏକ ଘରୋଇ ହଷ୍ଟେଲରେ ରହି କୋଚିଂ ସେଣ୍ଟରରେ ଇଞ୍ଜିନିୟରିଂ ପାଇଁ ପ୍ରସ୍ତୁତ ହେଉଥିଲେ। ମଙ୍ଗଳବାର ରାତିରେ ସେ ଆତ୍ମହତ୍ୟା କରିଛନ୍ତି। ରାତି ୧୧ଟାରେ ଖବର ପାଇ ପୋଲିସ ତାଙ୍କ ମୃତଦେହ ଜବତ କରିଥିଲା। ଏହା ହେଉଛି ଚଳିତ ବର୍ଷ କୋଟାରେ ଛାତ୍ରଙ୍କ ପ୍ରଥମ ଆତ୍ମହତ୍ୟା। ଏହାକୁ ମିଶାଇ ବର୍ଷକ ମଧ୍ୟରେ ୩୦ ଛାତ୍ରୀଛାତ୍ର ଆତ୍ମହତ୍ୟା କରିସାରିଲେଣି। ଏହାକୁ ଦୃଷ୍ଟିରେ ରଖି ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ନିକଟରେ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ଗାଇଡ୍‌ଲାଇନ୍ ଜାରି କରିଛି। ୧୬ ବର୍ଷରୁ କମ୍ ବୟସର ପିଲାଙ୍କୁ ଗ୍ରହଣ ନ କରିବା ଏବଂ ପ୍ରଦର୍ଶନରେ ଉନ୍ନତି ନେଇ ମିଥ୍ୟା ପ୍ରତିଶ୍ରୁତି ନ ଦେବାକୁ ଏଥିରେ କୋଚିଂ ସେଣ୍ଟରଗୁଡ଼ିକୁ ତାଗିଦ କରାଯାଇଛି।

### ଏୟାର ଇଣ୍ଡିଆକୁ ୧.୧ କୋଟି ଜରିମାନା



ନୂଆଦିଲ୍ଲୀ, ୨୪।୧

ସୁରକ୍ଷା ନିୟମକୁ ଉଲ୍ଲଂଘନ କରିଥିବାରୁ ଏୟାର ଇଣ୍ଡିଆକୁ ୧ କୋଟି ୧୦ ଲକ୍ଷ ଟଙ୍କାର ଜରିମାନା କରିଛି ବେସାମରିକ ବିମାନଚଳାଚଳନିର୍ଦ୍ଦେଶାଳୟ (ଡିଜିସିଏ)। ସୂଚନା ମୁତାବକ ଏୟାର ଇଣ୍ଡିଆର ଜଣେ କର୍ମଚାରୀ କିଛି ନିର୍ଦ୍ଦିଷ୍ଟ ଦୂରଗାମୀ ରୁଟ୍ ଗୁଡ଼ିକରେ ଏୟାରଲାଇନ୍ସ ଦ୍ୱାରା ସୁରକ୍ଷା ନିୟମ ଉଲ୍ଲଂଘନ ହେଉଥିବାର ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗ ଆଧାରରେ ଡିଜିସିଏ ପକ୍ଷରୁ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏୟାର ଇଣ୍ଡିଆ ପକ୍ଷରୁ ଏହି କାରଣ ଦର୍ଶାଅ ନୋଟିସର ଉତ୍ତର ଦିଆଯିବା ସହ ଡିଜିସିଏ ନିକଟରେ ଏକ ସୁରକ୍ଷା ରିପୋର୍ଟ ଦାଖଲ କରାଯାଇଥିଲା। ପରେ ଏହି ରିପୋର୍ଟକୁ ଆଧାରକରି ଡିଜିସିଏ ଦ୍ୱାରା ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇଥିବା ବେଳେ କିଛି ସୁରକ୍ଷା ନିୟମ ଉଲ୍ଲଂଘନ ହୋଇଥିବା ସାମ୍ନାକୁ ଆସିଥିଲା।

### ବିମାନ ଦୁର୍ଘଟଣାରେ ୬ ମୃତ

ଟରୋଣ୍ଟୋ, ୨୪।୧

କାନାଡାର ଉତ୍ତର-ପଶ୍ଚିମାଞ୍ଚଳରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରତର ହୋଇଛନ୍ତି। ଫୋର୍ଟ ସ୍ମିଥଠାରେ ଥିବା ଏକ ଉପାନ୍ତ ଖଣି ଅଞ୍ଚଳକୁ ୭ ଜଣଙ୍କୁ ଧରି ବିମାନଟି ଯାଉଥିବାବେଳେ ଖସିପଡ଼ିଥିଲା। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ କାନାଡା ବାୟୁସେନା ପକ୍ଷରୁ ତଦନ୍ତ ଚାଲିଛି।







ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନଭେମ୍ବରରେ ହେବାକୁ ଥିବା ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିରୁ ପୁନର୍ବାର ପ୍ରାର୍ଥୀ ହେବା ଦିଗରେ ଆଉ ପାଦେ ଆଗେଇଛନ୍ତି। ଜାନୁଆରୀ ୨୩ ରାତିରେ ନ୍ୟୁ ହାମ୍ପଶାୟର ପ୍ରାଇମେରିରେ ଟ୍ରମ୍ପଙ୍କୁ ୫୨.୩% ଭୋଟ ମିଳିଥିବାବେଳେ ତାଙ୍କ ଚ୍ୟାଲେଞ୍ଜର ତଥା ଭାରତୀୟ ବଂଶୋଭବ ନିକ୍କି ହାଲିଙ୍କୁ ୪୬.୬% ସମର୍ଥନ ମିଳିଛି। ଫଳରେ ଆସନ୍ତା ନିର୍ବାଚନରେ ରିପବ୍ଲିକାନ୍ ଟ୍ରମ୍ପ୍ ଓ ଡେମୋକ୍ରାଟିକ୍ ଜୋ ବାଇଡେନ୍‌ଙ୍କ ମଧ୍ୟରେ ପୁଣି ଟକ୍କର ହେବ ବୋଲି କୁହାଯାଉଛି। ଏହି ଅବସରରେ ଟ୍ରମ୍ପ୍ ଏକ ପୋଲିଂ ଷ୍ଟେଶନରେ ସମ୍ବୋଧିତ କରୁଛନ୍ତି।

# କିଭ୍ ଖସାଇଲା ରୁଷୀୟ ସେନା ବିମାନ

## ୬୫ ୟୁକ୍ରେନୀୟ ଯୁଦ୍ଧବନ୍ଦୀଙ୍କ ସମେତ ୭୪ ମୃତ

ମସ୍କୋ, ୨୪।୧



୬୫ ୟୁକ୍ରେନୀୟ ଯୁଦ୍ଧବନ୍ଦୀଙ୍କ ସମେତ ୭୪ ଜଣଙ୍କୁ ନେଇ ଯାଉଥିବା ରୁଷିଆ ସେନାର ଏକ ପରିବହନ ବିମାନ ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧବନ୍ଦୀମାନଙ୍କୁ ବେଲ୍‌ଗୋରୋଡ୍ ଅଞ୍ଚଳକୁ ନିଆଯାଉଥିବାବେଳେ ଏହି ବିମାନକୁ ୟୁକ୍ରେନ୍ ଖସାଇଦେଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଭିଯୋଗ ଆଣିଛି। ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ରୁଷିଆ ସୀମା ଭିତରେ ଗତ ୨ ବର୍ଷ ମଧ୍ୟରେ ଏହା ହେଉଛି ସବୁଠୁ ଘାତକ ଆକ୍ରମଣ। ତେବେ କିଭ୍ ପକ୍ଷରୁ ଏହା ଉପରେ କୌଣସି ପ୍ରତିକ୍ରିୟା ଆସିନାହିଁ।

୨୦୨୨ ଫେବୃୟାରୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ନିଜ ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେବେଠୁ ଉଭୟ ପକ୍ଷଙ୍କ ବହୁ ସୈନ୍ୟ ପ୍ରାଣ ହରାଇଲେଣି। ପରସ୍ପର ବିରୋଧରେ ଯୁଦ୍ଧ ଲଢୁଥିବାବେଳେ ଅନେକେ ବନ୍ଦୀ ମଧ୍ୟ ହୋଇଛନ୍ତି। ଯୁଦ୍ଧବନ୍ଦୀମାନଙ୍କ ବିନିମୟ ପ୍ରକ୍ରିୟା ଚାଲିଥିବାବେଳେ ରୁଷୀୟ ସାମରିକ ପରିବହନ ବିମାନ ଇଲିଉଶିନ୍ ଆଇଏଲ୍-୭୬ ୟୁକ୍ରେନୀୟ ସହର ବେଲ୍‌ଗୋରୋଡ୍ ଅଭିମୁଖେ ଯାତ୍ରା କରୁଥିଲା। ସେଥିରେ ପୂର୍ବରୁ ରୁଷୀୟ ସୈନ୍ୟ ଧରିଥିବା ୟୁକ୍ରେନ୍‌ର ୬୫ ସୈନ୍ୟ ଥିଲେ। ଏହାବାଦ୍ ୬ ରୁଷୀୟ କ୍ରିଉ ମେମ୍ବର ଓ ୩ ଗାର୍ଡ ମଧ୍ୟ ଯାଉଥିଲେ। ବିମାନଟି ୟୁକ୍ରେନ୍ ସୀମାରେ ପହଞ୍ଚିବା ପରେ ୟୁକ୍ରେନୀୟ ସୈନ୍ୟ ତାକୁ ଟାର୍ଗେଟ କରି ଖସାଇଦେଇଥିଲେ ବୋଲି ମସ୍କୋ ପକ୍ଷରୁ କୁହାଯାଇଛି। ରୁଷୀୟ ଏମ୍‌ପି ତଥା ଅବସରପ୍ରାପ୍ତ ଜେନେରାଲ ଆଣ୍ଡ୍ରେଇ କାର୍ଟାପୋଲୋଭ୍ କହିଛନ୍ତି, ବିମାନ ସେପଟେ ଯାଉଥିବା ବିଷୟରେ ସେମାନେ ଭଲ ଭାବେ ଅବଗତ ଥିଲେ। ଭୂପୃଷ୍ଠରୁ ଭୂପୃଷ୍ଠ କ୍ଷେପଣାସ୍ତ୍ର ବ୍ୟବସ୍ଥା କେବେହେଲେ ଭୁଲ୍‌ରେ ବି ସାମରିକ ପରିବହନ ବିମାନକୁ ଟାର୍ଗେଟ କରି ନ ଥାଏ। ବନ୍ଦୀ ବିନିମୟ ପ୍ରକ୍ରିୟାକୁ ଭଣ୍ଡୁର କରିବା ପାଇଁ ୟୁକ୍ରେନ୍ ଜାଣିଶୁଣି ଏହାକୁ ଖସାଇଦେଇଛି। ଆମେରିକା କିମ୍ବା ଜର୍ମାନ ନିର୍ମିତ ୩ଟି ମିଶାଇଲରେ ଏହି ଆକ୍ରମଣ କରାଯାଇଛି।

ଅନ୍ୟପକ୍ଷେ ୟୁକ୍ରେନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ବିମାନ ଦୁର୍ଘଟଣା ଉପରେ କିଛି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛି। ଏହି ଖବରର କୌଣସି ବିଶ୍ୱସନୀୟତା ନାହିଁ। ସ୍ଥିତି ସ୍ପଷ୍ଟ ହେବା ପରେ ମନ୍ତବ୍ୟ ଦିଆଯିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପରାମର୍ଶଦାତା ମିକାଇଲୋ କହିଛନ୍ତି। ଏହା ପୂର୍ବରୁ ୟୁକ୍ରେନୀୟ ମିଡିଆ ଆଉଟ୍‌ଲେଟ୍ ପକ୍ଷରୁ କୁହାଯାଇଥିଲା ଯେ, ରୁଷୀୟ ବିମାନରେ ଏସ୍-୩୦୦ ମିଶାଇଲ ନିଆଯାଉଥିବା ଜଣାପଡ଼ିବା ପରେ କିଭ୍ ଏହାକୁ ଖସାଇଦେଇଛି। ଇତିମଧ୍ୟରେ ବେଲ୍‌ଗୋରୋଡ୍ ଗଭର୍ନର ଭ୍ୟାଚେସ୍‌ଲାଭ୍ ଗ୍ଲାଡ୍‌କୋଭ୍ କହିଛନ୍ତି, ବିମାନଟି ଏହି ଅଞ୍ଚଳ ଅଧୀନ କୋରୋଚାନ୍‌ସ୍କି ଜିଲାକୁ ଆସିଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ସମସ୍ତ ୭୪ ଜଣଙ୍କ ମୃତ୍ୟୁ ଘଟିଛି। ତୁଷାରପାତ ହୋଇଥିବା ଏକ ପାର୍ବତ୍ୟ ଅଞ୍ଚଳରେ ବିମାନଟି ଖସିପଡୁଥିବାବେଳେର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି।

# ୬ ସହକର୍ମୀଙ୍କୁ ଗୁଳି, ଯବାନଙ୍କ ଆତ୍ମହତ୍ୟା

ଗୁଆହାଟୀ, ୨୪।୧



ଭାରତ ମ୍ୟାନ୍‌ମାର ସୀମା ନିକଟରେ ମଣିପୁରର ଚାନ୍ଦେଲ ଜିଲାରେ ଥିବା ଆସାମ ରାଇଫଲ୍ସ ବାଟାଲିଅନରେ ଅଘଟଣ। ଆସାମ ରାଇଫଲ୍ସର ଜଣେ ଯବାନ ନିଜର ୬ ଜଣ ସହକର୍ମୀଙ୍କୁ ଗୁଳିକରି ପରେ ନିଜକୁ ଗୁଳିମାରି ଆତ୍ମହତ୍ୟା କରିଛନ୍ତି। ଏହି ଗୁଳିକାଣ୍ଡରେ ଆହତ ହୋଇଥିବା ଆସାମ ରାଇଫଲ୍ସର ସମସ୍ତ ୬ ଯବାନଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିକିତ୍ସିତ ହେଉଥିବା ସମସ୍ତ ଆହତ ଯବାନଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ଦେଇଛି ମେଡିକାଲ ପ୍ରଶାସନ। ତେବେ ଆହତ ହୋଇଥିବା ସମସ୍ତ ୬ ଯବାନ ମଣିପୁରର ହୋଇ ନଥିବା ସ୍ଥାନୀୟ ପ୍ରଶାସନ ସ୍ପଷ୍ଟ କରିଛି। ତେବେ ମଣିପୁରରେ ଚାଲିଥିବା ଜାତିଗତ ହିଂସା ସହ ଏହି ଘଟଣାର କୌଣସି ସମ୍ପର୍କ ନଥିବା କହିଛି ଆସାମ ରାଇଫଲ୍ସ। ସୂଚନାଯୋଗ୍ୟ, ଉକ୍ତ ଯବାନ ଜଣଙ୍କ ଚୁରାଚାନ୍ଦପୁରରେ ଥିବା ନିଜ ଘରୁ ଛୁଟି ସାରି ପୁନର୍ବାର ଆସାମ ରାଇଫଲ୍ସ ବାଟାଲିଅନରେ ଯୋଗଦେଇଥିଲେ। ତେବେ ଉକ୍ତ ଯବାନ ଜଣଙ୍କ କାହିଁକି ନିଜ ସହକର୍ମୀଙ୍କ ଉପରକୁ ଗୁଳିଚାଳନା କରିବା ସହ ନିଜେ ଆତ୍ମହତ୍ୟା କଲେ ସେନେଇ ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି ଆସାମ ରାଇଫଲ୍ସର ଜଣେ ବରିଷ୍ଠ ଅଧିକାରୀ।

### ୟୁଏନ୍‌ଏସ୍‌ସିରେ ସୁଧାର ଆବଶ୍ୟକ: ଫ୍ରାନ୍ସିସ

ନୂଆଦିଲ୍ଲୀ, ୨୪।୧ (ପିଟି)

ବର୍ତ୍ତମାନର ଭୌଗୋଳିକ ବାସ୍ତବତା ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ପ୍ରତିଫଳିତ ହେଉନାହିଁ। ଏଥିରେ ସୁଧାର ଜରୁରୀ ବୋଲି ଜାତିସଂଘ ସାଧାରଣ ସଭା ସଭାପତି ଡେନିସ ଫ୍ରାନ୍ସିସ ମତ ଦେଇଛନ୍ତି। ବିଶ୍ୱଶାନ୍ତି ଓ ସୁରକ୍ଷା ଦିଗରେ ୟୁଏନ୍‌ଏସ୍‌ସି ବିଫଳ ହୋଇଥିବା ସେ କହିଛନ୍ତି। ୫ ଦିନିଆ ଭାରତ ଗସ୍ତରେ ଥିବା ଫ୍ରାନ୍ସିସ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଆଲୋଚନା ପରେ ୟୁଏନ୍‌ଏସ୍‌ସିରେ ସଂସ୍କାର ଆଣିବା ନେଇ ଜୋର ଦେଇଛନ୍ତି।

# ଲୋକ ସଭା ନିର୍ବାଚନ ପରେ ରାହୁଲ ଗିରଫ ହେବେ: ହିମନ୍ତ

ଗୁଆହାଟୀ, ୨୪।୧

ଆସାମରେ ହିଂସା ଉସୁକାଇବା ଅଭିଯୋଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତାଙ୍କୁ ଲୋକ ସଭା ନିର୍ବାଚନ ପରେ ଗିରଫ କରାଯିବ ବୋଲି ବୁଧବାର ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି।

ଶିବସାଗର ଜିଲାର ନଜିରାରେ ହିମନ୍ତ କହିଛନ୍ତି, ରାହୁଲଙ୍କ ବିରୋଧରେ ଆମେ ଏଫ୍‌ଆଇଆର୍ କରିଛୁ। ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି। ରାହୁଲଙ୍କୁ ଏବେ ଗିରଫ କଲେ, ସେମାନେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିବେ। କିଛି ମାସ ଭିତରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ ଶେଷ ହେବା ପରେ ଆମେ ତାଙ୍କୁ ଗିରଫ କରିବୁ। ଆସାମ ପୋଲିସ ମହାନିର୍ଦ୍ଦେଶକ ଜି.ପି. ସିଂ କହିଛନ୍ତି, ରାହୁଲଙ୍କ ମାମଲା ସିଆଇଡିକୁ ସ୍ଥାନାନ୍ତର କରାଯାଇଛି। ଏନେଇ ରାହୁଲ କହିଛନ୍ତି, ହିମନ୍ତ

## ୨୫ ଏଫ୍‌ଆଇଆର୍ କଲେ ବି ଡରିବାର ନାହିଁ: ରାହୁଲ



ମୋ ବିରୋଧରେ ମାମଲା ରୁଜୁ କରିବା ବୁଦ୍ଧି କେଉଁଠୁ ପାଇଲେ, ତାହା ମୋତେ ଜଣାନାହିଁ। ଭାଜପା ଶାସିତ ଆସାମ ସରକାର ମୋ ବିରୋଧରେ ଯେତେ ଅଧିକ ସମ୍ଭବ ମାମଲା ରୁଜୁ କରନ୍ତୁ। ୨୫ ଏଫ୍‌ଆଇଆର୍ କଲେ ବି ଭୟଭୀତ ହେବାର ନାହିଁ। ପ୍ରକାଶ ଯେ, କଂଗ୍ରେସର 'ଭାରତ ଯୋଡ଼ୋ ଯାତ୍ରା'ରେ ଥିବା ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ମଙ୍ଗଳବାର ଗୁଆହାଟୀରେ ବ୍ୟାରିକେଡ୍ ଭାଙ୍ଗିବା ପାଇଁ ନିଜ ସମର୍ଥକମାନଙ୍କୁ କହିବାରୁ ଲୋକଙ୍କ ମଧ୍ୟରେ ସଂଘର୍ଷ ହୋଇଥିବା ଭାଜପା ଅଭିଯୋଗ ଆଣିଥିଲା।

# ସାର୍ବଜନୀନ ହେବନାହିଁ ଜ୍ଞାନବାପି ସର୍ଭେ ରିପୋର୍ଟ

ବାରାଣସୀ, ୨୪।୧

ଜ୍ଞାନବାପି ମସ୍‌ଜିଦ ପରିସରରେ ଭାରତର ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ପକ୍ଷରୁ କରାଯାଇଥିବା ସର୍ଭେର ରିପୋର୍ଟକୁ ସାର୍ବଜନୀନ କରାଯିବ ନାହିଁ ବୋଲି ବୁଧବାର ବାରାଣସୀସ୍ଥିତ ଏକ କୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ ଏଏସ୍‌ଆଇ ରିପୋର୍ଟର ନକଲ ଉଭୟ ହିନ୍ଦୁ ଓ ମୁସଲମାନ ପକ୍ଷରୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାରାଣସୀ ଜିଲା ଜଜ୍ ଏ.କେ. ବିଶ୍ୱେଶ କହିଛନ୍ତି, ଏଏସ୍‌ଆଇ ରିପୋର୍ଟକୁ ହିନ୍ଦୁ ଓ ମୁସଲମାନ ପକ୍ଷ ପ୍ରକାଶ କରିବେ ନାହିଁ ବୋଲି ଉଲ୍ଲେଖ କରି ଏକ ସତ୍ୟପାଠ ଦାଖଲ କରନ୍ତୁ।

ପ୍ରକାଶ ଯେ, ଜିଲା କୋର୍ଟଙ୍କ ୨୦୨୩ ଜୁଲାଇ ୨୧ ରାୟ ପରେ ଏଏସ୍‌ଆଇ ପକ୍ଷରୁ କାଶୀ ବିଶ୍ୱନାଥ ମନ୍ଦିର ନିକଟସ୍ଥ ଜ୍ଞାନବାପି ମସ୍‌ଜିଦ ପରିସରରେ ବୈଜ୍ଞାନିକ ସର୍ବେକ୍ଷଣ କରାଯାଇଥିଲା। ଏକ ମନ୍ଦିର ଉପରେ ଉକ୍ତ ମସ୍‌ଜିଦ ନିର୍ମାଣ କରାଯାଇଥିଲା କି ନାହିଁ ତାହା ସ୍ପଷ୍ଟ କରିବା ହେଉଛି ଏହି ସର୍ଭେର ଉଦ୍ଦେଶ୍ୟ। ଏହାର ରିପୋର୍ଟ ସାର୍ବଜନୀନ କରା ନ ଯାଉ ବୋଲି ବୁଧବାର ମୁସଲମାନ ପକ୍ଷ କରିଥିବା ଅନୁରୋଧକୁ କୋର୍ଟ ଗ୍ରହଣ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ରାମମନ୍ଦିରରେ 'ହନୁମାନ'





ଅଯୋଧ୍ୟା, ୨୪।୧

ଜାନୁଆରୀ ୨୨ରେ ଅଯୋଧ୍ୟାର ରାମମନ୍ଦିରରେ ରାମଲାଲାଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଏହାର ଦିନକ ପରେ ଅର୍ଥାତ୍ ମଙ୍ଗଳବାର ସନ୍ଧ୍ୟା ୫ଟା ୫୦ରେ ଏକ ମାଙ୍କଡ଼ ଗର୍ଭଗୃହରେ ପ୍ରବେଶ କରିଥିଲା। ଦକ୍ଷିଣ ଦ୍ୱାର ଦେଇ ରାମଲାଲାଙ୍କ ମୂର୍ତ୍ତି ପାଖରେ ମାଙ୍କଡ଼ ପହଞ୍ଚିବା ପରେ ସୁରକ୍ଷା କର୍ମୀମାନେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କାରେ ଏହି ଅପ୍ରତ୍ୟାଶିତ ଅତିଥି ନିକଟକୁ ଯାଇଥିଲେ। କିନ୍ତୁ ମାଙ୍କଡ଼ଟି କାହାରି କିଛି କ୍ଷତି ନ କରି ଉତ୍ତର ଦ୍ୱାର ଦେଇ ବାହାରି ଯାଇଥିଲା। ଶ୍ରଦ୍ଧାଳୁମାନେ ମାଙ୍କଡ଼କୁ ପ୍ରଭୁ ରାମଙ୍କ ପରମ ଭକ୍ତ ହନୁମାନ କହି ସ୍ନେହ କରିଥିଲେ। ରାମଲାଲାଙ୍କୁ ଦେଖିବା ପାଇଁ ହନୁମାନଜୀ ତାଙ୍କ ପାଖକୁ ଧାଇଁ ଆସିଥିବା ଦର୍ଶାଯାଇ ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଏକ୍ସ'ରେ ଏକ ପୋଷ୍ଟ କରାଯାଇଛି।

- ଦ୍ୱିତୀୟ ଦିନରେ ୨.୫ ଲକ୍ଷ ଭକ୍ତ
- ପ୍ରଥମ ଦିନର ଦାନ ୩.୧୭ କୋଟି

ପ୍ରାଣ ପ୍ରତିଷ୍ଠା ପରେ ପ୍ରଥମ ଦିନରେ ପ୍ରାୟ ୫ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବାବେଳେ ଦ୍ୱିତୀୟ ଦିନ ବୁଧବାର ରାତି ୧୦ଟା ସୁଦ୍ଧା ୨.୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ରାମଲାଲାଙ୍କ ଦର୍ଶନ କରିଛନ୍ତି। ପ୍ରଥମ ଦିନରେ ଭକ୍ତମାନେ ମୋଟ ୩.୧୭ କୋଟି ଟଙ୍କା ରାମମନ୍ଦିରକୁ ଦାନ କରିଥିଲେ।

# ଛାତ୍ରଙ୍କ ସହ ଯୌନ ସମ୍ପର୍କ: ଶିକ୍ଷୟିତ୍ରୀଙ୍କୁ ଆଜୀବନ ଜେଲ

ଆର୍କାନ୍‌ସାସ୍ (ଆମେରିକା), ୨୪।୧

ଆମେରିକାର ଆର୍କାନ୍‌ସାସ୍ ଠାରେ ଜଣେ ହାଇସ୍କୁଲ ଶିକ୍ଷୟିତ୍ରୀ, ଏକାଧିକବାର ନିଜର ଜଣେ ଛାତ୍ର ସହ ଯୌନ କାର୍ଯ୍ୟକଳାପରେ ଲିପ୍ତ ରହି ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। କାଉନସେଲିଂ କରିବା ବାହାନାରେ ସେ ନିଜର ଜଣେ ୧୭ ବର୍ଷୀୟ ଛାତ୍ର ସହ ଯୌନ ସମ୍ପର୍କ ରଖିଥିଲେ। ସୂଚନା ଅନୁଯାୟୀ ଆର୍କାନ୍‌ସାସ୍ ସ୍ଥିତ ବ୍ରାଏଁଟ ହାଇସ୍କୁଲର ହିଦର୍ ହରେ ନାମକ ଜଣେ ଶିକ୍ଷୟିତ୍ରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ନେଇ ଯେତେବେଳେ ଛାତ୍ର ଜଣଙ୍କ ଏତଲା ଦେଇଥିଲେ, ସେତେବେଳେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିବା ସହ ଶିକ୍ଷୟିତ୍ରୀ ହରେ ଗିରଫ ହୋଇଥିଲେ। ୨୦୨୧ରୁ ୨୦୨୨ ମଧ୍ୟରେ ହରେ ପ୍ରାୟ ୨୦ରୁ ୩୦ ଥର ତାଙ୍କ ସହ ଯୌନ କାର୍ଯ୍ୟକଳାପରେ ନିୟୋଜିତ ଥିବା ଏହି ଛାତ୍ର ଜଣଙ୍କ ସୂଚନା ଦେଇଛନ୍ତି। ଏହି ସବୁ ଯୌନ କାର୍ଯ୍ୟକଳାପ ହରେ ନିଜ ବାସଭବନ, ନିଜ ଚାରିଚକିଆ ଯାନ ଓ କ୍ଲାସ୍‌ରୁମ୍ ଆଦିରେ କରିଥିବା ଅଭିଯୋଗ କରିଛନ୍ତି ଉକ୍ତ ନାବାଳକ ଛାତ୍ର। ବିବାହିତା ଥିବା ଏହି ଶିକ୍ଷୟିତ୍ରୀ ଜଣଙ୍କ ପୋଲିସ ସାମ୍ନାରେ ନିଜର ଦୋଷ ସ୍ୱୀକାର କରିଛନ୍ତି।



ହିଦର୍ ହରେ

# ବଟର ଚିକେନ୍ ଉଦ୍ଭାବକ କିଏ

## ଦୁଇ ରେଷ୍ଟୁରାଣ୍ଟ ମଧ୍ୟରେ ବିବାଦ

### ସମାଧାନ କରିବେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୨୪।୧

ବିଶ୍ୱରେ ପରିଚିତି ଲାଭ କରିଥିବା ଭାରତର ଅନ୍ୟତମ ସୁସ୍ୱାଦୁ ବ୍ୟଞ୍ଜନ ବଟର ଚିକେନ୍‌ର ଉଦ୍ଭାବକ କିଏ। ଏହି ପ୍ରଶ୍ନକୁ ନେଇ ଏବେ ଦେଶର ଦୁଇଟି ରେଷ୍ଟୁରାଣ୍ଟ ଚେନ୍ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଓ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଭଳି ବ୍ୟକ୍ତିଙ୍କୁ ଆତିଥ୍ୟ ପ୍ରଦାନ କରିଥିବା ଦିଲ୍ଲୀର ରେଷ୍ଟୁରାଣ୍ଟ ବ୍ରାଣ୍ଡ 'ମୋତି ମହଲ' ପକ୍ଷରୁ ସାମ୍ନାକୁ ଅଣାଯାଇଥିବା ଏହି ପ୍ରସଙ୍ଗ ଭାରତରେ ଚର୍ଚ୍ଚାର ବିଷୟ ପାଲଟିଛି।

ବଟର ଚିକେନ୍ ହେଉଛି ତନ୍ଦୁରରେ ରନ୍ଧାଯାଉଥିବା ଚିକେନ୍ ପିସ୍‌ଗୁଡ଼ିକୁ ଟମାଟୋ, କ୍ରିମ୍ ଓ ବଟର ମିଶ୍ରିତ ଏକ ବ୍ୟଞ୍ଜନ। ଏହାକୁ ଟେଷ୍ଟ ଆଟଲାସ୍ ବିଶ୍ୱର ସର୍ବୋତ୍ତମ ଡିସ୍ ତାଲିକାର ୪୩ତମ ସ୍ଥାନରେ ରଖିଛି। ପ୍ରାୟ ୪ ଲକ୍ଷ ୟୁଜର୍ସ ଏହାକୁ ରେଟ୍ କରିଛନ୍ତି। ବଟର ଗାର୍ଲିକ୍ ନାନ୍ ବ୍ରେଡ୍ ପରେ ଭାରତୀୟ ଖାଦ୍ୟଗୁଡ଼ିକ ମଧ୍ୟରେ ଏହାର ର୍‍ୟାଙ୍କ ହେଉଛି ଦ୍ୱିତୀୟ। ମୋତି ମହଲ ପକ୍ଷରୁ ଦାବି କରାଯାଇଛି ଯେ, ୧୯୩୦ ଦଶକରେ ପାକିସ୍ତାନର ପେଶାୱରରେ ରେଷ୍ଟୁରାଣ୍ଟ ପ୍ରତିଷ୍ଠାତା ଲାଲ ଗୁଜରାଲ ପ୍ରଥମେ ଏହି ଚିକେନ୍ ତରକାରୀ ପ୍ରସ୍ତୁତ କରିଥିଲେ। ପରେ ସେ ଦିଲ୍ଲୀକୁ ଚାଲିଆସିଥିଲେ। ଗୁଜରାଲ ପରିବାର ୨,୭୫୨ ପୃଷ୍ଠା ସମ୍ବଳିତ ନିଜ ଆବେଦନରେ ପ୍ରତିଦ୍ୱନ୍ଦ୍ୱୀ ଚେନ୍ ଦରିୟାଗଞ୍ଜକୁ ଅଭିଯୁକ୍ତ ଦର୍ଶାଇଛି। ଦରିୟାଗଞ୍ଜ ମିଛଟାରେ ନିଜକୁ ବଟର ଚିକେନ୍‌ର ଉଦ୍ଭାବକ ବୋଲି ଦାବି କରୁଛି। ସେହିପରି ଦାଲ ମଖାନିକୁ ମଧ୍ୟ ନିଜର ଉତ୍ପାଦ ବୋଲି କହୁଛି। ମୋତି ମହଲ ୱେବ୍‌ସାଇଟ୍‌ରୁ ଏହି ବ୍ୟଞ୍ଜନଗୁଡ଼ିକର ନକଲ କରି ବିକ୍ରି କରୁଛି। ତେଣୁ ଦରିୟାଗଞ୍ଜଠାରୁ ଗୁଜରାଲ ପରିବାର ୨୪୦,୦୦୦ ଡଲାର କ୍ଷତିପୂରଣ ଦାବି କରିଛି। ମୋତି ମହଲ ପରିଚାଳନା ନିର୍ଦ୍ଦେଶକ ମନୀଷ ଗୁଜରାଲ କହିଛନ୍ତି, କାହାର ଲିଗାସିକୁ ଅନ୍ୟ କେହି ନେଇପାରିବେ ନାହିଁ। ପାକିସ୍ତାନରେ ମୋ' ଜେଜେବାପା ରହୁଥିବାବେଳେ ବଟର ଚିକେନ୍ ଉଦ୍ଭାବନ କରିଥିଲେ। ଅନ୍ୟପକ୍ଷେ ୨୦୧୯ରେ ଦିଲ୍ଲୀରେ ପ୍ରତିଷ୍ଠିତ ଦରିୟାଗଞ୍ଜ ଏହାକୁ ଖଣ୍ଡନ କରିଛି। ଦରିୟାଗଞ୍ଜର ପୂର୍ବତନ ମାଲିକ ସ୍ୱର୍ଗତ କୁନ୍ଦନ ଲାଲ ଜଗ୍ଗି ୧୯୪୭ରେ ଦିଲ୍ଲୀରେ ଗୁଜରାଲଙ୍କ ସହ ମିଶି ପାର୍ଟନରଶିପ୍‌ରେ ରେଷ୍ଟୁରାଣ୍ଟ ନିର୍ମାଣ କରିଥିଲେ। ସେହି ରେଷ୍ଟୁରାଣ୍ଟରେ ଏହି ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିବାରୁ ଏହାର ସ୍ୱତ୍ୱାଧିକାର ନିଜ ପାଖରେ ଥିବା ଦରିୟାଗଞ୍ଜ ଦାବି କରିଛି। ସହଭାଗିତା ଦାବି ସପକ୍ଷରେ ଦରିୟାଗଞ୍ଜ ୧୯୪୯ରେ ପଞ୍ଜୀକୃତ ଏକ ହାତଲେଖା ପାର୍ଟନରଶିପ୍ ଦସ୍ତାବିଜ ଦେଖାଇଛି। ସାମାଜିକ ଗଣମାଧ୍ୟମରେ ଏହି ବିବାଦ ଭାଇରାଲ ହେବାରେ ଲାଗିଛି। ଗତ ସପ୍ତାହରେ ଦିଲ୍ଲୀ ହାଇକୋର୍ଟ ଏହି ମାମଲାରେ ପ୍ରଥମ ଶୁଣାଣି କରିଥିଲେ। ଆସନ୍ତା ମେ'ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୫/୨୦୨୪ | Bhubaneswar, Thursday, January 25/2024 | ପୃଷ୍ଠା-୧




**ସୂର୍ଯ୍ୟକୁମାର ପ୍ଲେୟର ଅଫ୍ ଦି ଇୟର**
ଆଇସିସି ଟି୨୦ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି ଭାରତୀୟ ବ୍ୟାଟର ସୂର୍ଯ୍ୟକୁମାର ଯାଦବ।

୧୬

୧୪

**ଅଧୁରା ରହିଗଲା ଆଶା**
ଅଭିନେତ୍ରୀ ଜାହ୍ନବୀ କପୁର ପାଠପଢ଼ି ଡାକ୍ତର ହେବେ ବୋଲି ତାଙ୍କ ମା' ଶ୍ରୀଦେବୀ ଆଶା ରଖିଥିଲେ। ତାହା ଅଧୁରା ରହିଗଲା ବୋଲି କହିଛନ୍ତି ଜାହ୍ନବୀ।





ରାଜ୍ୟସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ବୁଧବାର ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଆୟୋଜିତ ଫୁଲ୍‌ଡ୍ରେସ୍ ପରେଡ୍ ଅଭ୍ୟାସରେ ସାମିଲ ହୋଇଥିବା ସାହିଯାତ ନୃତ୍ୟ। (ଫଟୋ- ବିକାଶ ନାୟକ)

# ଝିଅ ସଂଖ୍ୟା: ୬ ଜିଲ୍ଲା ସ୍ଥିତି ଚିନ୍ତାଜନକ

**ରାଜ୍ୟରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଉଛି। ଏହା ଆଗକୁ ଏକ ଗୁରୁତର ସାମାଜିକ ସମସ୍ୟା ଭାବେ ଉଭାହେବ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ୬ ଜିଲାରେ ସ୍ଥିତି ଚିନ୍ତାଜନକ ରହିଛି। ୧୦୦୦ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ନୟାଗଡ଼ ଜିଲାରେ ୮୧୧ ରହିଛି, ଯାହାକି ରାଜ୍ୟରେ ସବୁଠୁ କମ୍।**

**ଭୁବନେଶ୍ୱର, ୨୪।୧ (ଅସମାପିକା ସାହୁ)**

ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ବୁଧବାର ଆୟୋଜିତ 'ଜାତୀୟ କନ୍ୟା ସନ୍ତାନ ଦିବସ' ପାଳନ ଅବସରରେ ଝିଅ ସଂଖ୍ୟା ହ୍ରାସକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସୁସ୍ଥ ସାମାଜିକ ବ୍ୟବସ୍ଥା ପାଇଁ ଲିଙ୍ଗଗତ ହାରରେ ସନ୍ତୁଳନତା ଅତ୍ୟନ୍ତ ଜରୁରୀ ରହିଛି। କିନ୍ତୁ ସାମ୍ପଲ ରେଜିଷ୍ଟ୍ରେଶନ ସିଷ୍ଟମ(ଏସ୍‌ଆର୍‌ଏସ୍) ତଥ୍ୟକୁ ଦେଖିଲେ ୨୦୧୮-୨୦ ମସିହାରେ ରାଜ୍ୟରେ ପ୍ରତି ୧୦୦୦ ପୁଅରେ ୯୨୫ ଝିଅ ଜନ୍ମ ହୋଇଛନ୍ତି। ୨୦୧୬-୧୮ରେ ଏହି ଅନୁପାତ ଥିଲା ୯୪୮। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି, ଆଜିର ସମାଜରେ କନ୍ୟାଟିଏ ବିଭିନ୍ନ ସମସ୍ୟା ତଥା ଆହ୍ୱାନର ସମ୍ମୁଖୀନ ହେଉଛି। ଝିଅ ପୁଅଙ୍କ ମଧ୍ୟରେ ଭେଦଭାବ, ପୁତ୍ର ସନ୍ତାନ ପ୍ରତି ପ୍ରାଧାନ୍ୟ, ପାରିବାରିକ ଲିଙ୍ଗଗତ ହିଂସା, ଯୌନ ଉତ୍ପୀଡ଼ନ, ବାଲ୍ୟବିବାହ, ଯୌତୁକ ପ୍ରଥା, ଶିକ୍ଷା ଏବଂ ସ୍ୱାସ୍ଥ୍ୟରୁ ବଞ୍ଚିତ ହେବା, କର୍ମକ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ନ ମିଳିବା, ଲିଙ୍ଗ ଚୟନ ଏବଂ ଲିଙ୍ଗ ନିରୂପଣ କରି କନ୍ୟାଭ୍ରୂଣ ହତ୍ୟା କରିବା, ସମାଜରେ ନିମ୍ନ ସାମାଜିକ ସ୍ଥିତି ପ୍ରମୁଖ ସମସ୍ୟା ଭାବେ ଉଭା ହେଉଛି। ଏହି ସମସ୍ୟାଗୁଡ଼ିକ ପ୍ରତି ଆଲୋଚନାକରି ତାହାର ସମାଧାନ ଦିଗରେ ସମସ୍ତେ ଉଦ୍ୟମ କରିବା ଜରୁରୀ। ବିଭାଗ ପ୍ରତ୍ୟେକ ସ୍ତରରେ କନ୍ୟା ଓ ମହିଳାଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ତା'ମଧ୍ୟରେ ପ୍ରଜନନ ସ୍ୱାସ୍ଥ୍ୟ, ମାତୃ ଏବଂ ଶିଶୁସ୍ୱାସ୍ଥ୍ୟ, ଟିକାକରଣ, କିଶୋରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ଉପଯୁକ୍ତ ପୁଷ୍ଟିସାଧନ ପାଇଁ ଆର୍‌ଏନ୍‌ସିଏଚ୍‌ଏନ୍ କାର୍ଯ୍ୟକ୍ରମ ଜାରି ରହିଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

ଏହି ଅବସରରେ ଲିଙ୍ଗଗତ ଅନୁପାତ ଆଧାରରେ ଅନ୍ୟ ଜିଲାଠାରୁ ଝିଅ ସଂଖ୍ୟା ଅଧିକ ଥିବା କନ୍ଧମାଳ ଜିଲାକୁ ପ୍ରଥମ, ମାଲକାନଗିରିକୁ ଦ୍ୱିତୀୟ, ମୟୂରଭଞ୍ଜ ଜିଲାକୁ ତୃତୀୟ, ନବରଙ୍ଗପୁର ଜିଲାକୁ ଚତୁର୍ଥ, ସମ୍ବଲପୁର ଜିଲାକୁ ପଞ୍ଚମ ପୁରସ୍କାର ଦିଆଯାଇଥିଲା। ପ୍ରତି ୧ ହଜାର ପୁଅରେ କନ୍ଧମାଳ ଜିଲାରେ ୯୮୪ କନ୍ୟା ଥିବାବେଳେ ମାଲକାନଗିରି ଜିଲାରେ ୯୮୨, ମୟୂରଭଞ୍ଜ ଜିଲାରେ ୯୮୧, ନବରଙ୍ଗପୁର ଜିଲାରେ ୯୬୪, ସମ୍ବଲପୁର ଜିଲାରେ ୯୬୩ କନ୍ୟା ସନ୍ତାନ ରହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଜନସ୍ୱାସ୍ଥ୍ୟ ସ୍ୱତନ୍ତ୍ର ସଚିବ ଡା. ସ୍ନେହଲତା ସାହୁ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**୧୦୦୦ ପୁଅରେ ଝିଅ ସଂଖ୍ୟା**
- ନୟାଗଡ଼-୮୧୧
- ଢେଙ୍କାନାଳ-୮୫୬
- ସୁବର୍ଣ୍ଣପୁର-୮୮୦
- ଅନୁଗୋଳ-୮୮୫
- ଜଗତ୍‌ସିଂହପୁର-୮୯୭
- କେନ୍ଦ୍ରାପଡ଼ା-୮୯୮

# 'ଇଣ୍ଡିଆ'କୁ ଡବଲ ଝଟକା

## କଂଗ୍ରେସ ସହ ମେଣ୍ଟ କରିବେନି ପଶ୍ଚିମବଙ୍ଗର ଟିଏମ୍‌ସି, ପଞ୍ଜାବର ଏଏପି

**କୋଲକାତା/ଚଣ୍ଡିଗଡ଼,୨୪।୧**

କଂଗ୍ରେସ ସହ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମେଣ୍ଟ କରିବ ନାହିଁ। ବୁଧବାର ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦଳ ଏକୁଟିଆ ଲୋକ ସଭା ନିର୍ବାଚନ ଲଢ଼ିବ ବୋଲି ସ୍ପଷ୍ଟ କରିବା ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ମଧ୍ୟ ତାଙ୍କ ରାଜ୍ୟରେ କଂଗ୍ରେସ ସହ ମେଣ୍ଟ କରିବାକୁ ମନା କରିଦେଇଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ବିରୋଧୀ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ପାଇଁ ଏହା ହେଉଛି ଗୋଟିଏ ଦିନରେ ଡବଲ ଝଟକା। ୨୮ ଦଳକୁ ନେଇ ଗଠିତ ଇଣ୍ଡିଆ ବ୍ଲକ୍‌ରେ ସିପିଆଇଏମ୍ ନେତୃତ୍ୱାଧୀନ ବାମ ସାମ୍ମୁଖ୍ୟ, କଂଗ୍ରେସ ଏବଂ ଟିଏମ୍‌ସି ରହିଛନ୍ତି। କୋଲକାତାରେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ କହିଛନ୍ତି, ଆସନ ବୁଝାମଣା ପାଇଁ କଂଗ୍ରେସକୁ ଏକ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ସେମାନେ ଏହାକୁ ଗ୍ରହଣ କରିନାହାନ୍ତି। ତେଣୁ ଆମ ଦଳ ପଶ୍ଚିମବଙ୍ଗରେ ଏକୁଟିଆ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛି। ଆସନ ବୁଝାମଣା ନେଇ କଂଗ୍ରେସ ସହ ବର୍ତ୍ତମାନ କୌଣସି ଆଲୋଚନା ଚାଲିନାହିଁ। କଂଗ୍ରେସ ସହିତ ପଶ୍ଚିମବଙ୍ଗରେ କୌଣସି ସମ୍ପର୍କ ନ ରଖିବା ପାଇଁ ଆମେ ସ୍ଥିର କରିଛୁ। ସୂତ୍ରରୁ ଜଣାପଡ଼ିଛି ଯେ, ୨୦୧୯ରେ କଂଗ୍ରେସର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଟିଏମ୍‌ସି ସର୍ବପୁରାତନ ଦଳକୁ ଆଗାମୀ ନିର୍ବାଚନରେ ୨ଟି ଲୋକ ସଭା ଆସନ ଛାଡ଼ିବା ନେଇ ପ୍ରସ୍ତାବ ଦେଇଥିଲା। କିନ୍ତୁ ଅଧିକ ଆସନ ଦାବି କରୁଥିବା କଂଗ୍ରେସ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲା।

ମମତା ଆହୁରି କହିଛନ୍ତି, କଂଗ୍ରେସକୁ ଏହାର ୩୦୦ ଆସନରେ ଲଢ଼ିବାକୁ ଦିଆଯାଉ। ଆଞ୍ଚଳିକ ଦଳଗୁଡ଼ିକ ଏକାଠି ହୋଇ ଅବଶିଷ୍ଟ ଆସନରେ ଲଢ଼ିବା ପାଇଁ ସକ୍ଷମ। ତେବେ ☞ପୃଷ୍ଠା-୨



ମମତା ବାନାର୍ଜୀ



ଭଗଓ୍ୱନ୍ତ ମାନ୍

❝ ପଶ୍ଚିମବଙ୍ଗରେ ସିପିଆଇଏମ୍‌କୁ ଅଧିକ ଗୁରୁତ୍ୱ ଦେଇ କଂଗ୍ରେସ ଅଯୌକ୍ତିକ ଦାବି କରୁଥିଲା -**ଟିଏମ୍‌ସି**

❝ ଲୋକ ସଭା ନିର୍ବାଚନରେ ଆସନ ପାଇଁ ଟିଏମ୍‌ସି ଆଗରେ ଭିକ୍ଷା ମାଗିବୁ ନାହିଁ।
**-ଅଧୀର ରଞ୍ଜନ ଚୌଧୁରୀ, ପଶ୍ଚିମବଙ୍ଗ ପିସିସି ସଭାପତି**

❝ ଟିଏମ୍‌ସି ବିରୋଧୀ ମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ମମତା ବାନାର୍ଜୀଙ୍କୁ ବାଦ୍ ଦେଇ 'ଇଣ୍ଡିଆ'ର ପରିକଳ୍ପନା କରାଯାଇ ନ ପାରେ।
**-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

❝ ଇଣ୍ଡିଆ ବ୍ଲକ୍ ଏକ ସୁବିଧାବାଦୀ ମେଣ୍ଟ, ଯାହାକି ଟିଏମ୍‌ସିର 'ଏକଲା ଚଲୋ' ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି। ଏହି ମେଣ୍ଟକୁ ନେଇ ଭାଜପା ଆଦୌ ଚିନ୍ତିତ ନୁହେଁ।
**-ସୁକାନ୍ତ ମଜୁମଦାର, ପଶ୍ଚିମବଙ୍ଗ ଭାଜପା ସଭାପତି**

# ଯାତ୍ରାପାର୍ଟି ଟ୍ରକ୍ ଓଲଟି ୬ ମୃତ

**୧୧ ଗୁରୁତର, ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା**

**ବାରିପଦା, (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବାଙ୍ଗିରିପୋଷି (ସଞ୍ଜୟ ଅଗ୍ରୱାଲ) ୨୪।୧**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ବୁଧବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଧଉଳି ଗଣନାଟ୍ୟର କର୍ମଚାରୀଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ (ଓଆର୍‌୦୪ଇ -୭୪୭୩) ଭାରସାମ୍ୟ ହରାଇ ୨୦ ଫୁଟ ତଳକୁ ଖସିପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ଜଣ ଗୁରୁତର ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଆହତ ବ୍ୟକ୍ତିମାନଙ୍କ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୃତକ ହେଲେ କଟକ ଜିଲା ଜଉମରାର ଅଶୋକ ମଲ୍ଲିକ(୪୫), ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଭୁଡୁରବଣୀ ଗ୍ରାମର ଝାଡ଼େଶ୍ୱର ମାର୍ଣ୍ଡି(୫୦) ☞ପୃଷ୍ଠା-୨

# ସଞ୍ଜୀବ ପଣ୍ଡା ନୂଆ ପୋଲିସ କମିଶନର

- ସୌମେନ୍ଦ୍ର ଗୋଇନ୍ଦା ନିର୍ଦ୍ଦେଶକ
- କନଓ୍ୱର ବିଶାଲ ସିଂ କଟକ ଡିସିପି
- ବଦଳିଲେ ୬ ଜିଲାର ଏସ୍‌ପି

**ଭୁବନେଶ୍ୱର,୨୪।୧ (ଅନିଲ ଦାସ)**

ରାଜ୍ୟ ସରକାର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଭୁବନେଶ୍ୱର-କଟକ ପୋଲିସ କମିଶନରଙ୍କ ସମେତ ୬ ଜିଲାର ଏସ୍‌ପିଙ୍କୁ ମଧ୍ୟ ବଦଳି କରାଯାଇଛି। ଏ ନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଗୋଇନ୍ଦା ନିର୍ଦ୍ଦେଶକ ଥିବା ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡାଙ୍କୁ ନୂଆ ପୋଲିସ୍ କମିଶନର ☞ପୃଷ୍ଠା-୨



ସଞ୍ଜୀବ ପଣ୍ଡା

**ଆଜିର ସମ୍ପାଦକୀୟ** ଗଛର ଐଶ୍ୱରିକ କାହାଣୀ

# ଓଡ଼ିଶାରେ ବିଶ୍ୱର ପ୍ରଥମ କଳାବାଘ ସଫାରି

**ଭୁବନେଶ୍ୱର, ୨୪।୧(ଅସମାପିକା ସାହୁ)**

ରାଜ୍ୟରେ ବିଶ୍ୱର ପ୍ରଥମ କଳାବାଘ ସଫାରି ହେବ। ମେଲାନିଷ୍ଟିକ ବାଘ ସଫାରି କରାଯିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ସୂଚନା ଦେଇଛନ୍ତି। ପର୍ଯ୍ୟଟକ ଓ ଦର୍ଶକମାନେ ଏହି ବିରଳ ପ୍ରଜାତିର ବାଘମାନଙ୍କୁ ଦେଖିବାର ସୁଯୋଗ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁସାରେ, ମୟୂରଭଞ୍ଜ ଜିଲାର ବାରିପଦା ସହର ନିକଟରେ ଏହି ସଫାରି ନିର୍ମାଣ ହେବ। ଏଥିପାଇଁ ଜାତୀୟ ରାଜପଥ-୧୮କୁ ଲାଗି ୨୦୦ ହେକ୍ଟର ପରିମିତ ଏକ ଜମି ଚିହ୍ନଟ କରାଯାଇଛି। ୨୦୦ ହେକ୍ଟରରୁ ୧୦୦ ହେକ୍ଟରରେ ହେବ ବାଘ ରହଣି ସ୍ଥଳ। ବାକି ୧୦୦ ହେକ୍ଟରରେ ପାର୍କିଂ ଓ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ହେବ। ସ୍ୱାସ୍ଥ୍ୟ କେନ୍ଦ୍ରଟି ବିଶ୍ୱସ୍ତରୀୟ ବ୍ୟାଘ୍ର ଚିକିତ୍ସା କେନ୍ଦ୍ର ହେବ। ଏହି ସଫାରିଟି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପଠାରୁ ୧୫ କିମି ଦୂର। ପ୍ରାଥମିକ ଭାବେ ନନ୍ଦନକାନନରେ ଥିବା ୩ଟି କଳା ବାଘ ଓ ଗୋଟିଏ ଧଳା ବାଘଙ୍କୁ ଏହି ସଫାରିକୁ ଅଣାଯିବ। ଏହାଛଡ଼ା ଚିଡ଼ିଆଖାନାରେ ଥିବା ଉଦ୍ଧାର ବାଘ, ଯେଉଁମାନେ ବଣୁଆ ପ୍ରକୃତି ହରାଇଛନ୍ତି, ସେମାନଙ୍କୁ ଏହି ସଫାରିରେ ଛଡ଼ାଯିବ। ଆସନ୍ତା ଅକ୍ଟୋବରରୁ ପର୍ଯ୍ୟଟକ କଳାବାଘ ସଫାରିକୁ ଯାଇପାରିବେ ବୋଲି ବନ ବିଭାଗ ଆଶା ରଖିଛି।

ଉଲ୍ଲେଖଯୋଗ୍ୟ, ବିଶ୍ୱରେ ଶିମିଳିପାଳ ହେଉଛି କଳାବାଘ ରହୁଥିବା ଏକମାତ୍ର ଜଙ୍ଗଲ। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ)ର ଗତ ବ୍ୟାଘ୍ର ଗଣନା ରିପୋର୍ଟ ଅନୁସାରେ, ଏକାଧିକ କଳା ବାଘ କେବଳ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ଦେଖାଯାଇଛି। ତେଣୁ ବାଘ ସଫାରି କରିବା ପାଇଁ ଏନ୍‌ଟିସିଏ ଓଡ଼ିଶାକୁ ଅନୁମତି ଦେଇଛି। ପୂର୍ବରୁ ରାଜ୍ୟ ସରକାର ଏନ୍‌ଟିସିଏ ପାଖରେ ଏନେଇ ପ୍ରସ୍ତାବ ରଖିଥିଲେ। ପରେ ଏନ୍‌ଟିସିଏର ଏକ ବୈଷୟିକ ଟିମ୍ ଚିହ୍ନଟ ହୋଇଥିବା ସ୍ଥାନକୁ ଆସି ଅନୁଧ୍ୟାନ କରିବା ପରେ କର୍ତ୍ତୃପକ୍ଷ ଚୂଡ଼ାନ୍ତ ଅନୁମତି ଦେଇଥିଲା। ଏଥିସହିତ ସିଜେଡ୍‌ଏ ଅନୁମତି ମଧ୍ୟ ମିଳିଥିବା ବିଭାଗ ଦର୍ଶାଇଛି।







**ଆଜିର ମନ୍ତବ୍ୟ**

"କର୍ପୁରୀ ଠାକୁରଙ୍କୁ ଭାରତ ରତ୍ନ ଦିଆଯିବା ଦେଶର ଅନେକ କୋଟି ଗରିବ, ପଛୁଆ ଓ ଦଳିତ ବର୍ଗର ଲୋକଙ୍କ ପାଇଁ ସମ୍ମାନର ବିଷୟ। – ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଛକୁ ରହିଲେ ମେଞ୍ଚାଏ
ନ ହେଲେ କେଞ୍ଚାଏ।**

ସାଧାରଣତଃ ଭୋଜିଭାତ ବା ମେଳା ମହୋତ୍ସବରେ ଏପରି ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ପଛକୁ ରହିଲେ କେବେ ଅଧିକ ମିଳିଯାଏ ତ କେବେ କେବେ ସରିଯିବା ଭଳି ପରିସ୍ଥିତି ମଧ୍ୟ ଉପୁଜିଥାଏ। ଆହାର ବା ଖାଦ୍ୟର ବଳକା ଉପରେ ଏହା ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପାଖରେ ଶୁଏ କାନରେ କୁହେ
ତା' କଥା କି ଅନ୍ୟଥା ହୁଏ ?**

ସଦାସର୍ବଦା ଯିଏ ଫାଇଦା ପାଇବାକୁ ପାଖେ ପାଖେ ଛାଇ ପରି ଲାଗି ରହିଥାଏ ସେ କେବେ ନିରାଶ ହୁଏନାହିଁ। କଳେବଳେ ସେ ତା'ର ଇପ୍ସିତ କାର୍ଯ୍ୟ କରାଇନେବାରେ ସଫଳ ହୋଇଥାଏ। କ'ଣ କଲେ କାମ ହୋଇଯିବ ତାହା ତାଙ୍କୁ ବେଶ ଭଲ ଭାବେ ଜଣା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ଅଦିନିଆ ବର୍ଷା: ନଷ୍ଟହେଲା ଅମଳ ହେବାକୁ ଥିବା କପା

**ବୀରମହାରାଜପୁର ଉପଖଣ୍ଡ**

**■ମଣ୍ଡିରେ ଭିଜିଲା ଧାନ**

ଅମରପାଲି,୨୪।୧(ପୀତାମ୍ବର ସାହୁ)

ଗତ ମଙ୍ଗଳବାର ରାତିରୁ ଲାଗି ରହିଥିବା ଅଦିନିଆ ବର୍ଷାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଦୁହାକୁ ଦୁହା ବର୍ଷା ଲାଗି ରହିଛି। ଫଳରେ ଅମଳ ହେବାକୁ ଥିବା କପା ମଧ୍ୟ ନଷ୍ଟ ହୋଇଛି। ପିତାମହୁଲ, ସଂଗ୍ରାମପୁର, କମିରା, ଜଟେସିଂହା, ଖଣ୍ଡହତା, ବହଳପଦର, ଲୁଥୁରପଙ୍କ, କେନ୍‌ଝିରିଆପାଲି, ଦୁର୍ଜନତୈଲା, ମୁର୍ଷୁଣ୍ଡି, ହିଲୁଙ୍ଗ ଆଦି ପଞ୍ଚାୟତ ସମେତ ଅନ୍ୟ ଅଞ୍ଚଳରେ ଚଳିତବର୍ଷ ବ୍ୟାପକ କପା ଚାଷ ହୋଇଛି। ପର୍ଯ୍ୟାୟ କ୍ରମେ କପା ଅମଳ ହେଉଥିବା ବେଳେ ଏବେ ବି ବହୁ ପରିମାଣର କପା ଅମଳ ହେବାକୁ ଥିଲା। ମାତ୍ର ଅଦିନିଆ ବର୍ଷାରେ କପା ନଷ୍ଟ ହୋଇଯାଇଛି। କପା ଚାଷୀ ଧାର କରଜ କରି ଚାଷ କରିଥିବା ବେଳେ ଏବେ ସେମାନେ ହତାଶ ହୋଇ ପଡିଛନ୍ତି। ଡାଲି ଜାତୀୟ ଫସଲ ମଧ୍ୟ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ସେହିପରି ଆବଶ୍ୟକ ବ୍ୟବସ୍ଥା କରାଯାଇ ନ ଥିବାରୁ ମଣ୍ଡିଗୁଡ଼ିକରେ ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହେଉଛି। ଉପଖଣ୍ଡର ହିଲୁଙ୍ଗ ମଣ୍ଡିରେ ପ୍ରାୟ ୩୦ ହଜାର ପ୍ୟାକେଟ ଧାନ ବସ୍ତା ପଡ଼ି ରହିଛି। ଖଣ୍ଡହତା ମଣ୍ଡିରେ ପ୍ରାୟ ୫ ହଜାର ପ୍ୟାକେଟ, ଯାଲୋଏ ମଣ୍ଡିରେ ପ୍ରାୟ ୩୦ ହଜାର ପ୍ୟାକେଟ ଓ ମୁର୍ଷୁଣ୍ଡି ମଣ୍ଡିରେ ମଧ୍ୟ ଧାନ ପଡ଼ି ରହିଛି। ହିଲୁଙ୍ଗ ଓ ଯାଲୋଏ ମଣ୍ଡିରେ ସବୁଠୁ ବେଶି କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ଏଆରସିଏସ ପ୍ରେମାନନ୍ଦ ଦୀପ ଯାଲୋଏ ମଣ୍ଡିକୁ ପରିଦର୍ଶନ କରିଛନ୍ତି। ମଣ୍ଡିରେ ଧାନ ବର୍ଷାରେ ଭିଜିଥିବା ନେଇ ଏଆରସିଏସ ପ୍ରେମାନନ୍ଦ ଦୀପ ସ୍ୱୀକାର କରିଛନ୍ତି।


ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ଅଞ୍ଚଳରେ ହୋଇଥିବା କପାଚାଷ ବର୍ଷାରେ ନଷ୍ଟ ହୋଇଯାଇଛି।


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଫେବୃଆରୀ ୧୬ରୁ ଓଡ଼ିଶା ମତ୍ସ୍ୟ, ପ୍ରାଣୀସମ୍ପଦ ସମାବେଶ

**୬ ହଜାର ଚାଷୀ ଯୋଗଦେବେ**

ଭୁବନେଶ୍ୱର,୨୪।୧(ଅନିଲ ଦାସ)

ଆସନ୍ତା ଫେବୃଆରୀ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନଠାରେ ୩ ଦିନିଆ ଓଡ଼ିଶା ମତ୍ସ୍ୟ ଓ ପ୍ରାଣୀସମ୍ପଦ ସମାବେଶ ଆୟୋଜନ ହେବ। ସମାବେଶରେ ରାଜ୍ୟରୁ ପ୍ରାୟ ୬ ହଜାର ଚାଷୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଭାଗନେବେ। ପ୍ରତିଦିନ ଜିଲାରୁ ପ୍ରାୟ ୨ ହଜାର ଚାଷୀ ଏଥିରେ ଯୋଗଦେବେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଏହି ସମାବେଶର ଆୟୋଜନ କରାଯିବ। ଜିଲାସ୍ତରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାର ସଫଳତା ଓ ପ୍ରାଣୀପାଳକ ଏବଂ ମତ୍ସ୍ୟଚାଷୀଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହକୁ ଦୃଷ୍ଟିରେ ରଖି ଭୁବନେଶ୍ୱରଠାରେ ଏହି ସମାବେଶର ଆୟୋଜନ କରାଯାଉଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବୁଧବାର କୃଷି ଭବନଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସମାବେଶର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମାବେଶରେ ବିଭିନ୍ନ ପ୍ରାଣୀପାଳନ ଓ ମତ୍ସ୍ୟଚାଷର ପ୍ରଦର୍ଶନୀ ମଣ୍ଡପ ଖୋଲାଯିବା ସହିତ ଉନ୍ନତ କିସମର ପ୍ରାଣୀସମ୍ପଦ ଓ ମତ୍ସ୍ୟଚାଷର ଲାଇଭ୍ ଡେମୋନ୍‌ଷ୍ଟ୍ରେଶନ୍, ବିଭିନ୍ନ ଯନ୍ତ୍ରପାତି ଓ ଉପକରଣର ପ୍ରଦର୍ଶନୀ, ଚାଷୀ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଆଲୋଚନାଚକ୍ର, ସଫଳ ଚାଷୀଙ୍କ ଅନୁଭୂତିର ଆଦାନ ପ୍ରଦାନ-ସଫଳ ପ୍ରାଣୀପାଳନ, ମତ୍ସ୍ୟଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧନା ସମେତ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ସମାବେଶରେ ମିଶନ ଶକ୍ତି, ସମବାୟ, ନାବାର୍ଡ, ଜଳସମ୍ପଦ ବିଭାଗ, ଓର୍‌ମାସ୍, ଓଡ଼ିଶା ଜୀବିକା ମିଶନ, ପ୍ରାଣୀମଙ୍ଗଳ ଅନୁଷ୍ଠାନ, ମୃତ୍ତିକା ସଂରକ୍ଷଣ, କୃଷି ଓ ଉଦ୍ୟାନ କୃଷି ଆଦି ବିଭାଗର ମଧ୍ୟ ଷ୍ଟଲ ପ୍ରଦର୍ଶିତ ହେବ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଆନ୍, ସୋଆ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ କର୍ପୋରେଟ୍ ସଂସ୍ଥା ପକ୍ଷରୁ ମଧ୍ୟ ଷ୍ଟଲ୍ ଖୋଲାହେବ। ଓଡ଼ିଶା ମତ୍ସ୍ୟ ଓ ପ୍ରାଣୀସମ୍ପଦ ସମାବେଶର ଆୟୋଜନ ଦ୍ୱାରା ରାଜ୍ୟର ଚାଷୀମାନେ ପ୍ରାଣୀପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଓ ଆଧୁନିକ ବୈଜ୍ଞାନିକ ପଦ୍ଧତି ସମ୍ପର୍କରେ ସଚେତନ ହେବେ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଛନ୍ତି। ବୈଠକରେ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲାମ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।



ଝିଅ ଅନୁପାତ ଅଧିକ ଥିବା କନ୍ଧମାଳ ଜିଲାକୁ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ପକ୍ଷରୁ ପୁରସ୍କୃତ କରାଯାଉଛି।

**ପ୍ରଥମ ପୃଷ୍ଠାରୁ...**

## 'ଇଣ୍ଡିଆ'କୁ ଡବଲ ...

ପଶ୍ଚିମବଙ୍ଗରେ କଂଗ୍ରେସର କୌଣସି ପ୍ରକାର ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ। ଅନ୍ୟପକ୍ଷେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା କଂଗ୍ରେସର 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ଗୁରୁବାର ପଶ୍ଚିମବଙ୍ଗରେ ପ୍ରବେଶ କରିବ। ଏହା ଉପରେ ମଧ୍ୟ ସୌଜନ୍ୟମୂଳକ ସୂଚନା ଦେବାକୁ କଂଗ୍ରେସ ଉଚିତ ମନେକଲା ନାହିଁ ବୋଲି ମମତା କ୍ଷୋଭ ବ୍ୟକ୍ତ କରିଛନ୍ତି। ୨୦୧୯ ନିର୍ବାଚନରେ ଟିଏମ୍‌ସି ୨୨, ଭାଜପା ୧୮ ଓ କଂଗ୍ରେସ ୨ ଟି ଆସନରେ ବିଜୟୀ ହୋଇଥିଲା। ମମତାଙ୍କ ନାସ୍ତିବାଣୀ ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ କହିଛନ୍ତି, ରାଜ୍ୟର ସମସ୍ତ ୧୩ ଲୋକ ସଭା ଆସନରେ ଏଏପି ଏକାକୀ ଲଢ଼ିବ ଓ ଜିତିବ। କଂଗ୍ରେସ ସହ ଏଏପିର ମେଣ୍ଟ ହେବ ନାହିଁ। ଚଣ୍ଡିଗଡ଼ ଲୋକ ସଭା ଆସନରେ ମଧ୍ୟ ଏଏପି ଏକାକୀ ଲଢ଼ି ଜିତିବ ବୋଲି ଭଗଓ୍ୱନ୍ତ ସଙ୍କେତ ଦେଇଛନ୍ତି। ପ୍ରକାଶ ଯେ, ୨୦୧୯ ନିର୍ବାଚନ ବେଳେ କଂଗ୍ରେସ ୮ ଆସନରେ ବିଜୟୀ ହୋଇଥିବାବେଳେ ଶିରୋମଣି ଅକାଳୀ ଦଳ ଏବଂ ଏହାର ତତ୍କାଳୀନ ସହଯୋଗୀ ଭାଜପା ୨ଟି ଲେଖାଏ ଆସନ ଦଖଲ କରିଥିଲେ। ସେତେବେଳେ ଏଏପି ମାତ୍ର ଗୋଟିଏ ଆସନରେ ସୀମିତ ଥିଲା। କିନ୍ତୁ ପଞ୍ଜାବରେ ଭଗଓ୍ୱନ୍ତ ମାନ୍ ସରକାର କ୍ଷମତାସୀନ ହେବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ଦଳ ଏଏପିର ଶକ୍ତି ବୃଦ୍ଧି ଘଟିଛି। ତେଣୁ ଏଏପି ନେତାମାନେ ଲୋକ ସଭା ନିର୍ବାଚନରେ ଏଏପି ଏକାକୀ ପ୍ରତିଦ୍ୱନ୍ଦ୍ୱିତା କରୁ ବୋଲି ଚାହୁଁଛନ୍ତି।

## ସଞ୍ଜୀବ ପଣ୍ଡା ନୂଆ ...

ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି କଟକ ଡିସିପି ପିନାକ ମିଶ୍ରଙ୍କୁ ପୁରୀ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ପୁରୀ ଏସ୍‌ପି କନଓ୍ୱର ବିଶାଲ ସିଂଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଛି। ୧୯୯୫ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲାଙ୍କୁ ପୋଲିସ ହାଉସିଂ ବୋର୍ଡର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୦୩ ବ୍ୟାଚ୍ ଆଇପିଏସ୍ ଅଫିସର ହିମାଂଶୁ କୁମାର ଲାଲଙ୍କୁ ଉତ୍ତରାଞ୍ଚଳ ଆଇଜି କରାଯାଇଥିବା ବେଳେ ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ଉତ୍ତରାଞ୍ଚଳ ଆଇଜି ଦୀପକ କୁମାରଙ୍କୁ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି, ସତ୍ୟବ୍ରତ ଭୋଇଙ୍କୁ ପୂର୍ବାଞ୍ଚଳ ରେଞ୍ଜ ଆଇଜି, ଜୟନାରାୟଣ ପଙ୍କଜଙ୍କୁ ଦକ୍ଷିଣାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି। ସେହିପରି ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ପୁରୀ ଏସ୍‌ପି କନ୍‌ଓ୍ୱର ବିଶାଲ ସିଂଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଥିବା ବଳେ କଟକ ଡିସିପି ପିନାକ ମିଶ୍ରଙ୍କୁ ପୁରୀ ଏସ୍‌ପି ଭାବେ ବଦଳି କରାଯାଇଛି। ବି. ଯୁଗଳ କିଶୋରଙ୍କୁ କେନ୍ଦ୍ରାପଡ଼ା ଏସ୍‌ପି କରାଯାଇଥିବା ବେଳେ ମଡକର ସନ୍ଦୀପ ସମ୍ପଦଙ୍କୁ ଢେଙ୍କାନାଳ ଏସ୍‌ପି, ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟ ଏଆଇଜି ଭାବେ ବଦଳି କରାଯାଇଛି। ସେହିପରି ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କୁ ସ୍ପେଶାଲ ବ୍ରାଞ୍ଚ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ସୋନପୁର ଏସ୍‌ପି ଅମରେଶ ପଣ୍ଡାଙ୍କୁ ପୋଲିସ୍ ମୁଖ୍ୟାଳୟ ଏଆଇଜି ଭାବେ ବଦଳି କରାଯାଇଛି। ଦେବଗଡ଼ ଏସ୍‌ପି ପି.କେ. ମିଶ୍ରଙ୍କୁ ରାଉରକେଲା ରେଲ୍‌ୱେ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ସ୍ପେଶାଲ ବ୍ରାଞ୍ଚ ଏସ୍‌ପି ରାମ ପ୍ରସାଦ ସାହୁଙ୍କୁ ଦେବଗଡ଼ ଏସ୍‌ପି, ଜୟପୁର ଏସ୍‌ଡିପିଓ ହରିଶ ବି. ସିଙ୍କୁ ରାୟଗଡ଼ା ଏସ୍‌ପି ଏବଂ ବାଲିଗୁଡ଼ା ଏସ୍‌ଡିପିଓ ଯଶପ୍ରତାପ ଶ୍ରୀମଲଙ୍କୁ ସୋନପୁର ଏସ୍‌ପି ଭାବେ ବଦଳି କରାଯାଇଛି।

# ୬୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ୨ ଅଧିକାରୀ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବିଶୋଇ(ଅମିତ ଦାସ),୨୪।୧

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ଦକ୍ଷତା ବିକାଶ ସଂଯୋଜକ ପ୍ରଦ୍ୟୁମ୍ନ ରଞ୍ଜନ ଭୂୟାଁ ଓ ବ୍ଲକ ପ୍ରକଳ୍ପ ପରିଚାଳକ ଲକ୍ଷ୍ମଣ ବିଶ୍ୱାଳ ୬୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟରେ ଏକ ମାମଲା (ନଂ.୩/୨୪)ରୁଜୁ ହୋଇଛି। ସୂଚନାଯୋଗ୍ୟ, ମିଶନ ଶକ୍ତି ଅଧୀନରେ ଥିବା ଜଡିଆ ପଞ୍ଚାୟତ ଫେଡେରେଶନ(ଜିପିଏଲ୍‌ଏଫ୍)ର ବିଶୋଇ ବ୍ଲକରେ ୬ଜଣ କମ୍ୟୁନିଟି ରିସର୍ସ ପର୍ଶନ କମ୍ କମ୍ୟୁନିଟି ମୋବିଲାଇଜର୍ସ ଏବଂ ଜଣେ ମାଷ୍ଟର ବୁକ୍ କିପର ନିଯୁକ୍ତି ବାବଦରେ ଅଧିକାରୀ ଦ୍ୱୟ ମୋଟା ଅଙ୍କର ଲାଞ୍ଚ ମାଗିଥିଲେ। ଏହାକୁ ନେଇ ଜଡିଆ ଗ୍ରାମାଞ୍ଚଳସ୍ତରୀୟ ଫେଡେରେଶନର ସଭାପତି ଦେଓ୍ୱଳା କିସ୍କୁ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ଦେଓ୍ୱଳାଙ୍କଠାରୁ ଲାଞ୍ଚ ଟଙ୍କା ନେବା ପରେ ପ୍ରଦ୍ୟୁମ୍ନ ସମସ୍ତ ଟଙ୍କା ଗଣିଥିଲେ। ୩୦ହଜାର ଟଙ୍କା ନିଜ ପ୍ୟାଣ୍ଟ ପକେଟରେ ରଖି ଲକ୍ଷ୍ମଣଙ୍କୁ ଡାକି ଅବଶିଷ୍ଟ ଟଙ୍କା ଦେଇଥିଲେ। ଏହି ସମୟରେ ଉଭୟଙ୍କୁ ଭିଜିଲାନ୍ସ ଅଧିକାରୀମାନେ କାବୁ କରି ସମସ୍ତ ଟଙ୍କା ଜବତ କରିଥିଲେ। ପ୍ରଦ୍ୟୁମ୍ନଙ୍କ କାଳିକାପୁର ବାସଭବନ ଓ ଲକ୍ଷ୍ମଣଙ୍କ ରାଜାପୋଖରୀସ୍ଥିତ ପୈତୃକ ଘର ଓ ବିଶୋଇସ୍ଥିତ ଭଡାଘରେ ଚଢ଼ାଉ ଜାରି ରହିଛି।



ଗିରଫ ୨ ଅଧିକାରୀ।

## ଯାତ୍ରାପାର୍ଟି ଟ୍ରକ୍ ...

ଓ ମାଥ ମୁର୍ମୁ(୩୫)। ଅନ୍ୟ ୩ ଜଣଙ୍କର ପରିଚୟ ମିଳିପାରିନାହିଁ। ଗୁରୁତର ହେଲେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଭୁଡୁରବଣୀ ଗ୍ରାମର ରାମଜିତ ମହାନ୍ତି(୧୯), ହରିଶ ହାଁସଦା(୩୦), ଭୀମ କିସ୍କୁ(୧୮), ଖୁଣ୍ଟାର ଜିତେନ୍ଦ୍ର ସିଂ(୨୮), କୁମ୍ଭାରଗଡ଼ ଗ୍ରାମର ରୂପାଏ ମାର୍ଣ୍ଡି(୨୦), କଟକ ଜିଲା ତରିତ ଅଞ୍ଚଳର ରବି ସାମଲ(୩୫), ବସନ୍ତ ବଳା(୪୨), ସଞ୍ଜୟ ବଳା(୨୯), କଟକ ଜିଲା ଜଉମରା ଗ୍ରାମର ରବୀନ୍ଦ୍ର ମଲ୍ଲିକ(୫୮), ଭଦ୍ରକ ଜିଲା ଘଣ୍ଟେଶ୍ୱର ଗ୍ରାମର ଅରବିନ୍ଦ ସାହୁ(୩୨)। ଅନ୍ୟ ଜଣେ ଆହତଙ୍କ ପରିଚୟ ମିଳିନାହିଁ। ସମସ୍ତଙ୍କୁ ପ୍ରଥମେ ବାଙ୍ଗିରିପୋଷି ଡାକ୍ତରଖାନା ଓ ପରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଘାଟି ରାସ୍ତାରେ ଡ୍ରାଇଭର ଜଣକ ପ୍ରଥମଥର ଟ୍ରକ୍ ଚଳାଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଟ୍ରକ୍‌ରେ ଏତେ ସଂଖ୍ୟକ ଲୋକଙ୍କୁ ସାମଗ୍ରୀ ସହ ପରିବହନ କରାଯିବାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ବିଜାତଳା ବ୍ଲକ ବାସିଙ୍ଗୀରୁ ଧଉଳି ଗଣନାଟ୍ୟର ଏକ ଟ୍ରକ୍ ଦ୍ୱାରଶୁଣୀ ଘାଟି ରାସ୍ତା ଦେଇ ଜଳେଶ୍ୱରର ସୁଲପଟା ଅଞ୍ଚଳକୁ ଯାଉଥିଲା। ଘାଟି ରାସ୍ତାରେ ତଳକୁ ଓହ୍ଲାଉଥିବା ବେଳେ ବ୍ରେକ୍ ଫେଲ୍ ହୋଇଯିବାରୁ ୨୦ଫୁଟ ତଳକୁ ଓଲଟି ପଡ଼ିଥିଲା। ଉକ୍ତ ଟ୍ରକ୍‌ରେ ଥିବା ଯାତ୍ରାପାର୍ଟିର ଲାଇଟ୍ ଓ ସାଉଣ୍ଡ ଭର୍ତ୍ତି ଓଜନିଆ ବାକ୍ସଗୁଡ଼ିକ ତଳେ ଚାପିହୋଇ ଘଟଣାସ୍ଥଳରେ ୬ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ବାଙ୍ଗିରିପୋଷି ପୋଲିସ, ଦମକଳ ବାହିନୀ ଓ ସ୍ଥାନୀୟ ଜନସାଧାରଣ ପ୍ରବଳ ବର୍ଷା ସତ୍ତ୍ୱେ କଆହତମାନଙ୍କୁ ଉଦ୍ଧାର କରିଥିଲେ। ଏହି ଘାଟି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଘାଟି ସମେତ ୯ କି.ମି. ରାସ୍ତା ଶିମିଳିପାଳ ଜୈବମଣ୍ଡଳ ଅଧୀନରେ ଆସୁଥିବାରୁ ଏହାର ସମ୍ପ୍ରସାରଣ କାର୍ଯ୍ୟ ହୋଇପାରୁନାହିଁ। ଫଳରେ ଏହି ଘାଟିରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଲାଣି। ଗତ ୨ ବର୍ଷ ମଧ୍ୟରେ ୧୬୦ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟିଥିବା ବେଳେ ପ୍ରାୟ ୪୦ଜଣଙ୍କ ମୃତ୍ୟୁ ଘଟିଛି ଓ ୨୦୦ରୁ ଅଧିକ ଗୁରୁତର ହୋଇଥିବା ସୂଚନା ମିଳିଛି।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସକାଳୁ ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେବେ। ଖଳଲୋକଙ୍କ ଅପପ୍ରଚାରକ୍ରମେ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି। ଅଶ୍ୱିନୀ ନକ୍ଷତ୍ର କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ, ଅର୍ଥପ୍ରାପ୍ତି ହେବନାହିଁ।

**ବୃଷ**
ଜଣେ ବନ୍ଧୁଙ୍କ ପ୍ରରୋଚନାରେ ଅପରିଚିତାଙ୍କ ସହ ମିତ୍ରତା ଅନୁତାପର କାରଣ ହୋଇପାରେ। ବହୁତ କାମ ହାତକୁ ନେଇ ବ୍ୟସ୍ତ ହେବେ, କିନ୍ତୁ ସମୟାନୁକ୍ରମେ ସବୁ ଠିକ୍ ହୋଇଯିବ। ଅପରାହ୍ନରେ ସହକର୍ମୀଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂରହେବ। ଦ୍ୱିଜା ନକ୍ଷତ୍ରର କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ**
ସକାଳୁ ସକାଳୁ ବଳକା କାମ ଶୀଘ୍ର ଶେଷ କରିବା ଲାଗି ବ୍ୟସ୍ତ ହୋଇପଡ଼ିବେ। କେତେକ ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟିହେବ। କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ଆରଦ୍ରା ନକ୍ଷତ୍ର ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ।

**କର୍କଟ**
ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଲାଗିରହିଲେ ମଧ୍ୟ ମନର ବଳ ଖୁବ୍ ଟାଣ ରହିବ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଦିନ ଗୋଟାଏ ପରେ ପାଇବେ। ନିର୍ମାଣ କ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ଅଶ୍ଳେଷା ନକ୍ଷତ୍ର ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିବେ।

**ସିଂହ**
ପ୍ରତି କ୍ଷେତ୍ରରେ ଜଗିରଖି ନ ଚଳିଲେ ସବୁ ଦିଗରୁ ଅଶାନ୍ତି ସୃଷ୍ଟି ଆଶଙ୍କା ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ଉତ୍ସାହର ସହ କାମ କରିବା ପାଇଁ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କେତେକ କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ବାଧ୍ୟହେବେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ପାଇଁ ସୁଯୋଗ ହାତଛଡ଼ା ହେବାରୁ ନିର୍ମାଣ କାମରେ ପଛେଇଯିବେ।

**କନ୍ୟା**
ଚିତ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟହାନିଜନିତ ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ। ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିପାରନ୍ତି, ଏଣୁ ସତର୍କତାର ସହ କଥାବାର୍ତ୍ତା କରିବା ଭଲ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ତୁଳା**
ଗତକାଲି ଯାହା ଚିନ୍ତା କରିଛନ୍ତି ଆଜି ଠିକ୍ ନିର୍ଦ୍ଦିଷ୍ଟ ସମୟରେ ତାହା କରିବାରେ ସଫଳ ହେବେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନଚେତ୍ ପରେ ବହୁ ଚିନ୍ତା କରିବାକୁ ପଡ଼ିପାରେ। ବିଶାଖା ନକ୍ଷତ୍ରର ବ୍ୟବସାୟରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇପାରେ। ପ୍ରବଚନ, ସତ୍ସଂଗ ଓ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ।

**ବିଛା**
ବିଭିନ୍ନ ଅସମାହିତ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ କରିବାକୁ ବାଧହେବେ। ଅନୁରାଧା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଆର୍ଥିକ ଅନଟନରୁ ମନ ଦୁଃଖରେ ରହିବାକୁ ବାଧହେବେ।

**ଧନୁ**
ମତାନ୍ତରଜନିତ ସାଧାରଣ କଥାରେ ପଡ଼ୋଶୀ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ ଚର୍ଚ୍ଚା, ଆଧାତ୍ମିକତା, ସାମ୍ବାଦିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧହେବେ। ପୂର୍ବାଷାଢ଼ା ନକ୍ଷତ୍ର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିପାରିବେ।

**ମକର**
କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଋଣ ପରିଶୋଧ କରି ନ ପାରିବା କାରଣରୁ ସମସ୍ୟାରେ ଛନ୍ଦି ହୋଇ ପଡ଼ିବେ। ଧନିଷ୍ଠା ନକ୍ଷତ୍ର ଆତ୍ମୀୟମାନଙ୍କଠାରୁ ସ୍ନେହ ଓ ସହାନୁଭୂତି ପାଇ ଭାବପ୍ରବଣ ହୋଇପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ ସୃଷ୍ଟି ହୋଇପାରେ। ଶତଭିଷା ନକ୍ଷତ୍ରର ବାଣିଜ୍ୟ, ବ୍ୟବସାୟ, ପରିବହନରେ ଉନ୍ନତି ପରିଲକ୍ଷିତ ହେବ। ବସନ, ଭୂଷଣ ପ୍ରଭୃତି ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମୀନ**
ପରିବାରର ଆର୍ଥିକ ଦୁରବସ୍ଥା ଲାଗିରହିଲେ ମଧ୍ୟ କାମ ଅଟକିବ ନାହିଁ। ସାମୟିକ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ମାତ୍ର କର୍ମକ୍ଷେତ୍ରର ସମସ୍ୟାରେ ଛନ୍ଦି ହୋଇପାରନ୍ତି। ରେବତୀ ନକ୍ଷତ୍ରର ଆନୁଷ୍ଠାନିକ କାମରେ ଖର୍ଚ୍ଚ ବଢ଼ିଯିବା ଦୁଶ୍ଚିନ୍ତାର କାରଣ ହୋଇପାରେ।

ଆଜି ଜାନୁଆରୀ ୨୫ ତାରିଖ, ପୌଷ ପୂର୍ଣ୍ଣିମା ଗୁରୁବାର, ଦେବାଭିଷେକ, ପୌଷ ବନ୍ଦାପନା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜବେଶ(ସୁନାବେଶ), ଗୋବର୍ଦ୍ଧନପୀଠାଧୀଶ୍ୱର ଶ୍ରୀଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି, ମାଘବ୍ରତ ସଂକଳ୍ପ, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା ଶେଷ, ଭାରତ ପର୍ଯ୍ୟଟନ ଦିବସ, ରାଷ୍ଟ୍ରୀୟ ମତଦାତା ଦିବସ, ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସାକ୍ଷୀଗୋପାଳ ଆଗମନୀ ସ୍ମୃତି ମହୋତ୍ସବ, ରାଶି ନକ୍ଷତ୍ର-ଦିବା ଘ.୦୮।୧୬ ମି. ପର୍ଯ୍ୟନ୍ତ ପୁନର୍ବସୁ/କର୍କଟ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ମି. ଗତେ ଘ.୦୭।୫୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଦିବା ଘ.୦୧।୧୧ମି. ଗତେ ଘ.୦୨।୪୪ମି. ମଧ୍ୟେ ରାହୁକାଳ ॥

# ଭାଷା ହେଉଛି ଜାତିର ମୁକୁଟ: ମୁଖ୍ୟମନ୍ତ୍ରୀ

**ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ ସୌଧ ଲୋକାର୍ପିତ**





ସାକ୍ଷୀଗୋପାଳ, ୨୪।୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ପଞ୍ଚସଖାଙ୍କ କର୍ମଭୂମି ବକୁଳବନରେ ଓଡ଼ିଆ ଅସ୍ମିତାର ସୌଧ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନର ସମୟ ହେଉଛି ଓଡ଼ିଆ ଜାତି ପାଇଁ ଏକ ଗୌରବମୟ ସମୟ। ନିକଟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହୋଇଛି। ଆଜି ଓଡ଼ିଆ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ଉଦ୍‌ଘାଟିତ ହେଲା। ଚଳିତ ମାସ ୨୭ତାରିଖରେ ସମଲେଇ ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଛି ଏବଂ ଫେବୃଆରୀ ୩ରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ହେବ। ତେଣୁ ନିଶ୍ଚିତ ଭାବେ ଏହା ଆମ ସମସ୍ତଙ୍କ ପାଇଁ ତଥା ସମଗ୍ର ଓଡ଼ିଆ ଜାତି ନିମନ୍ତେ ଏକ ଗୌରବର ସମୟ। ବିଶ୍ୱବିଦ୍ୟାଳୟର କୁଳପତି, ପ୍ରାଧ୍ୟାପକ ପ୍ରାଧ୍ୟାପିକା ଓ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଲେ, ଆମ ସଂସ୍କୃତି, ଜୀବନଧାରା ଓ ପରମ୍ପରାକୁ ଭିତ୍ତିକରି ଭଲ ସାହିତ୍ୟ ସୃଷ୍ଟିକୁ ପ୍ରୋତ୍ସାହନ ଦେବା ଦରକାର।

**ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

- ଓଡ଼ିଆ ଭାଷାରେ ଭଲ ସାହିତ୍ୟ ସୃଷ୍ଟି ପାଇଁ ବିଶ୍ୱବିଦ୍ୟାଳୟ ଉଦ୍ୟମ କରୁ
- ଯୁବପିଢ଼ିଙ୍କ ମଧ୍ୟରେ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରାଯିବା ଜରୁରୀ
- ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ବ୍ୟବହାର ବଢ଼ୁ

ଏ ଦିଗରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନେତୃତ୍ୱ ନେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସତ୍ୟବାଦୀକୁ ଓଡ଼ିଆ ନବଜାଗରଣର ପୀଠ ଭାବେ ବର୍ଣ୍ଣନା କରି ସେ କହିଲେ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ କର୍ମଭୂମି ହେଉଛି ସତ୍ୟବାଦୀ। ଏହି ଅବସରରେ ସେ ଆଦିକବି ସାରଳା ଦାସଙ୍କୁ ପ୍ରଣାମ ଜଣାଇବା ସହ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସଂଗ୍ରାମ କରିଥିବା ବରପୁତ୍ରମାନଙ୍କୁ ସମ୍ମାନ ଜଣାଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଥିବା ମହାରଥୀମାନଙ୍କ ପ୍ରତି ମଧ୍ୟ ତାଙ୍କର ସମ୍ମାନ ଜଣାଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଭାଷା ଗୋଟିଏ ଜାତିର ଅସ୍ମିତାର ପରିଚୟ। ଗୋଟିଏ ଜାତିର ମୁକୁଟ ହେଉଛି ତା'ର ଭାଷା। ଭାଷାର ବ୍ୟବହାର ବଢ଼ିଲେ ଏହା ସମୃଦ୍ଧ ହୋଇଥାଏ ଏବଂ ଜାତିର ଗୌରବ ବୃଦ୍ଧି କରିଥାଏ। ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା। ଏହା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ଓଡ଼ିଆ ଭାଷାରେ ଅନେକ ସମୃଦ୍ଧ ସାହିତ୍ୟ ସୃଷ୍ଟି ହୋଇଛି। ଆମ ସାହିତ୍ୟର ସାରା ବିଶ୍ୱରେ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରାଯିବା ଦରକାର। ଓଡ଼ିଆ ଭାଷା ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ସହ ସାମାଜିକ ଗଣମାଧ୍ୟମରେ ଏହାର ବ୍ୟବହାର ବୃଦ୍ଧି କରାଯିବା ଦରକାର। ଓଡ଼ିଆ ଭାଷା ଉପରେ ଅଧିକ ଗବେଷଣା ହେବା ମଧ୍ୟ ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ଯୋଗଦେଇ କହିଲେ, ଓଡ଼ିଆ ଭାଷା ଓ ଅସ୍ମିତାର ସୁରକ୍ଷା ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ହେଉଛି ମୁଖ୍ୟମନ୍ତ୍ରୀଙ୍କର ଏକ ବଡ଼ ଅବଦାନ। ଓଡ଼ିଆ ବିଶ୍ୱବିଦ୍ୟାଳୟ ଯୋଗୁ ଦେଶବିଦେଶରେ ରହୁଥିବା ଓଡ଼ିଆମାନେ ଖୁବ ଉତ୍ସାହିତ ବୋଲି ସେ ପ୍ରକାଶ କରିଥିଲେ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସତ୍ୟବାଦୀଠାରେ ଆୟୋଜିତ ସଭାରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ସତ୍ୟବାଦୀରେ ପୂର୍ବରୁ ଗୋପବନ୍ଧୁଙ୍କ ଷଠିଘରର ବିକାଶ କରିଥିଲେ। ଆଜି ସତ୍ୟବାଦୀରେ ବିଶ୍ୱବିଦ୍ୟାଳୟକୁ ଓଡ଼ିଆ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଆଗାମୀ ଦିନରେ ସାକ୍ଷୀଗୋପାଳଙ୍କ ମନ୍ଦିର ଓ ତା'ର ଚତୁଃପାର୍ଶ୍ୱର ବିକାଶ ସହିତ ବକୁଳବନର ପୁନରୁଦ୍ଧାର ନିମନ୍ତେ ଅର୍ଥ ମଞ୍ଜୁର କରିଛନ୍ତି। କୁଳପତି ପ୍ରଫେସର ସବିତା ପ୍ରଧାନ ତାଙ୍କ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ବର୍ତ୍ତମାନ ଓ ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ କହିଥିଲେ। ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ଏବଂ କୁଳସଚିବ ରଶ୍ମିରେଖା ଦାଶ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ସତ୍ୟବାଦୀଠାରେ ୨୦୧୮ ଅକ୍ଟୋବର ୯ରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ଶିଳାନ୍ୟାସ କରିଥିଲେ। ବୁଧବାର ଏହାର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟିତ ହୋଇଛି। ୯.୬୦ ଏକର ପରିମିତ ଅଞ୍ଚଳରେ ନିର୍ମିତ ଏହି ବିଶ୍ୱବିଦ୍ୟାଳୟକୁ ଅତ୍ୟାଧୁନିକ ସ୍ଥାପତ୍ୟ ଶୈଳୀ ଓ ଟେକ୍ନୋଲୋଜିରେ ନିର୍ମାଣ କରାଯାଇଛି। ପ୍ରଶାସନିକ ବିଲ୍ଡିଂରେ ସ୍ଥାପିତ ଓଡ଼ିଆ ବର୍ଣ୍ଣମାଳା ଅତୀବ ମନୋରମ ପରିଦୃଶ୍ୟ ହେଉଛି। ଏଥିରେ ସ୍କୁଲ ଅଫ୍ ଲର୍ଣ୍ଣିଂ, ଗ୍ରନ୍ଥାଗାର, ହଷ୍ଟେଲ, ରାଧାକୁଣ୍ଡ ପୁଷ୍କରିଣୀ, କାଫେଟେରିଆ, ଫାଉଣ୍ଟେନ୍ ଇତ୍ୟାଦି ରହିଛି। ମୁକ୍ତ ପରିବେଶରେ ପାଠପଢ଼ାର ବ୍ୟବସ୍ଥା ମଧ୍ୟ ସୃଷ୍ଟି କରାଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରଦୀପ୍ତ କୁମାର ସାହୁ, କୈଳାସ ଚନ୍ଦ୍ର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ତହସିଲଦାର ଜୟନ୍ତ କୁମାର ଜୟସିଂହ, ବିଡିଓ ଲିପ୍ସା ରାୟ, ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାଦୀରେ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ସଞ୍ଜୟ କୁମାର ହାତୀ, ସଙ୍ଗୀତା ଜେନା ଏବଂ ଅନନ୍ତ କିଶୋର ଜେନା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସଭାସ୍ଥଳରେ ଉପସ୍ଥିତ ଯୁବବର୍ଗ, ଛାତ୍ରୀଛାତ୍ର, ମହିଳା ଓ ସ୍ଥାନୀୟ ଜନତାଙ୍କ ହୁଳହୁଳି ସହ ତାଳିମାଡ଼ରେ ବକୁଳବନ ପରିସର ପ୍ରକମ୍ପିତ ହୋଇଉଠିଥିଲା।




# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ପିଟି ହତ୍ୟା

ଭଦ୍ରକ, ୨୪।୧(ସନାତନ ରାଉତ)



ମୃତ କେଦାର ପରିଡ଼ା।

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଚିଙ୍ଗିଡ଼ିପୁରସ୍ଥିତ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କୁ ପିଟି ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ଯୁବକ ହେଲେ ଯାଜପୁର ଜିଲା ସଦର ଥାନା ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ବ୍ରାହ୍ମଣବଚ୍ଛ ଗ୍ରାମର କେଦାର ପରିଡ଼ା। ଅତ୍ୟଧିକ ମାଡ଼ କାରଣରୁ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି।

କେଦାରଙ୍କୁ ନିଶା ନିବାରଣ ପାଇଁ ପରିବାର ଲୋକେ ଜାନୁଆରୀ ୪ ତାରିଖରେ ଉକ୍ତ କେନ୍ଦ୍ରରେ ଛାଡ଼ିଥିଲେ। ମଙ୍ଗଳବାର ସନ୍ଧ୍ୟାରେ କେଦାରଙ୍କ ଦେହ ଅସୁସ୍ଥ ଅଛି ବୋଲି କେନ୍ଦ୍ର ପକ୍ଷରୁ ଫୋନ୍ ଯୋଗେ ପରିବାର ଲୋକଙ୍କୁ ଜଣାଯାଇଥିଲ। କିଛି ସମୟ ପରେ ଭଦ୍ରକ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା। କେଦାରଙ୍କୁ ଶାରୀରିକ ନିର୍ଯାତନା ଦିଆଯିବା ସହ ପ୍ରବଳ ମାଡ଼ ମରାଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ବଡଭାଇ ସୁଦର୍ଶନ ଧାମନଗର ଥାନାରେ ଏତଲା ଦେଇଛନ୍ତି। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ଧାମନଗର ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଧାମନଗର ଏସ୍‌ଡିପିଓ ରମେଶ ସିଂ କହିଛନ୍ତି, ମାମଲା(ନଂ.୪୫/୨୪) ରୁଜୁ ହୋଇଛି। ନିଶା ନିବାରଣ କେନ୍ଦ୍ରର ଇନ୍‌ଚାର୍ଜଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଛି। ଏହାସହ ନିଶା ନିବାରଣ କେନ୍ଦ୍ରରେ ଥିବା ଅନ୍ୟ ଅନ୍ତେବାସୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଛି।

# ଖଣି ନିଗମର ଡି' କ୍ୱାରି ଧସିଲା

କାଳିଆପାଣି,୨୪।୧(ଅସିତ ମହାନ୍ତ)

ଯାଜପୁର ଜିଲାର କାଳିଆପାଣି ଖଣି ଅଞ୍ଚଳରେ ଥିବା ଓଡ଼ିଶା ଖଣି ନିଗମ ଦକ୍ଷିଣ କାଳିଆପାଣିର ଡି' କ୍ୱାରି ବୁଧବାର ଧସି ଯାଇଛି। ଫଳରେ ସେଠାରେ ଥିବା କେତେକ ଯନ୍ତ୍ରାଂଶ ପୋତି ହୋଇଯାଇଛି। ଅଧିକାରୀଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଖଣି ଭିତରେ ଏଭଳି ଏକ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସକାଳୁ ଖଣିରେ କାର୍ଯ୍ୟ ଚାଲିଥିବାବେଳେ କାଳିଆପାଣି ଖଣି ସାଇଡରୁ ପ୍ରାୟ ୧୦୦ ମିଟର ଲମ୍ବା ଏରିଆର ମାଟି ଧସି ଖଣି ଭିତରକୁ ପଶି ଆସିଥିଲା। ଫଳରେ ଖଣିରେ ଥିବା ଏସ୍କାଭେଟର, ପ୍ରୋକ୍ଲିନ, ଡୋଜର ଓ ୩ ମେଶିନ ମାଟିରେ ପୋତି ହୋଇ ଯାଇଥିଲା। ପାଣିପମ୍ପ ଚଲାଉଥିବା ଜଣେ କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଥିଲେ। ପୂର୍ବରୁ

**ପୋତିହୋଇଗଲା ଯନ୍ତ୍ରାଂଶ**

ଖଣି ନିଗମରେ ପରିବହନରେ ନିୟୋଜିତ କଣ୍ଡୋଇ ନାମକ ଠିକାଦାରଙ୍କୁ ଏବେ ଏହି ଖଣିର ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଖଣି ବେଞ୍ଚର ଓସାର ଓ ଉଚ୍ଚତା ଖଣି ନିୟମ ଅନୁଯାୟୀ ପାଳନ କରାଯାଇନାହିଁ। ସେହିପରି କାଳିଆପାଣି ଖଣି ଓ ଦକ୍ଷିଣ କାଳିଆପାଣିର ଡି' କ୍ୱାରି ମଧ୍ୟରେ ଦୂରତ୍ୱ କମଥିବାରୁ ବନ୍ଦ ଥିବା କାଳିଆପାଣି ଖଣିର ପାଣି ପ୍ରେସରରେ ଡି' କ୍ୱାରି ଖଣି ମାଟି ଧସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଖଣି ପରିଚାଳକ ଗଣେଶ୍ୱର ଭୁଆଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।



କାଳିଆପାଣିର ଡି' କ୍ୱାରି ମାଟି ଧସି ପଡ଼ିଛି।

# ପୁଣି ସତ୍ୟପାଠ ଦାଖଲ କରିବେ ରାଜ୍ୟ ସରକାର

କଟକ,୨୪।୧ (କାର୍ତ୍ତିକ ସାହୁ)

**ହାଇକୋର୍ଟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲା**



ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ନେଇ ଆଗତ ମାମଲାରେ ହାଇକୋର୍ଟ ପୁଣି ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ପର୍ଯ୍ୟନ୍ତ ଚୟନ ଓ ନିଯୁକ୍ତି ଉପରେ ପୂର୍ବର ଅନ୍ତରୀଣ ଅଙ୍କୁଶ ଜାରି ରହିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ମାମଲାର ଶୁଣାଣି କରିଛନ୍ତି। ଗତ ୧୯ ତାରିଖ ଶୁଣାଣିରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆବେଦନ ଉପରେ ଜବାବ ରଖିବାକୁ କହିଥିଲେ। ସେହି ଅନୁସାରେ ରାଜ୍ୟ ସରକାର ବୁଧବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ଜିଲା ଅନୁଯାୟୀ ମେଧା ତାଲିକା ପ୍ରକାଶ କରାଯାଇଥିବା ସରକାର ସତ୍ୟପାଠରେ ଦର୍ଶାଇଛନ୍ତି। ହେଲେ ପୂର୍ବରୁ ପ୍ରକାଶିତ ମେଧା ତାଲିକା ପ୍ରତ୍ୟାହାର ହୋଇଛି କି ନାହିଁ ସେନେଇ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) ପକ୍ଷରୁ ୨୦,୦୦୦ କନିଷ୍ଠ ଶିକ୍ଷକ ନିଯୁକ୍ତି ନିମନ୍ତେ ଅନ୍‌ଲାଇନ୍ ଆବେଦନ ପାଇଁ ଗତ ଗତବର୍ଷ ସେପ୍ଟେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା। ଆବେଦନପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୧୦ ତାରିଖ ଦର୍ଶାଯାଇଥିଲା। ଆବେଦନ ପ୍ରକ୍ରିୟା ଶେଷ ପରେ ଚଳିତବର୍ଷ ଜାନୁଆରୀ ୧୫ ତାରିଖରେ ଓସେପା ପକ୍ଷରୁ ଡ୍ରାଫ୍ଟ ମେରିଟ୍ ଲିଷ୍ଟ ପ୍ରକାଶିତ ହୋଇଥିଲା। ଏହି ମେଧା ତାଲିକାରେ ପ୍ରକାଶିତ ଆବେଦନକାରୀଙ୍କ ସାର୍ଟିଫିକେଟ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯିବ ବୋଲି ଓସେପା ପକ୍ଷରୁ ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଯାଞ୍ଚ ପାଇଁ ପ୍ରତି ଜିଲାରେ ନିର୍ଦ୍ଧାରିତ ହୋଇଥିବା ସ୍ଥାନ ସମ୍ପର୍କରେ ମଧ୍ୟ ବିଜ୍ଞପ୍ତିରେ ସୂଚନା ଦିଆଯାଇଥିଲା। ହେଲେ ଏହି ମେଧା ତାଲିକା ନିୟମ ଉଲ୍ଲଂଘନ କରି ପ୍ରସ୍ତୁତ କରାଯାଇଥିବା ଓ ଗଣଶିକ୍ଷା ବିଭାଗର ମୂଳ ନିଯୁକ୍ତି ବିଜ୍ଞପ୍ତିରେ ଥିବା ସର୍ତ୍ତାବଳୀକୁ ପାଳନ କରାଯାଇ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଏହାଦ୍ୱାରା ବହୁ ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡିଛନ୍ତି। ଫଳରେ ଉକ୍ତ ମେଧା ତାଲିକାକୁ ରଦ୍ଦ କରିବା ନେଇ ଜେ. ଆର୍. ମହାରଣା ଓ ଅନ୍ୟମାନେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଗତ ୧୯ ତାରିଖରେ ମାମଲାର ଶୁଣାଣିକରି ନିଯୁକ୍ତି ପ୍ରକ୍ରିୟା ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇଥିଲେ। ସାର୍ଟିଫିକେଟ, କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଚାଲୁ ରହିବ, ମାତ୍ର ଚୟନ ଓ ନିଯୁକ୍ତି ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

# ସ୍ତ୍ରୀଙ୍କ ଗଳା କାଟି ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

ମାଲକାନଗିରି/ପଡ଼ିଆ,୨୪।୧ (ଦୁର୍ଯ୍ୟୋଧନ ପାତ୍ର/ ଭାସ୍କର ରାଓ)

ମାଲକାନଗିରି ଜିଲା ପଡ଼ିଆ ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ନିଜ ସ୍ତ୍ରୀଙ୍କ ବେକ କାଟି ହତ୍ୟାକଲା ପରେ ନିଜେ ଗଳା କାଟି ଆତ୍ମହତ୍ୟା କରିଛନ୍ତି।

ସୂଚନା ଅନୁଯାୟୀ, ଛତିଶଗଡ଼ ସୁକ୍‌ମା ଜିଲା କୁଣ୍ଟା ଗ୍ରାମର କୋଣ୍ଡା ବାବୁ (୩୮) ପଡିଆ ସଦର ମହକୁମା ଗ୍ରାମର ପେଦି ପଦ୍ମାରାଓଙ୍କ ଝିଅ ବେଣୁ ପେଦିଙ୍କୁ କିଛି ବର୍ଷ ପୂର୍ବେ ବିବାହ କରିଥିଲେ। ସ୍ତ୍ରୀ ବେଣୁ (୩୨) ନିଜ ବାପଘରେ ପଡିଆରେ ଆସି ରହୁଥିଲେ। ମଙ୍ଗଳବାର ସ୍ୱାମୀ କୋଣ୍ଡା ଶ୍ୱଶୁରଘରକୁ ଆସିଥିବା ବେଳେ ଶ୍ୱଶୁରଘରେ କେହି ନ ଥିବା ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ହୋଇଥିଲା। କୋଣ୍ଡା ଭାରସାମ୍ୟ ହରାଇ ଏକ ଧାରୁଆ ଛୁରିରେ ସ୍ତ୍ରୀଙ୍କ ବେକ କାଟି ଦେବାରୁ ଘଟଣାସ୍ଥଳରେ ବେଣୁଙ୍କ ମୃତ୍ୟୁ ଘଟିଥିଲା। ପରେ କୋଣ୍ଡା ବିଚଳିତ ହୋଇ ନିଜ ବେକକୁ ଛୁରିରେ କାଟି ଦେଇଥିଲେ। ଘଟଣା ସମ୍ପର୍କରେ ପଡ଼ିଶା ଜାଣିବା ପରେ ଗୁରୁତର ଅବସ୍ଥାରେ କୋଣ୍ଡାଙ୍କୁ ପ୍ରଥମେ ପଡିଆ ଡାକ୍ତରଖାନା ଓ ପରେ ମାଲକାନଗିର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ସ୍ୱାମୀ କୋଣ୍ଡାବାବୁଙ୍କ ମୃତ୍ୟୁ ଘଟିଥିଲା। ପଡିଆ ପୋଲିସ ଘଟଣାସ୍ଥଳରୁ ସ୍ତ୍ରୀଙ୍କ ମୃତଦେହ ଜବତ କରିବା ସହ ମାଲକାନଗିରିରେ ସ୍ୱାମୀଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ଏ ନେଇ ପଡିଆ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

# କଟକରୁ ଧରାପଡ଼ିଲେ ଅଭିଯୁକ୍ତ ପୋଲିସ

କଟକ,୨୪।୧ (କାର୍ତ୍ତିକ ସାହୁ)

**ଦିଲ୍ଲୀରେ ୫୦ ଲକ୍ଷ ଚୋରି ମାମଲା**

**ବାନ୍ଧବୀ ସହ ରାଜଧାନୀ ଏକ୍ସପ୍ରେସ୍‌ରେ ଖସି ପଳାଉଥିଲେ**

ଦିଲ୍ଲୀର ପଶ୍ଚିମ ବିହାର ଅଞ୍ଚଳରେ ଘଟିଥିବା ୫୦ ଲକ୍ଷ ଟଙ୍କା ଚୋରି ମାମଲାର ଅଭିଯୁକ୍ତଙ୍କୁ କଟକ ରେଳଷ୍ଟେଶନରେ ବୁଧବାର ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) କାବୁ କରିଛି। ନୂଆଦିଲ୍ଲୀରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ରାଜଧାନୀ ଏକ୍ସପ୍ରେସ୍‌ରୁ ଅଭିଯୁକ୍ତଙ୍କୁ ତାଙ୍କ ବାନ୍ଧବୀ ସହ ଠାବ କରିବାରେ ସଫଳ ହୋଇଛି ଆର୍‌ପିଏଫ୍। ଏ ସମ୍ପର୍କରେ ଦିଲ୍ଲୀ ପୋଲିସ ସୂଚନା ପାଇବା ପରେ ବିମାନ ଯୋଗେ ଆସି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଦିଲ୍ଲୀ ପୋଲିସର କାର୍ଯ୍ୟରତ ସମୟ ସିଂହ(୩୭)।

ସୂଚନାନୁସାରେ, ଦିଲ୍ଲୀ କ୍ରାଇମବ୍ରାଞ୍ଚ ପକ୍ଷରୁ କଟକ ଆର୍‌ପିଏଫ୍ ଆଇଆଇସିଙ୍କୁ ମୋଟା ଅଙ୍କର ଚୋରି ମାମଲାର ୱାଣ୍ଟେଡ୍ ଅଭିଯୁକ୍ତଙ୍କ ସନ୍ଦେହଜନକ ଗତିବିଧି ସଂକ୍ରାନ୍ତରେ ପ୍ରାରମ୍ଭିକ ସୂଚନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଦିଲ୍ଲୀ ପୋଲିସର କେତେଜଣ ଅଧିକାରୀ ଟ୍ରେନ ନଂ.୨୦୮୧୮, ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍‌ରେ ଅଭିଯୁକ୍ତ ଯାତ୍ରା କରୁଥିବା ନେଇ ଆର୍‌ପିଏଫ୍‌କୁ ସ୍ପଷ୍ଟ ସୂଚନା ଦେଇଥିଲେ। ଆଇଆଇସି ଅନିଲ ସିଂହ ଅଭିଯୁକ୍ତଙ୍କୁ ଧରିବା ନିମନ୍ତେ କଟକ ଆର୍‌ପିଏଫ୍‌ର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ଅଭିଯୁକ୍ତ ଜଣଙ୍କ ଅତ୍ୟନ୍ତ ଚତୁର ଓ ସେ ଖସି ପଳାଇବାର କୌଶଳ ଭଲ ଭାବେ ଜାଣନ୍ତି ବୋଲି ସୂଚନା ରହିଥିଲା। ତେଣୁ ଟିମ୍‌ର ସଦସ୍ୟମାନେ ସାଦା ପୋଷାକରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ରାଜଧାନୀ ଏକ୍ସପ୍ରେସ୍ କଟକ ରେଳଷ୍ଟେଶନର ୩ ନମ୍ବର ପ୍ଲାଟ୍‌ଫର୍ମରେ ପହଞ୍ଚିବା କ୍ଷଣି ଟିମ୍‌ର ସଦସ୍ୟମାନେ ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଥିଲେ। ଏସି ଟୁ-ଟାୟାର ଏ-୨ କୋଚ୍‌ରେ ଅଭିଯୁକ୍ତ ତାଙ୍କ ବାନ୍ଧବୀଙ୍କ ସହ ଧରାପଡ଼ିଥିଲେ। ଆର୍‌ପିଏଫ୍ ପକ୍ଷରୁ ସୂଚନା ପାଇ ଦିଲ୍ଲୀ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ବିମାନ ଯୋଗେ ଆସି କଟକରେ ପହଞ୍ଚିଥିଲେ। କଟକ ଆର୍‌ପିଏଫ୍ ପକ୍ଷରୁ ଉଭୟଙ୍କୁ ଦିଲ୍ଲୀ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଦିଲ୍ଲୀ ପୋଲିସର ସୂଚନା ଅନୁସାରେ, ଅଭିଯୁକ୍ତ ଜଣଙ୍କ ନିଜେ ପୋଲିସ ଚାକିରିରେ ଥାଇ ବାହାରେ ଥିବା ତାଙ୍କର ସହଯୋଗୀମାନଙ୍କ ସହ ବହୁ ଯୋଜନାବଦ୍ଧ ଅପରାଧରେ ସାମିଲ ଅଛନ୍ତି। ପ୍ରାଥମିକ ଅବସ୍ଥାରେ ପୋଲିସ ଏ ବାବଦରେ ଜାଣିପାରି ନ ଥିଲା। ମାତ୍ର ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଉପଯୋଗରେ ଦିଲ୍ଲୀ ପୋଲିସ ଅଭିଯୁକ୍ତଙ୍କ ସମ୍ପୃକ୍ତି ବାବଦରେ ଅବଗତ ହୋଇଛି। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ କଟକ ଆର୍‌ପିଏଫ୍‌ର କାର୍ଯ୍ୟକୁ ଦିଲ୍ଲୀ ପୋଲିସର ବରିଷ୍ଠ ଅଧିକାରୀମାନେ ବେଶ୍ ପ୍ରଶଂସା କରିଛନ୍ତି।

# କୋଟିଆର ଧୂଳିପଦରରେ ଆନ୍ଧ୍ର ପାଳିଲା ଜାତୀୟ ଶିଶୁକନ୍ୟା ଦିବସ

ପଟ୍ଟାଙ୍ଗି, ୨୪।୧(ଶରତ ଧଳ)




ସାଲୁର ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ସଚେତନତା ଶୋଭାଯାତ୍ରା।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମରେ ଆନ୍ଧ୍ରର ସାଲୁର ପ୍ରଶାସନ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଶିଶୁକନ୍ୟା ଦିବସ ପାଳନ କରାଯାଇଛି। ଏଥିରେ ଆନ୍ଧ୍ରର ଶିକ୍ଷା ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ ଗ୍ରାମରେ ଥିବା ଓଡ଼ିଶା ସରକାରଙ୍କ ସ୍କୁଲରେ ଏହି ଦିବସ ପାଳନ କରାଯାଇନାହିଁ। ଗ୍ରାମର ଅନେକ ଛାତ୍ରୀଛାତ୍ର ଉଭୟ ସ୍କୁଲରେ ପଢ଼ନ୍ତି। ଓଡ଼ିଶା ସ୍କୁଲର ଛାତ୍ରୀଛାତ୍ରମାନେ ଆନ୍ଧ୍ର ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାବେଳେ ସେମାନଙ୍କୁ ଶିକ୍ଷକମାନେ ଅଟକାଇ ନ ଥିଲେ। ଆନ୍ଧ୍ର ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ନେଇ ପ୍ରଥମେ ଏକ ବୈଠକ କରିଥିଲେ। ଏଥିରେ ଜାତୀୟ ଶିଶୁକନ୍ୟା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତକରି ଅଧିକ ସଂଖ୍ୟାରେ ବାଳିକା କିପରି ପାଠପଢ଼ା ପ୍ରତି ଆକୃଷ୍ଟ ହୋଇପାରିବେ ସେନେଇ ବୁଝାଇଥିଲେ। ଆନ୍ଧ୍ର ସରକାର ସୀମାନ୍ତବାସୀଙ୍କୁ ସର୍ବଦା ଗୁରୁତ୍ୱ ଦେଇଆସୁଛନ୍ତି। ଶିକ୍ଷାର ଉନ୍ନତି ପ୍ରତି ମଧ୍ୟ ଧ୍ୟାନ ଦେଉଛନ୍ତି ବୋଲି ସାଲୁରର ଶିକ୍ଷା କର୍ମଚାରୀମାନେ ପ୍ରକାଶ କରିଥିଲେ। ପରେ ସେମାନେ ନିଜ ରାଜ୍ୟର ପତାକା ଉଡ଼ାଇ ଏକ ଶୋଭାଯାତ୍ରାର ଆୟୋଜନକରି ବାଳିକାମାନଙ୍କ ହାତରେ ପ୍ଲାକାର୍ଡ ଧରାଇ କନ୍ୟାସନ୍ତାନର ସୁରକ୍ଷା ନେଇ ସଚେତନ କରିଥିଲେ। ସୂଚନାଯୋଗ୍ୟ,ପଡ଼ୋଶୀ ଆନ୍ଧ୍ର ଓଡ଼ିଶାର ସୀମାନ୍ତ କୋଟିଆ ପଞ୍ଚାୟତ ସମେତ ଅନ୍ୟ କେତେକ ପଞ୍ଚାୟତର ଗ୍ରାମରେ ନିୟମିତ ଅନୁପ୍ରବେଶ ଜାରି ରଖି ନିଜ ରାଜ୍ୟର ଯୋଜନାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ବୁଝାଇ ସେମାନଙ୍କୁ ନିଜ ସପକ୍ଷରେ ନେବାକୁ ପ୍ରଭାବିତ କରିଆସୁଛି। ଏହାର ପ୍ରଭାବ ଓଡ଼ିଶା ପ୍ରଶାସନ ଅବା ଜିଲା ପ୍ରଶାସନ ଉପରେ ପଡୁନାହିଁ। ଓଡ଼ିଶା ସରକାର ପଞ୍ଚାୟତ ସଦର ମହକୁମାରେ କେବଳ ଥାନା ସ୍ଥାପନକରି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଛନ୍ତି।

ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ

-ଦେବାଭିଷେକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା, ମହୋଦଧି ଆରତୀ, ଗୁରୁ ପୂର୍ଣ୍ଣିମା, ଚନ୍ଦ୍ରପୂଜା ଓ ଉପବାସ



# ଗଛର ଐଶ୍ୱରିକ କାହାଣୀ



ଦେବଦତ୍ତ ପଟ୍ଟନାୟକ

ନବରାତ୍ରି ସମୟରେ ଏବଂ ଗୌରୀପୂଜା ଓ ତେଜ ଭଳି ଅନ୍ୟ ଦେବୀକୈନ୍ଦ୍ରିକ ପର୍ବରେ ମହିଳାମାନେ ଅଧିକ ପୁଷ୍ଟିକାରକ ତଥା ଔଷଧୀୟ ଗଛ ଭାବେ ଦେବୀଙ୍କୁ ପୂଜା କରୁଥିଲେ। ଏହିସବୁ ଗଛ ହେଲା କଦଳୀ, ନଡ଼ିଆ, ଆମ୍ବ, କଦଳୀ, ଧାନ, ବେଲ, ଅଶୋକା, ଅପରାଜିତା ଏବଂ ଜୟନ୍ତୀ। ଏଗୁଡ଼ିକ ଦେବୀଙ୍କର ନଅ ପ୍ରକାର ସ୍ୱରୂପ (ନବଦୁର୍ଗା)। ଏମାନେ ଆମକୁ ଖାଇବାକୁ ଦିଅନ୍ତି, ସୁନ୍ଦର କରି ଗଢ଼ନ୍ତି ଏବଂ ସୁସ୍ଥ ରଖନ୍ତି। କିନ୍ତୁ ଆମେ ପ୍ରକୃତି ଓ ଉଦ୍ଭିଦ ସହିତ ସେହି ସଂଯୋଗ ହରାଇଛୁ। ଆମେ ଏହି ଜୈବିକ ସ୍ୱରୂପ ବଦଳରେ ଦେବୀଙ୍କ ପଥର, ଧାତୁ, ପ୍ଲାଷ୍ଟିକ ଏବଂ ପ୍ଲାଷ୍ଟର ପ୍ୟାରିସ ରୂପକୁ ଆପଣାଇ ନେଇଛୁ। ଏହି କାରଣରୁ ବୃକ୍ଷ ଉପରେ ଗୁରୁତ୍ୱ ନ ଦେଇ ବିକାଶ ନାମରେ ରାସ୍ତା, କୋଠା ଏବଂ କାରଖାନା, ଏପରିକି ମନ୍ଦିର ପାଇଁ ରାସ୍ତା ତିଆରି କରିବାକୁ ହଜାର ହଜାର ଗଛ କାଟିବା ଭଳି ଅଭ୍ୟାସକୁ ସାମାଜିକ ସ୍ତରରେ ଗ୍ରହଣ କରିଛୁ। ବୈଜ୍ଞାନିକଙ୍କ ଦ୍ୱାରା ଆବିଷ୍କୃତ ତଥା ମଣିଷ ଶୁଣି ପାରୁ ନ ଥିବା ଅଲଟ୍ରାସୋନିକ ଫ୍ରିକ୍ୱେନ୍ସି ବା ତରଙ୍ଗକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଏହି ତରଙ୍ଗ ବୃକ୍ଷରୁ ସୃଷ୍ଟି ହୋଇଥାଏ। ଯେଉଁ ସମୟରେ ସାରା ଭାରତ ପବିତ୍ର ଗଛରେ ପରିପୂର୍ଣ୍ଣ ଥିଲା, ସେହି ସମୟରୁ ଆମେ ବହୁ ଦୂର ପଥ ଅତିକ୍ରମ କରିଆସିଲୁଣି। ଏହି ପବିତ୍ର ଜଙ୍ଗଲରେ ଗୋରୁ ଚରାଇବା, ଚାଷ କରିବା, ଫଳ କିମ୍ବା ଜାଳେଣି କାଠ ସଂଗ୍ରହ ପାଇଁ କାହାକୁ ଅନୁମତି ଦିଆଯାଇ ନ ଥିଲା। ଏଗୁଡ଼ିକ ଥିଲା ଭାରତର ମୂଳ ମନ୍ଦିର। ହେଲେ ବର୍ତ୍ତମାନ ସମସ୍ତେ ତାହା ଭୁଲିଯାଇଛନ୍ତି। ହରପ୍ପା ସଭ୍ୟତାରୁ ମିଳିଥିବା ସିଲ୍ ବା ମୋହର ସ୍ପଷ୍ଟ ଭାବରେ ସୂଚିତ କରେ ଯେ, ସେ ସମୟରେ ଉଦ୍ଭିଦଗୁଡ଼ିକୁ ପୂଜା କରାଯାଉଥିଲା। ସେତେବେଳର ମୁଦ୍ରାଗୁଡ଼ିକରେ ପୁରୁଷମାନେ ନୈବେଦ୍ୟ ଏବଂ ମହିଳାମାନେ ଏକ ଗଛରୁ ବାହାରିଥିବା ଦେବୀଙ୍କ ଚାରିପାଖରେ ନାଚୁଥିବା ଦେଖାଯାଏ। ଏହି ଦେବୀଙ୍କୁ କ'ଣ କୁହାଯାଏ ତାହା ଆମେ ଜାଣୁ ନାହିଁ। ତେବେ ସେ ଉଦ୍ଭିଦମାନଙ୍କର ଦେବୀ ଶାକମ୍ଭରୀଙ୍କର ପ୍ରାରମ୍ଭିକ ରୂପ ଥିଲେ କି?

ନର୍ମଦା ନଦୀର ଦକ୍ଷିଣରେ ଥିବା ଅଞ୍ଚଳ (ଡେକାନ୍ ରିଜିଅନ)ରେ, ପ୍ରତ୍ନତତ୍ତ୍ୱବିତ୍‌ମାନ ହାତଗୋଡ଼ ଲମ୍ବାଇ ତଳେ ପଡ଼ିଥିବା ନାମହୀନ ଦେବୀଙ୍କ ଚିତ୍ର ପାଇଛନ୍ତି। ସେହି ଦେବୀଙ୍କ ମୁଣ୍ଡ ଜାଗାରେ ପଦ୍ମଫୁଲ ରହିଛି। ଏକ ପ୍ରାକ୍ ବୈଦିକ ଦେବୀଙ୍କୁ ମଧ୍ୟ ପ୍ରତ୍ନତତ୍ତ୍ୱବିତ୍‌ମାନେ ଆବିଷ୍କାର କରିଥିଲେ। ଏହି ଶାନ୍ତ ତଥା ନମ୍ର ମା'ଙ୍କୁ ସେମାନେ ଲଜ୍ଜାଗୌରୀ ନାମରେ ନାମିତ କରିଥିଲେ। ପ୍ରାଚୀନ ପ୍ରଜନନ ରୀତିନୀତିରେ ଏହାର ଭୂମିକା ନିଃସନ୍ଦେହ। ବଙ୍ଗାଳୀ ବିବାହ ସମାରୋହ ଏବଂ ଉତ୍ପାଦକ ପର୍ବ ସମୟରେ ଲାଲ ରଙ୍ଗରେ ରଙ୍ଗାୟିତ ବଙ୍ଗଳା ସ୍ୱସ୍ତିକ ଜଣେ ମହିଳା ହାତଗୋଡ଼ ଖୋଲା ରଖିଥିବା ଦେଖାଯାଏ, ଯାହାଙ୍କର ସେହି ପ୍ରାଚୀନ ଲଜ୍ଜାଗୌରୀଙ୍କ ସହ ସାମଞ୍ଜସ୍ୟ ରହିଛି। ।



ଆମମାନଙ୍କ ପାଖରେ ଥିବା ବୈଦିକ ଶାସ୍ତ୍ରଗୁଡ଼ିକରେ ବିଶେଷକରି ଉଦ୍ଭିଦଜାତ ପାନୀୟ (ସୋମ) ପ୍ରସ୍ତୁତି ଏବଂ ଦେବତାଙ୍କୁ ଅର୍ପଣ ଉଦ୍ଦେଶ୍ୟରେ ପାଳିତ ପର୍ବପର୍ବାଣିର ସ୍ତୋତ୍ରଗୁଡ଼ିକ ବର୍ଣ୍ଣନା କରାଯାଇଛି। ଋକ୍‌ବେଦର ୫୦%ରୁ ଊର୍ଦ୍ଧ୍ୱ ସ୍ତୋତ୍ର ୩ଟି ବିଷୟ ସୋମ, ଇନ୍ଦ୍ର (ଯାହାଙ୍କୁ ସୋମରସ ଦିଆଯାଏ) ଓ ଅଗ୍ନି (ଦେବତାଙ୍କ ମୁଖ) ପାଇଁ ସମର୍ପିତ। ଋକ୍‌ବେଦର ୧୦ଟି ଅଧ୍ୟାୟ ମଧ୍ୟରୁ ପୂରା ୯ମ ଅଧ୍ୟାୟରେ ସୋମରସ ସମ୍ପର୍କରେ ବର୍ଣ୍ଣନା ରହିଛି। ଗଛର ଗଣ୍ଡିରୁ ସୋମରସ ସଂଗ୍ରହ କରି ତାହାକୁ ଶୁଦ୍ଧ କରିବା କାର୍ଯ୍ୟର ଅନେକ କାଳ୍ପନିକ ବିଷୟକୁ ଏହା ସୂଚିତ କରିଛି। ଯେହେତୁ ବୈଦିକ ଲୋକମାନେ ପୁରୋହିତ ଥିଲେ, ସେମାନେ ଘାସ (ବିଶେଷକରି ଦୂବଘାସ)କୁ ସମ୍ମାନ କରୁଥିଲେ। ଏହା ସେମାନଙ୍କର ଗୋ ଏବଂ ଘୋଡ଼ାକୁ ଖାଦ୍ୟ ଯୋଗାଉଥିଲା। ଦେବତା ଏବଂ ପୂର୍ବପୁରୁଷମାନଙ୍କୁ ବାର୍ଲି ପିଠା ଅର୍ପଣ କରାଯାଉଥିଲା। ଚାଉଳ ଉପଲବ୍ଧ ହେବା ପରେ ଚାଉଳ ପିଠା ଦିଆଗଲା । ଅଥର୍ବ ବେଦରେ ଘାସ ସହିତ ଏଫେଡ୍ରା (ଏକ ଔଷଧୀୟ ବୃକ୍ଷ), ବାର୍ଲି ଏବଂ ଧାନ ବିଷୟରେ ଉଲ୍ଲେଖ କରାଯାଇଛି।

ସନ୍ନ୍ୟାସୀ ପରମ୍ପରାରେ ଗଛଗୁଡ଼ିକର ମଧ୍ୟ ଏକ ପ୍ରମୁଖ ଭୂମିକା ରହିଛି। ପ୍ରତ୍ୟେକ ଜୈନ ତୀର୍ଥଙ୍କର ଏକ ପବିତ୍ର ଗଛ ସହିତ ସମ୍ବନ୍ଧିତ। ମହାବୀରଙ୍କର ଶାଳ ଗଛ, ଋଷଭନାଥଙ୍କର ବର, ଭୀମନାଥଙ୍କର ଜାମୁ ଗଛ ସହିତ ସମ୍ପର୍କ ରହିଛି। ଏହା ବ୍ୟତୀତ ଆମ୍ବ ସହିତ ଅରନାଥ, ଅଶୋକ ସହିତ ମଲ୍ଲିନାଥ, କୋକୁମ ସହିତ ନେମିନାଥ ଭଲ ଭାବେ ଜଡ଼ିତ। ବିଭିନ୍ନ ପରମ୍ପରାରେ ଏହି ତାଲିକା ଭିନ୍ନ ଦେଖିବାକୁ ମିଳେ। କିନ୍ତୁ ସମସ୍ତେ ଏହା ଗ୍ରହଣ କରନ୍ତି ଯେ, ଅତିକମ୍‌ରେ ଗୋଟିଏ ଉଦ୍ଭିଦ ମହାନ୍ ଜୈନ ଗୁରୁଙ୍କ ଆତ୍ମାକୁ ଧାରଣ କରିଥାଏ। ବୁଦ୍ଧ ମଧ୍ୟ ଉଦ୍ଭିଦ ସହିତ ସମ୍ପୃକ୍ତ। ଯେତେବେଳେ ତାଙ୍କ ମା' ବୁଦ୍ଧଙ୍କୁ ଲୁମ୍ବିନୀରେ ପ୍ରସବ କରିଥିଲେ, ସେତେବେଳେ ସେ ଏକ ଶାଳଡାଳକୁ ଜାବୁଡ଼ି ଧରିଥିଲେ। ବୁଦ୍ଧ ଦୁଇଟି ଶାଳଗଛ ମଧ୍ୟରେ ଦେହତ୍ୟାଗ କରିଥିଲେ। ସେ ଅଶ୍ୱତ୍ଥ ଗଛ ତଳେ ଜ୍ଞାନ ପ୍ରାପ୍ତ ହୋଇଥିଲେ ଏବଂ ଏକ ସୁନ୍ଦର ବାଉଁଶ ବଣରେ ଦିବ୍ୟବାଣୀ ପ୍ରଦାନ କରିଥିଲେ। ଗୌତମ ବୁଦ୍ଧଙ୍କ ପୂର୍ବରୁ ଆଉ ଜଣେ ବୁଦ୍ଧ ଥିଲେ। ତାଙ୍କ ନାମ ଥିଲା ବିପାସୀ ବୁଦ୍ଧ। ସେ ବି ଅଶ୍ୱତ୍ଥ ଗଛ ତଳେ ଜ୍ଞାନ ଲାଭ କରିଥିଲେ। ଏହି ଗଛର ଚାରିପାଖରେ ମୌର୍ଯ୍ୟ ସାମ୍ରାଜ୍ୟର ରାଜଧାନୀ ପାଟଳିପୁତ୍ର ସହର ଗଢ଼ି ଉଠିଥିଲା, ଯାହାକୁ ଆମେ ଏବେ ପାଟନା କହୁଛୁ।

ପ୍ରାଚୀନ କାଳରେ ଅନେକ ଗଛ ବିଭିନ୍ନ ବଂଶ ଏବଂ ରାଜ ପରିବାରର ଧର୍ମୀୟ ପ୍ରତୀକ ଭାବରେ ରହିଥିଲେ। ସଙ୍ଗମ କାବ୍ୟରେ ଆମେ ଏଭଳି ରାଜାମାନଙ୍କ ବିଷୟରେ ଅନେକ ଲେଖା ପାଇଥାଉ। ରାଜାମାନେ ଶତ୍ରୁଙ୍କୁ ଆକ୍ରମଣ କରି ସେମାନଙ୍କ ଧର୍ମୀୟ ପ୍ରତୀକ ଗଛକୁ ଉପାଡ଼ି ନଷ୍ଟ କରିଦେବାର ବର୍ଣ୍ଣନା ବି ସେହି କାବ୍ୟରେ ଦେଖିବାକୁ ମିଳେ। ନେଡୁଞ୍ଚେଲ ବନବାସୀ (ଏବେ କର୍ଣ୍ଣାଟକରେ)ର କାଦମ୍ବ ରାଜବଂଶର କଦମ୍ବ ଗଛକୁ କାଟି ଦେଇଥିଲେ। ନରମୁଦି ଚେରାଲ (ଚେରା ରାଜବଂଶ) ତାଙ୍କ ଶତ୍ରୁ ନାନ୍ନା ରାଜବଂଶର ଧର୍ମୀୟ ପ୍ରତୀକ ଶିରିଶ ଗଛକୁ କାଟି ଦେବା ସହ ସେନ୍‌କଞ୍ଚୁଭାନ ମୋଗୁରର ପଲାଇଗାନଙ୍କ ନିମ୍ବଗଛକୁ ନଷ୍ଟ କରିଦେଇଥିଲେ। କୃଷ୍ଣ ଇନ୍ଦ୍ରଙ୍କ ସହ ଯୁଦ୍ଧ କରି ପାରିଜାତ ଗଛକୁ ସ୍ୱର୍ଗରୁ ପୃଥିବୀକୁ ଆଣିଥିଲେ। ନାରକାସୁରାକୁ ପରାସ୍ତ କରିବାରେ ଇନ୍ଦ୍ରଙ୍କୁ କୃଷ୍ଣ ସାହାଯ୍ୟ କରିଥିଲେ ଏବଂ ସ୍ୱର୍ଗକୁ ମୁକୁଳାଇଥିଲେ। କୃଷ୍ଣ ତାଙ୍କ ସ୍ତ୍ରୀ ସତ୍ୟଭାମାଙ୍କୁ ଖୁସି କରିବା ପାଇଁ ସ୍ୱର୍ଗରୁ ପାରିଜାତ ଗଛ ନେବାକୁ ଯେତେବେଳେ ଚାହିଁଥିଲେ, ସେତେବେଳେ ଇନ୍ଦ୍ର ଗଛକୁ ପୃଥିବୀକୁ ନେବାକୁ ମନା କରିଦେଇଥିଲେ। ଇନ୍ଦ୍ରଙ୍କୁ ଶିକ୍ଷା ଦେବା ପାଇଁ କୃଷ୍ଣ ସେହି ଗଛକୁ ବଳପୂର୍ବକ ଛଡ଼ାଇ ନେଇଥିଲେ। ପାରିଜାତ ବୃକ୍ଷ ଦେବରାଜ ଇନ୍ଦ୍ରଙ୍କ ଉପରେ କୃଷ୍ଣଙ୍କ ବିଜୟକୁ ପ୍ରତିପାଦିତ କରେ। ହନୁମାନ କଦଳୀ ବଣରେ ରୁହନ୍ତି, ଗଣେଶ ଆଖୁ ଜଙ୍ଗଲରେ ରୁହନ୍ତି, ଦେବୀ ନମ୍ବ ଏବଂ ତେନ୍ତୁଳିଗଛ ପରିପୂର୍ଣ୍ଣ ଅନ୍ଧକାର ଜଙ୍ଗଲରେ ରୁହନ୍ତି। କୃଷ୍ଣ ଫୁଲଭରା ସୁଗନ୍ଧିତ ଜଙ୍ଗଲରେ ନୃତ୍ୟ କରନ୍ତି। ଶିବ ଏବଂ ଶକ୍ତି ଖେଳର ଦେବଦାରୁ ଜଙ୍ଗଲରେ ନାଚନ୍ତି। କିନ୍ତୁ ଏହିସବୁ ଜଙ୍ଗଲ ଶୀଘ୍ର ଲୋପ ପାଇଯିବ।

-devduttofficial@gmail.com

# ଖୁସି ବନାମ ସୁଖୀ



ହରିଶଙ୍କର ମିଶ୍ର

'ବିଦୁର ନୀତି' ଭାବେ ଗୋଟିଏ ଶ୍ଳୋକ ଅଛି-
''ଅସନ୍ତୁଷ୍ଟାଃ ଦ୍ୱିଜାଃ ନଷ୍ଟାଃ ସନ୍ତୁଷ୍ଟାଶ୍ଚ ମହୀଭୃତଃ
ସଲଜ୍ଜାଃ ଗଣିକାଃ ନଷ୍ଟାଃ ନିର୍ଲଜ୍ଜାଶ୍ଚ କୁଳସ୍ତ୍ରିୟଃ।''

ଏହାର ଅର୍ଥ ହେଉଛି ଦାନ ଦକ୍ଷିଣାରେ ଅସନ୍ତୁଷ୍ଟ ହେଉଥିବା ବ୍ରାହ୍ମଣ, ରାଜ କର୍ମଚାରୀଙ୍କ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରୁଥିବା ମହୀଭୃତ ବା ରାଜା, ଲଜ୍ଜାଶୀଳା ଗଣିକା ଏବଂ ଲଜ୍ଜାହୀନା କୁଳବଧୂ ନିଜ ଓ ସମାଜ ପାଇଁ କ୍ଷତିକାରକ ହୋଇଥାନ୍ତି। ଏହି ଆପ୍ତବାକ୍ୟର ଅର୍ଥ ଯଦି ବ୍ୟାପ୍ତ କରାଯାଏ ତେବେ ବ୍ରାହ୍ମଣଙ୍କର ଧର୍ମ ହେଉଛି ସମାଜ ପାଇଁ ସର୍ବଦା ହିତ ଚିନ୍ତା କରିବା। ବ୍ରାହ୍ମଣମାନେ ପୁରୋହିତ ଭାବେ ଯଦି ପୂଜା ବା ଶ୍ରାଦ୍ଧରେ ଦାନ ଦକ୍ଷିଣା ପାଇଁ ଅସନ୍ତୁଷ୍ଟ ପ୍ରକାଶ କଲେ ତେବେ ସମ୍ପୃକ୍ତ ଯଜମାନ ପୁରୋହିତଙ୍କଠାରୁ ଦୂରେଇ ଯାଆନ୍ତି। ତେଣୁ ବ୍ରାହ୍ମଣ ସର୍ବଦା ସନ୍ତୁଷ୍ଟ ବା ଖୁସି ରହିବା ଉଚିତ୍। ରାଜା ବା ଶାସକ ସର୍ବଦା ପ୍ରଜାବତ୍ସଳ ହେବା ଆବଶ୍ୟକ। ଯଦି ପ୍ରଜାଙ୍କ ବାସ୍ତବ ସ୍ଥିତି ନ ଜାଣି ରାଜା ରାଜ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ଏବଂ ସେମାନଙ୍କ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରନ୍ତି, ତାହାର ସୁଯୋଗ ନେଇ ସେମାନେ ସ୍ୱେଚ୍ଛାଚାରୀ ହୋଇଯାଆନ୍ତି ଏବଂ ପ୍ରଜା ଓ ରାଜାଙ୍କ ମଧ୍ୟରେ ଅନ୍ତରାୟ ସୃଷ୍ଟି କରନ୍ତି। ଯେତେବେଳେ ପ୍ରଜାମାନେ ବିବିଧ ସମସ୍ୟାରେ ପୀଡ଼ିତ ହୋଇ ରାଜାଙ୍କୁ ସେମାନଙ୍କ ସମସ୍ୟା ଜଣାଇ ନ ପାରି ଅସନ୍ତୁଷ୍ଟ ହୁଅନ୍ତି ସେମାନେ ରାଜାନୁରକ୍ତ ହୁଅନ୍ତି ନାହିଁ। ରାଜ୍ୟରେ ଅରାଜକତା ସୃଷ୍ଟି ହୁଏ। ଆମେ ଜାଣିଛେ ଯେ ରାମଙ୍କ ରାଜ୍ୟ ଶାସନ ସମୟରେ ପ୍ରଜାମାନେ ସୁଖରେ କାଳାତିପାତ କରୁଥିଲେ। ତଥାପି କାଳେ କେଉଁଠି ପ୍ରଜାଙ୍କ ମନରେ ଅସନ୍ତୋଷ ଥାଇପାରେ ତାହାକୁ ସ୍ୱ ଅନୁଭବରେ ଆଣିବା ପାଇଁ ସେ ରାତିରେ ରାଜ୍ୟ ଭ୍ରମଣ କରୁଥିଲେ ଏବଂ ରଜକ ଓ ତା'ର ପତ୍ନୀଙ୍କ ମଧ୍ୟରେ କଳହର କାରଣ ଶୁଣି ସେ ନିଜର ପ୍ରାଣପ୍ରିୟା ସୀତାଙ୍କୁ ନିର୍ବାସିତା କରିଥିଲେ। ଅନେକ ପ୍ରଜାନୁରକ୍ତ ରାଜା ପ୍ରଜାମାନଙ୍କର ବାସ୍ତବ ସ୍ଥିତି ଅନୁଧ୍ୟାନ ଲାଗି ଅନ୍ଧାରିବିଜେ କରୁଥିବା ବା ନିଜସ୍ୱ ଗୁପ୍ତଚର ନିଯୁକ୍ତ କରୁଥିବାର ଉଦାହରଣ ଆମ ପୁରାଣ ଇତିହାସରେ ଅଭାବ ନାହିଁ। ରାଜାଙ୍କ ଶାସନ ପ୍ରଭାବରେ ପ୍ରଜାମାନେ ସୁଖରେ କାଳାତିପାତ କରିଲେ ସେମାନେ ରାଜସ୍ୱ ଠିକ୍ ସମୟରେ ଦେଇପାରିବେ, ଯାହାଦ୍ୱାରା ରାଜା ମଧ୍ୟ ରାଜ୍ୟର ସାମୂହିକ ଉନ୍ନତି କରିପାରିବେ। ସେଥିପାଇଁ ପ୍ରଜାମାନଙ୍କର ହାରିଗୁହାରି ଶୁଣିବା ରାଜାଙ୍କର ମୁଖ୍ୟ କର୍ତ୍ତବ୍ୟ। ସୁଖୀ ଏବଂ ଖୁସି ଏହି ଶବ୍ଦ ଦୁଇଟିର ଅର୍ଥରେ ଅନେକ ଭିନ୍ନତା ରହିଛି। ଖୁସି ସାମୟିକ। ଗୋଟିଏ ଭୂରି ଭୋଜନ କାହା ପାଇଁ ଅଯାଚିତ ଅନୁଗ୍ରହ ବା ମଦ୍ୟପର ମଦ୍ୟପାନ ସାମୟିକ ଖୁସି ଦେଇପାରେ କିନ୍ତୁ ସୁଖ ଦୀର୍ଘସ୍ଥାୟୀ। ସୁଖ ନିଶ୍ଚିତ ଖୁସି ଦେଇପାରେ ମାତ୍ର ଖୁସି ସର୍ବଦା ସୁଖ ଦେଇ ନ ପାରେ।

ରାଜତନ୍ତ୍ରର ବିଲୋପ ପରେ ଆମ ଦେଶ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଛି। ପ୍ରଜାମାନେ ନାଗରିକ ଭାବେ ନାମିତ ହୋଇଛନ୍ତି। ସେମାନଙ୍କ ସାମଗ୍ରିକ ଓ ସାମୂହିକ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ପ୍ରତ୍ୟେକ ସରକାରୀ କାର୍ଯ୍ୟବିଧି ନିର୍ଦ୍ଧାରିତ ହେବା ଆବଶ୍ୟକ। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ରାଜ୍ୟ ମୁଖ୍ୟ ଯଦି ପ୍ରଜାଙ୍କ ସୁଖଦୁଃଖ ଅନୁଭବ ନ କରି ରାଜ କର୍ମଚାରୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଅନ୍ତି ତେବେ ତାହା ଶାସନ ମୁଖ୍ୟଙ୍କ ଦୁର୍ବଳତା ବୋଲି ସେଇ ରାଜ କର୍ମଚାରୀମାନେ ଅନୁଭବ କରି ଦୁର୍ନୀତିଗ୍ରସ୍ତ ହୋଇଥାନ୍ତି। ଶାସନ ମୁଖ୍ୟ ଯଦି ନାଗରିକଙ୍କ ସାମୟିକ ଖୁସିକୁ ନିଜର ସଫଳତା ବୋଲି ଭାବନ୍ତି ତେବେ ଜଣେ ଦୁର୍ବଳ ଓ ନିର୍ଭରଶୀଳ ଶାସକ ଭାବେ ଇତିହାସରେ ସ୍ଥାନିତ ହେବା ନିଶ୍ଚିତ। ଏତଦ୍‌ବ୍ୟତୀତ ରାଜ କର୍ମଚାରୀଙ୍କ ଉପରେ ଯେଉଁ ଶାସକଙ୍କ ଲଗାମ ଯେତେ ଶକ୍ତ ସେଠାରେ ରାଜ କର୍ମଚାରୀ ସେତିକି ନିୟନ୍ତ୍ରିତ ଏବଂ ନାଗରିକ କଲ୍ୟାଣ ତତୋଧିକ ଲୋକାଭିମୁଖୀ। ଏଠାରେ ପ୍ରକାଶଯୋଗ୍ୟ, ନାଗରିକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦାୟିତ୍ୱ ସରକାରଙ୍କର। ସେଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ଭିତ୍ତି ସୁଦୃଢ଼ ସହ କୃଷି, କାରିଗରି କୌଶଳୀ ନାଗରିକଙ୍କୁ କାର୍ଯ୍ୟକ୍ଷମ କରାଇପାରିଥିବା ଶାସନ ମୁଖ୍ୟଙ୍କୁ ଇତିହାସ ନିଶ୍ଚିତ ସ୍ୱତନ୍ତ୍ର ସ୍ଥାନ ଦେବ। କିନ୍ତୁ ସ୍ୱାର୍ଥ ପାଇଁ କୌଣସି ଯୋଜନା ବା ଅଯାଚିତ ଦାନ ବା ଅନୁଗ୍ରହ ନିଶ୍ଚିତ ରାଜଧର୍ମବିରୋଧୀ। ଗଣତାନ୍ତ୍ରିକ ଶାସନରେ ରାଜ୍ୟର ପ୍ରତିଟି ଆୟ ଓ ବ୍ୟୟ ଜାଣିବାର ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି। ଛଳନା, ମିଥ୍ୟା, ପକ୍ଷପାତିତା ବା ନାଗରିକଙ୍କୁ କର୍ମତତ୍ପର ନ କରିବା ମଧ୍ୟ ରାଜଧର୍ମ ବିରୋଧୀ। ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ମୁଖ୍ୟ ସମସ୍ତ ନାଗରିକ ଖୁସିରେ କାଳାତିପାତ କରୁଥିବା ଭାବନାରେ କେବେବି ସନ୍ତୋଷ ପ୍ରକାଶ କରିବା ଅନୁଚିତ୍।

**ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

## ଏଇ ଭାରତରେ

ସାହସ ଓ ଦୃଢ଼ ଇଚ୍ଛାଶକ୍ତି ସାମ୍ନାରେ ବୟସ ହାରିଯାଏ, ଯାହାର ଉଦାହରଣ ହେଉଛନ୍ତି ରାଜସ୍ଥାନ ଜୟପୁରର ନିରୁ ସାଲୁଜା। ୭୦ ବର୍ଷ ବୟସ୍କ ସାଲୁଜା ଏବେ ସୁଦ୍ଧା ୮୦ଟି ଦେଶ ଭ୍ରମଣ କରିସାରିଲେଣି ଓ ତାହା ଜାରି ରଖିଛନ୍ତି। ସବୁଠୁ ବଡ଼ କଥା ହେଉଛି, ଏତେସବୁ ଦେଶ ସେ ଏକୁଟିଆ ହିଁ ଯାତ୍ରା କରିଛନ୍ତି। ଅନେକ ଦେଶରେ ଥିବା ଅତି ଭୟଙ୍କର ସ୍ଥାନକୁ ମଧ୍ୟ ସେ ଯାଇଛନ୍ତି। କେବଳ ଏତିକି ନୁହେଁ ବିଶ୍ୱର ସବୁଠୁ ଜଣାଶୁଣା ପ୍ରଶାନ୍ତ ମହାସାଗରରେ ଥିବା ଗାଲାପାଗୋସ ଦ୍ୱୀପ ଦକ୍ଷିଣ ସାଇବେରିଆର ବୈକାଲ ହ୍ରଦକୁ ଯାଇଛନ୍ତି। ନିରୁ ଜଣେ ଅବସରପ୍ରାପ୍ତ ପ୍ରାଧ୍ୟାପକ। ତାଙ୍କ ସ୍ୱାମୀ ମଧ୍ୟ ସେହି ପେସାରେ ଥିଲେ ଓ ୨୦୨୦ରେ ତାଙ୍କ ମୃତ୍ୟୁ ହେବା ପରେ ସେ ୧୪ ବର୍ଷ ହେଲା ଏଭଳି ଦେଶ ଭ୍ରମଣ କରି ଆସୁଛନ୍ତି। ନିରୁଙ୍କ ସ୍ୱାମୀ ଦୁଃସାହସିକ କାର୍ଯ୍ୟକୁ ପସନ୍ଦ କରୁଥିବାରୁ ସେ ଏହା ଜାରି ରଖିବାକୁ ଚାହିଁଥିଲେ ଓ କରୁଛନ୍ତି ମଧ୍ୟ। ସେ ମେଲବୋର୍ନରେ ୧୨,୦୦୦ ଫୁଟ୍‌ରୁ ସ୍କାଏ ଡାଇଭିଂ କରିବା ସହ ବହୁ ଦୁର୍ଗମ ଜଙ୍ଗଲରେ ଭ୍ରମଣ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୫ ଜାନୁଆରୀ ୧୯୭୫**

- ବମ୍ବେର ୱାଙ୍ଖଡେ ଷ୍ଟାଡିୟମ୍‌ରେ ପୋଲିସ-ଜନତା ସଂଘର୍ଷ ଯୋଗୁ କ୍ରିକେଟ ମ୍ୟାଚ୍ ବନ୍ଦ।
- ଲକ୍ଷ୍ନୌ ଅନ୍ତର୍ଗତ ପଥୋରାଗଡ଼ଠାରୁ ୮ କିଲୋମିଟର ଦୂରରେ ଏକ ଯାତ୍ରୀବାହୀ ବସ୍ ପ୍ରାୟ ୯୦ ମିଟର ଗଭୀର ଖାତକୁ ଖସିପଡ଼ିବା ଫଳରେ ୩୦ ଯାତ୍ରୀଙ୍କ ମୃତ୍ୟୁ।
- ଭାରତ ଓ ପାକିସ୍ତାନ ମଧ୍ୟରେ ପୂର୍ବରୁ ସ୍ୱାକ୍ଷରିତ ହୋଇଥିବା ପ୍ରୋଟୋକଲକୁ ଭିତ୍ତିକରି ଏକ ନୂତନ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | |
| 6 | | | 7 | | 5 | | | |
| | | | | | | 1 | | 5 |
| | | | 6 | | | | 3 | 1 |
| | 2 | | 3 | | | | 8 | |
| 8 | | | | | 2 | | | 6 |
| | | | | | | | 9 | 8 |
| 5 | | | 1 | 7 | | | | 3 |
| 7 | 6 | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 5 | 6 | 7 | 3 | 9 | 4 | 8 |
| 6 | 7 | 8 | 4 | 2 | 9 | 1 | 5 | 3 |
| 3 | 4 | 9 | 1 | 8 | 5 | 7 | 2 | 6 |
| 7 | 3 | 1 | 8 | 9 | 4 | 2 | 6 | 5 |
| 8 | 5 | 4 | 2 | 6 | 1 | 3 | 9 | 7 |
| 2 | 9 | 6 | 3 | 5 | 7 | 8 | 1 | 4 |
| 5 | 1 | 7 | 9 | 3 | 6 | 4 | 8 | 2 |
| 4 | 6 | 2 | 7 | 1 | 8 | 5 | 3 | 9 |
| 9 | 8 | 3 | 5 | 4 | 2 | 6 | 7 | 1 |

ଗତକାଲିର ଉତ୍ତର

# ମଣିଷ ଓ ପଶୁ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବିଶିଷ୍ଟ ଲେଖକ ଚାର୍ଲସ୍ ଏଣ୍ଡରସନ୍ ଡାନି କହିଥିଲେ କୁକୁର ମଣିଷକୁ କାମୁଡ଼ିଲେ ତାହା ସମ୍ବାଦ ପଦବାଚ୍ୟ ହୁଏ ନାହିଁ, ମାତ୍ର ମଣିଷ କୁକୁରକୁ କାମୁଡ଼ିଲେ ତାହା ହୁଏ ସମ୍ବାଦ। ଲୋକଙ୍କ ସମ୍ବାଦକ୍ଷୁଧା ମେଣ୍ଟାଇବା ପାଇଁ ବେଳେବେଳେ କିଛି ସମ୍ବାଦପତ୍ର ଅଚିରାଚରିତ ଘଟଣା ପରିବେଷଣ କରି ହଟଚମଟ ସୃଷ୍ଟି କରନ୍ତି। ଅବଶ୍ୟ ତଦ୍ଦ୍ୱାରା କିଛି ସକାରାତ୍ମକ ପ୍ରଭାବ ମଧ୍ୟ ପଡ଼େ। କିଛି ମାସ ତଳେ ଗଞ୍ଜାମ ଜିଲାରେ ଏହିଭଳି ଘଟଣାଟିଏ ଖବରକାଗଜରେ ଶୀର୍ଷକ ପାଲଟିଥିଲା। ଶୀର୍ଷକଟି ଥିଲା 'ଡାଳି ଖାଇ ଛେଳି ଗିରଫ'। ଛେଳିଟିଏ ବନ ବିଭାଗଦ୍ୱାରା ରୋପିତ ହୋଇଥିବା ଗଛର କିଛି କଅଁଳ ପତ୍ର ଖାଇଦେବାରୁ ବନବିଭାଗ ଅଧିକାରୀ ତାକୁ ଗିରଫ କଲେ। ଯିଏ ନିୟମ ଭଙ୍ଗ କରି ନିଷିଦ୍ଧ କର୍ମକରେ ସେ ଅପରାଧୀ ବିବେଚିତ ହୁଏ ଓ ଦଣ୍ଡପାଏ। ମାତ୍ର ଛେଳି କ୍ଷୁଧା ନିବାରଣ କରିବା ପାଇଁ ପ୍ରବୃତ୍ତିଚାଳିତ ହୋଇ ପତ୍ରଖାଏ। ନୀତି, ନୈତିକତା ଧାରଣା ତା'ର ନ ଥାଏ। ସେ ଜାଣେ ନାହିଁ କେଉଁ ଗଛର ପତ୍ର ଖାଇବା ତା' ପାଇଁ ନିଷିଦ୍ଧ। ମଣିଷ ଜାଣେ ଛେଳିର ଏହି ବିଚାର ଶକ୍ତି ନାହିଁ। ତା'ସତ୍ତ୍ୱେ ବନ ବିଭାଗର ଅଧିକାରୀ ତାକୁ କିପରି ଅପରାଧୀ ବିବେଚନା କରି ଗିରଫ କଲେ ତାହା ଏକ ପ୍ରଶ୍ନବାଚୀ। ଅତୀତରେ ପାଶ୍ଚାତ୍ୟରେ ବିଚାରାଳୟମାନେ ପଶୁପକ୍ଷୀଙ୍କୁ ଅପରାଧୀଭାବେ ବିଚାର କରି ଜେଲଦଣ୍ଡ ବା ପ୍ରାଣଦଣ୍ଡ ଦେଉଥିଲେ। ୧୯୩୪ରେ ନର୍ମାଣ୍ଡିରେ ଘୁଷୁରିଟିଏ ଏକ ଅସହାୟ ମଣିଷ ପିଲାକୁ ଖାଇଦେବାରୁ ତାକୁ ଫାଶୀ ଦିଆଯାଇଥିଲା। ୧୯୦୬ରେ ସୁଇଜରଲାଣ୍ଡରେ ଦୁଇଜଣ ଭାଇ ଓ ସେମାନଙ୍କ ପୋଷାକୁକୁର ଜଣେ ଲୋକଙ୍କୁ ହତ୍ୟା କରିବାରୁ ଦୁଇଭାଇଙ୍କୁ ଆଜୀବନ କାରାଦଣ୍ଡ ଓ କୁକୁରକୁ ପ୍ରାଣଦଣ୍ଡ ଦିଆଯାଇଥିଲା। ୧୯୭୪ରେ ଉତ୍ତର ଆଫ୍ରିକାରେ ଜଣେ ଭଦ୍ରଲୋକଙ୍କୁ କୁକୁରଟିଏ କାମୁଡ଼ି ଏକ ମାସର କାରାଦଣ୍ଡ ଭୋଗିଥିଲା। ୧୯୭୬ରେ ଇଂଲଣ୍ଡର ଏକ ବିଚାରାଳୟ ଦୁଇଜଣ ଶିଶୁ ଓ ଗୋଟିଏ ଛେଳିକୁ କାମୁଡ଼ି ଦେଇ ଗୋଟିଏ କୁକୁର ପ୍ରାଣଦଣ୍ଡ ପାଇଥିଲା। ଏହିଭଳି ନିରୀହ ପଶୁମାନଙ୍କୁ ଦଣ୍ଡବିଧାନ କରି ମଣିଷ କେତେଦୂର ଠିକ୍ କରିଛି ତାହା ମଧ୍ୟ ପ୍ରଶ୍ନବାଚୀ।

ଷୋଡ଼ଶ ଶତାବ୍ଦୀରେ ଫ୍ରାନ୍ସରେ ବାର୍ଥୋଲୋମିଓ ଚାସେନୀ ନାମକ ଜଣେ ଓକିଲ ପଶୁପକ୍ଷୀଙ୍କ ଓକିଲ ଭାବରେ ଜଣାଶୁଣା ଥିଲେ। ଥରେ ସେ ଏକ ବାର୍ଲିଖେତ ଧ୍ୱଂସ କରିଥିବା ଏକ ମୂଷାଦଳଙ୍କ ସପକ୍ଷରେ ଲଢ଼ିଥିଲେ। ମୂଷାଦଳଟିଏ କ୍ଷୁଧାତୁର ହୋଇ ବାର୍ଲିଖେତରେ ପଶିଲେ। ସେମାନେ ଜମିମାଲିକକୁ ଜାଣନ୍ତି ନାହିଁ କି ସେହି ଅଞ୍ଚଳ ନିଷିଦ୍ଧ ବୋଲି ବି ଜାଣନ୍ତି ନାହିଁ। ନିରୀହ ମୂଷାମାନେ ପ୍ରବୃତ୍ତିଚାଳିତ ହୋଇ ସେହି ଜମିରେ ପ୍ରବେଶ କରି ଶସ୍ୟ ଖାଇବାରୁ ଜମି ମାଲିକ ତାହା ଅନଧିକାର ପ୍ରବେଶ ମନେକରି ସେମାନଙ୍କ ଏହି ଅପରାଧ ବିରୋଧରେ ବିଚାରାଳୟରେ ଅପିଲ କରିଥିଲେ। ଫଳସ୍ୱରୂପ ସମ୍ପୃକ୍ତ ଅଞ୍ଚଳରେ ଲିଖିତ ସମନ ଗଛରେ ଟାଙ୍ଗି ଦିଆଯାଇଥିଲା ଓ ଉଚ୍ଚସ୍ୱରରେ ନିର୍ଦ୍ଦିଷ୍ଟ ତାରିଖରେ କଚେରିରେ ଉପସ୍ଥିତ ହେବାପାଇଁ ଘୋଷଣା କରାଯାଇଥିଲା। ଦେଖାଗଲା ନିର୍ଦ୍ଦିଷ୍ଟ ଦିନ ମୂଷାମାନେ ଉପସ୍ଥିତ ହେଲେ ନାହିଁ। ଓକିଲ ଚାସେନୀ ଦର୍ଶାଇଲେ ଅଭିଯୋଗକାରୀଙ୍କ ସମର୍ଥକ ଦଳେ ବିଲେଇ ବାଟରେ ମୂଷାମାନଙ୍କୁ



ଜଗି ରହିଥିବାରୁ ମୂଷାମାନେ ଆସିପାରୁନାହାନ୍ତି। ଯଦି ଅଭିଯୋଗକାରୀଙ୍କ ଓକିଲ ଗ୍ୟାରେଣ୍ଟି ଦେବେ ଯେ ସେହି ବିଲେଇମାନେ ମୂଷାମାନଙ୍କ କ୍ଷତି କରିବେ ନାହିଁ, ତା'ହେଲେ ମୂଷାମାନେ ଆସିବେ। ସେହି ଗ୍ୟାରେଣ୍ଟି ଅର୍ଥ ଆକାରରେ ଜମା ରହୁ ବୋଲି ଦାବି କରାଯିବାରୁ ଅଭିଯୋଗକାରୀ ରାଜିହେଲେ ନାହିଁ ଓ ମାମଲା ଖାରଜ ହେଲା।

ଅତୀତର ଏହିସବୁ ଘଟଣା ପ୍ରତିପାଦନ କରେ ଯେ ପଶୁପକ୍ଷୀଠାରୁ ମଣିଷ ସୁଲଭ ବିବେକ ଓ ବ୍ୟବହାର ଆଶା କରୁଛି। ମାତ୍ର ବିବେକ ବା ବିଚାରଶକ୍ତିବିହୀନ ନିରୀହ ପଶୁମାନଙ୍କୁ ବିବେକବାନ ମଣିଷ ନିଜ ସହ ସମାନ ମନେକରି ସେମାନଙ୍କୁ ଦଣ୍ଡବିଧାନ କରିବା ଦ୍ୱାରା ସେ ନିଜକୁ ପଶୁଠୁ ଅଭିନ୍ନ ବୋଲି ପ୍ରମାଣିତ କରୁଛି। ସେଥିପାଇଁ ବୋଧହୁଏ ଅତୀତର ବିଶିଷ୍ଟ ଚିନ୍ତାବିତ୍‌ମାନେ ମଣିଷର ସଂଜ୍ଞା ନିର୍ଦ୍ଧାରଣ କଲାବେଳେ 'ପଶୁ' ଶବ୍ଦଟିକୁ ବାରମ୍ବାର ବ୍ୟବହାର କରିଛନ୍ତି। ଆରିଷ୍ଟଟଲ କହିଥିଲେ, ମଣିଷ ହେଉଛି ଏକ ରାଜନୈତିକ ପଶୁ। ଏଡ୍‌ମଣ୍ଡ ବର୍କ କହିଥିଲେ ମଣିଷ ହେଉଛି ଧର୍ମନୈତିକ ପଶୁ ଓ ବେଞ୍ଜାମିନ୍ ଫ୍ରାଙ୍କଲିନ କହିଥିଲେ ମଣିଷ ହେଉଛି କଳକବ୍‌ଜା ତିଆରି କରିପାରୁଥିବା ପଶୁ। ଅତୀତରେ ସେହି ମନୀଷୀମାନଙ୍କ ଦ୍ୱାରା ବ୍ୟବହୃତ ଶବ୍ଦ 'ପଶୁ'କୁ ମଣିଷର ସଂଜ୍ଞାରୁ ବାଦ୍‌ଦେବା ସମୟ ବୋଧହୁଏ ଏବେ ମଧ୍ୟ ଆସିନାହିଁ।

ଏହି ପ୍ରସଙ୍ଗରେ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଏକ କ୍ଷୁଦ୍ର କାହାଣୀ। ଏକ ପୋଷା ମାଙ୍କଡ଼ ମାଲିକ କବଳରୁ ଖସିଆସି ପ୍ରବେଶ କଲା ଅରଣ୍ୟ ଭିତରେ। ସେହି ଅରଣ୍ୟର ଜୀବଜନ୍ତୁ ପୂର୍ବରୁ ମାଙ୍କଡ଼ ଦେଖି ନ ଥିଲେ। ମାଙ୍କଡ଼ଟି ଗୋଟିଏ ଡାଳରୁ ଆଉ ଏକ ଡାଳକୁ ଡେଇଁଥିବାର ଦେଖି ଓ ତା'ର ମଣିଷ ସହ ସାଦୃଶ୍ୟ ଦେଖି ସେ ପ୍ରକୃତରେ ପକ୍ଷୀ ନା ମଣିଷ ସେମାନେ ବୁଝିପାରିଲେ ନାହିଁ। ସେମାନେ ତାକୁ ପଚାରିଲେ 'ତୁମେ ପ୍ରକୃତରେ କିଏ ?' ମାଙ୍କଡ଼ଟି କହିଲା, ''ମୋ ପୂର୍ବ ପୁରୁଷମାନେ ମନୁଷ୍ୟ ଥିଲେ। ମାତ୍ର ବିବର୍ତ୍ତନ ନିୟମରେ ମନୁଷ୍ୟ ଭିତରୁ ମୋ ଭଳି ନୂଆ ଜୀବଟିଏ ସମ୍ଭବ ହୋଇଛି। ମୋର ନାମ ମାଙ୍କଡ଼।'' ତାକୁ ତା'ର ମାଲିକ ପିନ୍ଧାଇଥିବା ଏକ ମାଳିକୁ ଦେଖାଇ ସେ କହିଲା, 'ମୋତେ ମଣିଷମାନେ ପୂଜା ବି କରନ୍ତି।' ଅରଣ୍ୟର ସମସ୍ତ ପ୍ରାଣୀ ତା' କଥାକୁ ବିଶ୍ୱାସ କରି ତାକୁ ସମ୍ମାନ ପ୍ରଦର୍ଶନ କଲେ। ସକାଳ ହୁଅନ୍ତେ ତା'ର ମାଲିକ ତାକୁ ଖୋଜି ଖୋଜି ଆସି ସେଠାରେ ପହଞ୍ଚିଲା ଓ ତାକୁ ଧରିନେଇ କାନ୍ଧରେ ବସାଇ ଚାଲିଗଲା। ପ୍ରାଣୀମାନେ ଏହି ଦୃଶ୍ୟ ଦେଖି ଚିନ୍ତା କଲେ ଯଦି ମଣିଷ ତାକୁ ଆୟତ୍ତ କରିପାରିଲା ମାଙ୍କଡ଼ କେବେ ମଣିଷଠାରୁ ବଡ଼ ହୋଇପାରିବ ନାହିଁ। ମାତ୍ର ଜଣେ ପ୍ରାଣୀ କହିଲା, ''କିନ୍ତୁ ମଣିଷର କାନ୍ଧରେ ବସି ମାଙ୍କଡ଼ (ପଶୁ) ମଣିଷର ପ୍ରଭୁ ହୋଇଗଲା। ଏଣୁ ମାଙ୍କଡ଼ ବଡ଼।'' ସେହି ଦିନଠାରୁ ବିତର୍କ ଚାଲିଛି କିଏ ବଡ଼- ମାଙ୍କଡ଼ ନା ମଣିଷ ? ଆଜି ବି ବୋଧହୁଏ ମଣିଷ ଉପରେ ପଶୁତ୍ୱ ସବାର ହୋଇଛି। ଏଣୁ ମଣିଷ ଅପରାଧ ବିଚାରକଲା ବେଳେ ନିରୀହ ପଶୁମାନଙ୍କ ପ୍ରତି ସମାନ ମାନଦଣ୍ଡ ପ୍ରୟୋଗ କରୁଛି ଓ ନିଜକୁ ପଶୁଠାରୁ ଅଭିନ୍ନ ପ୍ରତିପାଦିତ କରୁଛି।

ବୋଧହୁଏ ଏ ପର୍ଯ୍ୟନ୍ତ ମଣିଷର ଚେତନାରେ ଉତ୍ତରଣ ପ୍ରକ୍ରିୟାର ଶେଷ ହୋଇନାହିଁ। ଅତୀତରେ ଗ୍ରୀକ୍ ଦାର୍ଶନିକ ଡାୟୋଜିନିସ ସ୍ପଷ୍ଟ ଦିବାଲୋକରେ ଲଣ୍ଠନ ଧରି ବୁଲୁଥିଲେ। ଲୋକେ ଏହାର କାରଣ ପଚାରିଲେ ସେ କହୁଥିଲେ, 'ମଣିଷ ଖୋଜୁଛି'। ଏବେ ବି ସେହି ମଣିଷ ଖୋଜାର ଅନ୍ତ ହୋଇନାହିଁ। ସେ ଯାହା ହେଉ, ସୁଖର କଥା ଯେ ଗଣମାଧ୍ୟମରେ ଛେଳି ଗିରଫ ହେବା ବିଷୟ ପ୍ରସାରିତ ହେବାପରେ ବନବିଭାଗ ଛେଳିଟିକୁ ମୁକ୍ତ କରିଦେଲେ। ଆଶା କରିବା, ମଣିଷର ଚେତନାର ଆହୁରି ଉତ୍ତରଣ ହେଉ।

**ମୋ:୯୪୩୭୩୨୯୨୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ହିଟ୍ ଆଣ୍ଡ ରନ୍‌କୁ ବିରୋଧ କାହିଁକି

ମହାଶୟ,

ଦେଶରେ ପ୍ରତି ଘଣ୍ଟାରେ ୧୮ ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଏହାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର କଠୋର ଦଣ୍ଡବିଧାନର ବ୍ୟବସ୍ଥା କରିଛନ୍ତି। ଯଦି କୌଣସି ଗାଡ଼ିଚାଳକ କାହାକୁ ବି ଆଘାତ ଦେଇ ରାସ୍ତା ମଝିରେ ଗାଡ଼ି ଛାଡ଼ି ଚାଲିଯାଉଛନ୍ତି ସେଥିପାଇଁ ୧୦ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା ସହ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଦୁର୍ଘଟଣା ପରେ ପୋଲିସ କିମ୍ବା ଆମ୍ବୁଲାନ୍ସକୁ ଖବର ନ ଦେବା ନିହାତି ଭାବରେ ଅମାନବୀୟ କାର୍ଯ୍ୟ। ସେଥିପାଇଁ ଏପରି କଠୋର ପଦକ୍ଷେପ ସରକାର ନେଇଛନ୍ତି। ଏହାକୁ ନେଇ ଆଜି ଯେଉଁ ହରତାଳ ହେଉଛି ତାହା କେତେଦୂର ଗ୍ରହଣୀୟ ଜଣାପଡୁନାହିଁ। ଅବଶ୍ୟ ସରକାରଙ୍କ ସହ ଆଲୋଚନା ପରେ ରାଜ୍ୟରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ମାତ୍ର ଜୀବନ ନେବାର ଅଧିକାର କାହାର ନାହିଁ।

**-ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୀରବ ପ୍ରୀତି ଲୁଚାଇ ପ୍ରାଣେ
ନଦୀଟି ବହେ କେତେ ସେ ବାଙ୍କେ,
ସଞ୍ଜ ଆଗମେ ନୀରବ ଧରା !
ପକ୍ଷୀଟି ନାହିଁ ଡାକଇ ଶାଖେ।
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ




## ପ୍ରକୃତି, ସଂସ୍କୃତି, ପ୍ରଗତିର ସମନ୍ୱୟ
# ମା’ ସମଲେଇ



ପ୍ରକୃତି, ସଂସ୍କୃତି ଓ ପ୍ରଗତି ଏହି ତିନୋଟି ଉପାଦାନର ସମନ୍ୱୟ ହେଉଛନ୍ତି ମା’ ସମଲେଶ୍ୱରୀ। ମହାନଦୀ କୂଳେ ସମ୍ଭୂତା ମାତା ସମଲେଶ୍ୱରୀଙ୍କ ମନ୍ଦିର ନିକଟରେ ନିର୍ମିତ ହୋଇଛି ଆଳତି ଘାଟ। ପଶ୍ଚିମ ଓଡ଼ିଶାର ଜୀବନରେଖା ଭାବେ ମହାନଦୀ ବିଶେଷ ସ୍ଥାନ ପାଇଛି। ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ଐତିହାସିକ କାବ୍ୟ ତପସ୍ୱିନୀରେ ମହାନଦୀ ସମ୍ବନ୍ଧୀୟ ସେହି ଅମର ପଦ ‘‘ଥାଉ ଗିରୀନ୍ଦ୍ର ସୁତା ସେ ବିଷ୍ଣୁପଦୀ, ତୋ ଦତ୍ତ ଉପାଧିରେ ମୁଁ ମହାନଦୀ’’। ମହାନଦୀର ସେହି ପୁରାଣ ପ୍ରସିଦ୍ଧ ଅମ୍ଳାନ ବୈଶିଷ୍ଟ୍ୟତାକୁ ଅନୁଭବ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାନଦୀ ଆଳତି ପାଇଁ ଏକ ଘାଟ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଉ ଏହାକୁ ବାସ୍ତବ ରୂପ ଦେବା ପାଇଁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସ୍ୱତନ୍ତ୍ରଭାବେ ଚେଷ୍ଟିତ ରହି ଆସିଛନ୍ତି।

୨୭ ତାରିଖ ସନ୍ଧ୍ୟାରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ନିଜେ ଉପସ୍ଥିତ ରହି ମହାନଦୀ ଆଳତି କରି ମା’ ସମଲେଶ୍ୱରୀ ଓ ମହାନଦୀ ପ୍ରତି ନିଜ ଭକ୍ତି ନୈବେଦ୍ୟ ଅର୍ପଣ କରିବେ। ଆଳତି ଦେଖିବା ପାଇଁ ନିର୍ମିତ ହୋଇଥିବା ସ୍ଥାନରେ ପ୍ରାୟ ୨ହଜାର ଲୋକ ଉପସ୍ଥିତ ରହି ମହାନଦୀ ଆଳତିର ଆଧ୍ୟାତ୍ମିକ ଅନୁଭବ ପ୍ରାପ୍ତ ହୋଇପାରିବେ। ଏଥିପାଇଁ ପ୍ରାୟ ସାଢ଼େ ୩ଶହ ମିଟର ବିଶିଷ୍ଟ ଏକ ସ୍ଥାୟୀ ମଞ୍ଚ ନିର୍ମାଣ ହୋଇଛି। ମହାନଦୀ ଆଳତି ଦର୍ଶନ ପାଇଁ ଏହାକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଜୋନ୍‌ରେ ସାମିଲ ହେଉଥିବା ଭକ୍ତଙ୍କୁ ଖରା, ବର୍ଷାରୁ ସୁରକ୍ଷା ଦେବା ପାଇଁ ଏଠାରେ ୩୦ ମିଟର୍ ବିଶିଷ୍ଟ ତିନୋଟି ସ୍ଥାୟୀ ଶେଡ୍ ନିର୍ମାଣ ହୋଇଛି।

## ଦେଢ଼ବର୍ଷରେ ରୂପାନ୍ତରଣ

ସମ୍ବଲପୁର ଆରାଧ୍ୟା ଦେବୀ ମାଁ ସମଲେଇଙ୍କ କରୁଣା ଓ ଭାବାବେଗ ସହିତ ଜଡ଼ିତ ସମଗ୍ର ପଶ୍ଚିମ ଓଡ଼ିଶାବାସୀ ଉତ୍ସୁକତାର ସହ ଆସନ୍ତା ୨୭ ତାରିଖକୁ ଅପେକ୍ଷା କରି ରହିଛନ୍ତି। ଏହି ଦିନ ମା’ ସମଲେଇ ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ୨୦୨୨ ଜୁଲାଇରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ରୂପାନ୍ତରଣ କାର୍ଯ୍ୟକୁ ଶେଷ ସ୍ପର୍ଶ ଦେବାକୁ ଶିଳ୍ପୀମାନେ ବ୍ୟଗ୍ର ହୋଇ ଉଠିଛନ୍ତି। ମାତ୍ର ଦେଢ଼ ବର୍ଷର ରେକର୍ଡ ସମୟ ମଧ୍ୟରେ ଏହି ରୂପାନ୍ତରଣ କାର୍ଯ୍ୟ ସମ୍ପନ୍ନ ହେବାକୁ ଯାଉଛି। ଏଥିପାଇଁ ସମ୍ବଲପୁରବାସୀ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି ନିର୍ମାଣ କାର୍ଯ୍ୟ। ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣ କାର୍ଯ୍ୟରେ ରାଜ୍ୟର ବିଭିନ୍ନ ପୁରାତନ ମନ୍ଦିର ଭଳି କେବଳ ଓଡ଼ିଶାରେ ଉପଲବ୍ଧ ନାଲି ଖଣ୍ଡୋଲାଇଟ୍ ଶିଳା ବ୍ୟବହୃତ ହୋଇଛି। ଫଳରେ ସମ୍ପୂର୍ଣ୍ଣ ମନ୍ଦିର ପରିସରଟି ପୁରାତନ ପ୍ରସ୍ତର ଯୁଗର ଭାସ୍କର୍ଯ୍ୟକଳା ସହ ଆଧୁନିକତାର ସମନ୍ୱୟ ଦେଖିବାକୁ ମିଳିଛି।

## ଆଧ୍ୟାତ୍ମିକ ବିସ୍ମୟର ପ୍ରତୀକ ‘ଦୀପଘର’

ଦେବୀ ଆରାଧନାରେ ଅଖଣ୍ଡ ଦୀପ ପ୍ରଜ୍ୱଳନର ପରମ୍ପରା ରହିଛି। କାହିଁ ଦୂର ଦୂରାନ୍ତରୁ ଭକ୍ତମାନେ ଆସି ମା’ ସମଲେଶ୍ୱରୀଙ୍କଠାରେ ଅଖଣ୍ଡ ଦୀପ ଜାଳିଥାନ୍ତି। ସମର୍ପିତମନରେ ମା’ଙ୍କୁ ଦୀପ ଅର୍ପଣ କଲେ ଭକ୍ତଙ୍କ ମନୋବାଞ୍ଛା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ପୂର୍ବରୁ ବର୍ଷା ଓ କୋହଲା ପାଗରେ ଏହି ଅଖଣ୍ଡ ଦୀପ ପ୍ରଜ୍ୱଳନ ପାଇଁ ଭକ୍ତମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେହି ସମସ୍ୟାର ପୂର୍ଣ୍ଣକାଳୀନ ସମାଧାନ ପାଇଁ ମା’ଙ୍କ ମନ୍ଦିରରେ ନିର୍ମିତ ଏହି ଦୀପ ଘରେ ଏକକାଳୀନ ୬,୦୦୦ ଦୀପ ପ୍ରଜ୍ୱଳିତ ହେଇପାରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସେହି ଐତିହାସିକ ନିଷ୍ପତ୍ତି ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ପାଇଁ କୋଭିଡ୍-୧୯ ମହାମାରୀ ଝଡ଼ ଝଞ୍ଜାର ସମ୍ମୁଖୀନ ହୋଇ ମଧ୍ୟ ଏକ ରେକର୍ଡ ସମୟ ମଧ୍ୟରେ କାର୍ଯ୍ୟ ଶେଷ ହୋଇ ସମଲେଇ ପ୍ରକଳ୍ପର ଲୋକାର୍ପଣ ହେବାକୁ ଯାଉଛି।



# ଯଜ୍ଞ, ଚଣ୍ଡୀପାଠରେ ପ୍ରକମ୍ପିତ ହେବ ପୀଠ



ପଶ୍ଚିମ ଓଡ଼ିଶାର ଆଧ୍ୟାତ୍ମିକ ଭାବାବେଗର ପ୍ରାଣକେନ୍ଦ୍ର ହେଉଛନ୍ତି ମା’ ସମଲେଶ୍ୱରୀ। ସମଗ୍ର ବିଶ୍ୱରେ ଯେଉଁଠି ବି ବସବାସ କରୁଥିଲେ ସୁଦ୍ଧା ପଶ୍ଚିମ ଓଡ଼ିଶାବାସୀ ସଦାସର୍ବଦା ମା’ ସମଲେଶ୍ୱରୀଙ୍କ ପ୍ରତି ନିଜ ଭକ୍ତି ଓ ଶ୍ରଦ୍ଧା ଭାବ ଅର୍ପଣ କରିଥାନ୍ତି। ସେହି ଭକ୍ତି ଓ ଶ୍ରଦ୍ଧା ହେଉଛି ସମଲେଇ ପ୍ରକଳ୍ପର ମୂଳ ଉପାଦାନ ଓ ଆଧାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହି ଆଧାରକୁ ହିଁ ସଂକଳ୍ପରୂପେ ଗ୍ରହଣ କରିଥିଲେ। ଆସନ୍ତା ୨୭ ତାରିଖରେ ଏହି ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଉପଲକ୍ଷେ ଯଜ୍ଞ ଓ ଚଣ୍ଡୀପାଠ ଅନୁଷ୍ଠିତ ହେବ। ପଶ୍ଚିମ ଓଡ଼ିଶାର ୧୧ଟି ଜିଲାରୁ ଯଜ୍ଞ ଓ ଚଣ୍ଡୀ ପାଠରେ ବିଶିଷ୍ଟ ଭାବେ ଯୋଗ୍ୟତା ହାସଲ କରିଥିବା ବ୍ରାହ୍ମଣମାନେ ଆସି ଏହି ଆଧ୍ୟାତ୍ମିକ କାର୍ଯ୍ୟର ଅନୁଷ୍ଠାନ କରିବେ। ମୁଖ୍ୟମଣ୍ଡପ ଓ ଅନ୍ୟ ୪ଟି ମଣ୍ଡପରେ ହୋମଯଜ୍ଞ ହେବ। ମା’ଙ୍କ ଆରାଧନାରେ ସ୍ୱତନ୍ତ୍ର ଭାବେ ଚଣ୍ଡୀପାଠର ମଧ୍ୟ ଅନୁଷ୍ଠାନ ହେବ। ୩୧ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶର ଉନ୍ନତି ବିଶ୍ୱଶାନ୍ତି ମାନବ ଜାତିର କଲ୍ୟାଣ ପାଇଁ ମା’ ସମଲେଶ୍ୱରୀଙ୍କ ବିଶେଷ ଆରାଧନା ହେବ। ମା’ଙ୍କର ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭାବାବେଗକୁ ବିଶେଷ ଭାବେ ଧ୍ୟାନ ଦିଆଯାଇ ସମଗ୍ର ପଶ୍ଚିମ ଓଡ଼ିଶାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କଠୁ ସିନ୍ଦୂର ଓ ଚୂନେରୀ ସଂଗୃହୀତ ହୋଇ ଗ୍ରାମ ଦେବତୀଙ୍କ ନିକଟରେ ରହିଛି। ଏହି ଭକ୍ତି ନୈବେଦ୍ୟକୁ ସିଧାସଳଖ ମା’ଙ୍କଠାରେ ଲାଗି କରେଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଗୁରୁତ୍ୱ ଦେଇଛନ୍ତି।

## ପୂଜକଙ୍କ ବିଶ୍ରାମ ଗୃହ

ମା’ ସମଲେଶ୍ୱରୀଙ୍କ ପୀଠ ପରିସରରେ ପୂର୍ବ ଦିଗରେ ନିର୍ମାଣ ହୋଇଛି ପ୍ରଶାସନିକ କୋଠା। ଏଠାରେ ମନ୍ଦିର ପ୍ରଶାସନ ପାଇଁ ଅଫିସ କୋଠା ସହ ଅନ୍ୟାନ୍ୟ ବିଭାଗ ରହିବ। ଏହାସହ ଏଠାରେ ମନ୍ଦିରରେ ପୂଜାର୍ଚ୍ଚନାରେ ନିୟୋଜିତ ପୂଜକଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ କରାଯାଇଛି। ଏଥିରେ ପୂଜକ ଓ ପ୍ରଶାସନିକ କାର୍ଯ୍ୟାଳୟର କର୍ମଚାରୀଙ୍କ ପାଇଁ ଶୌଚାଳୟ, ପାନୀୟ ଜଳର ସୁବ୍ୟବସ୍ଥା ହୋଇଛି। ଏହାବ୍ୟତୀତ ଏଠାରେ ମନ୍ଦିର ପରିସରରେ ଦୋକାନ କରିଥିବା ପୂଜକ ପରିବାରଙ୍କ ପାଇଁ ପୂଜା ସାମଗ୍ରୀ ଓ ଭୋଗ ବିକ୍ରୟ ସକାଶେ ଷ୍ଟଲ୍ ମଧ୍ୟ ରହିବ।

## ବିନୋଦନ ପାଇଁ ପୁଷ୍କରିଣୀ

ମାଁ ସମଲେଇଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅବସର ବିନୋଦନ ପାଇଁ ମନ୍ଦିର ପରିସରରେ ଥିବା ଢୁଡ଼ାଖାଇ ପୋଖରୀକୁ ବିକଶିତ କରାଯାଇଛି। ୩୦ ମିଟର ଲମ୍ବ ଓ ୨୦ ଫୁଟ୍ ଓସାରବିଶିଷ୍ଟ ଏହି ପୁଷ୍କରିଣୀରେ ଶିଶୁଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୩ଟି ପେଡେଲ ଥିବା ଡଙ୍ଗା ରହିଛି। ଏଥିରେ ଶିଶୁମାନେ ପୁଷ୍କରିଣୀ ଜଳରେ ବିଚରଣ କରି ପେଡାଲ୍ ଡଙ୍ଗାଚାଳନାକୁ ଉପଭୋଗ କରି ପାରିବେ। ସେହିପରି ପୋଖରି ହିଡ଼ରୁ ମଧ୍ୟସ୍ଥଳକୁ ଯିବା ପାଇଁ ପ୍ରାୟ ୧୦ ମିଟର ବିଶିଷ୍ଟ ଏକ ବାଡ଼ ଦିଆ ଟେରାସ୍ ନିର୍ମାଣ ସହ ମଧ୍ୟସ୍ଥଳରେ ବସିବାର ବ୍ୟବସ୍ଥା ହୋଇଛି। ଏଥିରେ ପର୍ଯ୍ୟଟକମାନେ ପୁଷ୍କରିଣୀର ମଧ୍ୟସ୍ଥଳକୁ ଯାଇ ଏଠାରେ ବସି ପୁଷ୍କରିଣୀରେ ଚାଲୁଥିବା ଡଙ୍ଗାରେ ନିଜ ଶିଶୁମାନଙ୍କୁ ନିରୀକ୍ଷଣ କରି ପାରିବେ। ଏହାବ୍ୟତୀତ ଏହାର ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଫୁଲ ଗଛ ରୋପଣ କରାଯାଇ ଏକ ମିନି ପାର୍କର ରୂପ ଦିଆଯାଇଛି।





## ସମଲେଶ୍ୱରୀ ପୀଠରୁ...

### ଅର୍ଥନୈତିକ ବିକାଶର ନୂତନ ଅବସର



ରାଜ୍ୟ ସରକାରଙ୍କ ଉଦ୍ୟମ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଅକୁଣ୍ଠ ସହଯୋଗ ଫଳରେ ମା’ ସମଲେଇ ପୀଠର ରୂପାନ୍ତରଣ ପ୍ରକଳ୍ପ ବାସ୍ତବ ରୂପ ନେଇପାରିଛି। ଏହାଦ୍ୱାରା କେବଳ ପର୍ଯ୍ୟଟନର ବିକାଶ ହୋଇଛି ତାହା ନୁହେଁ, ଏହି ଅଞ୍ଚଳର ଅର୍ଥନୈତିକ ବିକାଶର ନୂତନ ଅବସର ଖୋଲିପାରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଧନ୍ୟବାଦର ପାତ୍ର।

**– ନୀକିତା ମିଶ୍ର, ଶ୍ରଦ୍ଧାଳୁ, ସମ୍ବଲପୁର**

### ସମଲେଶ୍ୱରୀଙ୍କ ପ୍ରଚାରପ୍ରସାର କରିବା ଏକ ଆଶୀର୍ବାଦ



ସମଲେଇ ପ୍ରକଳ୍ପ ଅବସରରେ ମା’ ସମଲେଶ୍ୱରୀଙ୍କ ପ୍ରଚାରପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟିତ୍ୱ ମିଳିଥିବାରୁ ନିଜକୁ ଧନ୍ୟ ମନେ କରୁଛି। ମା’ଙ୍କ ଶ୍ରୀଚରଣେ ଆସି ଏହି କାର୍ଯ୍ୟକ୍ରମ କରିବାର ସୁଯୋଗ ପାଇବା ଏକ ସଂଯୋଗ ନୁହେଁ ବରଂ ଏକ ଆଶୀର୍ବାଦ। ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପରେ ମା’ ସମଲେଇ ପ୍ରକଳ୍ପ ପରିକଳ୍ପନାର ସଫଳ ରୂପାୟନ ରାଜ୍ୟ ପାଇଁ ଏକ ଗର୍ବର ବିଷୟ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଉଛି।

**– ଶାଶ୍ୱତ ଜୋଷୀ, ନୃତ୍ୟଶିଳ୍ପୀ**

### ପରିକଳ୍ପନାକୁ ବାସ୍ତବ ରୂପ ଦିଆଯାଇଛି



ମା’ ସମଲେଇ ସମଗ୍ର ପଶ୍ଚିମ ଓଡ଼ିଶା ସହ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଓ ଝାଡ଼ଖଣ୍ଡବାସୀଙ୍କ ଆରାଧ୍ୟ ଦେବୀ। ମା’ଙ୍କ କରୁଣା ସମସ୍ତଙ୍କ ଭାବାବେଗ ସହିତ ଜଡ଼ିତ। ମାତା ସମଲେଶ୍ୱରୀଙ୍କ ଭଳି ଓଡ଼ିଶାର ଜୀବନରେଖା ମହାନଦୀ ମଧ୍ୟ ଆମ ସମସ୍ତଙ୍କ ମାତା। ତେଣୁ ସମଲେଇ ପ୍ରକଳ୍ପରେ ଉଭୟ ମାତାଙ୍କୁ ଏକାଠି କରିବାର ପ୍ରୟାସ ସ୍ୱରୂପ ମହାନଦୀ ଆଳତିର ପରିକଳ୍ପନାକୁ ବାସ୍ତବ ରୂପ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ମାର୍ଗଦର୍ଶନରେ ସମଗ୍ର ସମଲେଇ ପ୍ରକଳ୍ପକୁ ସ୍ଥାନୀୟ କଳା ସଂସ୍କୃତିରେ ରୂପାୟିତ କରାଯାଇଛି। ଏହି ପ୍ରକଳ୍ପରେ ମନ୍ଦିର ପରିସରସ୍ଥିତ ସବୁଜିମାକୁ ଅକ୍ଷୁଣ୍ଣ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

**– ଜେ.କେ. ଦାଶ, ଓବିସିସି ପରିଚାଳନା ନିର୍ଦ୍ଦେଶକ**

## ମହାନଦୀ ଆଳତିସ୍ଥଳକୁ ସଂଯୋଗ କରୁଛି ଫୁଟ୍ ଓଭରବ୍ରିଜ୍



କାଶୀରେ ଗଙ୍ଗା ଆଳତି ଓ ପୁରୀରେ ମହୋଦଧି ଆଳତି ସଦୃଶ ସମ୍ବଲପୁରରେ ମା’ ସମଲେଶ୍ୱରୀଙ୍କ ସଂଲଗ୍ନ ମହାନଦୀ ଘାଟରେ ମହାନଦୀ ଆଳତି ଆୟୋଜିତ ହେବ। ଏଥିପାଇଁ ମନ୍ଦିରର ବିଭିନ୍ନ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣାଧୀନ ରହିଛି। ଏଥିମଧ୍ୟରେ ମା’ଙ୍କ ପୀଠ ପରିସରରୁ ରାସ୍ତା ଅପରପାର୍ଶ୍ୱରେ ମହାନଦୀ ଘାଟରେ ଆଳତୀ ସ୍ଥଳକୁ ସିଧାସଳଖ ସଂଯୋଗ ପ୍ରାୟ ୭ମିଟର ଉଚ୍ଚ, ୯ମିଟର ଚଉଡ଼ା ଓ ୨୦ମିଟର ଲମ୍ବ ବିଶିଷ୍ଟ ଏକ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣାଧୀନ ରହିଛି। ଏଥିରେ ଭିନ୍ନକ୍ଷମଙ୍କ ପାଇଁ ଲିଫ୍ଟର ବ୍ୟବସ୍ଥା ସହ ହୁଇଲ୍ ଚେୟାରର ମଧ୍ୟ ସୁବିଧା ରହିବ। ଏହାଦ୍ୱାରା ରିଂରୋଡ଼ରେ ଯାତାୟାତ କରୁଥିବା ଯାନବାହନ ଆଳତିରେ ସାମିଲ ହେବାକୁ ଆସିଥିବା ଭକ୍ତଙ୍କ ପାଇଁ କୌଣସି ବାଧକ ସୃଷ୍ଟି କରିପାରିବ ନାହିଁ ବା ରିଂରୋଡ଼ରେ ସମ୍ଭାବ୍ୟ ଟ୍ରାଫିକ୍ ଜାମ ସମସ୍ୟାକୁ ମଧ୍ୟ ପ୍ରଶମିତ କରିବ।





ଆସନ୍ତା ୨୬ ତାରିଖରୁ ଭୁବନେଶ୍ୱରରେ ଆଦିବାସୀ ମେଳା ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଆଦିବାସୀ ସମ୍ପ୍ରଦାୟର ଲୋକେ ସେମାନଙ୍କ କୁଡ଼ିଆ ତିଆରି କରିବା ସହ କଳା, ସଂସ୍କୃତି ଓ ପରମ୍ପରାକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ଲାଗିପଡିଛନ୍ତି। (ଫଟୋ- ବିକାଶ ନାୟକ)

## ସଂକ୍ଷେପରେ

### ‘ଅନାଦି ସାହୁ ଥିଲେ ନିଷ୍ଠାପର ଲେଖକ’

କଟକ,୨୪।୧ (କାର୍ତ୍ତିକ ସାହୁ)

ଅନାଦି ସାହୁ ଜଣେ ଦକ୍ଷ ପୋଲିସ ଅଫିସର ଓ ଏମ୍‌ପି ଭାବରେ କାର୍ଯ୍ୟ କରିଥିଲେ। ଏଥିସହ ଓଡ଼ିଆ ସାହିତ୍ୟକୁ ବିଭିନ୍ନ ଦିଗରୁ ସମୃଦ୍ଧ କରିବାରେ ଯେଉଁ ନିଷ୍ଠାପର ଉଦ୍ୟମ କରିଯାଇଛନ୍ତି ତାହା ଅବିସ୍ମରଣୀୟ। ଓଡ଼ିଆ ହାସ୍ୟ ବ୍ୟଙ୍ଗ ସାହିତ୍ୟକୁ ବିକଶିତ କରିବା ପାଇଁ ସେ ବହୁ ହାସ୍ୟଗଳ୍ପ ଓ ରମ୍ୟ ରଚନା ଲେଖି ପ୍ରଶଂସିତ ହୋଇଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ, ବନ୍ଧୁବତ୍ସଳ ବ୍ୟକ୍ତି ଓ ନିଷ୍ଠାପର ଲେଖକ ଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ କହିଛନ୍ତି। ହାସ୍ୟ ବିକାଶ କେନ୍ଦ୍ରର ସଭାପତି ଅନାଦି ସାହୁଙ୍କ ପରଲୋକରେ ଏକ ଶୋକସଭା ତଳତେଲେଙ୍ଗା ବଜାରସ୍ଥିତ ହାସ୍ୟ ବିକାଶ କେନ୍ଦ୍ରର କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଥାକାର ରଘୁନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ଗିରିଜାନନ୍ଦ ନାୟକ, ସାମାଜିକ କର୍ମୀ ସଜନ ଶର୍ମା, ପ୍ରକାଶକ ଶିବାଶିଷ କର, ଅଧ୍ୟାପକ ଡ. ଅଭୟ କୁମାର ରାଉତ ଓ କମଳ ମାହୁନ୍ତ ଯୋଗଦେଇ ଅନାଦିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହାସ୍ୟ ବିକାଶ କେନ୍ଦ୍ରର ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ଶୋକ ପ୍ରସ୍ତାବ ଆଗତ କରିଥିଲେ।

### ଆଜିଠୁ ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାର

ପୁରୀ, ୨୪।୧(ଅଜିତ୍ ମହାନ୍ତି)- ଭାରତ ସରକାରଙ୍କ ବିକାଶ ଆୟୁକ୍ତ, ବସ୍ତ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରାୟୋଜିତ ଏବଂ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା, ପୁରୀ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାର-୨୦୨୪ (ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ) ଗୁରୁବାରଠାରୁ ଆରମ୍ଭ ହେବ। ଏହା ଫେବୃଆରୀ ୩ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମହୋଦଧି ନିବାସ ସମ୍ମୁଖ ବେଳାଭୂମିଠାରେ ଚାଲିବ। ଏହି ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ବିଭିନ୍ନ ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ କଳାକାରମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରଦର୍ଶନୀରେ ବିଭିନ୍ନ ଘର ସଜାଇବା ଉପକରଣଠାରୁ ଆରମ୍ଭକରି ସମସ୍ତ ବାହାର ରାଜ୍ୟର ହସ୍ତକଳା କାରିଗରି ଦେଖିବା ସହିତ କିଣିପାରିବେ। ଏହି ପ୍ରଦର୍ଶନୀକୁ ୨୫ ତାରିଖ ଅପରାହ୍ନ ୫ଟାରେ ଭାରତ ସରକାରଙ୍କ ବୟନ ଓ ରେଳ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଦର୍ଶନା ବିକ୍ରମ ଜର୍ଦ୍ଦୋଶ ଉଦ୍‌ଘାଟନ କରିବେ। ସେହିପରି ଅନ୍ୟ ଅତିଥି ଭାବେ ଭାରତୀୟ ପର୍ଯ୍ୟଟନ ବିକାଶ ନିଗମ ଅଧ୍ୟକ୍ଷ ଡ. ସମ୍ବିତ ପାତ୍ର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିକାଶ ଆୟୁକ୍ତ (ହସ୍ତତନ୍ତ) ଅମ୍ରିତ ରାଜ, ଜିଲାପାଳ ସମର୍ଥ ବର୍ମା, ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବ ଜୋନ୍ ବିକାଶ ଆୟୁକ୍ତ (ହସ୍ତତନ୍ତ) ସ୍ୱପ୍ନମୟ ବାନାର୍ଜୀ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, କାନାରା ବ୍ୟାଙ୍କ ସାଧାରଣ ପରିଚାଳକ ଜଗଦୀଶ ଚନ୍ଦ୍ରା, ବରିଷ୍ଠ ସହନିର୍ଦ୍ଦେଶକ ବିକାଶ ଆୟୁକ୍ତ (ହସ୍ତତନ୍ତ) ଅଶୋକ ହୋତା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଶଙ୍କର୍ଷଣ ପରିଡା ଏବଂ ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ ଯୋଗଦେବେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବଲିଉଡ କଳାକାର ତିଳକ ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଦର୍ଶକମାନେ ବିଭିନ୍ନ ଖାଦ୍ୟ ଷ୍ଟଲରେ ଖାଦ୍ୟର ମଜା ନେଇପାରିବେ।

# ୫୧ ପ୍ରକଳ୍ପ ପାଇଁ ୧୭ କୋଟି ଟଙ୍କା ମଞ୍ଜୁର

## ବିଏମ୍‌ସି କଣ୍ଟ୍ରାକ୍ଟସ କମିଟି ବୈଠକ

ଭୁବନେଶ୍ୱର,୨୪।୧(ଅନୁରାଧା ମହାରଣା)



ବୈଠକରେ ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ କଣ୍ଟ୍ରାକ୍ଟସ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୧ଟି ପ୍ରକଳ୍ପ ପାଇଁ ପ୍ରାୟ ୧୭ କୋଟି ଟଙ୍କାର ବ୍ୟୟ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ୨ଟି ଡ୍ରେନ୍ ସହ ବିଭିନ୍ନ ୱାର୍ଡରେ ପକ୍କା ରାସ୍ତା, ପେଭର ବ୍ଲକ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଏହି ଅର୍ଥ ବିନିଯୋଗ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ସେଥିମଧ୍ୟରୁ ବିଏମ୍‌ସି ଡିଭିଜନ-୧ରେ ମୋଟ ୧୮ଟି ପ୍ରକଳ୍ପ, ଡିଭିଜନ-୨ରେ ୨୫ଟି ଏବଂ ଡିଭିଜନ-୩ରେ ୬ଟି ପ୍ରକଳ୍ପ ରହିଛି। ପ୍ରମୁଖ ଡ୍ରେନ ଦୁଇଟି ପାଇଁ ସ୍ୱତନ୍ତ୍ର ଭାବେ ୭୦ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁରୀ କରାଯାଇଥିବା ବେଳେ ଡିଭିଜନ-୧ ପାଇଁ ପ୍ରାୟ ୫ କୋଟି ୪୫ ଲକ୍ଷ, ଡିଭିଜନ-୨ ପାଇଁ ପ୍ରାୟ ୮ କୋଟି ଏବଂ ଡିଭିଜନ-୩ ପାଇଁ ପ୍ରାୟ ୧ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳକୁ କଣ୍ଟ୍ରାକ୍ଟସ କମିଟି ସ୍ୱୀକୃତି ଦେଇଛି। ଟେଣ୍ଡର ହୋଇସାରିଥିବା ଏହି କାମଗୁଡିକୁ ଠିକ ଭାବେ କରିବାକୁ ବୈଠକରେ ଅଧ୍ୟକ୍ଷତା କରି ମେୟର ସୁଲୋଚନା ଦାସ ତାଗିଦ କରିଛନ୍ତି। ଲୋକମାନଙ୍କ ଅର୍ଥରେ କାମ ହେଉଛି। ତେଣୁ କୌଣସି ପରିସ୍ଥିତିରେ ଯେପରି ନିମ୍ନମାନର କାମ ନ ହୁଏ, ସେଥିପ୍ରତି ଇଞ୍ଜିନିୟରମାନେ ଧ୍ୟାନ ଦେବା ସହ କର୍ପୋରେଟରମାନେ ମଧ୍ୟ ତଦାରଖ କରିବାକୁ ମେୟର କହିଛନ୍ତି। ଇଞ୍ଜିନିୟରଙ୍କ ସହ କର୍ପୋରେଟରମାନେ କଚ୍ଚା ଓ ପକ୍କା ରାସ୍ତା କାମ ତଦାରଖ କରିବାକୁ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ପରାମର୍ଶ ଦେଇଛନ୍ତି । କାମରେ କୌଣସି ସାଲିସ କରାଯିବ ନାହିଁ । ଯଦି କୌଣସି କଣ୍ଟ୍ରାକ୍ଟର ଠିକ୍ ଭାବେ କାମ କରୁ ନାହାନ୍ତି, ତାଙ୍କୁ ତାଗିଦ କରିବାକୁ କମିଶନର ପରାମର୍ଶ ଦେଇଛନ୍ତି। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅମରେଶ ଜେନା, କେ. ଶାନ୍ତି, ପୁଷ୍ପା ରାଉତ, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, ଡେପୁଟି କମିଶନର ପ୍ରିୟବ୍ରତ ପାଢୀଙ୍କ ସମେତ ବିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ‘ଭୁଫେଷ୍ଟୋ’ରେ କେବଳ ଓଡ଼ିଆ କାହାଣୀ

BHUFESTO

ଭୁବନେଶ୍ୱର,୨୪।୧
(ଅନୁରାଧା ମହାରଣା)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଭୁବନେଶ୍ୱର କାହାଣୀ ଉତ୍ସବ ‘ଭୁଫେଷ୍ଟୋ’ର ତୃତୀୟ ସଂସ୍କରଣ ଫେବୃଆରୀ ୩ରୁ ଆରମ୍ଭ ହେବାକୁ ଯାଉଛି। ୫ ତାରିଖ ଯାଏ ଭୁବନେଶ୍ୱରର ୪ଟି ସ୍ୱତନ୍ତ୍ର ସ୍ଥାନ ଯଥା - ଇନ୍ଦିରା ଗାନ୍ଧୀ ପାର୍କ, ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ କଳାଭୂମି, କଳିଙ୍ଗ ନଗରର ଏପିଜେ ଅବଦୁଲ କଲାମ ପାର୍କ ଓ ନୀଳାଦ୍ରି ବିହାରର ବୁଦ୍ଧ ଜୟନ୍ତୀ ପାର୍କରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତେବେ ଚଳିତ ସଂସ୍କରଣରେ କାହାଣୀକାରମାନେ କେବଳ ଓଡ଼ିଆରେ କାହାଣୀ ପରିବେଷଣ କରିବେ। ପ୍ରତ୍ୟେକ ଦିନ ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ସାଢ଼େ ୭ଟା ଯାଏ ଏହି ଉତ୍ସବ ଚାଲିବ। ଚଳିତବର୍ଷ ହେବାକୁ ଥିବା ‘ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ’ ଅବସରରେ ଏକାମ୍ର ଉତ୍ସବର ଏକ ଅଂଶ ଭାବେ ଏହାକୁ ପାଳନ କରାଯିବ। ବିଶ୍ୱ କଲ୍ୟାଣ ରଥ, ପ୍ରାଚୀ ତାରା ଓ ମୀରା ଦାସଙ୍କ ଭଳି ବିଶିଷ୍ଟ କାହାଣୀକାରମାନେ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହାସହ ଦର୍ଶକ ଷ୍ଟାଣ୍ଡଅପ୍ କମେଡି, ନାଗରିକ କାହାଣୀ, ପ୍ରେରଣାଦାୟକ ଜୀବନ କାହାଣୀ ଏବଂ ଲୋକକଳାର ମଜା ନେଇପାରିବେ। ଦୃଷ୍ଟିହୀନ ଓ ଶ୍ରବଣ ହୀନ ଶ୍ରୋତାଙ୍କ ସୁବିଧା ପାଇଁ ସାଙ୍କେତିକ ଭାଷା ବ୍ୟବହାର କରି ଏକ ସ୍ୱତନ୍ତ୍ର କାହାଣୀ ଅଧିବେଶନ ଆୟୋଜନ କରାଯିବ, ଯାହା ସମସ୍ତଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭୂତି ସୃଷ୍ଟି କରିବ।



ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ୧୯୪ତମ ଶ୍ରାଦ୍ଧ ଉତ୍ସବ ପାଳନ ଅବସରରେ ରାଜ୍ୟ ମ୍ୟୁଜିୟମ ଛକସ୍ଥିତ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ଆୟୋଜିତ ପାଇକ ଆଖଡ଼ା। (ଫଟୋ- ମୌସମ ନନ୍ଦ)

### ମନ୍ଦିର ସମ୍ମୁଖରୁ ସ୍କୁଟି ଚୋରି

ବାଲକାଟୀ, ୨୪।୧(ମନୋଜ ମଣ୍ଡଳ )

ବାଲକାଟୀ ଫାଣ୍ଡି ନିକଟ ମା’ ଦୁଲ୍ଲା ଦେବୀ ମନ୍ଦିର ସମ୍ମୁଖରୁ ଏକ ହୋଣ୍ଡା ଆକ୍ଟିଭା ସ୍କୁଟିକୁ କେହି ଚୋରି କରିନେଇଥିବା ବାଲକାଟୀ ଫାଣ୍ଡିରେ ଅଭିଯୋଗ ହୋଇଛି। ଗାଡି ମାଲିକ ସୁଧୀର ଚରଣ ପ୍ରଧାନଙ୍କ ଅଭିଯୋଗକ୍ରମେ ଫାଣ୍ଡି ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ସୁଧୀନ ବୁଧବାର ନିଜ ସ୍କୁଟି (ଓଡି୦୨ଏଏନ୍୦୭୨)କୁ ମନ୍ଦିର ସମ୍ମୁଖରେ ରଖି ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନ୍ଦିର ଭିତରକୁ ଯାଇଥିଲେ। ୧୫ ମିନିଟ ମଧ୍ୟରେ ମନ୍ଦିରରୁ ବାହାରି ନିଜ ସ୍କୁଟିକୁ ପାଇ ନ ଥିଲେ। ଚୋରି ହୋଇଥିବା ଜାଣିବା ପରେ ଅଭିଯୋଗ କରିଥିଲେ। ସୂଚନା ଯୋଗ୍ୟ ବାଲକାଟୀ ଏକ ବ୍ୟବସାୟୀକ ଅଂଚଳ ହୋଇଥିବା ବେଳେ ପୋଲିସ ପେଟ୍ରୋଲିଂ ଢିଲା ଯୋଗୁ ଦୈନିକ ଚୋରି ଓ ଲୁଟ୍ ବୃଦ୍ଧି ପାଉଛି। ଏଥିପ୍ରତି ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆଜିଠୁ ରାଜସ୍ୱ କ୍ଷେତ୍ର ଅଧିକାର ସଂଘର କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ



ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଲକାଟୀ,୨୪।୧(ମନୋଜ ମଣ୍ଡଳ)

ବିଭିନ୍ନ ଦାବି ନେଇ ବାଲିଅନ୍ତା ତହସିଲର ୮ ରାଜସ୍ୱ ନିରୀକ୍ଷକ ଖୋର୍ଦ୍ଧା ଜିଲାପାଳ ଓ ବାଲିଅନ୍ତା ତହସିଲଦାରଙ୍କୁ ଭେଟି ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଗୁରୁବାରଠାରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିବେ। ଏଥିସହ ୧୦ ଦିନ ପରେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ସଂଘ ଜିଲା ସଭାପତି ଦୁଃଖୀଶ୍ୟାମ ସ୍ୱାଇଁ ସୂଚନା ଦେଇଛନ୍ତି। ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ କ୍ୟାଡର ପୁନଃ ନିର୍ଦ୍ଧାରଣ, ନୂତନ ରାଜସ୍ୱ ମଣ୍ଡଳ ଗଠନ, ଯୋଗ୍ୟତା ଭିତ୍ତିରେ ଗ୍ରେଡେଶନ, ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କ ଗ୍ରେଡ୍ ପେ ବୃଦ୍ଧି, ରାଜସ୍ୱ ମଣ୍ଡଳରେ କର୍ମଚାରୀ ନିଯୁକ୍ତି, ରାଜସ୍ୱ ବିଭାଗରୁ କୃଷିକ୍ଷେତ୍ର ସମ୍ବନ୍ଧୀୟ କାର୍ଯ୍ୟ ବର୍ଜନ ଆଦି ଅନ୍ତର୍ଭୁକ୍ତ।

# ଧନେଶ୍ୱର ସ୍ୱାଇଁଙ୍କୁ ‘ବାଳକୃଷ୍ଣ ଦାଶ ସମ୍ମାନ’

ଭୁବନେଶ୍ୱର,୨୪।୧
(ଶର୍ମିଷ୍ଠା ପାଣିଗ୍ରାହୀ)

ସୁଷମା ସଙ୍ଗୀତ ସଦନ ପକ୍ଷରୁ ୧୮ତମ ଗୁରୁ ପ୍ରଣାମ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାଶ, ପିପିଏଲ କର୍ପୋରେଟ ମୁଖ୍ୟ ସୁଧିରଞ୍ଜନ ମିଶ୍ର, ରୋଟାରି ୟୁନିକ୍ ସଭାପତି ଆର୍ଯ୍ୟ କୁମାରୀ ପାଣିଗ୍ରାହୀ, ଡ. ଦେବେନ୍ଦ୍ର ନାରାୟଣ ଶତପଥୀ ଏବଂ ଲକ୍ଷ୍ମୀକାନ୍ତ ପାଲିତ ଯୋଗଦେଇଥିଲେ। ଏହି ଅବସରରେ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ‘ବାଳକୃଷ୍ଣ ଦାଶ ସମ୍ମାନ’ ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଦଳଗତ ଭାବେ ଭାରତ ବର୍ଷ ପରିବେଷଣ କରାଯାଇଥିଲା। ଏହାପରେ ବନ୍ଦିଶ ପାଲିତ ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କୁ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ ସୁଶାନ୍ତ କୁମାର ଜେନା ଏବଂ ଧନେଶ୍ୱର ଓଝା। ଶେଷରେ ଗୁରୁ ଶ୍ରୀନିବାସ ଶତପଥୀ ଏବଂ ସାଥୀ ହିନ୍ଦୁସ୍ଥାନୀ ବଂଶୀ ବାଦନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ମିତାଲୀ ଚିନ୍ନାରା।




ସୁଷମା ସଙ୍ଗୀତ ସଦନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ୧୮ତମ ଗୁରୁ ପ୍ରଣାମ ଉତ୍ସବରେ ଅନୁଷ୍ଠାନର ପିଲାମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ପ୍ରଦର୍ଶିତ ହେଲା ୫ ଚଳଚ୍ଚିତ୍ର

ଭୁବନେଶ୍ୱର,୨୪।୧
(ଶର୍ମିଷ୍ଠା ପାଣିଗ୍ରାହୀ)

## ଭାରତୀୟ ଚଳଚ୍ଚିତ୍ର ମହୋତ୍ସବର ତୃତୀୟ ଦିବସ




ହର୍ଷଦ ନଲାୱାଦେଙ୍କ ‘ଫଲୋର’ ଚଳଚ୍ଚିତ୍ରର ସ୍କ୍ରିନି ପୂର୍ବରୁ କଥୋପକଥନ।

ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ଭାରତୀୟ ଚଳଚ୍ଚିତ୍ର ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ଦିବସ। ପ୍ରଥମେ ‘ଧୁଇଁ’ ଚଳଚ୍ଚିତ୍ର ପ୍ରଦର୍ଶନ ହୋଇଥିଲା। ଅଚଳ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଛୋଟ ସହରରୁ ଆସିଥିବା ଜଣେ ମଞ୍ଚ କଳାକାର ପଙ୍କଜ ମୁମ୍ବାଇରେ କ୍ୟାରିୟର କରିବାକୁ ଚାହିଁଛି। ମାତ୍ର ପରିବାରର ପରିସ୍ଥିତି, ଆର୍ଥିକ ସମସ୍ୟା ତାର ସ୍ୱପ୍ନ ପୂରଣରେ ବାଧକ ସାଜିଛି। ସ୍ୱପ୍ନ ଓ ବାସ୍ତବତା ଭିତରେ ପଙ୍କଜର ସଂଘର୍ଷକୁ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ପରେ ମଣି କଲ୍‌ଙ୍କ ନିର୍ଦ୍ଦେଶିତ ‘ଦୁଭିଦା’ ଓ ‘ମାଟି ମନସ’ ପ୍ରଦର୍ଶିତ ହୋଇଥିଲା। ହିନ୍ଦୀ ଫିଲ୍ମ ‘ଦୁଭିଦା’ରେ ଲୋକକଥା ତଥା ପୌରାଣିକ ସମୟର ୨ଟି ପ୍ଲେନ ଯଥା ଭିତର ବାହାର ଓ ଅନ୍ଧାର ଆଲୋକକୁ ନେଇ ପ୍ରସ୍ତୁତ। ଜଣେ ଯୁବତୀ ବ୍ୟବସାୟୀଙ୍କ ପୁଅକୁ ବିବାହ କରିଥିଲେ। ସ୍ୱାମୀ ବ୍ୟବସାୟକୁ ଯେତେବେଳେ ଚାଲିଯାଆନ୍ତି ସେତେବେଳେ ସେ ଏକାକୀ ରହିଯାଉଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ସେ ଏକ ଭୂତ ପ୍ରେମରେ ପଡ଼ି ଯାଆନ୍ତି ଓ ଗର୍ଭବତୀହୁଅନ୍ତି। ସ୍ୱାମୀ ଫେରିବା ପରେ ସେ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି। ଏଭଳି କଥାବସ୍ତୁକୁ ନେଇ ଫିଲ୍ମଟି ପ୍ରସ୍ତୁତ ହୋଇଛି। ‘ମାଟି ମନସ’ ହେଉଛି ମାଟିପାତ୍ର ଓ ଭାରତୀୟ କୁମ୍ଭାରମାନଙ୍କ ହସ୍ତଶିଳ୍ପ ପରମ୍ପରାକୁ ନେଇ ୧୯୮୫ରେ ଏହାଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର। ଏହା ପରେ ଧ୍ରୁବ ସୋଲଙ୍କିଙ୍କ ‘ଇଟସ୍ ଅଲ୍ ଇନ୍ ୟୋର ହେଡ୍’ରେ ଗୋଟିଏ ଦିନରେ ୬ଜଣ ସିବଲିଙ୍ଗସ୍‌କୁ ବର୍ତ୍ତମାନ ସମୟରେ ସେମାନଙ୍କର ମାନସିକତାକୁ ଦେଖାଯାଇଥିଲା। ଅନ୍ତିମ ସ୍କ୍ରିନିଂରେ ହର୍ଷଦ ନଲାୱାଦେଙ୍କ ‘ଫଲୋର’ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଚଳଚ୍ଚିତ୍ରରେ ଆଞ୍ଚଳିକ ବିବାଦ ଦେଖିବାକୁ ମିଳିଥିଲା। ଯେଉଁଠାରେ ଜଣେ ଉଗ୍ରବାଦୀ ସାମ୍ବାଦିକ ତାଙ୍କ ସମ୍ପ୍ରଦାୟ ବିରୋଧରେ ହୋଇଥିବା ଅତ୍ୟାଚାରକୁ ପ୍ରକାଶ କରୁଥିଲେ।

## ସଂକ୍ଷେପରେ

### ନିଯୁକ୍ତି ଦାବିରେ ଅନଶନ



କୃଷ୍ଣପ୍ରସାଦ,୨୪।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ନିଯୁକ୍ତି ଦାବିରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ତିତିପ ଗ୍ରାମ ଜଗାବଳିଆ ଭୋକେଶନାଲ ହାଇସ୍କୁଲ ପିଅନ ପ୍ରଫୁଲ୍ଲ ଜେନା ଆମରଣ ଅନଶନରେ ବସିଛନ୍ତି। ପ୍ରଫୁଲ୍ଲଙ୍କ କହିବା ଅନୁଯାୟୀ, ସେ ୧୯୯୪ ଜୁଲାଇ ୨୭ ତାରିଖରେ ନିଯୁକ୍ତି ପାଇଥିଲେ। ବିନା କାରଣରେ ପରିଚାଳନା କମିଟି ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିଥିଲେ। ନ୍ୟାୟ ପାଇଁ ସେ ଆଇନର ଆଶ୍ରୟ ନେଇ କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଥିଲେ। ୨୦୧୦ ଅପ୍ରିଲ ୨୭ ତାରିଖରେ ରାୟ ଅନୁଯାୟୀ, ପୁନଃ ନିଯୁକ୍ତି ଦେବାକୁ କୋର୍ଟ ଆଦେଶ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ କୋର୍ଟର ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନ କରିବାରୁ ପୁନର୍ବାର କୋର୍ଟର ଆଶ୍ରୟ ନେଇଥିଲେ। ପୁନରାୟ ବିଚାର କରି ନିଯୁକ୍ତି ଦେବାକୁ କୋର୍ଟ ୨୦୨୩ ଡିସେମ୍ବର ୨ରେ ଏକ ନିର୍ଦ୍ଦେଶ ନାମା କରିଥିବାବେଳେ ଶିକ୍ଷା ବିଭାଗ ଏହାକୁ ଅଗ୍ରାହ୍ୟ କରିଛି। ଏହାର ପ୍ରତିବାଦରେ ନିଯୁକ୍ତି ଦାବି ନେଇ ବୁଧବାର ପ୍ରଫୁଲ୍ଲ ଜେନା ନିଜ ହାଇସ୍କୁଲ ଅଫିସ ସାମ୍ନାରେ ଅହୋରାତ୍ର ଆମରଣ ଅନଶନରେ ବସିଛନ୍ତି। ନିଯୁକ୍ତି ନ ଦେବାଯାଏଁ ଏମିତି ବସି ରହିବା ପାଇଁ କହିଥିବାବେଳେ କୃଷ୍ଣପ୍ରସାଦ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ବୁଝାଇ ଉଠାଇ ଦେଇଥିବା ଜଣାପଡ଼ିଛି। ତାଙ୍କ ଦାବି ପୂରଣ ନ ହେଲେ ପୁନର୍ବାର ଅନଶନ କରିବା ପାଇଁ ସେ ଚେତାବନୀ ଦେଇଥିବା ଜଣାପଡ଼ିଛି।

### ଆଜିଠୁ ରାଜସ୍ୱ କ୍ଷେତ୍ର ଅଧିକାର ସଂଘର କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ

ବାଲକାଟୀ,୨୪।୧(ମନୋଜ ମଣ୍ଡଳ)

ବିଭିନ୍ନ ଦାବି ନେଇ ବାଲିଅନ୍ତା ତହସିଲର ୮ ରାଜସ୍ୱ ନିରୀକ୍ଷକ ଖୋର୍ଦ୍ଧା ଜିଲାପାଳ ଓ ବାଲିଅନ୍ତା ତହସିଲଦାରଙ୍କୁ ଭେଟି ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଗୁରୁବାରଠାରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିବେ। ଏଥିସହ ୧୦ ଦିନ ପରେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ସଂଘ ଜିଲା ସଭାପତି ଦୁଃଖୀଶ୍ୟାମ ସ୍ୱାଇଁ ସୂଚନା ଦେଇଛନ୍ତି। ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ କ୍ୟାଡର ପୁନଃ ନିର୍ଦ୍ଧାରଣ, ନୂତନ ରାଜସ୍ୱ ମଣ୍ଡଳ ଗଠନ, ଯୋଗ୍ୟତା ଭିତ୍ତିରେ ଗ୍ରେଡେଶନ, ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କ ଗ୍ରେଡ୍ ପେ ବୃଦ୍ଧି, ରାଜସ୍ୱ ମଣ୍ଡଳରେ କର୍ମଚାରୀ ନିଯୁକ୍ତି, ରାଜସ୍ୱ ବିଭାଗରୁ କୃଷିକ୍ଷେତ୍ର ସମ୍ବନ୍ଧୀୟ କାର୍ଯ୍ୟ ବର୍ଜନ ଆଦି ଅନ୍ତର୍ଭୁକ୍ତ।

### କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ନିରାକାରପୁର,୨୪।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ବାଲିପାଟପୁର ଉଚ୍ଚ ବିଦ୍ୟାଳୟ, ବାଲିପାଟପୁର ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ରୀ ଶ୍ରୀୟା ବରାଳ ଚଳିତ ମେଧାବୃତ୍ତିରେ କୃତିତ୍ୱ ଅର୍ଜନ କରିଛନ୍ତି। ଏଥିପାଇଁ ତାଙ୍କୁ ସ୍କୁଲ ପକ୍ଷରୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁଃଶାସନ ସେଠୀ ପରିଚାଳନା କରିଥିଲେ। ଶ୍ରୀୟାଙ୍କ ମା'ବୈଜୟନ୍ତ ବରାଳ ଓ ବାପା ପ୍ରଦୀପ ବରାଳ ଝିଅର ସଫଳତା ପାଇଁ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷକ ଶିଶିର ଦତ୍ତ, ପ୍ରଶାନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାରେ ଭିଜି ବାସନ ମାଜିଲେ ଛାତ୍ର

ଖୋର୍ଦ୍ଧା୨୪।୧,(ପ୍ରଭାତ ପାଣିଗ୍ରାହୀ)

## ଭିଡିଓ ଭାଇରାଲ, ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା



ରାଜ୍ୟ ସରକାରଙ୍କ ସମଗ୍ର ଶିକ୍ଷା ଅଭିଯାନରେ ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ ସ୍ଲୋଗାନ ପ୍ରହସନ ପାଲଟିଛି। ଡ୍ରପ୍ଆଉଟ ପିଲାଙ୍କୁ ସରକାରୀ ବିଦ୍ୟାଳୟମୁହାଁ କରିବା, ଅତ୍ୟାଧୁନିକ ଜ୍ଞାନକୌଶଳ, ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଯୋଗାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିଲାଗି ରାଜ୍ୟ ସରକାର ୫-ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରଣ ଆରମ୍ଭ କରିଛନ୍ତି। ଏହାର ଲକ୍ଷ୍ୟ ପିଲାଙ୍କୁ ସରକାରୀ ସ୍କୁଲରେ ପାଠପଢ଼ା ପ୍ରତି ଆକୃଷ୍ଟ କରିବା ତଥା ବେସରକାରୀ ସ୍କୁଲ ଭଳି ସମସ୍ତ ସୁବିଧା ସୁଯୋଗ ଦେବା। ତେବେ ବାସ୍ତବ ଚିତ୍ର ଭିନ୍ନ। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସିମୋର ପଞ୍ଚାୟତର କୁଞ୍ଜବିହାରୀ ଦେବ ସ୍ମାର୍ଟ ଉଚ୍ଚ ବିଦ୍ୟାଳୟରେ ପିଲାଙ୍କୁ ବାସନ ମଜାଯାଉଥିବା ଦେଖିବାକୁ ମିଳିଛି। ବୁଧବାର ଦିନତମାମ ବର୍ଷା ଲାଗିରହିଛି। ବିଦ୍ୟାଳୟ ପରିସରରେ ପିଲାମାନେ ବର୍ଷାରେ ଭିଜି ବାସନ ମାଜୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ସୂଚନା ଅନୁଯାୟୀ, ବୁଧବାର ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାର କୁଞ୍ଜବିହାରୀ ଦେବ ବିଦ୍ୟାଳୟ ସମେତ ଏକାଧିକ ବିଦ୍ୟାଳୟ ସାମିଲ ହୋଇଥିଲେ। ଭିଡିଓ କନ୍ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ରୂପାନ୍ତରିତ ବିଦ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ଏହି ଅବସରରେ ବିଦ୍ୟାଳୟ ପରିସରରେ ଭୋଜିଭାତ ଆୟୋଜନ ହୋଇଥିଲା। ଅପରାହ୍ଣରେ ସମସ୍ତେ ଖାଇସାରିବା ପରେ ବାସନ ମାଜିବା କାର୍ଯ୍ୟରେ ପିଲାଙ୍କୁ ନିୟୋଜିତ କରାଯାଇଥିଲା। ପିଲାମାନେ ବର୍ଷାରେ ଭିଜି ଅଇଁଠା ବାସନ ମାଜିଥିଲେ। ଏହି ସମୟରେ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ପିଲାମାନେ ବାସନ ମାଜିବା ବେଳର ଭିଡିଓ ଭାଇରାଲ ହେବା ପରେ ଶିକ୍ଷକମାନଙ୍କ ଦାୟିତ୍ୱ ଉପରେ ପ୍ରଶ୍ନବାଚୀ ଉଠିଛି। ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। କେତେଜଣ ଅଭିଭାବକ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଳୟରେ ପିଲାଙ୍କୁ କୌଣସି କାର୍ଯ୍ୟରେ ନ ଲଗାଇବା ପାଇଁ ଶିକ୍ଷା ବିଭାଗର ନିର୍ଦ୍ଦେଶ ଥିବା ବେଳେ କିଏ, କାହିଁକି, ବର୍ଷାରେ ପିଲାଙ୍କୁ ବାସନ ମାଜିବା କାର୍ଯ୍ୟରେ ଲଗାଇଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ପିସିସି ରାଜ୍ୟ ସମ୍ପାଦକ ଶିଶିର ପରିଡା କହିଛନ୍ତି, ଏହା ନିନ୍ଦନୀୟ ଘଟଣା। ସରକାର ପିଲାଙ୍କୁ ସରକାରୀ ସ୍କୁଲରେ ପାଠ ପଢିବା ପ୍ରତି ଆଗ୍ରହ ପାଇଁ ମଧ୍ୟାହ୍ନଭୋଜନ, ମାଗଣା ସ୍କୁଲ ୟୁନିଫର୍ମ, ଜୋତା, ସାଇକେଲ ପ୍ରଭୃତି ଯୋଜନା ପରେ ଏବେ ୫-ଟି ରୂପାନ୍ତରଣରେ ସ୍ମାର୍ଟ ବିଦ୍ୟାଳୟ କରୁଛନ୍ତି। ତେବେ ଏଭଳି ଚିତ୍ରରୁ ପିଲାଙ୍କ ଭବିଷ୍ୟତ ନେଇ ଶିକ୍ଷା ବିଭାଗ କେତେ ତତ୍ପର ତାହା ବୁଝାପଡୁଛି। ଅନ୍ୟପକ୍ଷରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର କହିଛନ୍ତି, ଏଭଳି ଘଟଣା ସମ୍ପର୍କରେ ମୋ' ପାଖରେ କୌଣସି ସୂଚନା ନାହିଁ। ମୁଁ ଦୁଇଟି ବିଦ୍ୟାଳୟ ଦାୟିତ୍ୱରେ ରହିଛି। ଅପରାହ୍ଣରେ ଅନ୍ୟ ସ୍କୁଲକୁ ଯାଇଥିଲି। ବାସନକୁସନ ମାଜିବା ପାଇଁ ପାଚିକା ଅଛନ୍ତି। ପିଲାଙ୍କୁ କୌଣସି କାମରେ ନ ଲଗାଇବା ପାଇଁ ଶିକ୍ଷକମାନଙ୍କୁ କଡା ତାଗିଦ୍ କରାଯାଇଛି। ଗୁରୁବାର ଷ୍ଟାଫ ବୈଠକ ଡକାଯାଇ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।





ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ।

### ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀ

ଖୋର୍ଦ୍ଧା,୨୪।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପିଲାମାନେ ଭାଗନେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ଦାସ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା, ସହଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱର୍ଣ୍ଣଲତା ସାମନ୍ତରାୟ, ଆଞ୍ଚଳିକ ସାଧନ ସଂଯୋଜକ ଯୁଧିଷ୍ଠିର ସାହୁ, ରବିନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ୍ଆଇ, ଏଏସ୍ଆଇ ସ୍ତରରେ ଅଦଳବଦଳ

ଖୋର୍ଦ୍ଧା,୨୪।୧(ପ୍ରଭାତ ପାଣିଗ୍ରାହୀ)

## ବାହାର ଜିଲାରୁ ଆସିଲେ ୩

ଆଗକୁ ସାଧାରଣ ନିର୍ବାଚନ ଆସୁଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ଖୋର୍ଦ୍ଧା ପୋଲିସ ଜିଲାରେ ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍ଆଇ) ଏବଂ ଆସିଷ୍ଟାଣ୍ଟ ପୋଲିସ ସବ୍‌ଇନ୍ସପେକ୍ଟର (ଏଏସ୍ଆଇ) ସ୍ତରରେ ବଡ଼ଧରଣର ବଦଳି କରାଯାଇଛି। ଜିଲା ପୋଲିସ ମୁଖ୍ୟାଳୟରେ ଥିବା ବିଶ୍ୱଜିତ ରାଉତରାୟଙ୍କୁ ନିରାକାରପୁର ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ନିରାକାରପୁର ଥାନାରେ ଥିବା ଏସ୍ଆଇ ପ୍ରସନ୍ନ ଜେନାଙ୍କୁ ସିକୋ ଆଉଟ ପୋଷ୍ଟ(ଓପି)କୁ ବଦଳି କରାଯାଇଥିବାବେଳେ ସିକୋ ଓପିରେ ଥିବା ବ୍ରହ୍ମାନନ୍ଦ ସ୍ୱାଇଁଙ୍କୁ ବାଣପୁର ଥାନା, ଖୋର୍ଦ୍ଧା ଆଦର୍ଶ ଥାନାର ଏସ୍ଆଇ ମନୋଜ ଦାସଙ୍କୁ ନାରୁଣୀ ଥାନା, ସୁନିତା ବେହେରାଙ୍କୁ ବାଲୁଗାଁ ଥାନା, ବେଗୁନିଆ ଥାନା ଏସ୍ଆଇ ବିନୋଦ ଚନ୍ଦ୍ର ପରିଡାଙ୍କୁ ଭୁଷଣ୍ଡପୁର ଓପିକୁ ବଦଳି କରାଯାଇଛି। ନାଭାଲ ଓପିରେ ଥିବା ଏସ୍ଆଇ ଦିଲୀପ ସାହୁଙ୍କୁ ବାଙ୍କେଇ ଥାନାରେ ଅବସ୍ଥାପିତ କରାଯାଇଥିବାବେଳେ ପୂର୍ବରୁ ଜଙ୍କିଆ ଥାନାକୁ ହୋଇଥିବା ବଦଳି ଆଦେଶ ରଦ୍ଦ କରାଯାଇଛି। ସଦର ଏସ୍ଆଇ ସଞ୍ଜୟ କୁମାର ପ୍ରଧାନଙ୍କୁ ଜଙ୍କିଆ ଥାନା, ଖୋର୍ଦ୍ଧା ଆଦର୍ଶ ଥାନା ଏଏସ୍ଆଇ ପ୍ରଦୀପ ପ୍ରଧାନଙ୍କୁ ନାରୁଣୀ ଓପି, ଏଏସ୍ଆଇ ମନଜିତ ଏକ୍କାଙ୍କୁ ସଦର ଏବଂ ବାଣପୁର ଥାନାର ଏଏସ୍ଆଇ ପୂର୍ଣ୍ଣଚନ୍ଦ୍ର ରେଡ୍ଡୀଙ୍କୁ ସିକୋ ଓପିକୁ ବଦଳି କରାଯାଇଛି। ସେହିଭଳି କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ପୋଲିସରୁ ୩ଜଣ ଅଧିକାରୀ ଖୋର୍ଦ୍ଧା ପୋଲିସ ଜିଲାରେ ଯୋଗଦାନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାରୁ ଆସିଥିବା ଏସ୍ଆଇ ସୌମ୍ୟ ରଞ୍ଜନ ପାଣିଗ୍ରାହୀ ଓ ଜଗତ୍‌ସିଂହପୁରରୁ ଆସିଥିବା ଏସ୍ଆଇ ଅରବିନ୍ଦ ରାଉଳଙ୍କୁ ଆଦର୍ଶ ଥାନାରେ ଏବଂ ରମାକାନ୍ତ ବେହେରାଙ୍କୁ ବେଗୁନିଆ ଥାନାରେ ଅବସ୍ଥାପିତ କରାଯାଇଛି।

# ଜିଲାସ୍ତରୀୟ ଜାତୀୟ ବାଳିକା ଦିବସ





ଖୋର୍ଦ୍ଧା, ୨୪।୧(ପ୍ରଭାତ ପାଣିଗ୍ରାହୀ)

ସମଗ୍ର ଶିକ୍ଷା ଅଭିଯାନ ଖୋର୍ଦ୍ଧା ପକ୍ଷରୁ ବୁଧବାର ଜିଲାସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକ ସହିତ ବିଏମ୍‌ସିରୁ ତର୍କ ଓ କୁଇଜ ପ୍ରତିଯୋଗିତା ପାଇଁ ୩୩ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୬୦ ଜଣ ଛାତ୍ରୀ ଓ ୧୧ ଜଣ ଗାଇଡ ଶିକ୍ଷକ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ତଥା ପ୍ରମାଣପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଜିଲା ବାଳିକା ଶିକ୍ଷା ସଂଯୋଜିକା ଡ. ପ୍ରଣିତା ସାବତ ଧନ୍ୟବାଦ ଦେଇଥିଲେ। ଡ. ମମିତା ସାହୁ ଏବଂ ଅଗାଧୁ ସେଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ବିଶ୍ୱ ନାଟ୍ୟମେଳାରେ ୪ ଓଡ଼ିଆ ନାଟକକୁ ୧୩ ଜାତୀୟ ପୁରସ୍କାର

ଖୋର୍ଦ୍ଧା-ଟାଙ୍ଗୀ,୨୪।୧(ରଘୁନାଥ ସାହୁ)





ନାଟ୍ୟକାର ଭିକାରୀ ଚରଣ ପ୍ରଧାନଙ୍କ ୪ଟି ଓଡ଼ିଆ ନାଟକ ମଙ୍ଗଳବାର କଟକରେ ଆୟୋଜିତ ବିଶ୍ୱ ନାଟ୍ୟ ମେଳାରେ ୧୩ଟି ଜାତୀୟ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଛି। ଐତିହାସିକ ପୃଷ୍ଠଭୂମିରେ ଲିଖିତ ଏବଂ ଶ୍ରୀଲୋକନାଥ ଦେବ ମାନସିଂହ ବିଦ୍ୟାପୀଠ, ବିରିବାଡି ଦ୍ୱାରା ପ୍ରାଯୋଜିତ ନାଟକ କାରୁବାକୀକୁ ଶ୍ରେଷ୍ଠ ଓଡ଼ିଆ ଭାଷାଭିତ୍ତିକ ନାଟକ, ୨ୟ ଶ୍ରେଷ୍ଠ ଅଭିନେତ୍ରୀ (କାରୁବାକୀ), ଶ୍ରେଷ୍ଠ ଐତିହାସିକ ନାଟକ ଭାବେ ପୁରସ୍କୃତ ହୋଇଥିଲା। ପୁରାଣ କଥାବସ୍ତୁ ଉପରେ ଆଧାରିତ ଏବଂ କଳିଙ୍ଗ କନ୍ୟା କଳା ପରିଷଦ, ବାଣପୁର ଦ୍ୱାରା ପରିବେଷିତ ନାଟକ ଶର୍ମିଷ୍ଠାକୁ ଶ୍ରେଷ୍ଠ ପାଣ୍ଡୁଲିପି, ଶ୍ରେଷ୍ଠ ଲିରିକାଲ ନାଟକ, ଶ୍ରେଷ୍ଠ ପ୍ରଯୋଜନା, ୨ୟଶ୍ରେଷ୍ଠ ଅଭିନେତା, ୨ୟ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ସେହିଭଳି ଘିଅଖଲା ମଠପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରା ପରିବେଷିତ ନାଟକ 'ଫେରାଇଦିଅ ମୋ ପିଲାଦିନ' ପାଇଁ ୨ୟ ଶ୍ରେଷ୍ଠ ନିର୍ଦ୍ଦେଶକ, ୨ୟ ଶ୍ରେଷ୍ଠ ଅଭିନେତ୍ରୀ (ମୃଷି) ପୁରସ୍କାର ମିଳିଛି। ଡିଏଭି, ଗୁରୁକୁଳ ବାଲୁଗାଁ ଦ୍ୱାରା ପରିବେଷିତ ନାଟକ 'ଯେସାକୁ ତେସା' ୩ୟ ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ମ୍ୟୁଜିକ୍ ଏବଂ ୩ୟ ଶ୍ରେଷ୍ଠ ଅଭିନେତା (ମୂଳି ସରପଞ୍ଚ) ପୁରସ୍କାର ଲାଭ କରିଛି। ପୁରସ୍କାର ବିତରଣ ମଞ୍ଚରେ ପ୍ରତ୍ୟେକ ସଂସ୍ଥା ପକ୍ଷରୁ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ନିର୍ଦ୍ଦେଶକ ପ୍ରମୋଦ ସାଇଁ, ନିର୍ଦ୍ଦେଶକ ଅଶୋକ ପ୍ରଧାନ, ପ୍ରଯୋଜକ ପ୍ରଶାନ୍ତ ମହାପାତ୍ର ସମ୍ମାନିତ ଅତିଥିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

### ୫-ଟି ରୂପାନ୍ତରଣ ଇଟୁଆ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଲୋକାର୍ପିତ

ବାଲିଅନ୍ତା,୨୪।୧(ନୀଳମାଧବ ସାହୁ)

୫-ଟି ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ଅଧୀନ ଇଟୁଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକାର୍ପିତ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଉତ୍ସବ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ସମେତ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା ଓ ସ୍ଥାନୀୟ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ଫଣିଭୂଷଣ ବାରିକ୍, ନାଏବ ସରପଞ୍ଚ ବେଣୁଧର ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବୀନ ଚନ୍ଦ୍ର ସାହୁ ଓ ପ୍ରଧାନ ଶିକ୍ଷକ କାମଦେବ ତ୍ରିପାଠୀଙ୍କ ସମେତ ବହୁ ଛାତ୍ରୀଛାତ୍ର, ଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ୨ଟି ସ୍ମାର୍ଟ କ୍ଲାସ୍ ରୁମ୍ ଇ- ଲାଇବ୍ରେରୀ ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

# ଜାତୀୟ ବାଳିକା ଦିବସ ଉପଲକ୍ଷେ ପ୍ରତିଯୋଗିତା





ଟାଙ୍ଗୀ-ଖୋର୍ଦ୍ଧା,୨୪।୧(ରଘୁନାଥ ସାହୁ)

ଜାତୀୟ ବାଳିକା ଦିବସ ଉପଲକ୍ଷେ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ବ୍ଲକସ୍ତରୀୟ ତର୍କ, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ତର୍କ ପ୍ରତିଯୋଗିତାରେ ଶୋଭାମୟୀ ଜେନା ପ୍ରଥମ, ଭାଗ୍ୟଲକ୍ଷ୍ମୀ ପାତ୍ର ଦ୍ୱିତୀୟ, ଚିନ୍ମୟୀ ମହାପାତ୍ର ତୃତୀୟ ସ୍ଥାନ ହାସଲ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ସନ୍ତୋଷୀ ପ୍ରଧାନ ପ୍ରଥମ, ସାଇନା ପ୍ରିୟଦର୍ଶିନୀ ଦ୍ୱିତୀୟ, ଗୀତାଞ୍ଜଳି ସୁନ୍ଦରାୟ ତୃତୀୟ ସ୍ଥାନ ହାସଲ କରିଥିଲେ। ଚିତ୍ରାଙ୍କନରେ ରଶ୍ମିକା ଦଳାଇ ପ୍ରଥମ, ଅର୍ଚ୍ଚିତା ଅପରାଜିତା ଦ୍ୱିତୀୟ, ଶ୍ରୀୟା ଅରିସଲ ତୃତୀୟ ସ୍ଥାନ ହାସଲ କରିଥିଲେ। ଟାଙ୍ଗୀ ବ୍ଲକ ଅଧୀନ ପ୍ରତି କ୍ଲଷ୍ଟରରୁ ୩ ଜଣ ଲେଖାଏଁ ଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଟାଙ୍ଗୀ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସାବିତ୍ରୀ ସାହୁ, ସୁଧାଂଶୁ ମଞ୍ଜରୀ ଦେବୀ, ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ସିଆର୍‌ସିସି ପ୍ରସନ୍ନ ପାଇକରାୟ, ଦୀନବନ୍ଧୁ ପୃଷ୍ଟି, ଅମିତ ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ଜାତୀୟ ବାଳିକା ଦିବସ

ବେଗୁନିଆ,୨୪।୧(ହର ପ୍ରସନ୍ନ ପଣ୍ଡା)

ଗୋଷ୍ଠୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ବେଗୁନିଆ ବ୍ଲକସ୍ତରୀୟ 'ଜାତୀୟ ବାଳିକା ଦିବସ' ସ୍ଥାନୀୟ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ପାଳିତ ହୋଇଯାଇଛି। ସମାରୋହରେ ବିଇଓ ଭାସ୍କର ଚନ୍ଦ୍ର ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ବ୍ଲକର ୧୨୦ ଜଣ ଛାତ୍ରୀ ବିଭିନ୍ନ ପ୍ରତିଯୋଗିତା ଅର୍ଥାତ୍ ବିତର୍କ, ଏକକ କଣ୍ଠ ସଙ୍ଗୀତ ଓ ଚିତ୍ରାଙ୍କନରେ ଅଂଶଗ୍ରହଣ କରିଥିଲେ। ସମଗ୍ର ବିଶ୍ୱରେ ଝିଅମାନେ ସାମ୍ନା କରୁଥିବା ଲିଙ୍ଗଗତ ଭେଦଭାବକୁ ନେଇ ସଚେତନତା ବୃଦ୍ଧି କରିବା ଜରୁରୀ। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି ଅଧିକାର, ଆଇନ ଅଧିକାର, ଯୌନ ନିର୍ଯାତନା ଏବଂ ଅପରିପକ୍ୱ ବୟସରୁ ବିବାହ ଆଦି ଅସମାନତା ବିରୋଧରେ ଲଢ଼େଇ ଜାରି କରାଯାଉ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଆର୍‌ସିସି ଲକ୍ଷ୍ମୀ ଦେଇ, ଏବିଇଓ ଚନ୍ଦ୍ରକାନ୍ତି ନାୟକ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାସୁଦେବ ବେହେରା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସମାରୋହରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକର ସମସ୍ତ ସିଆର୍‌ସିସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସିଆର୍‌ସିସି ସରୋଜ ବେହେରା ଧନ୍ୟବାଦ ଦେଇଥିଲେ।





ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀମାନେ।

# ବନାଗ୍ନି ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ରୀଛାତ୍ର

ନିରାକାରପୁର,୨୪।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ଭୂଷଣ୍ଡପୁର ଫରେଷ୍ଟ ବିଭାଗର, ଭାଗ୍ୟରୂପୀ ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ଆନୁକୂଲ୍ୟରେ ବଡ଼ପୋଖରିଆ ପଞ୍ଚାୟତର ବୋଡ଼ଙ୍ଗରା ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ, ବୋଡ଼ଙ୍ଗରା ପାଟଣା ସ୍କୁଲ ପରିସରରେ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଗୀତାଞ୍ଜଳି ପ୍ରଧାନଙ୍କ ପୌରୋହିତ୍ୟରେ ଭୂଷଣ୍ଡପୁର ବନପାଳ ପ୍ରଶାନ୍ତ ଦାଶ ଅତିଥି ଭାବେ ଯୋଗଦେଇଥିଲେ। ବଣ ଜଙ୍ଗଲ ହେଉଛି ଆମମାନଙ୍କ ସମ୍ପତ୍ତି। ଆମେ ଏହାକୁ କେବେ ନଷ୍ଟ କରିବା ନାହିଁ କି ଧ୍ୱଂସ ହେବାକୁ ଦେବା ନାହିଁ। ବନ୍ୟଜନ୍ତୁ ହେଉଛନ୍ତି ଆମର ବନ୍ଧୁ, ସେମାନଙ୍କୁ କୌଣସି ପରିସ୍ଥିତିରେ କ୍ଷତି ନ ପହଞ୍ଚାଇବା ନିମିତ୍ତ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଦାଶ ସଚେତନ କରିଥିଲେ। ଅନ୍ୟତମ ଅତିଥି ଭାବେ ବଡ଼ପୋଖରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ସାଗର ବଳିୟାରସିଂ, ନାଏବ ସରପଞ୍ଚ ଶ୍ରୀନିବାସ ପ୍ରଧାନ, ପ୍ରାକ୍ତନ ପରିଚାଳନା କମିଟି ସଭାପତି ପାଣ୍ଡ ପ୍ରଧାନ ପ୍ରମୁଖ ଯୋଗଦେଇ ବନ ବିଭାଗର ଏଭଳି କାର୍ଯ୍ୟକୁ ସାଧୁବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସ୍କୁଲର ଛାତ୍ରୀଛାତ୍ର ବିଭିନ୍ନ ଉପଦେଶ ଥିବା ପ୍ଲାକାର୍ଡ ଧରି ଏକ ସଚେତନତା ସମ୍ପର୍କିତ ଶୋଭାଯାତ୍ରା କରିଥିଲେ। ପରେ ଶ୍ରୀସାଇ ଡ୍ୟାନ୍ସ ଗ୍ରୁପ ଏକାଡେମୀ ନିରାକାରପୁର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ଓ ପଶୁପକ୍ଷୀଙ୍କ ସୁରକ୍ଷା ନିମିତ୍ତ ସଚେତନତା ପ୍ରଚାର କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ କିଶୋର ଦାଶ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। କାହ୍ନୁ ପ୍ରଧାନ, ଗଦାଧର ପ୍ରଧାନଙ୍କ ସମେତ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା, ବନ କର୍ମଚାରୀ, ଅଭିଭାବକ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଜନସାଧାରଣଙ୍କୁ ସଚେତନ କରାଉଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୪।୧।୨୦୨୪

| | |
|---|---|
| ୩,୬୫,୫୯୧ ଟଙ୍କା | |
| ସୁନା | ୭.୬୦୦ ଗ୍ରାମ୍ |
| ରୁପା | ୨୬ ଗ୍ରାମ୍ |

## ସଂକ୍ଷେପରେ

### ୧୦ରେ ସର୍ବଭାରତୀୟ ଭଲିବଲ୍ ପ୍ରତିଯୋଗିତା

କଣାସ,୨୪।୧(ବିଭୂତି ଭୂଷଣ ତ୍ରିପାଠୀ): ଆସନ୍ତା ୧୦ ତାରିଖରେ ସର୍ବଭାରତୀୟ ମନୋରଞ୍ଜନ ସ୍ମାରକୀ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ କଣାସ ବ୍ଲକର ଦୋକନ୍ଦା ଗ୍ରାମରେ ପ୍ରତିଷ୍ଠିତ ନୀଳକଣ୍ଠ ମନ୍ଦିର ପରିସରରେ ଆଞ୍ଚଳିକ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବୁଧବାର ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଞ୍ଜୟ କୁମାର ଛୁଆଳସିଂ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଏ.କେ.ଏସ୍.ପି ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, କ୍ଲବ ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ରଣସିଂ, ବଟକୃଷ୍ଣ ଜେନା, ଶିକ୍ଷାବିତ୍ ପରିକ୍ଷିତ ବଡ଼ଜେନା, ଭାଗୀରଥି ମହାପାତ୍ର, ଡମ୍ବରୁଧର ସୁନ୍ଦରାୟ, ବୀରବର ଭଞ୍ଜ, ଶ୍ରୀକାନ୍ତ ନାୟକ, ଆଶିଷ ବଳିୟାରସିଂ, ପ୍ରେମାନନ୍ଦ ଜାଲି, ରିଙ୍କୁ ଭାରିମଲ୍ଲ, ବିଭୂତି ଭୂଷଣ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### 'ଭାଜପାର ବସ୍ତି ସମ୍ପର୍କ ଅଭିଯାନ' ବୈଠକ

ନିମାପଡ଼ା,୨୪।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ଭାଜପା ପକ୍ଷରୁ ବସ୍ତି ସମ୍ପର୍କ ଅଭିଯାନ ସଂକ୍ରାନ୍ତୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭାଜପା କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାଜପା ବରିଷ୍ଠ ନେତା ପ୍ରଭାତୀ ପରିଡ଼ା, ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, କୈଳାସ କର, ଶେଖ ଇବ୍ରାହିମ୍, ସାବିତ ଖାନ, ରେହମାନ ଖାନ୍ ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ୧୨ଟି ଗ୍ରାମ ପଞ୍ଚାୟତ ଥିବା ସଂଖ୍ୟା ଲଘୁ ସମ୍ପ୍ରଦାୟର ଲୋକଙ୍କୁ ଏକଜୁଟ୍ କରିବାକୁ ଭାଜପା ଜୋରଦାର୍ ପ୍ରୟାସ ଓ ଅଭିଯାନ ଆରମ୍ଭ କରିଛି। ବସ୍ତି ସମ୍ପର୍କ ଅଭିଯାନ ଜରିଆରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସଂଖ୍ୟା ଲଘୁ ସମ୍ପ୍ରଦାୟର ବିକାଶ ପାଇଁ କରିଥିବା ବିଭିନ୍ନ ଲୋକାଭିମୁଖୀ, ବିକାଶମୂଳକ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ସେମାନଙ୍କ ବିକାଶ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଭାଜପା ସଂକଳ୍ପ ବଦ୍ଧ ବୋଲି ବୈଠକରେ ପରିଡ଼ା କହିଥିଲେ।

# ଶ୍ରଦ୍ଧାଳୁଙ୍କୁ ସ୍ୱାଗତ ପାଇଁ ସଜେଇ ହୋଇଛି ସମଙ୍ଗ

- ଶ୍ରୀଜଗନ୍ନାଥ ବସ୍‌ରେ ପୁରୀ ଆସିବେ
- ଖାଦ୍ୟ, ପାନୀୟ, ରହଣି ବ୍ୟବସ୍ଥା କରିଛି ପ୍ରଶାସନ

ପୁରୀ,୨୪।୧(ଅଜିତ୍ ମହାନ୍ତି)



ଶ୍ରୀମନ୍ଦିର ପରିକ୍ରମା ମାର୍ଗର ଲୋକାର୍ପଣ ପରେ ରାଜ୍ୟର କୋଣ ଅନୁକୋଣରୁ ଭକ୍ତମାନେ ଯେପରି ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାର୍ଗରେ ପ୍ରଦକ୍ଷିଣ କରିପାରିବେ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତମାନେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ମାଧ୍ୟମରେ ପୁରୀକୁ ଆସିବେ। ବସ୍‌ଗୁଡିକର ପାର୍କିଂ ଓ ଭକ୍ତଙ୍କ ରହଣି ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ସମଙ୍ଗଠାରେ ବ୍ୟବସ୍ଥା ହୋଇଛି। ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରିବାକୁ ସମଙ୍ଗ ସଜେଇ ହୋଇଛି।

ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ଦେଢ଼ଲକ୍ଷ ଭକ୍ତ ଆସିବେ ବୋଲି ଆକଳନ କରାଯାଇଛି। ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିବେ। ଶ୍ରୀମାର୍ଗ ଓ ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ଆୟୋଜିତ ପ୍ରଦର୍ଶନୀରେ ଜଗନ୍ନାଥ ସଂସ୍କୃତିକୁ ନେଇ ଜ୍ଞାନ ସାଉଟିବେ। ଏଥିପାଇଁ ପୁରୀ ସମଙ୍ଗ ପାର୍କିଂରେ ସମସ୍ତ ପ୍ରସ୍ତୁତି ସରିଛି। ଗୁରୁବାରଠାରୁ ଭକ୍ତଙ୍କୁ ଅଣାଯିବ ବୋଲି ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ଜାନୁଆରୀ ୨୫ରୁ ଫେବୃଆରୀ ୨୦ ତାରିଖ ମଧ୍ୟରେ ପ୍ରତ୍ୟେକ ଦିନ ପାଖାପାଖି ୧୦ ହଜାର ଲେଖାଏ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଭକ୍ତଙ୍କ ରହଣି ସହ ଖାଦ୍ୟ ପାନୀୟ ବ୍ୟବସ୍ଥା ସମଙ୍ଗ ପାର୍କିଂଠାରେ ହୋଇଛି। ଏଥିପାଇଁ ବିଶାଳକାୟ ୨ଟି ଟେଣ୍ଟ ବନ୍ଧାଯାଇଛି। ଗୋଟିଏ ଟେଣ୍ଟ ତଳେ ପାଖାପାଖି ୫୦୦୦ ଲୋକ ବସି ଖାଦ୍ୟ ଖାଇପାରିବେ। ଏଠାରେ ଚେୟାର ଓ ଡାଇନିଂ ଟେବୁଲ ମଧ୍ୟ ପକାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ସ୍ନାନ ଶୌଚ ବ୍ୟବସ୍ଥା କରାଯାଇଛି। ପାଖାପାଖି ୩୦ଟି ଉଠା ଶୌଚାଳୟ ବ୍ୟବସ୍ଥା ହୋଇଛି। ପାନୀୟ ଜଳ ପାଇଁ ୫୦ରୁ ୬୦ ମିଟର ବ୍ୟବଧାନରେ ଗୋଟିଏ ଲେଖାଏଁ ପାଣି ଟାଙ୍କି ରଖାଯାଇଛି। ଏଠାରେ ସମୁଦାୟ ୨୦ଟି ପାଣି ଟାଙ୍କି ରଖାଯାଇଛି। ଏହା ଛଡ଼ା ଦୂର ଜାଗାରୁ ଯାତ୍ରା କରି ଆସିଥିବା ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରରେ ପହଞ୍ଚି ଆରାମ ନେବାକୁ ଚାହିଁଲେ ସେଥିପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ ହୋଇଛି। ପାର୍କିଂ ପରିସରରେ ୩ଟି ଅସ୍ଥାୟୀ ସେଡ୍ ପ୍ରସ୍ତୁତ କରାଯାଇଛି। ଏଥିସହ ଗୋଟିଏ ଅଫିସ୍ ରୁମ୍ ସହ ୫ଟି ରୋଷେଇଶାଳା ଓ ରନ୍ଧା ଖାଦ୍ୟ ପାଇଁ ଷ୍ଟୋର୍ ରୁମ୍, ଡାଏନିଂ ଷ୍ଟଲ, ପିଇବା ପାଣିର ବ୍ୟବସ୍ଥା, ଟଏଲେଟ୍, ସିସିଟିଭି, ସୁରକ୍ଷାକର୍ମୀ, ଫାଷ୍ଟ ଏଡ୍ ସେଣ୍ଟର, ଦମକଳ ଗାଡି, ପୋଲିସ ଆଉଟପୋଷ୍ଟ, ମିଲ୍ ଖାଇବା ପାଇଁ ବିରାଟ ଷ୍ଟଲ୍ ଇତ୍ୟାଦି ବ୍ୟବସ୍ଥା ହୋଇଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ବୁଧବାର ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବସ୍‌ଗୁଡ଼ିକ ସମଙ୍ଗ ପାର୍କିଂରେ ଲାଗିବା ପରେ ଏଥିରେ ଆସିଥିବା ଭକ୍ତମାନଙ୍କୁ ଜଳଖିଆ ଖାଇବାକୁ ଦିଆଯିବ। ସେଠାରୁ ସେମାନଙ୍କୁ ବସ ଯୋଗେ ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ପାର୍କିଂ ଓ ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିର ନିଆଯିବ। ପ୍ରଦର୍ଶନୀ ବୁଲି ଜଗନ୍ନାଥଙ୍କ ୨୫ଟି ବେଶ, ପରିକ୍ରମା ପ୍ରକଳ୍ପ ପ୍ରତିକୃତି, ରଥଯାତ୍ରା ପ୍ରତିକୃତିର ଦର୍ଶନ କରିବା ସହ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଜ୍ଞାନ ଅର୍ଜନ କରିବେ। ଶ୍ରୀମନ୍ଦିରରୁ ଦର୍ଶନ ସାରି ଫେରିବା ପରେ ମଧ୍ୟାହ୍ନ ଭୋଜନ କରି ଶ୍ରଦ୍ଧାଳୁ ନିଜନିଜ ଅଞ୍ଚଳକୁ ଫେରିବେ। ଏନେଇ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇ କହିଛନ୍ତି, ୨୫ ତାରିଖଠାରୁ ପ୍ରତ୍ୟେକ ଜିଲାରୁ ଭକ୍ତମାନେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ୮ ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ଭକ୍ତ ଆସିପାରନ୍ତି। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନରେ ଗଞ୍ଜାମ, ମୟୂରଭଞ୍ଜ ସହ ଅନ୍ୟ ୩ଟି ଜିଲାରୁ ଭକ୍ତ ପୁରୀ ଆସିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁଯାୟୀ ସୁଆରମହାସୁଆର ନିଯୋଗ ଦୈନିକ ୨୦ହଜାର ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟଞ୍ଜନ ବା ମିଲ୍ ବାଣ୍ଟିବା ସହ ମହାପ୍ରଭୁଙ୍କ ଶୁଖିଲା ଭୋଗ ପେଡିରେ ବାଣ୍ଟିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖିଛି। ପ୍ରତ୍ୟେକ ମିଲ୍ ପିଛା ୧୨୦ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ସେଥିରେ ଜିରା ରାଇସ୍, ଡାଲମା, ବେସର,ମହୁର, ଖଟା, ଖିରି ଓ ପାଣି ବୋତଲର ବ୍ୟବସ୍ଥା ରହିଥିବା ସହ ୫୦ ଟଙ୍କା ମୂଲ୍ୟର ଗୋଟିଏ ପେଡି ମହାପ୍ରଭୁଙ୍କ ଶୁଖିଲା ଭୋଗ ରହିଥିବା ଜଣାପଡ଼ିଛି।

# ଭ୍ରୂଣହତ୍ୟା ରୋକିବା ଉପରେ ଗୁରୁତ୍ୱ



ଜିଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ମଞ୍ଚାସୀନ ଅତିଥି ।

ପୁରୀ, ୨୪।୧(ଅଜିତ ମହାନ୍ତି): ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପେଣ୍ଠକଟାଠାରେ ଜିଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହିତ ସେ ସମସ୍ତଙ୍କୁ ଭ୍ରୂଣ ପରୀକ୍ଷା ଏବଂ କନ୍ୟା ଭ୍ରୂଣ ହତ୍ୟା ରୋକିବା ପାଇଁ ଥିବା ନିୟମ କାନୁନ ବିଷୟରେ ବୁଝାଇଥିଲେ। ଏଏନ୍‌ଏମ ତାଲିମ କେନ୍ଦ୍ର ଅଧକ୍ଷା ନୟନା ସାମଲ ଶିଶୁ କନ୍ୟା ସନ୍ତାନଙ୍କ ନିମନ୍ତେ ରହିଥିବା ସରକାରୀ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ କହିଥିଲେ, କନ୍ୟାଟିଏ ଅବହେଳିତ ହେବାରେ ସାମାଜିକ ପରମ୍ପରା, ଅନ୍ଧବିଶ୍ୱାସ ଅନେକାଂଶରେ ଦାୟୀ। କନ୍ୟା ସନ୍ତାନ ମଧ୍ୟ ଦେଶ ଗଠନରେ ସମାନ ଭାଗିଦାର ହୋଇପାରିବ। ସହକାରୀ ପରିଚାଳକ (ପିସିପିଏନଡିଟି) ପ୍ରଶାନ୍ତ କୁମାର ବେଆଇନ ଭାବେ ଭ୍ରୂଣ ପରୀକ୍ଷା କରୁଥିବା ଅନୁଷ୍ଠାନ ବିଷୟରେ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ କିମ୍ବା ପରିବାର କଲ୍ୟାଣ ନିର୍ଦ୍ଦେଶକଙ୍କୁ ଅବଗତ କରାଇଲେ ତିନୋଟି ସୋପାନରେ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶିର ପ୍ରାବଧାନ ଅଛି ବୋଲି କହିଥିଲେ। ପେଣ୍ଠକଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ହୋ, ଜନସ୍ୱାସ୍ଥ୍ୟ ପରିଚାଳକ ରଞ୍ଜିତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ସହକାରୀ ପରିଚାଳକ (ତାଲିମ) ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା

ପୁରୀ, ୨୪।୧(ଅଜିତ୍ ମହାନ୍ତି) ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ସାହିତ୍ୟ ଓ ସଂସ୍କୃତି ପ୍ରତିଯୋଗିତା ବୁଧବାର ଶ୍ରୀବିହାରସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧକ୍ଷ ଡ. ଶତ୍ରୁଘ୍ନ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏହି ଅବସରରେ ସଙ୍ଗୀତ, ନାଟକ, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପୁରୀ, ବାଲେଶ୍ୱର, ରାଉରକେଲା, ଯାଜପୁର ଓ କେନ୍ଦ୍ରାପଡ଼ାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ୍ ଡ. ଲକ୍ଷ୍ମୀଧର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଚାରକ ଭାବେ ନାଟ୍ୟକାର ବଦ୍ରି ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ରବି ତ୍ରିପାଠୀ, ଅଭିନେତା ବିଶ୍ୱନାଥ ମିଶ୍ର ଯୋଗଦେଇଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଫେସର ନୀଳକଣ୍ଠ ପତି, ଦୁର୍ଗାପ୍ରସାଦ ଦାସ ମହାପାତ୍ର, ପ୍ରଦୀପ ନନ୍ଦ ଓ ବସନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଶ୍ରୀକ୍ଷେତ୍ର ବିକାଶ ସଂକଳ୍ପ ମହିଳା ସମାବେଶ




ବିଜେଡି ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଶ୍ରୀକ୍ଷେତ୍ର ବିକାଶ ସଂକଳ୍ପ ମହିଳା ସମାବେଶ ଓ ପଦଯାତ୍ରା ।

ପୁରୀ,୨୪।୧(ଅଜିତ୍ ମହାନ୍ତି)

ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଶ୍ରୀକ୍ଷେତ୍ର ବିକାଶ ସଂକଳ୍ପ ମହିଳା ସମାବେଶ ଓ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ନିର୍ବାଚନ ମଣ୍ଡଳୀର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇ ବିଶାଳ ପଦଯାତ୍ରା କରିଥିଲେ। ଶୋଭାଯାତ୍ରା ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚଠାରୁ ବାହାରି ବଗଲା ଧର୍ମଶାଳା ନିକଟରେ ପହଞ୍ଚିଥିଲା। ସେଠାରେ ସାଧାରଣ ସଭା ହୋଇଥିଲା। ଏଥିରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ରବିଶଙ୍କର ପ୍ରତିହାରୀ, ରବି ସାମନ୍ତରାୟ, ଜିଲା ବିଜୁ ଯୁବ ଜନତା ଦଳର ସଭାପତି ନାରାୟଣ ସ୍ୱାଇଁ, ପୁରୀ ସଦର ସମିତି ସଭ୍ୟା ମାମିନା ସାହୁ, ଗୀତାଞ୍ଜଳି ବେହେରା, ଗୀତାଞ୍ଜଳି ସେନାପତି, ମମତା ସମର୍ଥା, ଅର୍ବାନ କୋଅପରେଟିଭ ବ୍ୟାଙ୍କ ଉପସଭାପତି ମମତା ସାହୁ, ପୂର୍ବତନ କାଉନସିଲର ସୁଚିସ୍ମିତା ସାହୁ, ଅଞ୍ଜୁ ପ୍ରଧାନ, ଅରୁଣିମା ନନ୍ଦ, ସନ୍ଧ୍ୟାରାଣୀ ଭଞ୍ଜ, ଭାରତୀ ମହାପାତ୍ର, ଗୀତାରାଣୀ ମିଶ୍ର ପ୍ରମୁଖ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଜେଡି ଜିଲା ସମ୍ପାଦିକା ସୁଶ୍ରୀ ରୋଜାଲିନ ନାୟକ ସଂଯୋଜନା କରିଥିଲେ। ଆଗାମୀ ଦିନରେ ୩୨ଟି ୱାର୍ଡ ଏବଂ ୨୨ଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଖୁଣ୍ଟିଆ କହିଥିଲେ। ସଭାରେ ସମସ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଂକଳ୍ପ ନେଇଥିଲେ। ଶ୍ରୀକ୍ଷେତ୍ରର ବିକାଶରେ ସମସ୍ତେ ସାମିଲ ହେବା ପାଇଁ ସଂକଳ୍ପ ନିଆଯାଇଥିଲା। ଶେଷରେ ସୁଚିସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟସ୍ତରୀୟ ବନାଟି ପ୍ରତିଯୋଗିତା

ପୁରୀ,୨୪।୧(ଅଜିତ୍ ମହାନ୍ତି)

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବିଦ୍ୟାଳୟସ୍ତରୀୟ ବନାଟି ସାଧାରଣ ଘୂର୍ଣ୍ଣନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବାଳିକା ବିଭାଗରେ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ସସ୍ମିତା ବେହେରା ପ୍ରଥମ, ଜୟଶ୍ରୀ ଦଳେଇ ଦ୍ୱିତୀୟ ଏବଂ ରିୟା ଦେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳକ ବିଭାଗରେ ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ମନ୍ଦିରର ତୃପ୍ତିକାନ୍ତ ହାଂସଦା ପ୍ରଥମ, ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ସଦାଶିବ ଶ୍ରୀଚନ୍ଦନ ଦ୍ୱିତୀୟ ଏବଂ ଆକାଶ ବେହେରା ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରତିଯୋଗିତାରେ ବନାଟି ଗୁରୁ ତଥା ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ, ବନାଟି ଆଚାର୍ଯ୍ୟ ଜଗନ୍ନାଥ ସୁଆର, ସାମ୍ବାଦିକ କୈଳାସ ଚନ୍ଦ୍ର ପଣ୍ଡା, ପିଣ୍ଟୁ ଜେନା ଓ ଆଲୋକ ଗୁରୁ ପ୍ରମୁଖ ବିଚାରପତି କାର୍ଯ୍ୟ ତୁଲାଇଥିଲେ। ଆସନ୍ତା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ବିଜୟୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିବେ। ପ୍ରତିଯୋଗିତା ପରିଚାଳନାରେ ଶିକ୍ଷକ ଧର୍ମେନ୍ଦ୍ର ହାଂସଦା ସହଯୋଗ କରିଥିଲେ ।

# ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ନୂଆ-ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ।

ଅସ୍ତରଙ୍ଗ,୨୪।୧(ପ୍ରଦୀପ୍ତ ଦୀକ୍ଷିତ): ଅସ୍ତରଙ୍ଗ ବ୍ଲକ ଅଧୀନ ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଚିତ୍ତରଞ୍ଜନ ପରିଡ଼ା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟର ବିଶିଷ୍ଟ ବାଗ୍ମୀ ତଥା ରତନପୁର ବିଜ୍ଞାନ ମହାବିଦ୍ୟାଳୟ ଅବସରପ୍ରାପ୍ତ ପୂର୍ବତନ ଅଧକ୍ଷ ପ୍ରସନ୍ନ ରଥ, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍, କବି, ପ୍ରବଚକ ତଥା ଜଗନ୍ନାଥ ସଂସ୍କୃତି ଗବେଷକ କାଳନ୍ଦୀ ଚରଣ ଛାଟୋଇ, ସମ୍ମାନିତ ଅତିଥି ଭାବେ କୋରଣା ପଞ୍ଚାୟତ ସମିତିସଭ୍ୟା କମଳା ରାଉତ, ଅଧ୍ୟାପକ ଶିବପ୍ରସାଦ ବିଶ୍ୱାଳ, ଅଧ୍ୟାପକ ବିଜୟ ସ୍ୱାଇଁ, ଅଧ୍ୟାପକ ଲଛମନ ଜେନା, ଅଧ୍ୟାପକ ଭଞ୍ଜକିଶୋର ମହାନ୍ତି, ଅଧ୍ୟାପକ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ନୋଡାଲ ଅଧିକାରୀ ଭଞ୍ଜକିଶୋର ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଗଳ୍ପ, ଲିଖନ, ସାଧାରଣ ଜ୍ଞାନ, ଆଲୋଚନାଚକ୍ର ଓ ଜଗନ୍ନାଥ ସଂସ୍କୃତିଉପରେ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପୁରସ୍କାର ବିତରଣ କରାଯାଇଥିଲା। ଅନ୍ତିମ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ଭଞ୍ଜକିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ସର୍ବଧର୍ମ ସମନ୍ୱୟର ପ୍ରତୀକ: ଶ୍ରୀଜଗନ୍ନାଥ' ପାଠଚକ୍ର

ବଳଙ୍ଗା,୨୪।୧(କେଦାରେଶ୍ୱର ନନ୍ଦ):

ବଳଙ୍ଗା ମହାବିଦ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନ୍ତର୍ଗତ ପାଠଚକ୍ର ଶୀର୍ଷକ 'ସର୍ବଧର୍ମ ସମନ୍ୱୟର ପ୍ରତୀକ: ଶ୍ରୀ ଜଗନ୍ନାଥ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଭାତ ସାହୁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଭାପତି ରାଜକିଶୋର ରଥ ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ମିଥୁନ ମଲ୍ଲିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ ପ୍ରସଙ୍ଗରେ ଓଡ଼ିଆ ଭାଷା ଉପରେ ପଡ଼ୋଶୀ ଭାଷା ତଥା ରାଜ୍ୟର ପ୍ରାଦୁର୍ଭାବ, ଅତ୍ୟାଚାର ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ରୂପେ କଲେଜର ପୂର୍ବତନ ଓଡ଼ିଆ ବିଭାଗ ଅଧ୍ୟାପକ ସନ୍ତୋଷ ସାହୁ ଯୋଗଦେଇ ଓଡ଼ିଆ ଭାଷାର, ଓଡ଼ିଆ ଜାତିର, ଓଡ଼ିଆ ଶିଳ୍ପୀ, ଓଡ଼ିଆ କବି, ଓଡ଼ିଆ ଔପନ୍ୟାସିକଙ୍କ କାର୍ଯ୍ୟଧାରାରେ ଶ୍ରୀ ଜଗନ୍ନାଥଙ୍କ ସ୍ପର୍ଶ ଓ ଏହାର ତାତ୍ତ୍ୱିକ ସଂଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଭାତ ସାହୁ ଜଗନ୍ନାଥଙ୍କ ମହିମା ଗାନ କରିବା ସହ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ଡ. ସୂର୍ଯ୍ୟମଣି ରଥ ମାନବ ସମାଜର ସୃଷ୍ଟି, ବୈଦିକ ରୀତିନୀତି, ଶ୍ରୀ ଜଗନ୍ନାଥଙ୍କର ଆବିର୍ଭାବ, ଶ୍ରୀ ଜଗନ୍ନାଥ ସଂସ୍କୃତିର ଅୟମାରମ୍ଭ ସମ୍ବନ୍ଧରେ ଐତିହାସିକ, ପୌରାଣିକ ମତ ପ୍ରଦାନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବଳଭଦ୍ର ରଥ ଧନ୍ୟବାଦ ଦେଇଥିଲେ। ବିଭାଗର ମୁଖ୍ୟ ଅଧ୍ୟାପକ ଡ. ପ୍ରଦୋଷ ପତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।




ବଳଙ୍ଗା ମହାବିଦ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପାଠଚକ୍ର ଅବସରରେ ମଞ୍ଚାସୀନ ଅତିଥି ।

# 'ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଗଣମାଧ୍ୟମ'

## ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ

ପୁରୀ,୨୪।୧(ଅଜିତ୍ ମହାନ୍ତି)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆଇଓୟୁଡବ୍ଲ୍ୟୁଜେ ସହବନ୍ଧିତ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ ଓ ପୁରୀ ଜିଲା ସମ୍ମିଳନୀ ସ୍ଥାନୀୟ ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଇଓୟୁଡବ୍ଲ୍ୟୁଜେର ଜାତୀୟ ସଭାପତି ଡ. ପୀତବାସ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ସେ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ମହାସଂଘର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ସ୍ତମ୍ଭକାର ଅରୁଣ କୁମାର ପଣ୍ଡାଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥିମାନେ କହିଥିଲେ, ସୂଚନା ପ୍ରଦାନ ସହ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭାବେ ଗଣମାଧ୍ୟମ କାର୍ଯ୍ୟ କରିଆସୁଛି। ବିଭିନ୍ନ ସମସ୍ୟା ମଧ୍ୟରେ ରହି ଖବରଦାତାମାନେ ଦାୟିତ୍ୱ ନିର୍ବାହ କରୁଥିବାବେଳେ ସେପରି କୌଣସି ସରକାରୀ ପ୍ରୋତ୍ସାହନ ମିଳିପାରୁ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ସହୃଦୟତାର ସହ ଦାବି ପୂରଣ ପାଇଁ ଅତିଥିମାନେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ, ଭାଜପା ମେଡିକାଲ ସେଲ୍ ଚେୟାରମ୍ୟାନ୍ ଡା. ଦେବେନ୍ଦ୍ର ତରାଇ, ସେବାୟତ ଗୋପାଳ ଖୁଣ୍ଟିଆ, ସମାଜସେବୀ ଚକ୍ରଧର ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସେବାୟତ ଭଗବାନ ସୁଆର, ନଗର କଂଗ୍ରେସ ସଭାପତି ଅମରେନ୍ଦ୍ର ପାଇକରାୟ, ୟୁନିୟନର ଜାତୀୟ ଉପ ସଭାପତି ମାନସ ମହାପାତ୍ର, ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ, ପୁରୀ ଆର୍‌ଟିଓ ରବୀନ୍ଦ୍ର ପଟ୍ଟନାୟକ, ସାହିତ୍ୟିକ ଶଙ୍କର ପରିଡା, ଓୟୁଡବ୍ଲ୍ୟୁଜେର ରାଜ୍ୟ ସଙ୍ଗଠନ ସମ୍ପାଦକ ଅର୍ଜୁନ ମୁଦୁଲି, ପିଏଚ୍‌ଇଡି ବିଭାଗ ଏସ୍‌ଇ ଭବାନୀ ମହାନ୍ତି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି କର, ସନତ ମିଶ୍ର, ଭୁବନେଶ୍ୱର ୟୁନିଟ ସଭାପତି କିଶୋର ମଙ୍ଗରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ଗଣମାଧ୍ୟମର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ' ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ଲୋଗୋ ଉନ୍ମୋଚନ କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଓୟୁଡବ୍ଲ୍ୟୁଜେ ପୁରୀ ଜିଲା ଶାଖା ସମ୍ପାଦକ ଜୟକୃଷ୍ଣ ଦାସ ପରିଚାଳନା ଓ ସାରଦା ନାୟକ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଖବରଦାତା ବିବେକାନନ୍ଦ ଦାସ, ଅକ୍ଷୟ ଧଳ, ରବି ମହାନ୍ତି, ମୀନକେତନ ବିଶ୍ୱାଳ, ସୁନିତା ପଣ୍ଡା, ରବି ପଟ୍ଟନାୟକ, ସୁବ୍ରତ କୁମାର, ସୁବଧି ଅଶୋକ ନାୟକ, ଶୈରେସ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ବନିତା ବେହେରା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଉଦ୍ୟାନ କୃଷି ତାଲିମ, ଦକ୍ଷତା ବିକାଶ କର୍ମଶାଳା

ମଙ୍ଗୁଳି-ଜଗତପୁର,୨୪।୧(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କାହେଁଇପୁର ପଞ୍ଚାୟତସ୍ଥିତ ଏକ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି ତାଲିମ ଦକ୍ଷତା ବିକାଶ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆତ୍ମା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଚାଷୀମାନେ ଚାଷ କ୍ଷେତ୍ରରେ ନିଜ ଦକ୍ଷତାକୁ ବିକଶିତ କରିବା ଏହି କର୍ମଶାଳା ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠି, ଉଦ୍ୟାନ କୃଷି ଅଧିକାରୀ ସଂଘମିତ୍ରା ବେହେରା, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଧୀରେନ୍ଦ୍ର ଜେଠି, ସ୍ଥାନୀୟ ସରପଞ୍ଚ ଭରତ ବେହେରା, ସମିତି ସଭ୍ୟା ସୁନନ୍ଦା ସାମଲ, ନିବାସ ପାଣ୍ଡବ, ଜୟଶ୍ରୀ ପ୍ରଧାନ, ଗୋବିନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ।

### ୱାର୍ଡ ପରିଦର୍ଶନ କଲେ ବିଧାୟକ

କଟକ,୨୪।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧ନଂ. ୱାର୍ଡର ବିଭିନ୍ନ ଅଞ୍ଚଳ ପରିଦର୍ଶନକରି ବିଧାୟକ ମହମ୍ମଦ ମୋକିମ। ସେଠାରେ ୱାର୍ଡବାସୀଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନାକରି ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଶତାବ୍ଦୀ ବିହାରସ୍ଥିତ ମା' ବଗଲାମୁଖୀ ମନ୍ଦିର ପରିଦର୍ଶନ କରିଥିଲେ। ଏଥିସହ ୱାର୍ଡ ଅଞ୍ଚଳରେ ବିଧାୟକ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ମୋକିମ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଭାନୁ ସେନାପତି, କୁନ୍‌ମୁନି ଦାସ, ରମେଶ କୁମାର ସାହୁ, କଳିଙ୍ଗ କିଶୋରୀ ଦାସ, ସରୋଜିନୀ ବାରିକ, ରତ୍ନାକର ବେହେରା, ସନ୍ଧ୍ୟାରାଣୀ ସାହୁ, ଅନିତା କାନୁନ୍‌ଗୋ, ସ୍ମୃତିରଞ୍ଜନ ମହାପାତ୍ର, ସତ୍ୟଶ୍ରୀ ବେହେରା ଉପସ୍ଥିତ ରହିଥିଲେ।

### 'ଅନାଦି ସାହୁ ଥିଲେ ନିଷ୍ଠାପର ଲେଖକ'

କଟକ,୨୪।୧ (କାର୍ତ୍ତିକ ସାହୁ)

ଅନାଦି ସାହୁ ଜଣେ ଦକ୍ଷ ପୋଲିସ ଅଫିସର ଓ ଏମ୍‌ପି ଭାବରେ କାର୍ଯ୍ୟ କରିଥିଲେ। ଏଥିସହ ଓଡ଼ିଆ ସାହିତ୍ୟକୁ ବିଭିନ୍ନ ଦିଗରୁ ସମୃଦ୍ଧ କରିବାରେ ଯେଉଁ ନିଷ୍ଠାପର ଉଦ୍ୟମ କରିଯାଇଛନ୍ତି ତାହା ଅବିସ୍ମରଣୀୟ। ଓଡ଼ିଆ ହାସ୍ୟ ବ୍ୟଙ୍ଗ ସାହିତ୍ୟକୁ ବିକଶିତ କରିବା ପାଇଁ ସେ ବହୁ ହାସ୍ୟଗଳ୍ପ ଓ ରମ୍ୟ ରଚନା ଲେଖି ପ୍ରଶଂସିତ ହୋଇଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ, ବନ୍ଧୁବତ୍ସଳ ବ୍ୟକ୍ତି ଓ ନିଷ୍ଠାପର ଲେଖକ ଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ କହିଛନ୍ତି। ହାସ୍ୟ ବିକାଶ କେନ୍ଦ୍ରର ସଭାପତି ଅନାଦି ସାହୁଙ୍କ ପରଲୋକରେ ଏକ ଶୋକସଭା ତଳତେଲେଙ୍ଗା ବଜାରସ୍ଥିତ ହାସ୍ୟ ବିକାଶ କେନ୍ଦ୍ରର କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଥାକାର ରଘୁନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ଗିରିଜାନନ୍ଦ ନାୟକ, ସାମାଜିକ କର୍ମୀ ସଜନ ଶର୍ମା, ପ୍ରକାଶକ ଶିବାଶିଷ କର, ଅଧ୍ୟାପକ ଡ. ଅଭୟ କୁମାର ରାଉତ ଓ କମଳ ମାହୁନ୍ତ ଯୋଗଦେଇ ଅନାଦିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହାସ୍ୟ ବିକାଶ କେନ୍ଦ୍ରର ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ଶୋକ ପ୍ରସ୍ତାବ ଆଗତ କରିଥିଲେ।

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ଦାବିରେ ଗଣଧାରଣା

କଣ୍ଟାପଡା,୨୪।୧(ସୁରନାରାୟଣ ସାହୁ)



ବ୍ଲକ୍ ସମ୍ମୁଖରେ ଧାରଣାରେ ବସିଥିବା ମହିଳା ଓ ଅନ୍ୟମାନେ।

କଟକ ଜିଲା କଣ୍ଟାପଡ଼ା ବ୍ଲକ ଅଧୀନ ୧୪ଟି ପଞ୍ଚାୟତରେ ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟ ବନ୍ଦ ରହିଛି। ଏହାର ପ୍ରତିବାଦରେ ଶାସକ ଦଳ ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ଗୋଷ୍ଠୀର ମହିଳାମାନେ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବ୍ଲକ ପ୍ରଶାସନ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ୨ବର୍ଷ ହେଲା ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ରହିଛି। ଏହାକୁ ନେଇ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ସାଧାରଣ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଗତ ପଞ୍ଚାୟତ ସମିତି ବୈଠକରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ଅର୍ଥ ବିନିଯୋଗ ପାଇଁ ବିଧାୟକ ପ୍ରମୋଦ ମଲ୍ଲିକଙ୍କ ହସ୍ତକ୍ଷେପକୁ ବିରୋଧକରି ସମିତି ଅଧ୍ୟକ୍ଷା ଜୀନା ଭୋଇ ବିଧାୟକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାକୁ ନେଇ ସେହି ଦିନଠାରୁ ଶାସକ ଓ ବିରୋଧ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ୪ ଦିନ ତଳେ ଶାସକ ଦଳ ଲୋକ ପ୍ରତିନିଧିମାନେ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ଭେଟିବା ସହ ଜିଲା ପ୍ରଶାସନ ସହିତ ଆଲୋଚନା କରି ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଦାବି କରିଥିଲେ। ତେବେ ପ୍ରଶାସନ ସହଯୋଗ ନ କରିବାରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅପରାହ୍ନରେ ଏବିଡିଓ ରୁବି ତପସ୍ୱିନୀ ଦାସ ଧାରଣାସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଭୋଟ ସଂଖ୍ୟା ବଢ଼ାଇବାର ସମୟ ଆସିଛି

କଟକ,୨୪।୧(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ପକ୍ଷରୁ ମହାନଦୀ ବିହାରସ୍ଥିତ ଏକ ମଣ୍ଡପଠାରେ 'ବୁଥ୍ ଚାଲ' ଅଭିଯାନର ପ୍ରସ୍ତୁତି ବୈଠକ ଓ କାର୍ଯ୍ୟକର୍ତ୍ତା ମିଳନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ନୟନ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ଯାହା କରୁଛନ୍ତି ତାହା ତୃଣମୂଳସ୍ତରରେ ଲୋକଙ୍କ ପାଖରେ ପହଞ୍ଚିବାର ଆବଶ୍ୟକତା ରହିଛି। ସମସ୍ତ ଉନ୍ନତମାନର କାର୍ଯ୍ୟ ସତ୍ତ୍ୱେ ଭୋଟ୍ ସଂଖ୍ୟାରେ ଆମେ ଅଟକି ଯାଉଛେ। ଏବେ ସେହି ସଂଖ୍ୟା ବଢ଼ାଇବାର ସମୟ ଆସିଛି। ଲୋକଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ କର୍ମୀଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଲୋକ ସଭା ବିସ୍ତାରକ ମୃତ୍ୟୁଞ୍ଜୟ ଜେନା, ଲୋକ ସଭା ସଂଯୋଜକ ସୁକାନ୍ତ ବିଶ୍ୱାଳ, ଜିଲା ସାଧାରଣ ସମ୍ପାଦକ ଭାଗୀରଥି ଦଳାଇ, ଜିଲା ଓବିସି ମୋର୍ଚ୍ଚା ସମ୍ପାଦକ ମହେନ୍ଦ୍ର ମହାନ୍ତି, କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡି ଛାଡି ୱାର୍ଡ ନଂ. ୩୭, ୫୩ ଓ ୫୫ରୁ ୧୫ ଜଣ ପ୍ରମୁଖ ନେତା, ଯୁବନେତା ଓ ମହିଳାଙ୍କ ସମେତ ୧୦୦ କର୍ମୀ ଦଳରେ ଯୋଗଦେଇଛନ୍ତି।

## 'ବରିଷ୍ଠ ନାଗରିକଙ୍କ ମାର୍ଗରେ ଅନୁପ୍ରାଣିତ ହୁଅନ୍ତୁ ଯୁବପିଢ଼ି'



ବାର୍ଷିକ ଉତ୍ସବରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଅନ୍ୟମାନେ।

ଖୁଣ୍ଟୁଣୀ,୨୪।୧(ସଚ୍ଚିଦାନନ୍ଦ ପଣ୍ଡା)

ଆଜିର କ୍ରମବର୍ଦ୍ଧିଷ୍ଣୁ ସମାଜରେ ବରିଷ୍ଠ ନାଗରିକମାନେ ଅଗ୍ରପୂଜ୍ୟ। ସେମାନଙ୍କ ଚିନ୍ତାଧାରା ଓ ସହନଶୀଳତା ପାଇଁ ଆମେ ଶୃଙ୍ଖଳିତ ଜୀବନ ବିତାଇ ପାରୁଛେ। ଆଜିର ଯୁବପିଢ଼ି ବରିଷ୍ଠ ନାଗରିକଙ୍କ ମାର୍ଗରେ ଅନୁପ୍ରାଣିତ ହୋଇପାରିଲେ ରାଜ୍ୟ ତଥା ଦେଶର ପ୍ରଗତି ସମ୍ଭବ ହେବ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଶ୍ରୀରାମ ବରିଷ୍ଠ ନାଗରିକ ସଂଘ(ନଦୀକୂଳ)ର ବାର୍ଷିକ ଉତ୍ସବ କଖଡ଼ି ଗ୍ରାମର ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ ବରିଷ୍ଠ ନାଗରିକଙ୍କର ଭ୍ରମଣ, ସ୍ୱାସ୍ଥ୍ୟ ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଧ୍ୟାନଦେବେ ବୋଲି କହିଥିଲେ। ସଂଘ ସଭାପତି ବେଣୁଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣମୋହନ ପଟ୍ଟନାୟକ, ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଲକ୍ଷ୍ମୀଧର ଶତପଥୀ, କଖଡ଼ି ସରପଞ୍ଚ କଳ୍ପନା ଛତାର ଓ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ଯୋଗଦେଇଥିଲେ। ସମ୍ପାଦକ କିରଣ ବିହାରୀ ଖଟୁଆ ବିବରଣୀ ପାଠ କରିଥିଲେ। ଗୌରାଙ୍ଗ ମହନ୍ତ, ଚନ୍ଦ୍ରଶେଖର ପରିଡା, ମିହିର ଶତପଥୀ, ରସାନନ୍ଦ ସ୍ୱାଇଁ, ଫକୀର ଚରଣ ଖଟୁଆ, ରାଜକିଶୋର ଖଟୁଆ ଓ ପ୍ରଫୁଲ୍ଲ ଚନ୍ଦ୍ର ଖଟୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ଧଳ ଧନ୍ୟବାଦ ଦେଇଥିଲେ।

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଉଦ୍‌ଘାଟିତ



ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ,୨୪।୧ (କାର୍ତ୍ତିକ ସାହୁ)

କଟକ ମାତୃଭବନ ପରିସରରେ ୪୫ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ତାଳଚେରସ୍ଥିତ ଅନନ୍ୟା ମହିଳା ମଣ୍ଡଳର ସଭାନେତ୍ରୀ ସୁସ୍ମିତା ଧଳ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଡ. ଅର୍ଚ୍ଚନା ନାୟକ କହିଛନ୍ତି, ପୃଥିବୀକୁ ଭାରତବର୍ଷ ନେତୃତ୍ୱ ଦେବାରେ ନାରୀମାନଙ୍କ ଭୂମିକା ଅତୁଳନୀୟ। ଶ୍ରୀଅରବିନ୍ଦଙ୍କ ଭବିଷ୍ୟବାଣୀ ଭାରତ ଦିନେ ସମଗ୍ର ପୃଥିବୀର ଗୁରୁ ହେବ ଏବଂ ତାହା ଖୁବ୍‌ଶୀଘ୍ର ସମ୍ଭବ ହେବାର ସମ୍ଭାବନା ଦେଖାଗଲାଣି। ଅନ୍ୟତମ ବକ୍ତା ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ଲୋପାମୁଦ୍ରା ମୁଖାର୍ଜୀ ତାଙ୍କ ବକ୍ତବ୍ୟରେ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଅନେକ ବାଣୀର ଅବତାରଣା କରିଥିଲେ। ଡା. ଶ୍ୟାମା କାନୁନ୍‌ଗୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନମିତା ନାୟକ ମନ୍ତ୍ର ଆବାହନୀ ଓ ମନୋରମା ନାୟକ ବାବାଜୀ ମହାରାଜଙ୍କ ବାର୍ତ୍ତା ପାଠ କରିଥିଲେ। ଡ. ବିଜୟିନୀ ମହାପାତ୍ର ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଜ୍ୟୋତ୍ସ୍ନା ପରିଡ଼ା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମ୍ମିଳନୀରେ ଯୋଗଦେଇଥିବା ପ୍ରତିନିଧିମାନେ ମାର୍ଚ୍ଚପାଷ୍ଟ କରି ଦିବ୍ୟଜନନୀଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ନବ ସନ୍ତାନର ସୃଷ୍ଟି ଶୀର୍ଷକ ନୃତ୍ୟନାଟିକା ପରିବେଷିତ ହୋଇଥିଲା।

### ଶିଶୁ ସଦନରେ ଜାତୀୟ ବାଳିକା ଦିବସ

ଚୌଦ୍ୱାର,୨୪।୧(ଆଶୁତୋଷ ଦାସ)

ସ୍ଥାନୀୟ ଶିଶୁ ସଦନରେ ଜାତୀୟ ବାଳିକା ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଚୌଦ୍ୱାର ଥାନାର ସସ୍ମିତା ଖିଲାର ଅତିଥି ଭାବେ ଯୋଗଦେଇ କହିଛନ୍ତି, କିଶୋରୀ, ବାଳିକା, ଯୁବତୀ ଓ ମହିଳାମାନଙ୍କ ପ୍ରତି ହେଉଥିବା ନିର୍ଯାତନା ରୋକିବା ଦିଗରେ ସରକାର ଆଇନ୍ ପ୍ରଣୟନ କରିଛନ୍ତି। ଯେକୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ତୁରନ୍ତ ପୋଲିସକୁ ସୂଚନା ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ଶିଶୁ ସଦନର ମୁଖ୍ୟ ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ଯୋଗଦେଇ ବାଳିକାଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଳିକା ସୁରକ୍ଷା ସମ୍ପର୍କିତ ଚଳଚ୍ଚିତ୍ର ପ୍ରଦର୍ଶନ ସହ ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅମିୟ କୁମାର ସେଠୀ, ସୁଧାଂଶୁ ଶେଖର ସାହୁ, ପ୍ରଦୀପ କୁମାର ଦାସ, ମନୋରଞ୍ଜନ ପାଲ, ପରେଶ ରଞ୍ଜନ ଓଝା, ଦୁର୍ଗେଶ ନାୟକ, ମଧୁସ୍ମିତା ମଲ୍ଲ, ମିତାବଳ ସାମନ୍ତ, ସସ୍ମିତା ବେହେରା, ପିଙ୍କି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ବକ୍ସି ଜଗବନ୍ଧୁ ଓଡ଼ିଶାର ଗର୍ବ, ଗୌରବ'

କଟକ,୨୪।୧(ଶିଳ୍ପା ପ୍ରିୟଦର୍ଶିନୀ)

**ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ**

ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ଅବସରରେ କଟକ ବକ୍ସିବଜାରଠାରେ ବକ୍ସିବଜାର ବ୍ୟବସାୟୀ ସଂଘ ପକ୍ଷରୁ ବୁଧବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବକ୍ସି ଜଗବନ୍ଧୁ ସ୍ମୃତି କମିଟି ସଭାପତି ସଲିଳ ଘୋଷଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ, ରାଜ୍ୟ ସାଧାରଣ ସମ୍ପାଦକ ଅରିନ୍ଦମ ରାଏ, ବକ୍ସି ଜଗବନ୍ଧୁ ସ୍ମୃତି କମିଟି ଅଧ୍ୟକ୍ଷ ପ୍ରଭାସ ଆଚାର୍ଯ୍ୟ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ବିଜେଡି ରାଜ୍ୟ ସମ୍ପାଦକ ପ୍ରଶାନ୍ତ ନାୟକ, ଉପସଭାପତି ମିଟା ନାୟକ, ବିଜେଡି ଜିଲା ଉପସଭାପତି ଧର୍ମେଶ ନାୟକ, ନନ୍ଦଲାଲ ସିଂ, ତନ୍ମୟ ରାଏ, ସାମାଜିକ କର୍ମୀ ପୁଷ୍ପିତା ମହାପାତ୍ର, ଏ. ଉମେଶ ରାଓ, ରାଜା ରାଓ, ବିକ୍ରମ କୁମାର ବାରିକ ଯୋଗଦେଇ ବକ୍ସି ଜଗବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। ବିଧାୟକ ମୋକିମ କହିଛନ୍ତି, ବକ୍ସି ଜଗବନ୍ଧୁ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରିଥିଲେ। ତାଙ୍କ ଭଳି ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତି କଟକ ସହରରେ ସ୍ଥାପନ ହେବାର ଆବଶ୍ୟକତା ରହିଛି। ଏ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ କହିଛନ୍ତି। ସେହିପରି ଦେବାଶିଷ ସାମନ୍ତରାୟ କହିଛନ୍ତି, ବକ୍ସି ଜଗବନ୍ଧୁ ଓଡ଼ିଶାର ଗର୍ବ ଓ ଗୌରବ। ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ସମସ୍ତ ପ୍ରସ୍ତୁତି ଚାଲିଛି। ଖୁବ୍‌ଶୀଘ୍ର ସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଏହି ସଭାରେ ବକ୍ସି ଜଗବନ୍ଧୁ ସ୍ମୃତି କମିଟି ସଦସ୍ୟ ଅରୁଣ ବିହାରୀ, ଜତିରାଜ ଦାସ, ସଂଗ୍ରାମ କେଶରୀ ରାଏ, ଶିବୁ ପ୍ରକାଶ ଘୋଷ ଉପସ୍ଥିତ ରହିଥିଲେ।

# 'ସାହିତ୍ୟ ପ୍ରଚାରରେ ପାଲାର ଭୂମିକା ଅତୁଳନୀୟ'

କଟକ,୨୪।୧ (କାର୍ତ୍ତିକ ସାହୁ)



ପାଲାଗାୟକ ପ୍ରଭାକର ପାଣିଙ୍କୁ 'ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ' ପ୍ରଦାନ କରାଯାଉଛି।

**ପାଲା ମହୋତ୍ସବ ଉଦ୍‌ଘାଟିତ**

ଓଡ଼ିଶାର ସାହିତ୍ୟ, ସଂସ୍କୃତି, ସଙ୍ଗୀତ ଓ ନୃତ୍ୟରେ ପାଲା ସମୃଦ୍ଧ। ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ପ୍ରଚାର-ପ୍ରସାର କ୍ଷେତ୍ରରେ ପାଲାର ଭୂମିକା ଅତୁଳନୀୟ ବୋଲି ଦୁଇଦିନିଆ ପାଲା ମହୋତ୍ସବର ବୁଧବାର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ଦୁଇଦିନିଆ ପାଲା ମହୋତ୍ସବକୁ ଅନୁଷ୍ଠାନର ପୃଷ୍ଠପୋଷକ ସଦସ୍ୟ ତଥା ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଡ. ଗାୟତ୍ରୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ନରସିଂହ ମହାପାତ୍ର ଓ ଉଦ୍‌ଘାଟକ ସାହୁ ପାଲାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପାଲାଗାୟକ ପ୍ରଭାକର ପାଣିଙ୍କୁ 'ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ପାଇଁ ସହଯୋଗ କରିଆସୁଥିବା ସାହିତ୍ୟିକ ବରଦା ପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ଥିଲେ। ଗାୟକ ପାଣି ଓ ସାଥୀ ସନ୍ତୋଷ କୁମାର ସାହୁ, ସଞ୍ଜୟ କୁମାର ପାଣି, ନରହରି ମାଝୀ, ମକରଧ୍ୱଜ ସାହୁ ଏବଂ ନାରାୟଣ ସାହୁ 'ଶ୍ରୀରାମଙ୍କ ଲଙ୍କାଯାତ୍ରା' ଶୀର୍ଷକ ପାଲା ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ମାନପତ୍ର ପାଠ ଓ କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଦିଲୀପ କୁମାର ଦାସ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି ଓ ତପନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପାଲା ଗାୟକ ସୁରେନ୍ଦ୍ର ନାଥ ଛୋଟରାୟ, ଅଜୟ କୁମାର ମହାନ୍ତି, ରଶ୍ମିରେଖା ସାହୁ ଓ ଦେବ ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କଟକ ଦେଉଳ ସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜରେ ନୂଆ-ଓ ଅନ୍ତର୍ଗତ ସାହିତ୍ୟ ପ୍ରତିଯୋଗୀତାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।




କଟକ ମହାନଦୀ ବିହାର ଶିଖରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଅତିଥିମାନେ ମୁଖପତ୍ର 'ପ୍ରେରଣା' ଉନ୍ମୋଚନ କରୁଛନ୍ତି।

# ମତଦାତା ଗଣତନ୍ତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ

## ଜାତୀୟ ଭୋଟର ଦିବସ

ଅଧିକ ଯୁବ ଭୋଟରଙ୍କୁ ରାଜନୈତିକ ପ୍ରକ୍ରିୟାରେ ଭାଗନେବାକୁ ଉତ୍ସାହିତ କରିବା ପାଇଁ ଭାରତ ସରକାର ପ୍ରତିବର୍ଷ ଜାନୁଆରୀ ୨୫କୁ 'ଜାତୀୟ ଭୋଟର ଦିବସ' ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତର ନିର୍ବାଚନ ଆୟୋଗର ମୂଳ ଦିବସ ପାଳନ ପାଇଁ ଏହା ୨୫ ଜାନୁଆରୀ ୨୦୧୧ରୁ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟର ଏକ ବୈଠକ ଏଥିପାଇଁ ଆଇନ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅନୁମୋଦନ କରିଥିବା ନେଇ ତତ୍କାଳୀନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅମ୍ବିକା ସୋନି ଗଣମାଧ୍ୟମକୁ କହିଥିଲେ।



୧୮ ବର୍ଷ ବୟସ ହାସଲ କରିଥିବା ନୂତନ ଭୋଟରଙ୍କୁ ନଜରରେ ରଖି ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ଆଗ୍ରହ ଦେଖାଉ ନ ଥିବାରୁ ସେ କହିଥିଲେ କେତେକ କ୍ଷେତ୍ରରେ ସେମାନଙ୍କ ନାମଲେଖା ସ୍ତର ୨୦ରୁ ୨୫ ପ୍ରତିଶତ କମ୍ ରହିଛି। ଏହି ସମସ୍ୟାର ଫଳପ୍ରଦ ମୁକାବିଲା ପାଇଁ ନିର୍ବାଚନ ଆୟୋଗ ଦେଶର ବିଭିନ୍ନ ମତଦାନ କେନ୍ଦ୍ରରେ ପ୍ରତିବର୍ଷ ଜାନୁଆରୀ ୧ରୁ ୧୮ ବର୍ଷ ବୟସ ହାସଲ କରିଥିବା ସମସ୍ତ ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଏକ ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହିପରି ଯୋଗ୍ୟ ଭୋଟରମାନେ ଠିକ୍ ସମୟରେ ନାମ ପଞ୍ଜୀକରଣ ଏବଂ ପ୍ରତିବର୍ଷ ଜାନୁଆରୀ ୨୫ରେ ସେମାନଙ୍କର ଇଲେକ୍ଟୋରାଲ ଫଟୋ ପରିଚୟ କାର୍ଡ (ଇପିସିଆଇ) ହସ୍ତାନ୍ତର କରାଯିବ ବୋଲି ସୋନି କହିଥିଲେ। ଏହି ପଦକ୍ଷେପ ଯୁବକମାନଙ୍କୁ ସଶକ୍ତୀକରଣ, ଗର୍ବ ଏବଂ ସେମାନଙ୍କ ଫ୍ରାଞ୍ଚାଇଜ୍ ଚଳାଇବା ପାଇଁ ପ୍ରେରଣା ଯୋଗାଇଥାଏ।

# ୨୦୨୫ ଖ୍ରୀଷ୍ଟମାସରେ ଭିକ୍କିଙ୍କ 'ଲଭ ଆଣ୍ଡ ୱାର୍'



ଭିକି କୌଶଲ

**ମୁମ୍ବାଇ:** ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀ ଫିଲ୍ମ 'ଲଭ ଆଣ୍ଡ ୱାର୍' ସହିତ ପୁଣି ଥରେ ସେ ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କର ଏହି ଫିଲ୍ମରେ ରଣବୀର ଭିକ୍କି କୌଶଲ କପୁର, ଆଲିଆ ଭଟ୍ଟଙ୍କୁ ଏକାଠି ଦେଖିବାକୁ ମିଳିବ। ଆଗରୁ ଏନେଇ ଆଲୋଚନା ହେଉଥିଲାବେଳେ ଏବେ ଏହି ଖବର ନିଶ୍ଚିତ ହୋଇଛି। ଏଥିସହ ନିର୍ଦ୍ଦେଶକ ଫିଲ୍ମର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ଆସନ୍ତା ଖ୍ରୀଷ୍ଟମାସ ଅବସରରେ ଡିସେମ୍ବର ୨୫ରେ ସିନେମା ଘରକୁ ଆସିବ। ଭିକ୍କି ଏନେଇ ଇନ୍ଷ୍ଟାଗ୍ରାମରେ ବୁଧବାର ଫିଲ୍ମର ଏକ ପୋଷ୍ଟର ଶେୟାର କରିଥିବାବେଳେ ପ୍ରଶଂସକମାନେ ଖୁସିବ୍ୟକ୍ତ କରିଛନ୍ତି। ଅନେକ ପ୍ରଶଂସକ ଫିଲ୍ମରେ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କୁ ମଧ୍ୟ ସାମିଲ କରିବାକୁ ଆଶା ପ୍ରକାଶ କରିଛନ୍ତି। ନିର୍ଦ୍ଦେଶକ ଭଁସାଲୀଙ୍କ ସହ ରଣବୀର ଏବଂ ଆଲିଆଙ୍କ ଏହା ୨ୟ ଫିଲ୍ମ ହେବ। ଏହା ପୂର୍ବରୁ ଭିକ୍କିଙ୍କୁ ଫିଲ୍ମ 'ସାମ୍ ବାହାଦୁର'ରେ ଦେଖିବାକୁ ମିଳିଥିଲା।

# 'ନେକେଡ୍ ମ୍ୟାନ୍' ଉତ୍ସବରେ ମହିଳାଙ୍କୁ ଅନୁମତି

**ଟୋକିଓ:** ଜାପାନରେ ଆୟୋଜିତ ହେବାକୁ ଥିବା 'ନେକେଡ୍ ମ୍ୟାନ୍' ଉତ୍ସବରେ ମହିଳାଙ୍କୁ ଭାଗନେବାକୁ ସୁଯୋଗ ମିଳିଛି, ଯାହା ୧୨୫୦ ବର୍ଷର ଇତିହାସରେ ପ୍ରଥମ। ହାଡାକା ମାଟସୁରି ନାମକ ଜଣାଶୁଣା ଏହି ପର୍ବ ହେଉଛି ଜାପାନର ଆଇଚି ପ୍ରିଫେକ୍ଟଚରର ଇନାଜାୱା ସହରରେ ଥିବା କୋନୋମିଆ ଧର୍ମପୀଠ ଦ୍ୱାରା ଆୟୋଜିତ ଏକ ପାରମ୍ପରିକ କାର୍ଯ୍ୟକ୍ରମ। ଫେବୃଆରୀ ୨୨ ତାରିଖରେ ଏହି ଉତ୍ସବ ଆୟୋଜନ ହେବାକୁ ଥିବାବେଳେ ଏଥିରେ ୧୦ ହଜାର ପୁରୁଷ ଭାଗନେବେ ବୋଲି ଆଶା କରାଯାଉଛି। ଏହି ଉତ୍ସବର ଆୟୋଜକ କମିଟି ମହିଳାଙ୍କ ଅଂଶଗ୍ରହଣକୁ ସମ୍ପୂର୍ଣ୍ଣ ଭାବେ ପ୍ରତିବନ୍ଧକ ଲଗାଇଥିଲା। ମହାମାରୀ ପାଇଁ ୩ ବର୍ଷ ହେବ ଉତ୍ସବ ଆୟୋଜନ ହୋଇ ନ ଥିଲା। ଉତ୍ସବରେ ଭାଗ ନେବାକୁ ମହିଳାଙ୍କ ଅନୁରୋଧ ଆସିଥିଲା । ହେଲେ ଏଥର କେବଳ ୪୦ ଜଣ ମହିଳାଙ୍କୁ ଏଥିରେ ଭାଗନେବାକୁ କିଛି ରୀତିନୀତି ସହିତ ଅନୁମତି ମିଳିଛି। ତେବେ ମହିଳାମାନେ ଉତ୍ସବରେ କେବଳ ନାଓଇଜାସା ରୀତିନୀତିରେ ଅଂଶଗ୍ରହଣ କରିବେ। ଯେଉଁଥିରେ ସେମାନଙ୍କୁ ପାରମ୍ପରିକ ପୋଷାକ ପରିଧାନ କରିବାକୁ ପଡ଼ିବ। ଏଥିସହ ସେମାନେ ଲୁଙ୍କାୟିତ ଉଲଗ୍ନ ପୁରୁଷଙ୍କ ପାରମ୍ପରିକ ହିଂସାତ୍ମକ ସଂଘର୍ଷରୁ ଦୂରେଇ ରହିବେ।



# ପର୍ଯ୍ୟଟନର ବିକାଶରେ ଦେଶର ବିକାଶ



## ଜାତୀୟ ପର୍ଯ୍ୟଟନ ଦିବସ

ପର୍ଯ୍ୟଟନର ବିକାଶରେ ଦେଶର ବିକାଶ ସମ୍ଭବ ହୋଇପାରିଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜାନୁଆରୀ ୨୫ରେ ଭାରତରେ 'ଜାତୀୟ ପର୍ଯ୍ୟଟନ ଦିବସ' ପାଳନ କରାଯାଇଥାଏ। ଭାରତରେ ପର୍ଯ୍ୟଟନର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଏବଂ ବିଭିନ୍ନ ପରମ୍ପରା ଏବଂ ସଂସ୍କୃତି ପ୍ରଦର୍ଶନ କରିବା ଏହି ଦିନ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଭାରତରେ ସାଂସ୍କୃତିକ, ଐତିହ୍ୟ, ଗ୍ରାମୀଣ, ପ୍ରକୃତି, ଶିକ୍ଷାଗତ, କ୍ରୀଡ଼ା, ଇକୋ-ଟୁରିଜମ ଇତ୍ୟାଦି ବିଭିନ୍ନ ପ୍ରକାରର ପର୍ଯ୍ୟଟନ ରହିଛି। ଭାରତର ବିବିଧତା ଏହାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ପ୍ରଦାନ କରିଥାଏ।

୧୯୪୮ ମସିହାରେ ଭାରତ ସରକାର ପର୍ଯ୍ୟଟନ କ୍ଷେତ୍ରର କାର୍ଯ୍ୟ ତଥା ବିକାଶର ଯତ୍ନ ନେବା ପାଇଁ ପର୍ଯ୍ୟଟନ ଏବଂ ଯୋଗାଯୋଗ ମନ୍ତ୍ରଣାଳୟ ଗଠନ କରିଥିଲେ। ସରକାର ଏନେଇ ଜାତୀୟ ପର୍ଯ୍ୟଟନ ଦିବସ ପାଳନ କରିବା ଆରମ୍ଭ କରିଥିଲେ। ପ୍ରତିବର୍ଷ ଭାରତକୁ ବିଶ୍ୱସ୍ତରର ପର୍ଯ୍ୟଟକଙ୍କ ପାଇଁ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବରେ ପ୍ରୋତ୍ସାହିତ କରିବା ପାଇଁ ଏହି ଦିନ ପାଳନ କରାଯାଏ। ଏହି ଦିନ ପର୍ଯ୍ୟଟନ ଶିଳ୍ପରେ କାର୍ଯ୍ୟ କରୁଥିବା ହଜାର ହଜାର ଲୋକଙ୍କ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥାଏ। ଏହି ଦିନ ପର୍ଯ୍ୟଟକଙ୍କ ଅଭିଜ୍ଞତାକୁ ସୁଦୃଢ଼ କରୁଥିବା ସୁବିଧାଗୁଡ଼ିକର ବିକାଶ ଉପରେ ମଧ୍ୟ ଧ୍ୟାନ ଦିଆଯାଇଥାଏ।

**ରାଜ୍ୟ ଖବର**

# ଜବତ ଖଣିଜକୁ ମିଳୁନି ପରିବହନ ଅନୁମତି

## ନିଲାମ ପରେ ବି ପଡ଼ିରହିଛି ଲୁହାପଥର

ଯୋଡ଼ା,୨୪।୧ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଦୁଇଟି ରେଳ ସାଇଡିଂରୁ ଦାବିଦାର ନ ଥିବା ଲୁହାପଥରକୁ ଗତ ଡିସେମ୍ବରରେ ଖଣି ବିଭାଗ ଜବତ କରିଥିଲା। ଇତି ମଧ୍ୟରେ ତାହା ନିଲାମ ହୋଇସାରିଥିବା ବେଳେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ଖଣିଜଗୁଡ଼ିକର ପରିବହନ ଅନୁମତି ମିଳିପାରୁନାହିଁ। ଦକ୍ଷିଣ ପୂର୍ବ ରେଳ ପଥର ଚକ୍ରଧରପୁରସ୍ଥିତ ଡିଭିଜନ ଅନ୍ତର୍ଗତ ଏହି ଲେଲ ସାଇଡିଂ ଆସୁଥିବାରୁ ଜବତ ଖଣିଜର ଗଚ୍ଛିତ ଭଡ଼ା ଏବେ ଚକ୍ରଧରପୁରସ୍ଥିତି ଡିସିଏମ କାର୍ଯ୍ୟାଳୟ ଦାବି କରୁଛି। ଯାହାକି ଆଇନ ପରିସର ବହିର୍ଭୁତ ବୋଲି ଖଣି ବିଶେଷଜ୍ଞ ମତ ଦେଉଛନ୍ତି। ଅପରପକ୍ଷରେ ଖଣିଜ ନିଲାମୀର ଦେଢ଼ ମାସ ପରେ ବି ନିଲାମଧାରୀ ପରିବହନ କରିପାରୁ ନ ଥିବାରୁ ସରକାର ରାଜସ୍ୱ ହରାଉଛନ୍ତି।

ସୂଚନା ଅନୁଯାୟୀ, ଜୁରୁଡି ରେଳ ସାଇଡିଂର ଗୋଟିଏ ପ୍ଲାଟ୍‌ଫର୍ମରୁ ୧୩୨୪୩.୮୯୦ ମେଟ୍ରିକ୍ ଟନ ଓ ବାଂଶପାଣି ରେଳ ସାଇଡିଂର ଗୋଟିଏ ପ୍ଲାଟଫର୍ମରୁ ୩୯୮୧୮.୦୬୦ ମେଟ୍ରିକ ଟନ୍ ଦାବିଦାର ନ ଥିବା ଲୁହାପଥରକୁ ଖଣି ବିଭାଗ ଗତ ଡିସେମ୍ବରରେ ଜବତ କରିଥିଲା। ଏହା ପରେ ଉକ୍ତ ଲୁହାପଥରକୁ ଓଡ଼ିଶା ଖଣି ନିଗମ ମାଧ୍ୟମରେ ନିଲାମ କରାଯାଇଥିଲା। ଜୁରୁଡ଼ି ରେଳ ସାଇଡିଂରେ ଜବତ ଲୁହାପଥରକୁ ୫ କୋଟି ୮୧ ଲକ୍ଷ ଟଙ୍କା, ବାଂଶପାଣି ରେଳ ସାଇଡିଂ ରେଳ ସାଇଡିଂଠାରେ ଜବତ ଲୁହାପଥରକୁ ପ୍ରାୟ ୧୬ କୋଟି ଟଙ୍କାରେ ନିଲାମ କରାଯାଇଥିଲା। ନିଲାମ ନେଇଥିବା ବ୍ୟବସାୟୀମାନେ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟରୁ ପରିବହନ ଅନୁମୋଦନ ନେଇ ୨ ରେଳ ସାଇଡିଂରୁ ଲୁହାପଥରକୁ ପରିବହନ କରିବାକୁ ପ୍ରସ୍ତୁତ ହେଉ ଥିବା ବେଳେ ରେଳ ମନ୍ତ୍ରଣାଳୟ ପରିବହନ ଅନୁମତି ଦେଉନାହିଁ। ଏ ନେଇ ଖଣି ବିଭାଗ ଓ ରେଳ ମନ୍ତ୍ରଣାଳୟ ମଧ୍ୟରେ ଏକ ଶୀତଳଯୁଦ୍ଧ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି, ରେଳ ମନ୍ତ୍ରଣାଳୟ ପରିବହନ ଅନୁମତି ଦେଉ ନ ଥିବାରୁ ସେ ଝାଡ଼ଖଣ୍ଡ ରାଜ୍ୟ ଚକ୍ରଧରପୁରସ୍ଥିତ ରେଲୱେ କାର୍ଯ୍ୟାଳୟକୁ ୨୨ ଡିସେମ୍ବର ୨୦୨୩ରେ ଡିଭି ଜୋନାଲ ରେଲୱେ ମ୍ୟାନେଜର(ଡିଆରଏମ)ଙ୍କୁ ଚିଠି ଲେଖିଥିଲେ। ତେବେ ଚିଠିର କୌଣସି ଉତ୍ତର ସେ ପାଇ ନ ଥିବା କହିଛନ୍ତି। ଅନ୍ୟପକ୍ଷେ ରେଲୱେର ଡମ୍ପ୍ ଆଣ୍ଡ ଲୋଡ୍ ପଲିସି ଅର୍ଥାତ୍ ଖଣିଜକୁ ଜମା ନ ରଖି ତୁରନ୍ତ ପରିବହନ ନିୟମ ରହିଥିବା ବେଳେ କେବଳ ଗୋଟିଏ ପ୍ଲାଟ୍‌ଫର୍ମରେ ଏତେ ପରିମାଣର ଲୁହାପଥର କିପରି ଜମା ରହିଲା, ଏ ନେଇ ସେ ରେଳ ମନ୍ତ୍ରଣାଳୟକୁ ପ୍ରଶ୍ନ କରିଛନ୍ତି। ଖଣିଜ ରଖିବା ପାଇଁ ଆବଶ୍ୟକ ଷ୍ଟୋରିଂ ଲାଇସେନ୍ସ ଖଣି ବିଭାଗ ପକ୍ଷରୁ ଦିଆଯାଇଥାଏ। ତାହା ମଧ୍ୟ ରେଳ ମନ୍ତ୍ରଣାଳୟ ପାଖରେ ନ ଥିବା ସେ ସୂଚନା ଦେଇଛନ୍ତି। ଷ୍ଟୋରିଂ ଲାଇସେନ୍ସ ନ ଥାଇ ଖଣିଜକୁ ଜମା ରଖିବା ନିୟମ ବିରୋଧୀ। ଏ ସଂକ୍ରାନ୍ତରେ ଖଣି ବିଭାଗ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଉପ ନିର୍ଦ୍ଦେଶକ ଅଗ୍ରୱାଲ କହିଛନ୍ତି। ଅନ୍ୟପକ୍ଷେ ଉକ୍ତ ରେଳ ସାଇଡିଂରେ ଥିବା ଲୁହାପଥରକୁ ପରିବହନ କରିବାକୁ ହେଲେ ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁରସ୍ଥିତ ଡିସିଏମ କାର୍ଯ୍ୟାଳୟ ପକ୍ଷରୁ ଗତ ୨ ତାରିଖରେ ନିଲାମ ନେଇଥିବା ବ୍ୟବସାୟୀ ସଂସ୍ଥା ଶୁଭମ ଟ୍ରେଡର୍ସକୁ ୱାର୍ଫେଜ ବାବଦକୁ ୬୯ କୋଟି ୭୯ ଲକ୍ଷ ୯୬ ହଜାର ୮ଶହ ଟଙ୍କା ଏବଂ ପ୍ରଫୁଲ୍ଲ ଏଣ୍ଟର୍ ପ୍ରାଇଜେସକୁ ୪୪ କୋଟି ୬୭ ଲକ୍ଷ ୨୯ ହଜାର ୪ଶହ ଟଙ୍କା ଜମା କରିବାକୁ ଚିଠି ଦ୍ୱାରା ଜଣାଇ ଦିଆଯାଇଥିବା ସୂଚନା ମିଳିଛି। ଏ ନେଇ ଚକ୍ରଧରପୁରସ୍ଥିତ ରେଲ ଡିଭିଜନର ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରିନାହିଁ।

# ମଣ୍ଡିରେ ଭିଜୁଛି ଧାନ

## ନିୟମିତ ଭାବେ ଉଠୁନି ଧାନ

ଭଦ୍ରକ,୨୪।୧ (ସନାତନ ରାଉତ)

ଭଦ୍ରକ ଜିଲାରେ ମିଲରଙ୍କ ମନମାନି ଯୋଗୁ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଛି। ଧାନକିଣା ଚାଲିଥିବା ବେଳେ ନିୟମିତ ଭାବେ ମିଲରମାନେ ଗାଡ଼ି ପଠାଉ ନ ଥିବାରୁ ଧାନ ପଡ଼ି ରହୁଛି। ଗତବର୍ଷ ମିଲ୍‌ରେ କଟ୍‌ନୀ ଛଟ୍‌ନୀ ପାଇଁ ଚାଷୀ ଅସନ୍ତୋଷ ଦେଖାଦେଇଥିବାରୁ ଚଳିତ ବର୍ଷ ମିଲ୍ ପରିବର୍ତ୍ତେ ମଣ୍ଡିରେ ଧାନବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଜିଲାରେ ସମବାୟ ସମିତି ଓ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀକୁ ମିଶାଇ ୧୫୯ଟି ମଣ୍ଡି ଧାନକିଣା ପାଇଁ ଖୋଲାଯାଇଛି। ପ୍ରତ୍ୟେକ ଦିନ ମଣ୍ଡିରେ ୬୬ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କିଣାଯାଉଥିବା ବେଳେ ୩ ହଜାର କୁଇଣ୍ଟାଲ ପର୍ଯ୍ୟନ୍ତ ମହଜୁଦ ରଖିବାକୁ ବ୍ୟବସ୍ଥା ହୋଇଛି। ଯାହାଫଳରେ ୪/୫ ଦିନରେ ମଣ୍ଡି ଜାମ୍ ହୋଇଯାଉଛି। ମଣ୍ଡିରେ ଧାନ ପଡ଼ି ରହୁଥିବାରୁ ଧାନକିଣାରେ ମଧ୍ୟ ବିଳମ୍ବ ଦେଖାଯାଉଛି। ଧାନକିଣା ପାଇଁ ଟ୍ୟାଗ୍ ହୋଇଥିବା ମିଲରମାନଙ୍କୁ ମଣ୍ଡିରୁ ତୁରନ୍ତ ଧାନ ଉଠାଇବା ପାଇଁ ଜିଲା ଯୋଗାଣ ନିଗମ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଉଥିଲେ ମଧ୍ୟ ଏଥିପ୍ରତି ସେମାନେ କର୍ଣ୍ଣପାତ ନ କରୁଥିବା ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି। ଜିଲା ବାହାରୁ ଅଧିକ ୨୫ ମିଲରଙ୍କୁ ସାମିଲ କରିବା ପାଇଁ ପ୍ରକ୍ରିୟା ଚାଲିଛି ବୋଲି କହିଛନ୍ତି। ଅପରପକ୍ଷେ ଅଦିନିଆ ବର୍ଷା ଲାଗି ରହିଥିବାରୁ ମଣ୍ଡିରେ ଏବଂ ଚାଷୀଙ୍କ ଖଳାରେ ଟ୍ରକ ଟ୍ରକ ଧାନ ଭିଜୁଛି। ସରକାରୀ ଦରରେ ଧାନ ବିକିବା ପାଇଁ ଚାଷୀମାନେ ଅପେକ୍ଷା କରି ରହିଥିବା ବେଳେ ବର୍ଷାରେ ଧାନକୁ ସୁରକ୍ଷିତ ରଖିବା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।



ମଣ୍ଡିରେ ପଡ଼ିଥିବା ଧାନ।

ସୂଚନା ଏବଂ ପ୍ରସାରଣ ମନ୍ତ୍ରାଲୟ
MINISTRY OF INFORMATION AND BROADCASTING

**70th NATIONAL FILM AWARDS 2022**

**CALL FOR ENTRIES**

Films and Writing on Cinema

**ELIGIBILITY**

**Feature & Non-Feature**
Certified by CBFC
with English Subtitles

**Books, Articles/Reviews**
on Cinema
Published

**From 01/01/2022 to 31/12/2022**
(Both days inclusive)

For any queries call 011-26499378/357
(9:30 AM – 5:00 PM on weekdays)

Visit www.mib.gov.in for the regulations and to apply online
Submission of online applications till 30/01/2024 (by 5:00 PM)

All documents must be sent to the given address:
National Film Awards Cell
Ministry of Information & Broadcasting
Government of India
Siri Fort Auditorium Complex
August Kranti Marg
New Delhi - 110049

Email: 70nfa2022@gmail.com
Website: www.mib.gov.in

CBC 22201/11/0154/2324

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ ଭୁବନେଶ୍ୱର, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୦ଟା।
- ଜାତୀୟ ସମ୍ମିଳନୀ, ମେ ଫେୟାର କନ୍‌ଭେନଶନ, ପୂର୍ବାହ୍ନ ୧୦ଟା ୪୫।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ଦେବଦାସୀ ଗାଥା, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।
- ୧୮ତମ ଗୁରୁ ପ୍ରଣାମ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବିଶ୍ୱ ଏକକ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ 'ଏକମ୍', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ୨୭ ତମ ବାର୍ଷିକ ବିଶ୍ୱ ଶାନ୍ତି ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି ଓ ଭଜନ କାର୍ଯ୍ୟକ୍ରମ, ଇରୁଆର ସିଦ୍ଧେଶ୍ୱର ମହାଦେବଙ୍କ ପୀଠ, ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ଭଜନ ସମାରୋହ, କୁଶଗାଡିଆ ମଠ ପରିସର, ଅପରାହ୍ନ ୫ଟା।

**ଟିଗିରିଆ**

- ଭାଗବତ ପାରାୟଣ ଓ ଗୀତାଯଜ୍ଞ, ପୁଷପୁନେଇଁ ମେଳା, ନୂଆସଡ଼କ ସ୍ଥିତ ଶ୍ରୀଶ୍ରୀ ବାଳମୁକୁନ୍ଦ ପୀଠ, ସକାଳ ୯ଟା।

# କମିଶନରେଟ୍ ପୋଲିସରେ ୪୭ ଇନ୍‌ସପେକ୍ଟରଙ୍କ ବଦଳି

ଭୁବନେଶ୍ୱର,୨୪।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଇନ୍ସପେକ୍ଟର ସ୍ତରରେ ବୁଧବାର ବଡ଼ ଧରଣର ଅଦଳବଦଳ କରାଯାଇଛି। ୪୭ ଅଧିକାରୀଙ୍କ ଦାୟିତ୍ୱରେ ପରବର୍ତ୍ତନ ହୋଇଛି। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। କଟକ ମଙ୍ଗଳାବାଗ ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ଥାନା ଓ କ୍ୟାପିଟାଲ ଥାନା ଦାୟିତ୍ୱରେ ଥିବା ପଦ୍ମନାଭ ପ୍ରଧାନଙ୍କୁ ସିପି ମୁଖ୍ୟାଳୟକୁ ବଦଳି କରାଯାଇଛି। ସେହିଭଳି ମଙ୍ଗଳାବାଗ ଥାନାର ଅତିରିକ୍ତ ଆଇଆଇସି ଦୁର୍ଗେଶ୍ୱରୀ ପ୍ରଧାନଙ୍କୁ ଭୁବନେଶ୍ୱର ମହିଳା ଥାନା ଆଇଆଇସି ଭାବେ ବଦଳି କରାଯାଇଥିବା ବେଳେ ରବୀନ୍ଦ୍ରନାଥ ମେହେରଙ୍କୁ ଜଗତପୁର ଥାନାରୁ ବାଲିଅନ୍ତା, ପ୍ରଦୀପ କୁମାର ଜେନାଙ୍କୁ କ୍ୟାଣ୍ଟୋନମେଣ୍ଟରୁ ଚନ୍ଦକା, ପ୍ରଦୀପ କିଶୋର ନାଏକଙ୍କୁ ବିଡ଼ାନାସୀରୁ ଧଉଳି, ଆକାଶଚନ୍ଦ୍ର ରାଣାଙ୍କୁ ବାରଙ୍ଗରୁ ଭୁବନେଶ୍ୱର ଟ୍ରାଫିକ ଥାନା ୧, ମନୋଜ ରୋଶନ ବିଲୁଙ୍ଗଙ୍କୁ କଟକ ଏନ୍‌ଏଚ୍ ଟ୍ରାଫିକ୍ ଥାନାରୁ ଭୁବନେଶ୍ୱର ଟ୍ରାଫିକ ଥାନା ୨, ଶଶିକାନ୍ତ ରାଉତଙ୍କୁ ଚାଉଳିଆଗଞ୍ଜରୁ ବାଲିପାଟଣା, କୃପାସିନ୍ଧୁ ବରାଡଙ୍କୁ କଟକ ସିଆର୍‌ଆର୍‌ଆଇ ଥାନାରୁ ଇନ୍‌ଫୋଭ୍ୟାଲି, ତୁଷାରକାନ୍ତ ସେଠୀଙ୍କୁ ମଧୁପାଟଣା ଥାନାରୁ ଏୟାରଫିଲ୍ଡ, ସମୀତା ମିଶ୍ରଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁରୁ ନନ୍ଦନକାନନ, ରେଣୁବାଳା ତ୍ରିପାଠୀଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁରୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, ରୀନା ମିଶ୍ରଙ୍କୁ କଟକ ସଦର ଥାନାରୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, କଟକ ଡିସିପି ଅଫିସରେ ଥିବା ଦିଲୀପ କୁମାର ମର୍ଦ୍ଦରାଜ୍‌ଙ୍କୁ କ୍ୟାପିଟାଲ ଥାନାର ଅତିରିକ୍ତ ଆଇଆଇସି, ରଞ୍ଜନ କୁମାର ନାୟକଙ୍କୁ ମଞ୍ଚେଶ୍ୱର ଥାନା ଅତିରିକ୍ତ ଆଇଆଇସି, ଅଶୋକ କୁମାର ନାୟକଙ୍କୁ ଏୟାରଫିଲ୍ଡ ଥାନାରୁ ଏୟାରପୋର୍ଟ ଥାନା, ଦୁର୍ଗେଶ୍ ନନ୍ଦିନୀ ମହାନ୍ତିଙ୍କୁ କଟକ ଏର୍ଜ୍ଜି ଥାନାରୁ ସ୍ପେଶାଲ କ୍ରାଇମ ୟୁନିଟ୍, କଟକ 'ଡିସିଆର୍‌ବି'ରେ ଥିବା ତେରେସ୍କୋଭା ମହାପାତ୍ରଙ୍କୁ ଭୁବନେଶ୍ୱର ସାଇବର ଥାନା, ଦେବେନ୍ଦ୍ର ବିଶ୍ୱାଳଙ୍କୁ ଭୁବନେଶ୍ୱର ଟ୍ରାଫିକ୍ ଥାନା ୧ରୁ ଚାଉଳିଆଗଞ୍ଜ, ଓମ୍ ପ୍ରକାଶ ମହାନ୍ତିଙ୍କୁ ବାଲିପାଟଣାରୁ ଜଗତପୁର, ଚିତ୍ତରଞ୍ଜନ ରାଉତଙ୍କୁ ଧଉଳିରୁ ମଧୁପାଟଣା, ୟୁବରାଜ ସ୍ୱାଇଁଙ୍କୁ ବାଲିଅନ୍ତାରୁ ବିଡାନାଶି, ବିଜୟ କୁମାର ବାରିକ୍‌ଙ୍କୁ ଇନ୍‌ଫୋଭ୍ୟାଲିରୁ କଟକ ସିଆର୍‌ଆର୍‌ଇ, ପ୍ରମୋଦ କୁମାର ପଟ୍ଟନାୟକଙ୍କୁ କଟକ ଡିସିପି ଅଫିସରୁ କ୍ୟାଣ୍ଟନମେଣ୍ଟ ଥାନା ଆଇଆଇସି, ରାଧାକାନ୍ତ ସାହୁଙ୍କୁ ଚନ୍ଦକାରୁ କନ୍ଦରପୁର, ବିଶ୍ୱରଞ୍ଜନ ନାୟକଙ୍କୁ ନନ୍ଦନକାନନରୁ ବାରଙ୍ଗ, ଭାଗ୍ୟଶ୍ରୀ ସ୍ୱାଇଁଙ୍କୁ କ୍ରାଇମ୍ ୟୁନିଟରୁ କଟକ ମହିଳା ଥାନା ଓ ସନ୍ତୋଷିନୀ ବେହେରାଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି। ସେହିଭଳି ଭୁବନେଶ୍ୱର ସାଇବର ଥାନା ଦାୟିତ୍ୱରେ ଥିବା ରଶ୍ମିତା ଜେନା ଓ ଭୁବନେଶ୍ୱର ଡିସିଆର୍‌ବିରେ ଥିବା ନୀନାଙ୍କୁ ଭୁବନେଶ୍ୱର ଅର୍ବାନ ପୋଲିସ ଆଣ୍ଡ ଟ୍ରାଫିକ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌କୁ ବଦଳି କରାଯାଇଥିବାବେଳେ ଦୁର୍ଗା ପ୍ରସାଦ ଜେନାଙ୍କୁ ଭୁବନେଶ୍ୱର ଟ୍ରାଫିକ ଥାନା ୨ରୁ କଟକ ଏନ୍‌ଏଚ୍ ଫୁଲନଖରା ଟ୍ରାଫିକ୍ ଥାନା, ଅସ୍ମିତା ମିଶ୍ରଙ୍କୁ ସିପି ମୁଖ୍ୟାଳୟ ଭେରିଫିକେଶନ ସେଲ୍‌ରୁ କଟକ ଡିଆଇବି, ସିପି ମୁଖ୍ୟାଳୟରେ ଥିବା ସୌମ୍ୟରଞ୍ଜନ ବିଶ୍ୱାଳ, ମାଧବାନନ୍ଦ ବସ୍ତିଆ ଓ ନିରଞ୍ଜନ ଦାସଙ୍କୁ ସ୍ପେଶାଲ କ୍ରାଇମ୍ ୟୁନିଟ୍‌କୁ ବଦଳି କରାଯାଇଛି। ଏଥିସହ ସନ୍ତୋଷ ବେହେରାଙ୍କୁ ସ୍ପେଶାଲ କ୍ରାଇମ୍ ୟୁନିଟ, ଜଟଣୀ ଥାନା ଅତିରିକ୍ତ ଆଇଆଇସି ଭାବେ ଆଟାଚ୍ ଥିବା ପ୍ରଫୁଲ ସାହୁଙ୍କୁ ସେହି ସ୍ଥାନ, ସିପି ମୁଖ୍ୟାଳୟ ଭିକ୍ଟୋର କଣ୍ଟ୍ରୋଲ ରୁମ୍‌ରେ ଥିବା ଅଞ୍ଜଳି ଛୋଟରାୟଙ୍କୁ କଟକ ଆଇଏଏଚ୍‌ଟିୟୁ, ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁରେ ଥିବା ସନ୍ତୋଷ ଜେନାଙ୍କୁ କଟକ ଡିସିପି ଅଫିସକୁ ବଦଳି କରାଯାଇଛି। ସେହିଭଳି ଜୟନ୍ତ ବେହେରାଙ୍କୁ ଭୁବନେଶ୍ୱର ୟୁପିଡି, ୟୁଧିଷ୍ଠିର ପ୍ରଧାନଙ୍କୁ ସିପି ମୁଖ୍ୟାଳୟର ଆଇବି ସେକ୍ସନ, ଜଗନ୍ନାଥ ମଲ୍ଲିକଙ୍କୁ କଟକ ସଦର ଓ ଉମାକାନ୍ତ ସାହୁଙ୍କୁ ମଙ୍ଗଳାବାଗ ଥାନା ଦାୟିତ୍ୱ ଦିଆଯାଇଛି।

# ଆଜି ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି

**ପୁରୀ, ୨୪।୧(ଅଜିତ ମହାନ୍ତି):** ପୌଷପୂର୍ଣ୍ଣିମା ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ପାଳନ କରାଯିବ। ଶ୍ରୀବିଗ୍ରହମାନେ ରାଜରାଜେଶ୍ୱର ବା ସୁନାବେଶରେ ସଜ୍ଜିତ ହେବେ। ଏଥିପାଇଁ ପୂର୍ଣ୍ଣିମାର ପୂର୍ବଦିନ ଅର୍ଥାତ ପୌଷ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଚନ୍ଦନଲାଗି ନୀତି ପରେ ଅଧିବାସ କର୍ମ କରାଯାଇଥିଲା। ଏଥିପାଇଁ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ବନ୍ଧାଯାଇ ଥିଲା। ଏକହାଣ୍ଡି ଘିଅ ଓ ରୋଷକୂପରୁ ନୂଆହାଣ୍ଡିରେ ଅଣାଯାଇଥିବା ପାଣି ପରଖଗୁଡ଼ିକରେ ରଖାଯାଇଥିଲା। ଘିଅକୁ ଏକୋଇଶ ଗରା ଓ ପାଣିକୁ ସତାଅଶୀ ଗରାରେ ବିଭକ୍ତ କରାଯାଇ ଚାରିପନ୍ତି ହୋଇ ଚାନ୍ଦୁଆ ତଳେ ରଖାଯାଇଥିଲା। ଏହି ଗରାଗୁଡ଼ିକୁ ଦେଉଳ ପୁରୋହିତ ପତନି ଘୋଡ଼ାଇ ଫୁଲ ଚନ୍ଦନ ଦେଇ ଅଧିବାସ କରିଥିଲେ। ପରେ ଭୋଗମଣ୍ଡପ ଦ୍ୱାର ବନ୍ଦହୋଇ ତଡ଼ଉକରଣ ମୁଦ ଦେଇଥିଲେ। ବଡ଼ସିଂହାର ଭୋଗ ପୂଜା ସରିବା ପରେ ପାଣି ପଡ଼ି ଧୋପଖାଳ ହୋଇ ଭଦ୍ରାସନ ଉପରେ ପାହାଡ଼ା ପଡ଼ି ଅଧିବାସ ଦର୍ପଣ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ମନ୍ତ୍ରପୁତ ପୁଷ୍ପ ଓ ଚନ୍ଦନାଦି ଦ୍ୱାରା ଅଧିବାସ କରାଯାଇଥିଲା।

# ୨୬ରୁ ବାରବାଟୀ ଫେଷ୍ଟିଭାଲ

**କଟକ,୨୪।୧(ଶିଳ୍ପା ପ୍ରିୟଦର୍ଶିନୀ):** ଓଡ଼ିଶୀ ନୃତ୍ୟ ମଣ୍ଡଳ, ଜିଲା ପ୍ରଶାସନ ଓ ନାଟ ସୂତ୍ର ରିସର୍ଚ୍ଚ ପବ୍ଲିକ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ କଟକ ସାରଳା ଭବନରେ ଆସନ୍ତା ୨୬ରୁ ୩ ଦିନ ଧରି ବାରବାଟୀ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏଥିସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିବେ। ପ୍ରଫେସର ମମତା ସାହୁ, ସମ୍ବଲପୁରର ସ୍ୱପ୍ନାରାଣୀ ସିହ୍ନା, ପ୍ରଫେସର ମାଧୁରୀ ମଜୁମଦାର, ଭୁବନେଶ୍ୱରର ଶୁଭଶ୍ରୀ ଶୁଭସ୍ମିତା ନୃତ୍ୟ ପରିବେଷଣ କରିବେ। ଉକ୍ତ ଉତ୍ସବର ସକାଳ ସମୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ଯୋଗ ପ୍ରତିଯୋଗିତା କରାଯିବ। ଏ ନେଇ ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶୀ ନୃତ୍ୟ ମଣ୍ଡଳର ସାଧାରଣ ସମ୍ପାଦକ ଆଶିଷ କୁମାର ଦାସ ସୂଚନା ଦେଇଛନ୍ତି। ଏଥିସହ ଫେବୃଆରୀ ୯ ଓ ୧୦ ତାରିଖରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ଏହି କାର୍ଯ୍ୟକ୍ରମ ହେବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପ୍ରିୟରଞ୍ଜନ ଦାସ, ବ୍ରଜକିଶୋର ନନ୍ଦ, ନୃତ୍ୟଶିଳ୍ପୀ ସୁଜ୍ଞାନୀ ମହାପାତ୍ର, ପ୍ରଫେସର ସେକ୍ କଲ୍ଲିମୁଲ୍ଲା ଉପସ୍ଥିତ ରହିଥିଲେ।

# 'ପାଇକ ବିଦ୍ରୋହ କାହାଣୀକୁ ଯୁବପିଢ଼ି ଅଧ୍ୟୟନ କରନ୍ତୁ'



ରାଜ୍ୟସ୍ତରୀ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଓଟିଡିସି ଅଧକ୍ଷ ଲେନିନ୍ ମହାନ୍ତିଙ୍କ ସହ ଅନ୍ୟ ଅତିଥିମାନେ।

## ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର,୨୪।୧
(ଶର୍ମିଷ୍ଠା ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁଙ୍କ ଅଦମ୍ୟ ସାହସ, ଅସୀମ ବୀରତ୍ୱ, ଅପୂର୍ବ ରଣକୌଶଳ ଏବଂ ମାଟି ମା' ପାଇଁ ଆତ୍ମୋତ୍ସର୍ଗ କାହାଣୀ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ଭୂଖଣ୍ଡ ପାଇଁ ଅସରନ୍ତି ପ୍ରେରଣାର ଉତ୍ସ। ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ଓ ଶୋଷଣକୁ ପ୍ରତିହତ କରିବା ପାଇଁ ପାଇକ ଜାତିର ମଉଡ଼ମଣି ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଗଠିତ ପାଇକ ବିଦ୍ରୋହର ଦୁର୍ଦ୍ଧର୍ଷ କାହାଣୀ ଆଜିର ଯୁବପିଢ଼ି ଆନ୍ତରିକତାର ସହ ଅଧ୍ୟୟନ କରିବା ଉଚିତ। ତାଙ୍କପରି ତ୍ୟାଗୀ ପୁରୁଷ ସମଗ୍ର ଭାରତବର୍ଷରେ ବିରଳ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ସୂଚନା ଭବନଠାରେ ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର, ସଂସ୍କୃତି ଗବେଷକ ଡ. ଦିଲୀପ ଶ୍ରୀଚନ୍ଦନ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଐତିହାସିକ ତଥା ଶିକ୍ଷାବିତ୍ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଭାଷଣରେ ବକ୍ସି ଜଗବନ୍ଧୁଙ୍କୁ ଭାରତ ସ୍ୱାଧୀନତା ଇତିହାସରେ ଓଡ଼ିଶାର ପ୍ରଥମ ସଂଗ୍ରାମୀ ବୋଲି ଅଭିହିତ କରିଥିଲେ। ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱରସୁଧା ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ।

# ଆଜିଠୁ ସାନପଦରରେ ପାସେଞ୍ଜର ହଲ୍ଟର କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର,୨୪।୧(ଅନୁରାଧା ମହାରଣା)

ନୟାଗଡ଼ ଜିଲା ସାନପଦର ଅଞ୍ଚଳରେ ପାସେଞ୍ଜର ହଲ୍ଟ ନିର୍ମାଣ ହେବ। ଗୁରୁବାରଠାରୁ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ସୂଚନାନୁସାରେ, ଚଳିତ ଜାନୁଆରୀ ପ୍ରଥମ ସପ୍ତାହରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦଶପଲ୍ଲା ଗସ୍ତ ସମୟରେ ସାନପଦର ଅଞ୍ଚଳର ଲୋକମାନେ ସେଠାରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଥିଲେ। ବୈଷ୍ଣବ ଲୋକମାନଙ୍କ ଅନୁରୋଧକୁ ରକ୍ଷା କରି ୨୦ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ରେଳବାଇ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ହଲ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଥିବାରୁ ଏହାଦ୍ୱାରା ଅଞ୍ଚଳବାସୀ ଉପକୃତ ହେବେ ବୋଲି ଆଶା କରାଯାଉଛି। ଏହି ପାସେଞ୍ଜର ହଲ୍ଟ ପ୍ରତିଷ୍ଠା ଉକ୍ତ ଅଞ୍ଚଳର ଲୋକଙ୍କୁ ଟ୍ରେନ୍ ଯାତ୍ରା ସୁବିଧା ଯୋଗାଇବା ସହିତ ଦୂର ସହରକୁ ଯାତ୍ରା ପାଇଁ ସହଜ କରାଇବ।

# 'ଉଦ୍ଦିୟାନା ଗୁରୁ ପଦ୍ମସମ୍ଭବ' ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର,୨୪।୧(ଶର୍ମିଷ୍ଠା ପାଣିଗ୍ରାହୀ):** ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ଓଡିଶା ଶାଖା ପକ୍ଷରୁ ବୁଧବାର ବୁଦ୍ଧ ମନ୍ଦିର ସଭା ଗୃହରେ ବିଶ୍ୱରେ ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଗୁରୁ ପଦ୍ମସମ୍ଭବଙ୍କ ଉପରେ ପ୍ରଥମ ସ୍ୱୟଂସମ୍ପୂର୍ଣ୍ଣ ଜୀବନୀ ପୁସ୍ତକ 'ଉଦ୍ଦିୟାନା ଗୁରୁ ପଦ୍ମସମ୍ଭବ' ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ ଗବେଷକ ତଥା ପୁସ୍ତକର ଲେଖକ ପ୍ରବୀର କୁମାର ପଟ୍ଟନାୟକ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଓଡିଶା ବୋଲି ପ୍ରାମାଣିକ ତଥ୍ୟ ଆଧାର ସହ ବଳିଷ୍ଠ ଯୁକ୍ତି ଉପସ୍ଥାପନା କରିଥିଲେ। ସାହିତ୍ୟିକ ଡ. ଅସିତ ମହାନ୍ତି ପୁସ୍ତକର ସମୀକ୍ଷା କରି ପଟ୍ଟନାୟକଙ୍କ ତଥ୍ୟ ପ୍ରମାଣକୁ ସମର୍ଥନ କରିଥିଲେ। ସକାଳ ଖବରକାଗଜର ସମ୍ପାଦକ ଉମାକାନ୍ତ ମିଶ୍ର ଗୁରୁ ପଦ୍ମସମ୍ଭବ ଦଲାଇ ଲାମାଙ୍କ ଆଦି ଗୁରୁ ତଥା ବିଶ୍ୱରେ ଲାମା ସମ୍ପ୍ରଦାୟର ପ୍ରବର୍ତ୍ତକ ବୋଲି ଅଭିହିତ କରିଥିଲେ। ମହାବୋଧି ସୋସାଇଟି ଓଡିଶା ଶାଖା ସଭାପତି ନରେନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ସଭ୍ୟ ଡ. କରୁଣାକର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ନିଜ କଲେଜ ରୂପାନ୍ତରଣ ବିଷୟରେ ଜାଣିବେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୪।୧(ଅସମାପିକା ସାହୁ)

ନିଜ କଲେଜ ରୂପାନ୍ତରଣ ବିଷୟରେ ଛାତ୍ରୀଛାତ୍ର ଜାଣିପାରିବେ। '୫-ଟି' ଉପକ୍ରମରେ ପରିବର୍ତ୍ତିତ ଭିତ୍ତିଭୂମି ଓ ଆନୁଷଙ୍ଗିକ ସୁବିଧା ପାଇଁ ହୋଇଥିବା ଖର୍ଚ୍ଚ ପ୍ରକ୍ରିୟା ସମ୍ପର୍କରେ ଛାତ୍ରୀଛାତ୍ର ଅବଗତ ହେବେ। ଫଳରେ ସମସ୍ତ କାର୍ଯ୍ୟର ସ୍ୱଚ୍ଛତା ଆସିପାରିବ। ଏନେଇ ସବୁ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବୁଧବାର ଉଚ୍ଚଶିକ୍ଷା ବିଭାଗର ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ରୂପାନ୍ତରଣ ପରବର୍ତ୍ତୀ ଫଟୋ ସାମ୍ସ ପୋର୍ଟାଲରେ ଅପ୍‌ଲୋଡ୍ କରିବା ସହ ଡକ୍ୟୁମେଣ୍ଟ ତିଆରି କରିବାକୁ ବିଭାଗୀୟ ସଚିବ ଅରବିନ୍ଦ ଅଗ୍ରୱାଲ କହିଛନ୍ତି। ଏହାସହ ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଚାଲୁଥିବା ରୂପାନ୍ତରଣ କାର୍ଯ୍ୟକୁ ଫେବୃଆରୀ ୧୦ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସବାବପତ୍ର କିଣିବା ପାଇଁ ୭ଟି ସରକାରୀ ଶିକ୍ଷକ ପ୍ରଶିକ୍ଷଣ କଲେଜକୁ ୭୦ଲକ୍ଷ ଟଙ୍କା, ୮ଟି ସରକାରୀ ସ୍ନାତକ ମହାବିଦ୍ୟାଳୟକୁ ୧୫୦ ଲକ୍ଷ ଟଙ୍କା ଅନୁମୋଦନ ପ୍ରଦାନ କରାଯାଇଛି। ଆସନ୍ତା ମାର୍ଚ୍ଚ ମଧ୍ୟରେ ଆସବାବପତ୍ର କିଣିବାକୁ କୁହାଯାଇଛି। ସେହିପରି ଅଣ ଅନୁଦାନପ୍ରାପ୍ତ ୩୦୧ଟି ସ୍ନାତକ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୯୬ କୋଟି ୯୮ଲକ୍ଷ ୫୧ହଜାର ଟଙ୍କା ଓ ୮୪ଟି ବିଜ୍ଞାନ ମହାବିଦ୍ୟାଳୟ ଲାବୋରେଟୋରି ନିର୍ମାଣ ପାଇଁ ୧୨କୋଟି ୬୦ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି। ଏହା ବ୍ୟତୀତ ଖାଲି ପଡ଼ିଥିବା ଶିକ୍ଷକ ପଦର ବିବରଣୀ ଯଥାଶୀଘ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଏସ୍‌ବି ମାଧ୍ୟମରେ ଖାଲି ପଦ ପୂରଣ କରାଯାଇ ପାରିବ ବୋଲି ସୂଚନା ଦିଆଯାଇଛି। ବିଭାଗୀୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ପ୍ରମୋଦ କୁମାର ମିଶ୍ର, ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଭବାନୀ ଶଙ୍କର ଚୟନୀ ଓ ରାଜ୍ୟର ସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ଅଧ୍ୟକ୍ଷ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷମାନେ ନିଜ ନିଜ କଲେଜର ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

# ଗାଁ ଭିତରେ ଦନ୍ତା, ଭୟରେ ଗ୍ରାମବାସୀ

ନିରାକାରପୁର,୨୪।୧(ମାନସ ଚନ୍ଦ୍ର ପଟ୍ଟନାୟକ)

୨ ମାସ ଧରି ୨୪ଟି ହାତୀ ଖୋର୍ଦ୍ଧା ଜିଲା ଭୂଷଣ୍ଡପୁର ବନାଞ୍ଚଳ ଛାଡ଼ି ଯାଉନାହାନ୍ତି। ଏହି ହାତୀପଲ ଦିନବେଳେ ନିକଟସ୍ଥ କାଜୁ ଜଙ୍ଗଲ ଓ ପାହାଡ଼ରେ ରହୁଛନ୍ତି। ଗହିର ଜମିରେ ଧାନ ଫସଲ ନ ଥିବାରୁ ବିକଳରେ ଏମାନେ ସଞ୍ଜ ନଇଁଲେ ଗାଁ ଗଣ୍ଡାରେ ପଶି ସବୁଜ ଫସଲ ନଷ୍ଟ କରିବାରେ ଲାଗିଛନ୍ତି। ମଙ୍ଗଳବାର ମଧ୍ୟରାତିରେ ଏକ ଦନ୍ତା ଲେଣ୍ଡୋ ପଞ୍ଚାୟତ ରେଙ୍ଗାଟା ଗ୍ରାମରେ ପଶି ଦାଣ୍ଡ ଓ ବାଡ଼ିରେ ଆତଙ୍କ ଖେଳାଇଥିଲା। ଗ୍ରାମର ମାନସ ସ୍ୱାଇଁଙ୍କ ଖଳାବାଡ଼ିରେ ଥିବା ଛଣଗଦାରୁ କିଛି ଛଣ ଖାଇସାରିବା ପରେ କଦଳୀଗଛକୁ ଭାଙ୍ଗି ଦେଇଥିଲା। ପରେ ସେଠାରୁ ଉକ୍ତ ପଞ୍ଚାୟତର ଯାଜପୁର ଗ୍ରାମରେ ପହଞ୍ଚିଥିଲା। ସେଠାରେ ପ୍ରତ୍ୟୁଷ ସାମନ୍ତରାୟଙ୍କ ବାଡ଼ିରେ ପଶି ତାଙ୍କ ପ୍ରାଚୀର ଭାଙ୍ଗିବା ସହ ବାଡ଼ିରେ ଥିବା ପିଜୁଳି ଓ କଦଳୀଗଛ ଖାଇ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ବନ ବିଭାଗକୁ ଅବଗତ କରାଯିବା ପରେ ବନ ବିଭାଗ କର୍ମଚାରୀ ଦନ୍ତାଟିକୁ ଘଉଡ଼ାଇ ଦେଇଥିବା ସୂଚନା ମିଳିଛି। ହାତୀ ଭୟରେ ଗ୍ରାମବାସୀଙ୍କ ତାଟି କବାଟ ପଡ଼ିଯାଇଥିଲା। ଏନେଇ ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ ଦାଶଙ୍କୁ ପଚାରିବାରେ, ହାତୀଙ୍କ ଚଲାପଥ ଉପରେ ନଜର ରଖାଯାଇଛି। ହାତୀ ଦ୍ୱାରା ଯାହା କ୍ଷତି ହୋଇଛି ତଦନ୍ତ କରାଯାଇ ସରକାରୀ ନିୟମ ଅନୁସାରେ ସମ୍ପୃକ୍ତ ଚାଷୀ ପାଇବେ ବୋଲି ସୂଚନା ଦେଇଛନ୍ତି ଏବଂ ରାମେଶ୍ୱର ଡିପିଏଫ୍‌ରେ ୨୩ଟି ଓ ଜଙ୍କିଆ ପଞ୍ଚାୟତ ଅନ୍ତର୍ଗତ ବାଲିଗାଡ଼ିଆ ଅଞ୍ଚଳରେ ଗୋଟିଏ ହାତୀ ଥିବା ସୂଚନା ମିଳିଛି। ବନ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ପ୍ରତି ମୁଖ୍ୟ ରାସ୍ତାରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଫରେଷ୍ଟର ଦାଶ ପ୍ରକାଶ କରିଛନ୍ତି।



ରାତିରେ ରେଙ୍ଗାଟା ଗ୍ରାମରେ ହାତୀ ବୁଲୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ୟୋତିସ୍ମିତା



@ ଗୁରୁ



@ ପ୍ରମୋଦ



@ ସମ୍ବିତ୍



@ ପଞ୍ଚାନନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଜନତା ମଇଦାନ ପାଲଟିବ ଅସ୍ଥାୟୀ ସଂଗ୍ରହାଳୟ

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବୈଠକ

ଭୁବନେଶ୍ୱର,୨୪।୧
(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜନତା ମଇଦାନକୁ ଅସ୍ଥାୟୀ ସଂଗ୍ରହାଳୟରେ ପରିଣତ କରାଯିବ। ଏଠାରେ ୩ଦିନ ଧରି ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ଓ ଭାଷା ସମ୍ପର୍କିତ ବିଭିନ୍ନ କଳାକୃତି ପ୍ରଦର୍ଶିତ ହେବ। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକୃଷ୍ଣନଙ୍କ ଅଧ୍ୟକ୍ଷତାରେ ବୁଧବାର ଖାରବେଳ ଭବନରେ ଅନୁଷ୍ଠିତ ବୈଠକରେ ଏନେଇ ଘୋଷଣା କରିବାକୁ ନିଷ୍ପତ୍ତି ହୋଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ବିଜ୍ଞାନ ଓ ବୈଷୟିକ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରମୁଗମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ, ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଇପିକଲ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଏନେଇ ଆଲୋଚନା କରିଥିଲେ। ଏହି ଅସ୍ଥାୟୀ ସଂଗ୍ରହାଳୟରେ ରାଜ୍ୟ ସଂଗ୍ରହାଳୟ, ଆଦିବାସୀ ସଂଗ୍ରହାଳୟ, କଳାଭୂମି, ନୌବାଣିଜ୍ୟ ସଂଗ୍ରହାଳୟ, ରାଜ୍ୟ ଅଭିଲେଖାଗାରରେ ଉପଲବ୍ଧ କଳାକୃତି ସ୍ଥାନ ପାଇବ। ଏହା ପ୍ରତ୍ୟେକ ଆଗନ୍ତୁକଙ୍କୁ ରାଜ୍ୟର ପ୍ରାଚୀନ ପରମ୍ପରା ସହ ନିକଟତର କରିବ। ଏଥିସହ ଜାତିର ଜୀବନ ଓ ଭବିଷ୍ୟତର କଥା ବଖାଣିବ। ଗୋଟିଏ ସ୍ଥାନରେ ସମସ୍ତ ସଂଗ୍ରହାଳୟର ଝଲକ ଓଡିଶାବାସୀ ଦେଖିବାକୁ ପାଇବେ। ପ୍ରତ୍ୟେକ ଆଗନ୍ତୁକ କଳାକୃତି ଦେଖିବାବେଳେ ଓଡ଼ିଆ ଭାବେ ନିଜକୁ ଗର୍ବ ଅନୁଭବ କରିବେ। ଏହା ପ୍ରତ୍ୟେକ ଦିନ ସକାଳ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ ବ୍ୟାପକ ନିରାପତ୍ତା ବ୍ୟବସ୍ଥା କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇ ଆଲୋଚନା କରାଯାଇଛି।

## ସଂକ୍ଷେପରେ

### ୧୦ରେ ସର୍ବଭାରତୀୟ ଭଲିବଲ୍ ପ୍ରତିଯୋଗିତା

**କଣାସ,୨୪।୧(ବିଭୂତି ଭୂଷଣ ତ୍ରିପାଠୀ):** ଆସନ୍ତା ୧୦ ତାରିଖରେ ସର୍ବଭାରତୀୟ ମନୋରଞ୍ଜନ ସ୍ମାରକୀ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ କଣାସ ବ୍ଲକର ଦୋକନ୍ଦା ଗ୍ରାମରେ ପ୍ରତିଷ୍ଠିତ ନୀଳକଣ୍ଠ ମନ୍ଦିର ପରିସରରେ ଆଞ୍ଚଳିକ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବୁଧବାର ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଞ୍ଜୟ କୁମାର ଛୁଆଳସିଂ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଏ.କେ.ଏସ୍.ପି ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, କ୍ଲବ ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ରଣସିଂ, ବଟକୃଷ୍ଣ ଜେନା, ଶିକ୍ଷାବିତ୍ ପରିକ୍ଷିତ ବଡ଼ଜେନା, ଭାଗୀରଥି ମହାପାତ୍ର, ଡମ୍ବରୁଧର ସୁନ୍ଦରାୟ, ବୀରବର ଭଞ୍ଜ, ଶ୍ରୀକାନ୍ତ ନାୟକ, ଆଶିଷ ବଳିୟାରସିଂ, ପ୍ରେମାନନ୍ଦ ଜାଲି, ରିଙ୍କୁ ଭାରିମଲ୍ଲ, ବିଭୂତି ଭୂଷଣ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରଦ୍ଧାଳୁଙ୍କୁ ସ୍ୱାଗତ ପାଇଁ ସଜେଇ ହୋଇଛି ସମଙ୍ଗ

**ଶ୍ରୀଜଗନ୍ନାଥ ବସ୍‌ରେ ପୁରୀ ଆସିବେ**

**ପୁରୀ, ୨୪।୧(ଅଜିତ୍ ମହାନ୍ତି)**

ପରିକ୍ରମା ମାର୍ଗର ଲୋକାର୍ପଣ ପରେ ରାଜ୍ୟର କୋଣ ଅନୁକୋଣରୁ ଭକ୍ତମାନେ ଯେପରି ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାର୍ଗରେ ପ୍ରଦକ୍ଷିଣ କରିପାରିବେ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତମାନେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ମାଧ୍ୟମରେ ପୁରୀକୁ ଆସିବେ। ବସ୍‌ଗୁଡ଼ିକର ପାର୍କିଂ ଓ ଭକ୍ତଙ୍କ ରହଣି ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ସମଙ୍ଗଠାରେ ବ୍ୟବସ୍ଥା ହୋଇଛି। ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରିବାକୁ ସମଙ୍ଗ ସଜେଇ ହୋଇଛି। ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ଦେଢ଼ଲକ୍ଷ ଭକ୍ତ ଆସିବେ ବୋଲି ଆକଳନ କରାଯାଇଛି। ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିବେ। ଶ୍ରୀମାର୍ଗ ଓ ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ଆୟୋଜିତ ପ୍ରଦର୍ଶନୀରେ ଜଗନ୍ନାଥ ସଂସ୍କୃତିକୁ ନେଇ ଜ୍ଞାନ ସାଉଟିବେ। ଏଥିପାଇଁ ପୁରୀ ସମଙ୍ଗ ପାର୍କିରେ ସମସ୍ତ ପ୍ରସ୍ତୁତି ସରିଛି। ଗୁରୁବାରଠାରୁ ଭକ୍ତଙ୍କୁ ଅଣାଯିବ ବୋଲି ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ଜାନୁଆରୀ ୨୫ରୁ ଫେବୃଆରୀ ୨୦ ତାରିଖ ମଧ୍ୟରେ ପ୍ରତ୍ୟେକ ଦିନ ପାଖାପାଖି ୧୦ ହଜାର ଲେଖାଏ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଭକ୍ତଙ୍କ ରହଣି ସହ ଖାଦ୍ୟ ପାନୀୟ ବ୍ୟବସ୍ଥା ସମଙ୍ଗ ପାର୍କିଠାରେ ହୋଇଛି। ଏଥିପାଇଁ ବିଶାଳକାୟ ୨ଟି ଟେଣ୍ଟ ବନ୍ଧାଯାଇଛି। ଗୋଟିଏ ଟେଣ୍ଟ ତଳେ ପାଖାପାଖି ୫୦୦୦ ଲୋକ ବସି ଖାଦ୍ୟ ଖାଇପାରିବେ। ଏଠାରେ ଚେୟାର ଓ ଡାଇନିଂ ଟେବୁଲ ମଧ୍ୟ ପକାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ସ୍ନାନ ଶୌଚ ବ୍ୟବସ୍ଥା କରାଯାଇଛି। ପାଖାପାଖି ୩୦ଟି ଉଠା ଶୌଚାଳୟ ବ୍ୟବସ୍ଥା ହୋଇଛି। ପାନୀୟ ଜଳ ପାଇଁ ୫୦ରୁ ୬୦ ମିଟର ବ୍ୟବଧାନରେ ଗୋଟିଏ ଲେଖାଏଁ ପାଣି ଟାଙ୍କି ରଖାଯାଇଛି। ଏଠାରେ ସମୁଦାୟ ୨୦ଟି ପାଣି ଟାଙ୍କି ରଖାଯାଇଛି। ଏହା ଛଡ଼ା ଦୂର ଜାଗାରୁ ଯାତ୍ରା କରି ଆସିଥିବା ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରରେ ପହଞ୍ଚି ଆରାମ ନେବାକୁ ଚାହିଁଲେ ସେଥିପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ ହୋଇଛି। ପାର୍କି ପରିସରରେ ୩ଟି ଅସ୍ଥାୟୀ ସେଡ୍ ପ୍ରସ୍ତୁତ କରାଯାଇଛି। ଏଥିସହ ଡାଇନିଂ ଷ୍ଟଲ, ପିଇବା ପାଣିର ବ୍ୟବସ୍ଥା, ଟଏଲେଟ, ସିସିଟିଭି, ସୁରକ୍ଷାକର୍ମୀ, ଫାଷ୍ଟ ଏଡ୍ ସେଣ୍ଟର, ଦମକଳ ଗାଡି, ପୋଲିସ ଆଉଟପୋଷ୍ଟ, ମିଲ୍ ଖାଇବା ପାଇଁ ବିରାଟ ଷ୍ଟଲ୍ ଇତ୍ୟାଦି ବ୍ୟବସ୍ଥା ହୋଇଛି। ପ୍ରଶାସନିକ ଅଧିକାରୀମାନେ ବୁଧବାର ଆୟୋଜନ ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ୫୯ଲକ୍ଷ ଗର୍ଭବତୀ, ପ୍ରସୂତିଙ୍କୁ ୨୮୮୭ କୋଟିର ସହାୟତା

**ଭୁବନେଶ୍ୱର,୨୪।୧(ଶର୍ମିଷ୍ଠା ପାଣିଗ୍ରାହୀ)**

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍ ପକ୍ଷରୁ ମମତା ଯୋଜନାର ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସଫଳ ରୂପାୟନର ଏକଦିବସୀୟ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏକ ସର୍ତ୍ତମୂଳକ ଅର୍ଥରାଶି ହସ୍ତାନ୍ତର ମାଧ୍ୟମରେ ମାତୃ ମଙ୍ଗଳ ଯୋଜନା 'ମମତା'ରେ ଓଡ଼ିଶାର ପ୍ରାୟ ୫୯ ଲକ୍ଷରୁ ଉର୍ଦ୍ଧ୍ୱ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ସୁବିଧା ଯୋଗାଇ ଦିଆଯାଉଛି। ଏଥିସହ ୨୮୮୭ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ରାଶି ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରି ଏହି ଯୋଜନା ଏକ ଆନ୍ଦୋଳନରେ ପରିଣତ ହୋଇଛି। କହିବାକୁ ଗଲେ, ଏହା ଗର୍ଭବତୀ ମହିଳା, ଶିଶୁ ଏବଂ ପ୍ରସୂତି ମା'ମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସିଧାସଳଖ ସହାୟକ ହୋଇଛି । ଜାତୀୟସ୍ତରର ପୁଷ୍ଟିକର



ସମ୍ମିଳନୀରେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ଅନ୍ୟ ଅତିଥିମାନେ ମମତା ଯୋଜନାର ପୁସ୍ତିକା ଉନ୍ମୋଚନ କରୁଛନ୍ତି।

### ମମତା ଯୋଜନାର ସଫଳ ରୂପାୟନ ନେଇ ଦିନିକିଆ ସମ୍ମିଳନୀ

ସୂଚକାଙ୍କରେ ଓଡ଼ିଶାର ପରିସ୍ଥିତି ବହୁତ ଭଲ ଅଛି। ବିଭାଗର କମିଶନ ତଥା ସଚିବ ଶୁଭା ଶର୍ମା କହିଲେ, ମମତା ଯୋଜନା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଓଡ଼ିଶାର ମହିଳା ଓ ଶିଶୁଙ୍କ ଜୀବନରେ ପୁଷ୍ଟିଧାରା ପରିବର୍ତ୍ତନ କରିବା ଦିଗରେ ଏହା ଏକ ସାମୂହିକ ପ୍ରୟାସ ଓ ମିଶନ। ୟୁନିସେଫ ଓଡ଼ିଶାର କ୍ଷେତ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୀନା ସୋମ ସ୍ୱାଗତ ଅଭିଭାଷଣରେ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଗର୍ଭବତୀ ମହିଳା, ପ୍ରସୂତି ଓ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ପ୍ରମୁଖ ଭୂମିକା ଗ୍ରହଣ କରେ ବୋଲି ମତ ପ୍ରକାଶ କରିଥିଲେ। ବିଭାଗର ଅତିରିକ୍ତ ସଚିବ ସମ୍ବିତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ନାଟ୍ୟମେଳାରେ ୪ ଓଡ଼ିଆ ନାଟକକୁ ୧୩ ଜାତୀୟ ପୁରସ୍କାର

**ଖୋର୍ଦ୍ଧା-ଟାଙ୍ଗୀ,୨୪।୧(ରଘୁନାଥ ସାହୁ)**

ନାଟ୍ୟକାର ଭିକାରୀ ଚରଣ ପ୍ରଧାନଙ୍କ ୪ଟି ଓଡ଼ିଆ ନାଟକ ମଙ୍ଗଳବାର କଟକରେ ଆୟୋଜିତ ବିଶ୍ୱ ନାଟ୍ୟ ମେଳାରେ ୧୩ଟି ଜାତୀୟ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଛି। ଐତିହାସିକ ପୃଷ୍ଠଭୂମିରେ ଲିଖିତ ଏବଂ ଶ୍ରୀଲୋକନାଥ ଦେବ ମାନସିଂହ ବିଦ୍ୟାପୀଠ, ବିରିବାଡି ଦ୍ୱାରା ପ୍ରାଯୋଜିତ ନାଟକ କାରୁବାକୀକୁ ଶ୍ରେଷ୍ଠ ଓଡ଼ିଆ ଭାଷାଭିତ୍ତିକ ନାଟକ, ୨ୟ ଶ୍ରେଷ୍ଠ ଅଭିନେତ୍ରୀ (କାରୁବାକୀ), ଶ୍ରେଷ୍ଠ ଐତିହାସିକ ନାଟକ ଭାବେ ପୁରସ୍କୃତ ହୋଇଥିଲା। ପୁରାଣ କଥାବସ୍ତୁ ଉପରେ ଆଧାରିତ ଏବଂ କଳିଙ୍ଗ କନ୍ୟା କଳା ପରିଷଦ, ବାଣପୁର ଦ୍ୱାରା ପରିବେଷିତ ନାଟକ ଶର୍ମିଷ୍ଠାକୁ ଶ୍ରେଷ୍ଠ ପାଣ୍ଡୁଲିପି, ଶ୍ରେଷ୍ଠ ଲିରିକାଲ ନାଟକ, ଶ୍ରେଷ୍ଠ ପ୍ରଯୋଜନା, ୨ୟଶ୍ରେଷ୍ଠ ଅଭିନେତା, ୨ୟ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ସେହିଭଳି ଘିଅଖଲା ମଠପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରା ପରିବେଷିତ ନାଟକ 'ଫେରାଇଦିଅ ମୋ ପିଲାଦିନ' ପାଇଁ ୨ୟ ଶ୍ରେଷ୍ଠ ନିର୍ଦ୍ଦେଶକ, ୨ୟ ଶ୍ରେଷ୍ଠ ଅଭିନେତ୍ରୀ (ମୃଷି) ପୁରସ୍କାର ମିଳିଛି। ଡିଏଭି, ଗୁରୁକୁଳ ବାଲୁଗାଁ ଦ୍ୱାରା ପରିବେଷିତ ନାଟକ 'ଯେସାକୁ ତେସା' ୩ୟ ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ମ୍ୟୁଜିକ୍ ଏବଂ ୩ୟ ଶ୍ରେଷ୍ଠ ଅଭିନେତା (ମୂଳି ସରପଞ୍ଚ) ପୁରସ୍କାର ଲାଭ କରିଛି। ପୁରସ୍କାର ବିତରଣ ମଞ୍ଚରେ ପ୍ରତ୍ୟେକ ସଂସ୍ଥା ପକ୍ଷରୁ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ନିର୍ଦ୍ଦେଶକ ପ୍ରମୋଦ ସାଇଁ, ନିର୍ଦ୍ଦେଶକ ଅଶୋକ ପ୍ରଧାନ, ପ୍ରଯୋଜକ ପ୍ରଶାନ୍ତ ମହାପାତ୍ର ସମ୍ମାନିତ ଅତିଥିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

# ଅଧିକାର, କର୍ତ୍ତବ୍ୟ ଉପରେ ଶିକ୍ଷକ ସମାଜ ସମାନ ଗୁରୁତ୍ୱ ଦେବା ଉଚିତ

**ଭୁବନେଶ୍ୱର, ୨୪।୧(ବନ୍ଦନା ସେଠୀ)**

କର୍ତ୍ତବ୍ୟବୋଧ ଦିବସ ଉପଲକ୍ଷେ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ତରଫରୁ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପବିତ୍ର କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ନାରାୟଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନେ ସୁଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କଲେ ସମାଜ ସେମାନଙ୍କ ହିତ ସାଧନ ପାଇଁ ଆଗେଇ ଆସିବ ବୋଲି କହିଥିଲେ। ପ୍ରଫେସର ମହେଶ୍ୱର ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ କହିଲେ, ଉଭୟ ଅଧିକାର ସାବ୍ୟସ୍ତ ଓ କର୍ତ୍ତବ୍ୟ ସମ୍ପାଦନ ଉପରେ ଶିକ୍ଷକ ସମାଜ ସମାନ ଭାବେ ଗୁରୁତ୍ୱ ଦେବା ଉଚିତ୍। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ସମବେତ ଶିକ୍ଷକବୃନ୍ଦ ଶପଥପାଠ କରିଥିଲେ। ଅଧ୍ୟାପକ ବିଜୟରାମ ଜେନା ପ୍ରାରମ୍ଭିକ ସୂଚନା ଏବଂ ଅଧ୍ୟାପିକା ସୁଜାତା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଚିତ୍ର ଆଙ୍କି ଛାତ୍ରୀଛାତ୍ରଙ୍କ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ



**ପୁରୁଣା ଭୁବନେଶ୍ୱର,୨୪।୧(ସୁବାସ ପ୍ରଧାନ)**

ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ବୁଧବାର ଧଉଳି କ୍ରାଫ୍ଟ ବଜାରଠାରେ ଗଣସାଂସ୍କୃତିକ ମଞ୍ଚ, ଭୁବନେଶ୍ୱର ପକ୍ଷରୁ ଏକ ଚିତ୍ରକଳା ଓ ସ୍ଥାପତ୍ୟ କର୍ମଶାଳାରେ ଶତାଧିକ କଲେଜ ଓ ସ୍କୁଲ ଛାତ୍ରୀଛାତ୍ର ନେତାଜୀଙ୍କ ଜୀବନର ବିଭିନ୍ନ ଘଟଣା ଉପରେ ଚିତ୍ରଆଙ୍କି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଧଉଳି ଚାରୁକଳା ମହାବିଦ୍ୟାଳୟ ଓ ଭୁବନେଶ୍ୱରସ୍ଥ ବିଭିନ୍ନ ସ୍କୁଲ କଲେଜର ଶତାଧିକ ଛାତ୍ରୀଛାତ୍ରଙ୍କ ସହ ବିଶିଷ୍ଟ କବି, ଲେଖକ ତଥା ପୂର୍ବତଟ ରେଳବାଇର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସ ଓ ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦନ ସାମଲ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

ବରିଷ୍ଠ କଳା ଛାତ୍ର ଏକ କାନ୍‌ଭାସରେ ନେତାଜୀଙ୍କ ଜୀବନ ସମ୍ବନ୍ଧରେ ଏକ ବିଶାଳ ଚିତ୍ରାଙ୍କନ କରିଥିବାବେଳେ ଅନ୍ୟାନ୍ୟ ଛାତ୍ରୀଛାତ୍ର ଅଲଗା ଅଲଗା ଚିତ୍ର ଆଙ୍କିଥିଲେ। ଚିତ୍ର ଶିଳ୍ପୀଙ୍କ ମଧ୍ୟରେ ସୁଲୋଚନା ମହାରଣା, ଜ୍ୟୋତିର୍ଦ୍ଦେବ ସିଂ, ପ୍ରଣବ ଚିନ୍ନାରା, ଶୁଭଙ୍କର ରାୟ, ଶିବା ମଣ୍ଡଳ, ସ୍ମୃତି ରଞ୍ଜନ ବେହେରା, ଦୀପ୍ତିମୟୀ ଚମ୍ପତି, ସୁଭଦ୍ରା ମହାନ୍ତି, ଦେବାଶିଷ ବେହେରା ପ୍ରମୁଖ ଚିତ୍ରାଙ୍କନରେ ଅଗ୍ରଣୀ ଭୂମିକା ପାଳନ କରିଥିଲେ। ଗଣସାଂସ୍କୃତିକ ମଞ୍ଚ, ଭୁବନେଶ୍ୱରର ସମ୍ପାଦକ ରାଜେନ୍ଦ୍ର ବର୍ମା ଏହି କାର୍ଯ୍ୟାନୁଷ୍ଠାନ ପରିଚାଳନା କରିଥିଲେ।

### ଧର୍ମଘଟ ସଫଳତା ପାଇଁ ଆହ୍ୱାନ

**ଭୁବନେଶ୍ୱର, ୨୪।୧(ବନ୍ଦନା ସେଠୀ)**

କେନ୍ଦ୍ରୀୟ ଟ୍ରେଡ ୟୁନିୟନଗୁଡ଼ିକ ସଂଯୁକ୍ତ ମୋର୍ଚ୍ଚା, ଫେଡେରେଶନ, ଆସୋସିଏଶନ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଫେବୃଆରୀ ୧୬ରେ ଦେଶବ୍ୟାପୀ ଧର୍ମଘଟ ଓ ଗ୍ରାମୀଣ ଭାରତ ବନ୍ଦ ହେବ। ଏହାର ସଫଳତା ପାଇଁ ରାଜ୍ୟ କାର୍ଯ୍ୟାଳୟରେ ଏଆଇଟିୟୁସି ରାଜ୍ୟ ସଭାପତି ଡ. ଅଶୋକ ଦାଶଙ୍କ ଅଧ୍ୟକ୍ଷତାରେ ଆଇଟିୟୁସି ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୨୬ରେ ସମସ୍ତ ଜିଲା ଓ ବ୍ଲକସ୍ତରରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ହେଉଥିବା ଟ୍ରାକ୍ଟର, ମୋଟର ସାଇକେଲ ଶୋଭାଯାତ୍ରାର ସଫଳତା ପାଇଁ ୟୁନିୟନଗୁଡ଼ିକ ସହଯୋଗ କରିବେ ବୋଲି ମତ ପ୍ରକାଶ ପାଇଥିଲା। ସ୍କିଲ୍ ୱାର୍କରଙ୍କୁ ୱାର୍କର ମାନ୍ୟତା ପ୍ରଦାନ, ଭତ୍ତାବୃଦ୍ଧି, ସର୍ବନିମ୍ନ ମଜୁରି ମାସିକ ୨୬ହଜାର ଟଙ୍କା ଘୋଷଣା, ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମିକଙ୍କୁ ଦୈନିକ ମଜୁରି ୭୫୦ ଟଙ୍କାକୁ ବୃଦ୍ଧି, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ ଆଦି ଦାବିରେ ଏହି ଦେଶବ୍ୟାପୀ ଧର୍ମଘଟ କରାଯାଉଥିବା ନେଇ ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ କହିଥିଲେ।

# ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଉଦ୍‌ଘାଟିତ


ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**କଟକ,୨୪।୧ (କାର୍ତ୍ତିକ ସାହୁ)**

କଟକ ମାତୃଭବନ ପରିସରରେ ୪୫ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ତାଳଚେରସ୍ଥିତ ଅନନ୍ୟା ମହିଳା ମଣ୍ଡଳର ସଭାନେତ୍ରୀ ସୁସ୍ମିତା ଧଳ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଡ. ଅର୍ଚ୍ଚନା ନାୟକ କହିଛନ୍ତି, ପୃଥିବୀକୁ ଭାରତବର୍ଷ ନେତୃତ୍ୱ ଦେବାରେ ନାରୀମାନଙ୍କ ଭୂମିକା ଅତୁଳନୀୟ। ଶ୍ରୀଅରବିନ୍ଦଙ୍କ ଭବିଷ୍ୟବାଣୀ ଭାରତ ଦିନେ ସମଗ୍ର ପୃଥିବୀର ଗୁରୁ ହେବ ଏବଂ ତାହା ଖୁବ୍‌ଶୀଘ୍ର ସମ୍ଭବ ହେବାର ସମ୍ଭାବନା ଦେଖାଗଲାଣି। ଅନ୍ୟତମ ବକ୍ତା ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ଲୋପାମୁଦ୍ରା ମୁଖାର୍ଜୀ ତାଙ୍କ ବକ୍ତବ୍ୟରେ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଅନେକ ବାଣୀର ଅବତାରଣା କରିଥିଲେ। ଡା. ଶ୍ୟାମା କାନୁନ୍‌ଗୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନମିତା ନାୟକ ମନ୍ତ୍ର ଆବାହନୀ ଓ ମନୋରମା ନାୟକ ବାବାଜୀ ମହାରାଜଙ୍କ ବାର୍ତ୍ତା ପାଠ କରିଥିଲେ। ଡ. ବିଜୟିନୀ ମହାପାତ୍ର ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଜ୍ୟୋତ୍ସ୍ନା ପରିଡ଼ା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମ୍ମିଳନୀରେ ଯୋଗଦେଇଥିବା ପ୍ରତିନିଧିମାନେ ମାର୍ଚ୍ଚପାଷ୍ଟ କରି ଦିବ୍ୟଜନନୀଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ନବ ସନ୍ତାନର ସୃଷ୍ଟି ଶୀର୍ଷକ ନୃତ୍ୟନାଟିକା ପରିବେଷିତ ହୋଇଥିଲା।

# ଡା. ଗୌରୀ ଶଙ୍କର ପ୍ରସାଦ ମିଶ୍ରଙ୍କୁ 'ଆୟୁର୍ବେଦ ଭୂଷଣ' ଉପାଧି




**ଭୁବନେଶ୍ୱର, ୨୪।୧(ବନ୍ଦନା ସେଠୀ)**

ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଆନୁକୂଲ୍ୟରେ ମହାରାଷ୍ଟ୍ରର ଥାଣେଠାରେ ୪ଦିନିଆ ଆରୋଗ୍ୟ ମେଳା ଏବଂ ଅଖିଳ ଭାରତୀୟ ଆୟୁର୍ବେଦ ମହାସମ୍ମିଳନୀ ସଭା ଉଦ୍‌ଯାପିତ ହୋଇଯାଇଛି। ଆୟୁଷ ମନ୍ତ୍ରୀ ଶ୍ରୀପଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶାର ଆୟୁର୍ବେଦ ଚିକିତ୍ସକ ତଥା ପୂର୍ବାଞ୍ଚଳ ମଣ୍ଡଳ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ, ଓଡ଼ିଶା ରାଜ୍ୟ ଆୟୁର୍ବେଦ ପରିଷଦର ରେଜିଷ୍ଟ୍ରାର ଡା. ଗୌରୀ ଶଙ୍କର ପ୍ରସାଦ ମିଶ୍ରଙ୍କୁ ମହାସମ୍ମିଳନୀ ପକ୍ଷରୁ 'ଆୟୁର୍ବେଦ ଭୂଷଣ' ଉପାଧି ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ପାଇବାରେ ଡା. ମିଶ୍ର ଓଡ଼ିଶାର ପ୍ରଥମ ଆୟୁର୍ବେଦ ଚିକିତ୍ସକ। କାର୍ଯ୍ୟକ୍ରମରେ ମହାସମ୍ମିଳନୀର ଅଧ୍ୟକ୍ଷ ପଦ୍ମଭୂଷଣ ବୈଦ୍ୟ ଦେବେନ୍ଦ୍ର ତ୍ରିଗୁଣା, ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ବିଭାଗ ସଚିବ ଆରତି ଆହୁଜା, ଆୟୁଷ ସଚିବ ପଦ୍ମଶ୍ରୀ ବୈଦ୍ୟ ରାଜେଶ କୋଟେରା, ଚେୟାରମ୍ୟାନ ଏନ୍‌ସିଆଇଏସ୍‌ଏମ୍‌ର ବୈଦ୍ୟ ଜୟନ୍ତ ଦେଓ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ଅଭିଯୋଗରେ ୩ କୋର୍ଟ ଚାଲାଣ

**ଜଟଣୀ,୨୪।୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୋଲିସ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିବା ସହିତ ମାମଲା ରୁଜୁକରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅଧୀନ ବେଲପଡା ଗ୍ରାମ ଜେନା ସାହିର ସରୋଜ ଜେନା ଓରଫ ବିନ୍ଟୁ, ସେହି ସାହିର ପ୍ରକାଶ ଜେନା ଓରଫ ପପୁ ଏବଂ ରୋହିତ କୁମାର ଜେନା ଓରଫ ବାପି। ଏମାନଙ୍କ ଠାରୁ ଚୋରି ଯାଇଥିବା ୨ଟି ୩୩କେଭିର ଆଇସୋଲେଟର ଓ ଏକ ମୋଟର ସାଇକେଲ ଜବତ କରାଯାଇଛି। ଏ ନେଇ ଏକ କେସ୍ (ନଂ. ୨୩/୨୪) ରୁଜୁ ହୋଇଥିବା ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ସୂଚନା ମୁତାବକ,ଏମଏସ ଭିଜନ ଇଣ୍ଡିଆ ସର୍ଭିସେସ୍ ଇଞ୍ଜିନିୟର ପୂର୍ଣ୍ଣଚନ୍ଦ୍ର ସାହୁ ତାଙ୍କ ସଂସ୍ଥାରୁ ଗତ ୨୨ ତାରିଖରେ ଉପରୋକ୍ତ ୩ ଅଭିଯୁକ୍ତ ଦୁଇଟି ଆଇସୋଲେଟର ବକ୍ସ ସହିତ ଅନ୍ୟ ସାମଗ୍ରୀ ଚୋରିକରି ନେଇଥିବା ଥାନାରେ ଅଭିଯୋଗ କରିଥିଲେ।

# ୫-ଟି ରୂପାନ୍ତରଣ ଇଟୁଆ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଲୋକାର୍ପିତ

**ବାଲିଅନ୍ତା,୨୪।୧(ନୀଳମାଧବ ସାହୁ)**

୫-ଟି ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ଅଧୀନ ଇଟୁଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକାର୍ପିତ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଉତ୍ସବ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ସମେତ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା ଓ ସ୍ଥାନୀୟ ଲୋକପ୍ରତିନିଧି ସାମିଲ ହୋଇ ଭର୍ଚୁଆଲ ମୋଡ୍‌ରେ ଏହି କାର୍ଯ୍ୟକ୍ରମ ଦେଖିଥିଲେ। ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ଫଣିଭୂଷଣ ବାରିକ୍, ନାଏବ ସରପଞ୍ଚ ବେଣୁଧର ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବୀନ ଚନ୍ଦ୍ର ସାହୁ ଓ ପ୍ରଧାନ ଶିକ୍ଷକ କାମଦେବ ତ୍ରିପାଠୀଙ୍କ ସମେତ ବହୁ ଛାତ୍ରୀଛାତ୍ର, ଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ୨ଟି ସ୍ମାର୍ଟ କ୍ଲାସ୍ ରୁମ୍ ଇ- ଲାଇବ୍ରେରୀ ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।


୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ସ୍କୁଲ କମିଟି କର୍ମକର୍ତ୍ତା, ସରପଞ୍ଚ, ଛାତ୍ରୀଛାତ୍ର ପ୍ରମୁଖ।

# ବର୍ଷାରେ ଭିଜି ବାସନ ମାଜିଲେ ଛାତ୍ର

**ଖୋର୍ଦ୍ଧା,୨୪।୧(ପ୍ରଭାତ ପାଣିଗ୍ରାହୀ)**

### ଭିଡିଓ ଭାଇରାଲ, ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା



ରାଜ୍ୟ ସରକାରଙ୍କ ସମଗ୍ର ଶିକ୍ଷା ଅଭିଯାନରେ ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ ସ୍ଲୋଗାନ ପ୍ରହସନ ପାଲଟିଛି। ଡ୍ରପ୍‌ଆଉଟ ପିଲାଙ୍କୁ ସରକାରୀ ବିଦ୍ୟାଳୟମୁହାଁ କରିବା, ଅତ୍ୟାଧୁନିକ ଜ୍ଞାନକୌଶଳ, ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଯୋଗାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିଲାଗି ରାଜ୍ୟ ସରକାର ୫-ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରଣ ଆରମ୍ଭ କରିଛନ୍ତି। ଏହାର ଲକ୍ଷ୍ୟ ପିଲାଙ୍କୁ ସରକାରୀ ସ୍କୁଲରେ ପାଠପଢା ପ୍ରତି ଆକୃଷ୍ଟ କରିବା ତଥା ବେସରକାରୀ ସ୍କୁଲ ଭଳି ସମସ୍ତ ସୁବିଧା ସୁଯୋଗ ଦେବା। ତେବେ ବାସ୍ତବ ଚିତ୍ର ଭିନ୍ନ। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସିମୋର ପଞ୍ଚାୟତର କୁଞ୍ଜବିହାରୀ ଦେବ ସ୍ମାର୍ଟ ଉଚ୍ଚ ବିଦ୍ୟାଳୟରେ ପିଲାଙ୍କୁ ବାସନ ମଜାଯାଉଥିବା ଦେଖିବାକୁ ମିଳିଛି। ବୁଧବାର ଦିନତମାମ ବର୍ଷା ଲାଗିରହିଛି। ବିଦ୍ୟାଳୟ ପରିସରରେ ପିଲାମାନେ ବର୍ଷାରେ ଭିଜି ବାସନ ମାଜୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ସୂଚନା ଅନୁଯାୟୀ, ବୁଧବାର ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାର କୁଞ୍ଜବିହାରୀ ଦେବ ବିଦ୍ୟାଳୟ ସମେତ ଏକାଧିକ ବିଦ୍ୟାଳୟ ସାମିଲ ହୋଇଥିଲେ। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ରୂପାନ୍ତରିତ ବିଦ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ଏହି ଅବସରରେ ବିଦ୍ୟାଳୟ ପରିସରରେ ଭୋଜିଭାତ ଆୟୋଜନ ହୋଇଥିଲା। ଅପରାହ୍ନରେ ସମସ୍ତେ ଖାଇସାରିବା ପରେ ବାସନ ମାଜିବା କାର୍ଯ୍ୟରେ ପିଲାଙ୍କୁ ନିୟୋଜିତ କରାଯାଇଥିଲା। ପିଲାମାନେ ବର୍ଷାରେ ଭିଜି ଅଇଁଠା ବାସନ ମାଜିଥିଲେ। ଏହି ସମୟରେ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ପିଲାମାନେ ବାସନ ମାଜିବା ବେଳର ଭିଡିଓ ଭାଇରାଲ ହେବା ପରେ ଶିକ୍ଷକମାନଙ୍କ ଦାୟିତ୍ୱ ଉପରେ ପ୍ରଶ୍ନବାଚୀ ଉଠିଛି। ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। କେତେଜଣ ଅଭିଭାବକ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଳୟରେ ପିଲାଙ୍କୁ କୌଣସି କାର୍ଯ୍ୟରେ ନ ଲଗାଇବା ପାଇଁ ଶିକ୍ଷା ବିଭାଗର ନିର୍ଦ୍ଦେଶ ଥିବା ବେଳେ କିଏ, କାହିଁକି, ବର୍ଷାରେ ପିଲାଙ୍କୁ ବାସନ ମାଜିବା କାର୍ଯ୍ୟରେ ଲଗାଇଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ପିସିସି ରାଜ୍ୟ ସମ୍ପାଦକ ଶିଶିର ପରିଡା କହିଛନ୍ତି, ଏହା ନିନ୍ଦନୀୟ ଘଟଣା। ସରକାର ପିଲାଙ୍କୁ ସରକାରୀ ସ୍କୁଲରେ ପାଠ ପଢିବା ପ୍ରତି ଆଗ୍ରହ ପାଇଁ ମଧ୍ୟାହ୍ନଭୋଜନ, ମାଗଣା ସ୍କୁଲ ୟୁନିଫର୍ମ, ଜୋତା, ସାଇକେଲ ପ୍ରଭୃତି ଯୋଜନା ପରେ ଏବେ ୫-ଟି ରୂପାନ୍ତରଣରେ ସ୍ମାର୍ଟ ବିଦ୍ୟାଳୟ କରୁଛନ୍ତି। ତେବେ ଏଭଳି ଚିତ୍ରରୁ ପିଲାଙ୍କ ଭବିଷ୍ୟତ ନେଇ ଶିକ୍ଷା ବିଭାଗ କେତେ ତତ୍ପର ତାହା ବୁଝାପଡୁଛି। ଅନ୍ୟପକ୍ଷରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର କହିଛନ୍ତି, ଏଭଳି ଘଟଣା ସମ୍ପର୍କରେ ମୋ' ପାଖରେ କୌଣସି ସୂଚନା ନାହିଁ। ମୁଁ ଦୁଇଟି ବିଦ୍ୟାଳୟ ଦାୟିତ୍ୱରେ ରହିଛି। ଅପରାହ୍ନରେ ଅନ୍ୟ ସ୍କୁଲକୁ ଯାଇଥିଲି। ବାସନକୁସନ ମାଜିବା ପାଇଁ ପାଚିକା ଅଛନ୍ତି। ପିଲାଙ୍କୁ କୌଣସି କାମରେ ନ ଲଗାଇବା ପାଇଁ ଶିକ୍ଷକମାନଙ୍କୁ କଡା ତାଗିଦ୍ କରାଯାଇଛି। ଗୁରୁବାର ଷ୍ଟାଫ ବୈଠକ ଡକାଯାଇ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ଅର୍ପଣ ରଥର ଦାନ ଅର୍ଥ ଜିଲା କାର୍ଯ୍ୟାଳୟକୁ ଗଲା

ମାହାଙ୍ଗା,୨୪।୧(ଯଯାତି ସିଂହ)

ମାହାଙ୍ଗା ବ୍ଲକର ୩୭ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା ଅବସରରେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରାଯାଇଥିଲା। ଏଥିସହ ରଥରେ ଭୋଗଲାଗି ନିମନ୍ତେ ଦକ୍ଷିଣା ପ୍ରଦାନ କରାଯାଇଥିଲା। ଏହି ଦକ୍ଷିଣା ବାବଦରେ ବ୍ଲକରେ ମୋଟ ୨ ଲକ୍ଷ ୨୮ ହଜାର ଟଙ୍କା ୮ ଶହ ୯ ଟଙ୍କା ଆଦାୟ ହୋଇଥିଲା। ଏହି ଆଦାୟ ଅର୍ଥକୁ ବ୍ଲକ ଚିଠି (ନଂ. ୨୯/୨୩) ଅନୁଯାୟୀ, ଜିଲା ପରିଷଦ କଟକକୁ ପଠାଯାଇଛି ବୋଲି ବିଡିଓ ଅମିୟ କୁମାର ପଣ୍ଡା ପଠାଇଥିବା ସୂଚନା ଦେଇଛନ୍ତି। ହଳଦିଆ ପଞ୍ଚାୟତରେ ସର୍ବାଧିକ ୧୭ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଥିବା ଜଣାଯାଇଛି।

### ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ବାଙ୍କୀ/ ବଡ଼ମ୍ବା, ୨୪।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ମାୟାଧର ମଲ୍ଲିକ)

ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଆରକ୍ଷା ପ୍ରଶିକ୍ଷଣ ଶିବିର ବାଙ୍କୀ କଲେଜ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାଧ୍ୟାପିକା ଗାୟିତ୍ରୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜ କିଶୋର ପାଲ୍ ଯୋଗଦେଇ ଶିବିରର ସଫଳତା କାମନା କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ଡ.ଅବନ୍ତୀକା କର ଓ କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ ସାମିଲ ହୋଇଥିଲେ। ପ୍ରଶିକ୍ଷିକା ଭାବେ ସୁନୀତା ସାମଲ, ଅନୀତା ସାମଲ ଓ ଦୀପାଞ୍ଜଳି ପାଟମାଝୀ ଯୋଗଦେଇ ଆତ୍ମରକ୍ଷା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପିକା ପ୍ରୀତିବନ୍ୟା ଶୁଭଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀସ୍ଥିତ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ଦେବ ଆଞ୍ଚଳିକ କଳା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥିଭାବେ ଶଙ୍ଖାମେରୀ ଗ୍ରାମ ପଞ୍ଚାୟତ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବିଶ୍ୱାଳ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ନରସିଂହ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ତାଲିମ ଶିବିରରେ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ମାନସ ମୁଦୁଲି ଯୋଗ ଦେଇ ବାଳିକା ଆତ୍ମରକ୍ଷା ତାଲିମ ଜରୁରୀ ବୋଲି ମତବ୍ୟକ୍ତ କରିଛି। ଏଥିପାଇଁ ବିଭିନ୍ନ ଜ୍ଞାନ ଓ କୌଶଳର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଓଡ଼ିଆ ଅଧ୍ୟାପକ ସୁଧାକର ସାହୁ ଏହାର ଉପାଦେୟତା, ଲକ୍ଷ ଉପରେ ସୂଚନା ଦେଇଥିଲେ। ତାଲିମ ଶିବିରରେ ମାଷ୍ଟର ଟ୍ରେନର ଭାବେ ଲିଜା ସେଠୀ ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମ ରକ୍ଷା ଉପରେ ବିଭିନ୍ନ କୌଶଳ ପ୍ରଦାନ କରିଥିଲେ।

### ନୂଆପାଟଣା ସେବା ସମବାୟ ସମିତିର ସାଧାରଣ ସଭା

ଟିଗିରିଆ,୨୪।୧(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନୂଆପାଟଣା ପ୍ରାଥମିକ କୃଷି ସେବା ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀ ବଂଶୀଧର କୁଣ୍ଡୁ ସଭାପତିତ୍ୱ କରିଥିଲେ। ସମିତି ସମ୍ପାଦକ ଚନ୍ଦନ ଜେନା ବାର୍ଷିକ ବିବରଣୀ ସହ ଆୟ, ବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଚାଷୀ ପ୍ରତାପ ଦାସ, ପ୍ରଦୀପ ବର୍ଦ୍ଧନ, ରବି ଜେନା, ସାହାଦତ ଖାଁ, ପୀତବାସ ଜେନା, ପୀତବାସ ବେହେରା, ଶ୍ରୀବତ୍ସ ପାତ୍ରଙ୍କ ସହିତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ବହୁମୁଖୀ ଗୋଷ୍ଠୀକେନ୍ଦ୍ର ଶିଳାନ୍ୟାସ

ଚୌଦ୍ୱାର,୨୪।୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୧୩ ଓ ୧୪ନଂ. ୱାର୍ଡରେ ଦୁଇଟି ବହୁମୁଖୀ ଗୋଷ୍ଠୀକେନ୍ଦ୍ରର ଶିଳାନ୍ୟାସ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସବିତା ନାୟକ, କାଉନସିଲର ରଞ୍ଜୁଲତା ଦାସ ଓ ଅଜୟ କୁମାର ବେହେରା ଯୋଗଦେଇଥିଲେ। ପ୍ରକାଶ ସାମଲ, ବିଜୟ ଭୋଳ, ଦୁଃଶାସନ ସାହୁ, ସୁଧାକର ମହାପାତ୍ର, ଶଙ୍କର ସେଠୀ, ପରେଶ ମହାପାତ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜୈବିକ ପ୍ରଣାଳୀରେ ଚାଷକୁ ଗୁରୁତ୍ୱ

## କୃଷକ ଦକ୍ଷତା ତାଲିମ ଶିବିର

ଆଠଗଡ,୨୪।୧(ସତ୍ୟ ପ୍ରସାଦ ରଥ)

କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପରାମର୍ଶକ୍ରମେ ଆଠଗଡ ଉଦ୍ୟାନ ବିଭାଗ ତରଫରୁ ବ୍ଲକସ୍ତରୀୟ ଉଦ୍ୟାନ କୃଷି, କୃଷକ ଦକ୍ଷତା ବିକାଶ କର୍ମଶାଳା ଆଠଗଡ ବ୍ଲକ ଖୁଣ୍ଟୁକଟା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ କୃଷି ସୂଚନା ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ରବୀନ୍ଦ୍ରନାଥ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଦକ୍ଷତା ବିକାଶ ଶିବିରରେ ଆଠଗଡ ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ସିଂହ ଯୋଗଦେଇ ଉଦ୍ୟାନ କୃଷିର ଉନ୍ନତି ଓ କୃଷକମାନଙ୍କ ପାଇଁ ରାଜ୍ୟ ସରକାର କରିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସୂଚନା ଦେଇଥିଲେ। ବିଜ୍ଞାନ କେନ୍ଦ୍ର କଟକର ବୈଜ୍ଞାନିକ ଡ.ତୁଷାର ରଞ୍ଜନ ସାହୁ ଏଥିରେ ଯୋଗଦେଇ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ରାସାନିକ ଔଷଧ ବଦଳରେ ଜୈବିକ ପ୍ରଣାଳୀରେ ଚାଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନିମ୍ବ, କରଞ୍ଜ ଓ ହଳଦୀକୁ ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବ୍ଲକ କୃଷି ଅଧିକାରୀ ପ୍ରିୟ ନାଥ ପାତ୍ର ଯୋଗ ଦେଇ,ଚାଷ କାର୍ଯ୍ୟ କରିବା ପୂର୍ବରୁ ମୃତ୍ତିକା ପରୀକ୍ଷା କରି ଫସଲ ଚୟନ କରିବା ଦରକାର ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଗିରିଆ ଉଦ୍ୟାନ ଅଧିକାରୀ ଜ୍ଞାନ ରଞ୍ଜନ ରାଉତ, ଆଠଗଡ ସହକାରୀ ଉଦ୍ୟାନ ଅଧିକାରୀ ଧନୁର୍ଜୟ ରାଉତ, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ନୃସିଂହ ଚରଣ ମହାପାତ୍ର, ସାପୁଆ ଫାର୍ମ ଉପାଦନ କମ୍ପାନୀର ସଭାପତି ନୀଳମଣି ନାୟକ, ଖୁଣ୍ଟୁକଟା ସରପଞ୍ଚ ମନୋଜ ନାୟକ, ରାଜ୍ୟ ବିହନ ପ୍ରାମାଣିକ ସଂସ୍ଥାର ନିର୍ଦ୍ଦେଶକ ନିରାକାର ଲେଙ୍କା ପ୍ରମୁଖ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଆଠଗଡ ବ୍ଲକ ୧ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ୧୯ ପଞ୍ଚାୟତର ୧୫୦ ଜଣ ଚାଷୀ, ସରପଞ୍ଚ, ସମିତିସଭ୍ୟ ଓ କୃଷକ ସାଥୀମାନେ ଯୋଗଦେଇଥିଲେ।


ଶିବିରରେ ଯୋଗଦେଇଥିବା କୃଷି ଅଧିକାରୀ ଓ ଅନ୍ୟମାନେ।


ବଡ଼ମ୍ବାରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖୁଛନ୍ତି।

## ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା

ମାହାଙ୍ଗା, ୨୪।୧(ଯଯାତି ସିଂହ):

ମାହାଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୂଚନା ଲୋକ କଳାର ପ୍ରୟୋଗ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡିଶା ବ୍ଲକସ୍ତରୀୟ କଳାକାରମାନଙ୍କୁ ନେଇ ଆୟୋଜିତ ଏହି କର୍ମଶାଳାରେ ବ୍ଲକ କଳା ଓ ସଂସ୍କୃତି ସଂଘର ସଭାପତି ତଥା ବିଡିଓ ଅମିୟ କୁମାର ପଣ୍ଡା, ବ୍ଲକ କଳା ସଂସ୍କୃତି ସଂଘର ସମ୍ପାଦକ ତଥା ସାମାଜିକ ସୁରକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ମଲିକ, ବିପିଏମ୍ ରୋଜାଲିନ ଦାସ, ଗାୟତ୍ରୀ ପରିଡା, ସଂଘ ଉପସଭାପତି ହେମନ୍ତ କୁମାର ଦଳେଇ, ହୃଷୀକେଶ ବେହେରା, ଅରୁଣଦୋୟ ପଣ୍ଡା, ତାରାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଓଡିଶାର ପାରମ୍ପରିକ ଲୋକ କଳାକୁ ସଂରକ୍ଷଣ, କରିବା ସହ ଏହାର ପ୍ରସାର ପ୍ରଚାର ଉପରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅବଗତ କରାଯାଇଥିଲା। ଏହି ଅବସରରେ ରୂପାନ୍ତରିତ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଶିବିରରେ ତାଲିମପ୍ରାପ୍ତ କଳାକାରମାନେ ଲୋକକଳା ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବେ ବୋଲି ପଣ୍ଡା ସୂଚନା ଦେଇଥିଲେ।


ଶିବିରରେ ଅତିଥିମାନେ ରୂପାନ୍ତରିତ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ସାଧାରଣତନ୍ତ୍ର ଦିବସ ପାଇଁ ଅଭ୍ୟାସ ପରେଡ୍

ବାଙ୍କୀ/ ବଡ଼ମ୍ବା, ୨୪।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ମାୟାଧର ମଲ୍ଲିକ)

ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବାଙ୍କୀ କଚେରି ପଡ଼ିଆରେ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏନ୍‌ସିସି, ସ୍କାଉଟ୍, ରୋଭର ରେଞ୍ଜର, ଆମ୍ବେଦକର ଛାତ୍ରାବାସ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭ୍ୟାସ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ସୂଚନା ଲୋକସମ୍ପର୍କ ବିଭାଗ ବରିଷ୍ଠ ଅଧିକାରୀ କାଳୀଚରଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପରେଡ୍‌ରେ କ୍ୟାପଟେନ୍ ଗୁରୁବାରୀ ସାହୁ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବାଙ୍କୀ କଲେଜ୍ ମହିଳା ଏନ୍‌ସିସି ଅଧିକାରିଣୀ ମେଜର୍ ଡ.ସନ୍ଧ୍ୟାରାଣୀ ମହାନ୍ତି, ବି.କେ.ବିଦ୍ୟାପୀଠ ଏନ୍‌ସିସି ଅଧିକାରୀ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଡ଼ମ୍ବା ଟେନିସ ପଡ଼ିଆରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଓ ଅଭ୍ୟାସ ପରେଡ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଶାଶ୍ୱତ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ। ଅଭ୍ୟାସ ପରେଡରେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ କ୍ୟାପଟେନ ସୁଧୀର କୁମାର ମହାରଣା, ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଦୁର୍ଗା ଚରଣ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।

## ପିତାମାତା ସେବକ ସଂଘର ବାର୍ଷିକ ଉତ୍ସବ

ମାହାଙ୍ଗା,୨୪।୧(ଯଯାତି ସିଂହ):

ମାହାଙ୍ଗା ବ୍ଲକର ସ୍ୱେଚ୍ଛାସେବୀ ସଙ୍ଗଠନ 'ପିତାମାତା ସେବକ' ସଂଘର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବରିଷ୍ଠ ଖବରଦାତା ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ମାଧବ ଚନ୍ଦ୍ର ପଣ୍ଡା ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଦାଶ, ବିଶିଷ୍ଟ ଅତିଥିଭାବେ ଶିକ୍ଷାବିତ୍ ତଥା ଯାତ୍ର ସଂଯୋଜକ କୁମାର ଷ୍ଟାଲିନ, ସମ୍ମାନିତ ବକ୍ତାଭାବେ ଖବରଦାତା ପ୍ରଦୀପ୍ତ ମହାରଣା, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଉମେଶ ଚନ୍ଦ୍ର ସାହୁ, ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା, ସାମାଜିକ କର୍ମୀ ଶ୍ୟାମସୁନ୍ଦର ସ୍ୱାଇଁ, ଅନୁଷ୍ଠାନ ସଭାପତି ବିନୟ ରଞ୍ଜନ ପ୍ରଧାନ, ବାସୁଦେବପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ମିଶ୍ର, ଗୋକନ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ନାୟକ, ଅଜୟ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ସେଠୀ, ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଶିବଚରଣ ଜେନା, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ କୃତୀ ପ୍ରତିଯୋଗୀମାନଙ୍କୁ ମାହାଙ୍ଗା ପ୍ରତିଭା ସମ୍ମାନ ଏବଂ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶିକ୍ଷାବିତ୍, ସାମାଜିକ କର୍ମୀମାନଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବହୁ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଗରିବ, ନିରାଶ୍ରୟ ଲୋକମାନଙ୍କୁ ଶାଢି ଓ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଅଶୋକ କୁମାର ଦାଶ ଅତିଥି ପରିଚୟ, ପ୍ରକାଶ ନାୟକ ସ୍ୱାଗତ ଭାଷଣ ଓ ଚିରଞ୍ଜିବୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟ, ଛାତ୍ରୀଛାତ୍ର, କଳାକାର ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ।

## 'ଶ୍ରୀଜଗନ୍ନାଥ ସବୁ ଧର୍ମର ପ୍ରତୀକ'

ବାଙ୍କୀ,୨୪।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପରିପ୍ରେକ୍ଷୀରେ ' ସମନ୍ୱୟ ଚେତନାରେ ପ୍ରଭୁ ଶ୍ରୀଜଗନ୍ନାଥ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଦୃଶ୍ୟଶ୍ରାବ ଗୃହରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ କୁମାର ପଣ୍ଡା ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଗବେଷକ ଡ. ସୁଚେତା ରାଉତ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସନାତନ ଧର୍ମର ବିଭିନ୍ନ ମାର୍ଗ ଉପରେ ଆଲୋକପାତ କରିଥିଲେ। ଶ୍ରୀ ଜଗନ୍ନାଥ ସାରା ବିଶ୍ୱର ଠାକୁର ଭାବେ ସବୁଧର୍ମର ପ୍ରତୀକ ବୋଲି ଡ. ରାଉତ ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତାଭାବେ ଭାଗବତ ଚେତନାର ପ୍ରବକ୍ତା ଡ. ବିଜୟ ଲକ୍ଷ୍ମୀ ପଟ୍ଟନାୟକ ଯୋଗଦେଇ ଭାଗବତର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କ ହୃଦୟର ଦେବତା ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୁକ୍ତ ୨ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍ ଓ ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଅଧ୍ୟାପକ ଡ. ବୈରାଗୀ ଚରଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ଓ କାର୍ଯ୍ୟକ୍ରମ ଉପରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଚିନ୍ମୟ ତ୍ରିପାଠୀ, ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଅଧ୍ୟାପକ ମହାଦେବ ପ୍ରଧାନ, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଅନୀଲ କୁମାର ପ୍ରଧାନ, ଡ.ଅଭିମନ୍ୟୁ ରଣା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଡ. ସସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## 'ଆଠଗଡ଼ରେ ପାନୀୟଜଳ ସଙ୍କଟ ଦୂରହେବ'


ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବକ୍ତବ୍ୟ ଦେଉଛନ୍ତି।

### ପାନୀୟ ଜଳ ପ୍ରକଳ୍ପ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ଆଠଗଡ,୨୪।୧(ସତ୍ୟ ପ୍ରସାଦ ରଥ)

ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଆଖିଆଗରେ ରଖି ଏହି ସହରକୁ ୨୪/୭ ଜଳଯୋଗାଣ ପାଇଁ ରାଜ୍ୟ ସରକାର ଯୋଜନ କରିଛନ୍ତି। ଏନେଇ ଘରେ ଘରେ ଟ୍ୟାପ ପାଣି ଯୋଜନାରେ ସହରକୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉନ୍ନତୀକରଣ ନିମନ୍ତେ ଭିତ୍ତିପସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏଥିପାଇଁ ୨୯ କୋଟି ୯୪ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଏହି ପ୍ରକଳ୍ପ ଦ୍ୱାରା ୨୦୫୫ ମସିହା ପର୍ଯ୍ୟନ୍ତ ସହରର ଚାହିଦା ଅନୁଯାୟୀ ଜଳ ଯୋଗାଣ ହୋଇପାରିବ। ଏହାଦ୍ୱାରା ଆଠଗଡ ସହରାଞ୍ଚଳର ପ୍ରତ୍ୟେକ ସ୍ଥାନରେ ପାନୀୟ ଜଳ ସଙ୍କଟ ଦୂରହେବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ, ସହରାଞ୍ଚଳ ଜଳ ଯୋଗାଣ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଅରବିନ୍ଦ ଜେନା, ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ଭି.ଶିବଶଙ୍କର ଜ୍ୟୋତିଙ୍କ ସମେତ କାଉନ୍‌ସିଲରମାନେ ଯୋଗଦେଇଥିଲେ।

## ପାଣି ପଞ୍ଚାୟତ ପକ୍ଷ ପାଳନ

ମାଣିଆବନ୍ଧ, ୨୪।୧ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କରଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। ଏଥିରେ କରଡ଼ା ପାଣି ପଞ୍ଚାୟତ ସଭାପତି ଆର୍ତ୍ତତ୍ରାଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତର ସଭ୍ୟାସଭ୍ୟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନ ଜଣାଇବା ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷଙ୍କ ପ୍ରତିନିଧି ସୁଶାନ୍ତ ଜେନା, ସ୍ଥାନୀୟ ଜିଲା ପରିଷଦଙ୍କ ପ୍ରତିନିଧି ମଙ୍ଗୁଲିସାହୁ, ୩୦ନଂ. ଜିଲା ପରିଷଦ ରବୀନ୍ଦ୍ର ସାହୁ, ବଡ଼ମ୍ବା କ୍ଷୁଦ୍ର ଜଳ ସେଚନ ନିର୍ବାହୀଯନ୍ତ୍ରୀ ବେଦ ପ୍ରକାଶ ନାୟକ, ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂ, ସହକାରୀ ଯନ୍ତ୍ରୀ ମହେନ୍ଦ୍ର ମିଶ୍ର, କୃଷକ ନେତା କବିରାଜ ସାହୁ, ସମିତି ସଭ୍ୟ ଗିଲିବାଳା ବେହେରା, ସମ୍ପାଦିକା ନିବାସିନୀ ବେହେରାଙ୍କ ସମେତ ବହୁ ଚାଷୀ ଓ ପାଣି ପଞ୍ଚାୟତର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ମୁଖ୍ୟ ଅତିଥି ବିଧାୟକ ମିଶ୍ର ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସମୀର କୁମାର ରାଉତ ସଂଯୋଜନା କରିଥିବାବେଳେ କୋଷାଧ୍ୟକ୍ଷ ସଞ୍ଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ବିଧାୟକ ଦେବୀପ୍ରସାଦ ମିଶ୍ର ପୁରସ୍କୃତ କରୁଛନ୍ତି।

## ପ୍ରତି ପରିବାରରେ ପହଞ୍ଚିଛି ରାଜ୍ୟ ସରକାରଙ୍କ ଯୋଜନା

### ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

ନିଶ୍ଚିନ୍ତକୋଇଲି, ୨୪।୧ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ପଞ୍ଚାୟତର ପ୍ରତ୍ୟେକ ପରିବାରକୁ ମୌଳିକ ସୁବିଧା ମିଳିଛି। ଏହି ପଞ୍ଚାୟତରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ବିକାଶ ହୋଇଛି। ଶ୍ରମିକମାନଙ୍କୁ ସହାୟତାଠାରୁ ଆରମ୍ଭ କରି ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ସ୍ୱାବଲମ୍ବୀ ହୋଇଛନ୍ତି। ପଞ୍ଚାୟତ ଏବେ ବିକାଶ ପଥରେ ଆଗେଇ ଚାଲିଛି। ସ୍ଥାନୀୟ ଲୋକପ୍ରତିନିଧି ଓ ମୁରବିଙ୍କ ନିଷ୍ଠାପର, ଅଧ୍ୟବସାୟ ଓ ଦୃଢ ଇଚ୍ଛାଶକ୍ତି ପାଇଁ ଏହା ସମ୍ଭବ ହୋଇପାରିଛି। ଏହି ପଞ୍ଚାୟତର ସବୁ ପରିବାର ଲୋକଙ୍କ ପାଖରେ ରାଜ୍ୟ ସରକାରଙ୍କ ଯୋଜନା ପହଞ୍ଚି ପାରିଛି ବୋଲି ମାହାଙ୍ଗା ବିଧାୟକ ପ୍ରତାପ ଜେନା ଦୃଢୋକ୍ତି ପ୍ରକାଶ କରିଛନ୍ତି। ମାହାଙ୍ଗା ବ୍ଲକର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ଜେନା ଯୋଗଦେଇ ସେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ବିଧାୟକ ଜେନା ଏହି ଅବସରରେ ୪୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କଲ୍ୟାଣ ମଣ୍ଡପ, ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନୱାଡି କେନ୍ଦ୍ର, ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଜମା ଗ୍ରହଣ କେନ୍ଦ୍ର, ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଦାଉଦପୁର କମ୍ୟୁନିଟି ସେଣ୍ଟର, ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଜାଗୁଳାଇ ମନ୍ଦିର କମ୍ୟୁନିଟି ସେଣ୍ଟରକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ଆତ୍ମା କମିଟି ସଭାପତି ହିମାଂଶୁ ଶେଖର ମହାନ୍ତି, ମଣ୍ଡଳ ଉନ୍ନୟନ ଅଧିକାରୀ ଧର୍ମରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ପ୍ରାକ୍ତନ ଅଧ୍ୟକ୍ଷା ସବିତା ଓଝା,ଉପାଧ୍ୟକ୍ଷ ଅଶୋକ କୁମାର ଓଝା,ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ସରପଞ୍ଚ ଲଳିତେନ୍ଦୁ ବିଶୋଇ, ସମିତି ସଭ୍ୟ ଆଶିଷ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ପୂର୍ବତନ ସରପଞ୍ଚ ଦିବାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ଜେନା ପଞ୍ଚାୟତରେ ଥିବା ୮୦ଟି ସ୍ୱୟଂସହାୟିକା ଗୋଷ୍ଠୀର ସଭାପତି,ସମ୍ପାଦିକାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଦାଉଦପୁର ପଞ୍ଚାୟତକୁ ଏକ ଆଦର୍ଶ ଓ ଶ୍ରେଷ୍ଠ ପଞ୍ଚାୟତରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ୬କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪ କି.ମି. ନାହାଳପୁର-ଦାଉଦପୁର ଭାୟା ବୋଧଙ୍ଗ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତାକୁ ବିଧାୟକ ଜେନା ଶିଳାନ୍ୟାସ କରିଥିଲେ।


ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଜେନା ଏବଂ ଅନ୍ୟମାନେ।

**ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ**

ପୁରୀ,( ଅଜିତ୍ ମହାନ୍ତି)-ପୂର୍ବ ଶତ୍ରୁତାକୁ ନେଇ ଟାଉନ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ସିନେମା ହଲ ଛକ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଖଣ୍ଡା ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଯୁବକ ଜଣଙ୍କ ହେଲେ ଟାଉନ ଥାନା ଅନ୍ତର୍ଗତ ଡାଣ୍ଡିମାଳ ସାହିର ଶୁଭମ ପରିଡା (୨୧) । ପୂର୍ବ ଶତ୍ରୁତାକୁ ନେଇ ଦୁଇଜଣ ଯୁବକ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଶୁଭମ କହିଛନ୍ତି । ଶୁଭମଙ୍କ ଦୁଇହାତ ଓ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ଚିକିତ୍ସା ନିମନ୍ତେ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ପୋଲିସ ଘଟଣାର ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ପୁରୀ ଜିଲାର ୫-ଟି ୫ଏ ସ୍କୁଲ ଲୋକାର୍ପିତ

**ପୁରୀ,୨୪।୧(ଅଜିତ୍ ମହାନ୍ତି)**

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଚତୁର୍ଥ ଦିନରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ଟି ଜିଲାର ୨୮୬ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲାର ୫-ଟି ରୂପାନ୍ତରିତ ୫୩ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ବା ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲାର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଲେ, ରୂପାନ୍ତରିତ ସ୍କୁଲରେ ପିଲାଙ୍କ ସଫଳ ଭବିଷ୍ୟତ ପାଇଁ ସବୁ ସୁଯୋଗ ରହିଛି। ଆଜିର ପିଲାମାନେ ଆଗାମୀ ଦିନରେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶାର ସାରଥୀ ହେବେ। ଏକ ନୂଆ ଓଡ଼ିଶା, ସଶକ୍ତ ଓଡିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ପୁରୀରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ସମୁଦାୟ ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୫୩ ସ୍କୁଲ ରୂପାନ୍ତରିତ କରାଯାଇଛି। ସେଥିମଧ୍ୟରୁ ଅସ୍ତରଙ୍ଗ ବ୍ଲକ୍‌ର ୨, ବ୍ରହ୍ମଗିରି ବ୍ଲକ୍‌ର ୫, ଗୋପ ବ୍ଲକ୍‌ରେ ୧୦, ଡେଲାଙ୍ଗ ଓ କାକଟପୁର ବ୍ଲକ୍‌ର ୨, କଣାସ ବ୍ଲକ୍‌ର ଗୋଟିଏ , କୃଷ୍ଣପ୍ରସାଦ ବ୍ଲକ୍‌ର ୧୨ , ନିମାପଡା ବ୍ଲକ୍‌ର ୮, ପିପିଲି ବ୍ଲକ୍‌ରେ ୨, ପୁରୀ ସଦର ବ୍ଲକ୍‌ରେ ୫ ଏବଂ ସତ୍ୟବାଦୀ ବ୍ଲକ୍‌ରେ ୪ ସ୍କୁଲକୁ ସାମିଲ କରାଯାଇଛି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।


ଆସନ୍ତା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବୁଧବାର ପୁରୀ ତାଳବଣିଆ ପଡିଆରେ ପରେଡ୍ ଅଭ୍ୟାସ କରାଯାଉଛି ।

## ସଂକ୍ଷେପରେ

### ପ୍ରଶାସନର ଜବରଦଖଲ ଉଚ୍ଛେଦ ଅଭିଯାନ



**ନିମାପଡ଼ା,୨୪।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):**

ନିମାପଡ଼ା ରାଜସ୍ୱ ବିଭାଗ, ଏନ୍‌ଏସି ପ୍ରଶାସନ ପକ୍ଷରୁ ନିମାପଡ଼ାରେ ଜବରଦଖଲ ଉଚ୍ଛେଦ ଅଭିଯାନ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଉଚ୍ଛେଦ ଆଗରୁ ଜାରି ରହିବ ବୋଲି ପ୍ରଶାସନ କହିଛି। ଉଚ୍ଛେଦ ଦୋଳବେଦୀ ଛକ, ଆନନ୍ଦ ମାର୍ଗ, ମୋହନ ଦାଶ ମାର୍ଗଠାରେ ସଶସ୍ତ୍ର ପୋଲିସ ବାହିନୀ, ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଶତାଧିକ ଦୋକାନ ଗୃହ ଡ୍ରୋଜର ଲଗାଇ ଭାଙ୍ଗି ଦିଆଯାଇଛି। ଏହି ଉଚ୍ଛେଦରେ ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଛି। ଦୀର୍ଘ ୨୫-୩୦ ବର୍ଷ ଧରି ପରିବାରର ଗୁରୁରାଣ ମେଣ୍ଟାଉଥିବା ବ୍ୟବସାୟୀଙ୍କ ଭାତ ହାଣ୍ଡି ଉଜୁଡ଼ିଯାଇଛି। ଦୋକାନ ଭାଙ୍ଗିଯିବାରୁ ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହି ଉଚ୍ଛେଦ ସମ୍ପର୍କରେ ପୂର୍ବରୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇ ବଦତ କରାଯାଇଥିଲା। ସ୍ଥାନୀୟ ତହସିଲଦାର ବିଦ୍ୟାଧର ପତି, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଆଇଆଇସି ବାମଦେବ ସ୍ୱାଇଁ, ଏନ୍‌ଏସି ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଲ ହେମ୍ବ୍ରମ୍, ସହକାରୀ ଯନ୍ତ୍ରୀ ଦିଲୀପ ବିଶ୍ୱାଳ, ରାଜସ୍ୱ ନିରୀକ୍ଷକ ଜୀବନ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଓ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ ହୋଇଥିଲା। ଭେଣ୍ଡିଂ ଜୋନ୍, ମାର୍କେଟ୍ କମ୍ପ୍ଲେକ୍ସ ତୁରନ୍ତ ନିର୍ମାଣ କରାଯାଇ ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ କରାଯିବାକୁ ଭାଜପା ବରିଷ୍ଠ ନେତା ଦିଲୀପ ନାୟକ ରାଜ୍ୟ ସରକାର ଓ ଜିଲାପାଳଙ୍କ ପାଖରେ ଦାବି କରିଛନ୍ତି।

### ଜାତୀୟ ବାଳିକା ଦିବସ

**ପିପିଲି,୨୪।୧(ଦୁର୍ଗାମାଧବ ମିଶ୍ର):**

ଗୋବିନ୍ଦପୁର କ୍ଲଷ୍ଟର ଅଧୀନ ସିଉଳା, ତଳଉ, ହରିଅନ୍ତା, ଆରୁହା, ଗୋବିନ୍ଦପୁର, ଅଡଙ୍ଗପଡ଼ା, କଣ୍ଟାପଡ଼ା, କୁଞ୍ଜିର, ସଙ୍ଗଳାଇଶାସନ ନୀଳକଣ୍ଠ ନୋଡାଲ, ବାଲୁଙ୍କେଶ୍ୱର ଆଦି ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟରେ ବୁଧବାର ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ସିଆର୍‌ସିସି ଚିନ୍ତାମଣି ଓଝା ଏହାର ତତ୍ତ୍ୱାବଧାନ କରିଥିଲେ। ବାଳିକାଙ୍କ ମଧ୍ୟରେ ସଙ୍ଗୀତ, ନାଚ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ଲାକାର୍ଡ, ସ୍ଲୋଗାନ ସହ ରାଲି କରାଯାଇ ବାଲ୍ୟ ବିବାହ ବନ୍ଦ କରିବା, ବାଳିକାଙ୍କୁ ବିଦ୍ୟାଳୟ ପଠାଇବା, ଯୌତୁକ ବନ୍ଦ କରିବା, ବାଳିକାଙ୍କୁ ସୁଷମ ଖାଦ୍ୟ ଦେବା, ଆମ ଝିଅ ପଢ଼ିବ ଘରେ ଖୁସି ଭରିବ ଆଦି ସଚେତନତା କରାଯାଇଥିଲା।

## ରାଶନକାର୍ଡରୁ ବଞ୍ଚିତ ୨୮୦୦ରୁ ଊର୍ଦ୍ଧ୍ୱ ପରିବାର

**କଣାସ,୨୪।୧(ବିଭୂତି ଭୂଷଣ ତ୍ରିପାଠୀ):**

**୪ବର୍ଷ ହେଲା ଆବେଦନ କରି ନିରାଶ**

କେନ୍ଦ୍ର ଓ ରାଜ୍ୟ ସରକାର କାହାରିକୁ ଭୋକିଲାରେ ରଖାଯିବ ନାହିଁ ବୋଲି ବିଭିନ୍ନ ଯୋଜନା କରିଚାଲିଥିବାବେଳେ ପୁରୀ ଜିଲା କଣାସ ବ୍ଲକରେ ୨୦୨୦ରୁ ଏ ପର୍ଯ୍ୟନ୍ତ ୨୮୦୦ରୁ ଊର୍ଦ୍ଧ୍ୱ ପରିବାର ରାଶନକାର୍ଡ ପାଇନାହାନ୍ତି। ସେଥିପାଇଁ ଉକ୍ତ ପରିବାର ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ୩୫୦୦ରୁ ଊର୍ଦ୍ଧ୍ୱ କାର୍ଡରେ ନୂତନ ନାମ ସଂଯୋଗ କରିବାକୁ ୪ବର୍ଷ ହେଲା ଆବେଦନ କରି ଦୈନନ୍ଦିନ କଣାସ ବ୍ଲକର ଖାଦ୍ୟ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ଏ ସମ୍ପର୍କରେ କଣାସ ବ୍ଲକ ଖାଦ୍ୟ ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରେ, ୨୦୧୯ ଶେଷ ସୁଦ୍ଧା ରାଶନକାର୍ଡ କାର୍ଯ୍ୟ କରାଯାଇଥିଲା। ୨୦୨୦ ଜାନୁଆରୀଠାରୁ ଏ ପର୍ଯ୍ୟନ୍ତ ନୂତନ କାର୍ଡ କିମ୍ବା କାର୍ଡରେ ନାମ ସଂଯୋଗୀକରଣ ପାଇଁ କୌଣସି ପ୍ରସ୍ତାବ ଆସି ନ ଥିବାରୁ ନୂତନ କାର୍ଡଧାରୀ ବାରମ୍ବାର ଆସି ତାଙ୍କୁ ଅସ୍ତବ୍ୟସ୍ତ କରିପକାଉଥିବା କହିଥିଲେ।

## ପିପିଲି କଲେଜ ନୂତନ ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ

**ପିପିଲି,୨୪।୧(ପ୍ରଭାତ ମହାପାତ୍ର):**

ପିପିଲି କଲେଜରେ ନୂତନ ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ଦ୍ୱାରା ବୁଧବାର ହୋଇଯାଇଛି। ରାଜ୍ୟ ସରକାର ୫-ଟି ଅଧୀନ ପିପିଲି ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ସ୍ମାର୍ଟ କ୍ଲାସ୍ ରୁମ୍ ସହ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ବିଜ୍ଞାନ ପରୀକ୍ଷାଗାର ଆଦି ଗୃହନିର୍ମାଣ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି। ଅତିଥି ଭାବେ କଲେଜ ପରିଚାଳନ କମିଟି ସଭାପତି ପ୍ରତିଭା ମହାରଥୀ, ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ପିପିଲି ବିଡିଓ ସରୋଜ ରାଉତ, କଲେଜ ଅଧ୍ୟକ୍ଷ ଡ. ତପନ ଦାଶ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, କାଉନ୍‌ସିଲର ଚନ୍ଦନ ସେଠୀ ପ୍ରମୁଖ ଯୋଗଦେଇ ନଡ଼ିଆ ବାଡ଼େଇ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ତେବେ ରାଜ୍ୟ ସରକାର ପିପିଲି କଲେଜର ରୂପାନ୍ତରଣ ପାଇଁ ଏହି ପ୍ରୟାସକୁ କଲେଜ ଅଧ୍ୟକ୍ଷ ଓ ପରିଚାଳନା କମିଟି ସଭାପତି ଡ. ମହାରଥୀ ବହୁପ୍ରଶଂସା କରିଥିଲେ। ଏହି ଶିକ୍ଷାନୁଷ୍ଠାନର ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ଏଭଳି ଅନୁଦାନକୁ କଲେଜ ଛାତ୍ରୀଛାତ୍ର ବିଧାୟକଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମକୁ କଲେଜ ନୋଡାଲ ଅଫିସର ଅଧ୍ୟାପକ ଭବେଶ ପ୍ରସାଦ ତ୍ରିପାଠୀ ଓ ସଦାଶିବ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ସଂଗ୍ରାମ କେଶରୀ ପରିଡ଼ା, ଏନ୍‌ସିସି ଅଫିସର କ୍ୟାପ୍‌ଟେନ ଆଦିତ୍ୟ ପ୍ରସାଦ ରଥଙ୍କ ସହ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

## ପୋଡ଼ଙ୍ଗ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ପିପିଲି,୨୪।୧(ପ୍ରଭାତ ମହାପାତ୍ର):**

ପିପିଲି ବ୍ଲକ ତେଇସିପୁର ପଞ୍ଚାୟତ ଅଧୀନ ପୋଡଙ୍ଗ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୩ୟ ବାର୍ଷିକ ଉତ୍ସବ ବୁଧବାର ପାଳନ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ପ୍ରଧାନ, ବଳଭଦ୍ର ମହାରଣା, ବାସୁଦେବ ପଣ୍ଡା, ତେଇଶିପୁର ସରପଞ୍ଚ ରଶ୍ମିତା ସେନାପତି, ସମିତିସଭ୍ୟ ରୁବିନା ପଲାଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳନ୍ଦୀ ଚରଣ ପରିଡ଼ା, ବିଦ୍ୟାଳୟ ଆଲୁମ୍ନି ଛାତ୍ର ଗୋବିନ୍ଦ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନର ଆବଶ୍ୟକତା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ଅଧିକରୁ ଅଧିକ ପରିଶ୍ରମ କରି ନିଜ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ବିଭାଗ କ୍ରୀଡ଼ା, ଚିତ୍ରାଙ୍କନ ଓ ରଚନା ଆଦିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ କମଳିନୀ ମୁଦୁଲି ସଭା ପରିଚାଳନା କରିଥିଲେ। ସିଆର୍‌ସିସି ଭଗବାନ ସାହୁ, ସହକାରୀ ଶିକ୍ଷକ ପୁଷ୍ପିତା ରଥ, ଅମିତା କର, ଶ୍ରୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ଅମିତା କର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

## ଆଜିଠୁ ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାର

**ପୁରୀ, ୨୪।୧(ଅଜିତ୍ ମହାନ୍ତି)**

- ବିଭିନ୍ନ ଖାଦ୍ୟ ଷ୍ଟଲ୍ ଖୋଲିବ
- ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ

ଭାରତ ସରକାରଙ୍କ ବିକାଶ ଆୟୁକ୍ତ, ବସ୍ତ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରାୟୋଜିତ ଏବଂ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା, ପୁରୀ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାର-୨୦୨୪ (ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ) ଗୁରୁବାରଠାରୁ ଆରମ୍ଭ ହେବ। ଏହା ଫେବୃଆରୀ ୩ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମହୋଦଧି ନିବାସ ସମ୍ମୁଖ ବେଳାଭୂମିଠାରେ ଚାଲିବ। ଏହି ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ବିଭିନ୍ନ ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ କଳାକାରମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରଦର୍ଶନୀରେ ବିଭିନ୍ନ ଘର ସଜାଇବା ଉପକରଣଠାରୁ ଆରମ୍ଭକରି ସମସ୍ତ ବାହାର ରାଜ୍ୟର ହସ୍ତକଳା କାରିଗରି ଦେଖିବା ସହିତ କିଣିପାରିବେ। ଏହି ପ୍ରଦର୍ଶନୀକୁ ୨୫ ତାରିଖ ଅପରାହ୍ନ ୫ଟାରେ ଭାରତ ସରକାରଙ୍କ ବୟନ ଓ ରେଳ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଦର୍ଶନା ବିକ୍ରମ ଜର୍ଦୋଶ ଉଦ୍‌ଘାଟନ କରିବେ। ସେହିପରି ଅନ୍ୟ ଅତିଥି ଭାବେ ଭାରତୀୟ ପର୍ଯ୍ୟଟନ ବିକାଶ ନିଗମ ଅଧ୍ୟକ୍ଷ ଡ. ସମ୍ବିତ ପାତ୍ର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିକାଶ ଆୟୁକ୍ତ (ହସ୍ତତନ୍ତ) ଅମ୍ରିତ ରାଜ, ଜିଲାପାଳ ସମର୍ଥ ବର୍ମା, ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବ ଜୋନ୍ ବିକାଶ ଆୟୁକ୍ତ (ହସ୍ତତନ୍ତ) ସ୍ୱପ୍ନମୟ ବାନାର୍ଜୀ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, କାନାରା ବ୍ୟାଙ୍କ ସାଧାରଣ ପରିଚାଳକ ଜଗଦୀଶ ଚନ୍ଦ୍ରା, ବରିଷ୍ଠ ସହନିର୍ଦ୍ଦେଶକ ବିକାଶ ଆୟୁକ୍ତ (ହସ୍ତତନ୍ତ) ଅଶୋକ ହୋତା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଶକର୍ଷଣ ପରିଡା ଏବଂ ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ ଯୋଗଦେବେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବଲିଉଡ କଳାକାର ତିଳକ ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏହି ମେଳାରେ ଦର୍ଶକମାନେ ବିଭିନ୍ନ ଖାଦ୍ୟ ଷ୍ଟଲରେ ଖାଦ୍ୟର ମଜା ନେଇପାରିବେ ବୋଲି ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ଆସିଲା ପଞ୍ଚତୀର୍ଥ ଜଳ, ଆଜି ପୁଷ୍ୟାଭିଷେକ

**ବ୍ରହ୍ମଗିରି,୨୪।୧(ସ୍ୱାଧୀନ ଚମ୍ପତିରାୟ):**

ମହାପ୍ରଭୁ ଅଲାରନାଥଙ୍କ ପୁଷ୍ୟାଭିଷେକ ନିମନ୍ତେ ବୁଧବାର ପଞ୍ଚତୀର୍ଥରୁ ଜଳ ସଂଗୃହିତ କରାଯାଇଛି। ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତି ଦେବ ସ୍ନାନ ପୂର୍ଣ୍ଣମୀରେ ସ୍ନାନ ପରି ଏଠାରେ ମହାପ୍ରଭୁ ଶ୍ରୀଅଲାରନାଥ ବର୍ଷକରେ ଥରେ ଅର୍ଥାତ୍ ପୌଷ ପୂର୍ଣ୍ଣମୀରେ ୧୦୮ କଳସ ଜଳରେ ସ୍ନାନ କରିଥାନ୍ତି। ଏନେଇ ପଞ୍ଚତିର୍ଥ ଅର୍ଥାତ୍ ତ୍ରିବେଣୀ ସଙ୍ଗମ, ମହୋଦଧି, ଅର୍ଜୁନଙ୍କ ଶର ପୁଷ୍କରିଣୀରୁ ଜଳ ସଂଗ୍ରହ କରାଯାଇଥାଏ। ବୁଧବାର ମନ୍ଦିର ସେବକମାନେ ୩ଟି ଦଳରେ ବିଭକ୍ତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ଯାଇ ପଞ୍ଚତୀର୍ଥ ଜଳ ସଂଗ୍ରହ କରିବା ପରେ ତାକୁ ମନ୍ଦିରରେ ରଖାଯାଇଛି । ମନ୍ଦିରର ସମସ୍ତ ନୀତିକାନ୍ତି ସରିବା ପରେ ମହାପ୍ରଭୁଙ୍କୁ ପୁଷ୍ୟାଭିଷେକ କରାଯିବ।

## ମହିଳା, କୃଷକ ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ

**ବଳଙ୍ଗା/ନିମାପଡା,୨୪।୧ (କେଦାରେଶ୍ୱର ନନ୍ଦ/ବିଚିତ୍ରାନନ୍ଦ ସାହୁ):**

ଶିବା ମହିଳା କୃଷକ ଉତ୍ପାଦକ ସଂଘ ଆୟୋଜନରେ ଏକ କୃଷିମେଳା ବଳଙ୍ଗା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହିଳା ଓ କୃଷକ ସଶକ୍ତ, ସ୍ୱାଲମ୍ବି ହେଲେ ଆମ ଦେଶ ଓ ରାଜ୍ୟ ସମୃଦ୍ଧ ଓ ବିକଶିତ ହେବ। ମୁଖ୍ୟ ଅତିଥି ଭାବରେ ସିୱା ନିର୍ଦ୍ଦେଶିକା ଡ. ମୃଦୁଳା ଦେବୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ସରପଞ୍ଚ ଅଞ୍ଜଳି ପ୍ରଧାନ, ଡ. ସୁମିତା ଆଚାର୍ଯ୍ୟ, ରୋଜାଲିନ୍ ଦାଶ, ବଳଙ୍ଗା ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଜିତେନ୍ଦ୍ର ଜେନା, ଡ. ସବିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୨୦ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ନିଜସ୍ୱ ଷ୍ଟଲ ପକାଇଥିଲେ। କୃଷି କ୍ଷେତ୍ରରେ ମହିଳାମାନେ କିପରି ସ୍ୱାବଲମ୍ବୀ ଓ ଅଗ୍ରଗତି କରିବେ ସେନେଇ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ। ସମ୍ପାଦିକା ଗୌରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିବା ମହିଳା କୃଷକ ଉତ୍ପାଦକ ସଂଘ ପକ୍ଷରୁ କୃଷି ମେଳାରେ ବିଧାୟକ ଓ ଅନ୍ୟମାନେ ।

## ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ବାଳିକା ଦିବସ

**ଚାରିଛକ,୨୪।୧(ଶିଶିର ସ୍ୱାଇଁ):**

ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ବାଳିକା ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନି ଲେଙ୍କା ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ବେଟି ବଞ୍ଚାଅ ବେଟି ପଢାଅ ଓ କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ ବାର୍ତ୍ତା ନେଇ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ସ୍ୱତନ୍ତ୍ର ଶୋଭାଯାତ୍ରାରେ ଚାରିଛକ ବଜାର ପରିକ୍ରମା କରିବା ସହ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କଟକ ଏସ୍‌ସିବି ମେଡିକାଲ କଲେଜର ଡା. ଶାଶ୍ୱତୀ ପଟ୍ଟନାୟକ ଯୋଗଦେଇ କନ୍ୟାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାନତା ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନର ଅଧ୍ୟାପିକା ପୁଷ୍ପମିତ୍ରା ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କନ୍ୟାଙ୍କର ଦେଶ ଗଠନରେ ଭୂମିକା ଉପରେ ଆଲୋକପାତ କରିଥିଲେ। ନିମାପଡ଼ା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଉଣୀ ସୁଭାସିନୀ ଯୋଗଦେଇ ଆଧ୍ୟାତ୍ମିକ ମାର୍ଗ ଆଲୋଚନା କରିଥିଲେ। ଭୋଦର ସରପଞ୍ଚ ଚାରୁଲତା ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ପ୍ରଦୀପ ଚନ୍ଦ୍ର ସାହୁ, ପ୍ରଣତି ବେହେରା, ଆଦ୍ୟାଶା ପ୍ରିୟଦର୍ଶିନୀ, ସ୍ୱାତୀ ପ୍ରିୟା ସାହୁ, ରାନି ବଡ଼ିଆ, ଶିବବ୍ରତ ମଲ୍ଲ, ପ୍ରକାଶ ଚନ୍ଦ୍ର ପାତ୍ର, ହରିହର ମୁଦୁଲି, ବିଭୁ ପ୍ରସାଦ ଦାସ, ମାନସ ରଞ୍ଜନ ନାୟକ, ନିରଞ୍ଜନ କର, ଗୋପବନ୍ଧୁ ଲେଙ୍କା, ପରିଚାଳନା କମିଟି ସଭ୍ୟ ରାମଚନ୍ଦ୍ର ଜେନା, ବୈରାଗୀ ସାହୁ, ଅନୁରୋଧ ସ୍ୱାଇଁ, ଇନ୍ଦ୍ରମଣି ସାହୁ, ଅଭିଭାବିକା ଶୁଭଶ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## 'ସମାଜରେ ଝିଅଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଜିଲାସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ**

**ପୁରୀ, ୨୪।୧(ଅଜିତ୍ ମହାନ୍ତି):**

ସମଗ୍ର ଶିକ୍ଷା ପୁରୀ ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ଏଲ୍‌ଆଇସି କଲୋନୀସ୍ଥିତ ୟୁଜିୟୁପିଏସ୍‌ରେ ପାଳିତ ହୋଇଯାଇଛି। ଜିଲା ବାଳିକା ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ ଘୋଷ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ଶୈଳାଧୀ ରଜ ତନୟା ଶତପଥୀ, ମାନବିକ ଅଧିକାର ସଦସ୍ୟ ଡାକ୍ତର ରାଧେଶ୍ୟାମ ରଥ ଓ ରାଜ୍ୟ ମାନବାଧିକାର ସଂଯୋଜକ ପ୍ରଦୀପ୍ତ ନାୟକ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ବିଷୟରେ ଆଲୋଚନା କରିଥିଲେ। କନ୍ୟା ଶିଶୁ ଦିବସ ପାଳନର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ଅତିଥିମାନେ ବୁଝାଇବା ସହ ଝିଅମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆମ ଦେଶର ଝିଅମାନେ ଦେଶରକ୍ଷା ଓ ଦେଶ ଗଠନରେ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ତାହାର ଉଦାହରଣ ଦେଇଥିଲେ। ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ଭଳି ମହୀୟସୀ ମହିଳାଙ୍କ ଭୂମିକା ନେଇ ଆଲୋକପାତ କରିଥିଲେ। ଅତିରିକ୍ତ ଶିକ୍ଷା ଅଧିକାରିଣୀ ମମତା ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ଛାତ୍ରୀ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଅତିରିକ୍ତ ଗୋଷ୍ଠୀ ସାଧନ ସଂଯୋଜକ ବିଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଚାରକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଡିଆଇଇଟିର ପୂର୍ବତନ ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର, ଶିକ୍ଷକ ଦିବ୍ୟରଞ୍ଜନ ଦାଶ, ପୁଷ୍ପାରାଣୀ ପଣ୍ଡା ଓ ରଶ୍ମିରେଖା ସାମନ୍ତରାୟ ପ୍ରତିଯୋଗିତା ପରିଚାଳନା କରିଥିଲେ। ସମଗ୍ର ଶିକ୍ଷା ପୁରୀ ଅଫିସର ସଂଯୋଜକ କମଳାକାନ୍ତ ରଥ, ବରଦା ପ୍ରସନ୍ନ ରାଉତ, ମମତା ବେହେରା, ଶିକ୍ଷକ ସୁରେଶ ବେହେରା, ଅଫିସ କାର୍ଯ୍ୟକ୍ରମ ସହାୟିକା ପ୍ରୀତି ପାତ୍ର, କବିତା ସୁନ୍ଦରାୟ ତଥା ଷ୍ଟାଫ୍ ମାର୍କଣ୍ଡ ଖୁଣ୍ଟିଆ, ସତ୍ୟ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ବାଳିକା ଶିକ୍ଷା ସଂଯୋଜକ ଧନ୍ୟବାଦ ଦେଇଥିଲେ।



ଜାତୀୟ ଶିଶୁକନ୍ୟା ଦିବସ ଅବସରରେ ଅତିଥିମାନଙ୍କ ସହ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀମାନେ ।

## ସଂକ୍ଷେପରେ

### ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ କକ୍ଷ ଉଦ୍‌ଘାଟିତ

**ଟାଙ୍ଗୀ–ଖୋର୍ଦ୍ଧା, ୨୪।୧ (ରଘୁନାଥ ସାହୁ):** ଚିଲିକା ବ୍ଲକ ଅଧୀନ ଚଣ୍ଡେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆଦର୍ଶ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କକ୍ଷ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ତାପସ ନାୟକ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଚିଲିକା ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପ୍ରଶିକ୍ଷଣ ଦ୍ୱାରା ପ୍ରଥମ, ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ର ଶିକ୍ଷା କ୍ଷେତ୍ରରେ ଉଚ୍ଚକୋଟୀର ପ୍ରଦର୍ଶନ କରିପାରିବେ ବୋଲି ମନ୍ତବ୍ୟ ରଖିଥିଲେ। ସିଆର୍‌ସିସି ବିଶ୍ୱଭୂଷଣ ଦାସ, ସରପଞ୍ଚ ଲିପାଲୀନ ମହାପାତ୍ର, ପ୍ରଶିକ୍ଷକ ସନ୍ତୋଷ ଗୌଡ଼, ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ, ଏଫ୍‌ଏଲ୍‌ଏନ୍ ଶିକ୍ଷକ, ସିଆର୍‌ସିସି ଯୋଗ ଦେଇଥିଲେ।

### ନେତାଜୀ ଜୟନ୍ତୀ ପାଳିତ

**ଜଟଣୀ, ୨୪।୧ (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ବ୍ଲକ ଅନ୍ତର୍ଗତ ଗଙ୍ଗପଡା ଗ୍ରାମର ନେତାଜୀ କ୍ଲବ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଅତିଥି ଭାବେ ସମାଜସେବୀ ସୌମ୍ୟରଞ୍ଜନ ମହାରଥୀ, ବଂଶୀଧର ବେହେରା, ଗୋବିନ୍ଦ ମହାପାତ୍ର ପ୍ରମୁଖ ଯୋଗ ଦେଇ ବୀର ରାଷ୍ଟ୍ରନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶପ୍ରୀତିର ଭାବନା ଜାଗ୍ରତ କରିଥିଲେ। ନେତାଜୀ କ୍ଲବ ସଭାପତି ଦିଲୀପ କୁମାର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ପ୍ରତିଯୋଗତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

### ଶ୍ରଦ୍ଧାଳୁଙ୍କୁ ସ୍ୱାଗତ ପାଇଁ ସଜେଇ ହୋଇଛି ସମଙ୍ଗ

**ଶ୍ରୀଜଗନ୍ନାଥ ବସ୍‌ରେ ପୁରୀ ଆସିବେ**

**ପୁରୀ, ୨୪।୧ (ଅଜିତ୍ ମହାନ୍ତି):** ପରିକ୍ରମା ମାର୍ଗର ଲୋକାର୍ପଣ ପରେ ରାଜ୍ୟର କୋଣ ଅନୁକୋଣରୁ ଭକ୍ତମାନେ ଯେପରି ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାର୍ଗରେ ପ୍ରଦକ୍ଷିଣ କରିପାରିବେ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତମାନେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ମାଧ୍ୟମରେ ପୁରୀକୁ ଆସିବେ। ବସ୍‌ଗୁଡିକର ପାର୍କି ଓ ଭକ୍ତଙ୍କ ରହଣି ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ସମଙ୍ଗଠାରେ ବ୍ୟବସ୍ଥା ହୋଇଛି। ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରିବାକୁ ସମଙ୍ଗ ସଜେଇ ହୋଇଛି। ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ଦେଢ଼ଲକ୍ଷ ଭକ୍ତ ଆସିବେ ବୋଲି ଆକଳନ କରାଯାଇଛି। ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିବେ। ଶ୍ରୀମାର୍ଗ ଓ ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ଆୟୋଜିତ ପ୍ରଦର୍ଶନୀରେ ଜଗନ୍ନାଥ ସଂସ୍କୃତିକୁ ନେଇ ଜ୍ଞାନ ସାଉଟିବେ। ଏଥିପାଇଁ ପୁରୀ ସମଙ୍ଗ ପାର୍କିରେ ସମସ୍ତ ପ୍ରସ୍ତୁତି ସରିଛି। ଗୁରୁବାରଠାରୁ ଭକ୍ତଙ୍କୁ ଅଣାଯିବ ବୋଲି ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ଜାନୁଆରୀ ୨୫ରୁ ଫେବୃଆରୀ ୨୦ ତାରିଖ ମଧ୍ୟରେ ପ୍ରତ୍ୟେକ ଦିନ ପାଖାପାଖି ୧୦ ହଜାର ଲେଖାଏ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଭକ୍ତଙ୍କ ରହଣି ସହ ଖାଦ୍ୟ ପାନୀୟ ବ୍ୟବସ୍ଥା ସମଙ୍ଗ ପାର୍କିଠାରେ ହୋଇଛି। ଏଥିପାଇଁ ବିଶାଳକାୟ ୨ଟି ଟେଣ୍ଟ ବନ୍ଧାଯାଇଛି। ଗୋଟିଏ ଟେଣ୍ଟ ତଳେ ପାଖାପାଖି ୫୦୦୦ ଲୋକ ବସି ଖାଦ୍ୟ ଖାଇପାରିବେ। ଏଠାରେ ଚେୟାର ଓ ଡାଇନିଂ ଟେବୁଲ ମଧ୍ୟ ପକାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ସ୍ନାନ ଶୌଚ ବ୍ୟବସ୍ଥା କରାଯାଇଛି। ପାଖାପାଖି ୩୦ଟି ଉଠା ଶୌଚାଳୟ ବ୍ୟବସ୍ଥା ହୋଇଛି। ପାନୀୟ ଜଳ ପାଇଁ ୫୦ରୁ ୬୦ ମିଟର ବ୍ୟବଧାନରେ ଗୋଟିଏ ଲେଖାଏଁ ପାଣି ଟାଙ୍କି ରଖାଯାଇଛି। ଏଠାରେ ସମୁଦାୟ ୨୦ଟି ପାଣି ଟାଙ୍କି ରଖାଯାଇଛି। ଏହା ଛଡ଼ା ଦୂର ଜାଗାରୁ ଯାତ୍ରା କରି ଆସିଥିବା ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରରେ ପହଞ୍ଚି ଆରାମ ନେବାକୁ ଚାହିଁଲେ ସେଥିପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ ହୋଇଛି। ପାର୍କି ପରିସରରେ ୩ଟି ଅସ୍ଥାୟୀ ସେଡ୍ ପ୍ରସ୍ତୁତ କରାଯାଇଛି। ଏଥିସହ ଡାଏନିଙ୍ଗ୍ ଷ୍ଟଲ, ପିଇବା ପାଣିର ବ୍ୟବସ୍ଥା, ଟଏଲେଟ, ସିସିଟିଭି, ସୁରକ୍ଷାକର୍ମୀ, ଫାଷ୍ଟ ଏଡ୍ ସେଣ୍ଟର, ଦମକଳ ଗାଡି, ପୋଲିସ ଆଉଟପୋଷ୍ଟ, ମିଲ୍ ଖାଇବା ପାଇଁ ବିରାଟ ଷ୍ଟଲ୍ ଇତ୍ୟାଦି ବ୍ୟବସ୍ଥା ହୋଇଛି। ପ୍ରଶାସନିକ ଅଧିକାରୀମାନେ ବୁଧବାର ଆୟୋଜନ ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ‘ମହାପୁରୁଷଙ୍କ ଜୀବନୀ ଆଗକୁ ବଢ଼ିବାର ପ୍ରେରଣା ଦିଏ’

**ଖୋର୍ଦ୍ଧା, ୨୪।୧ (ପ୍ରଭାତ ପାଣିଗ୍ରାହୀ)**






ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି। ଉତ୍ସବରେ ଜଣେ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।

ଖୋର୍ଦ୍ଧା ଇତିହାସରେ ବକ୍ସି ଜଗବନ୍ଧୁଙ୍କ ସ୍ଥାନ ସ୍ୱତନ୍ତ୍ର। ତାଙ୍କ ନେତୃତ୍ୱାଧୀନ ପାଇକ ବିଦ୍ରୋହ ଭାରତ ସ୍ୱାଧୀନତା ସଂଗ୍ରାମରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ୧୮୫୭ ସିପାହୀ ବିଦ୍ରୋହ ପୂର୍ବରୁ ୧୮୧୭ ବିଦ୍ରୋହ ଥିଲା ଭୟଙ୍କର। ପାଇକ ବୀରଙ୍କ ବଳିଦାନ, ତ୍ୟାଗ, ଶୌର୍ଯ୍ୟ ପାଇଁ ଏ ମାଟି ସର୍ବଦା ଗର୍ବ କରୁଛି ବୋଲି ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ଶ୍ରାଦ୍ଧୋତ୍ସବରେ ଏହି ମତ ପ୍ରକାଶ ପାଇଛି।

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ସଭାପତିତ୍ୱ କରିଥିଲେ। ସେ କହିଲେ ଯେ, ବ୍ୟକ୍ତିତ୍ୱ ହେଉଛି ଯୋଗ୍ୟତାର ମାପକାଠି। ବକ୍ସିଙ୍କ ଜୀବନଶୈଳୀକୁ ଅନୁଧ୍ୟାନ କଲେ, ଏହା ସ୍ପଷ୍ଟ ବାରିହୋଇପଡ଼େ। ଦେଶ ମାତୃକାର ସେବାରେ ତାଙ୍କ ଅବଦାନ ଅତୁଳନୀୟ। ପାଇକ ବିଦ୍ରୋହ ଓଡ଼ିଶା ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ସ୍ୱାଧୀନତା ସଂଗ୍ରାମ କଥା ଉଠିଲେ, ବକ୍ସିଙ୍କ ସମେତ ପଞ୍ଚରତ୍ନଙ୍କ କଥା ମନେପଡ଼େ। ଏହିମାନେ ସମାଜର ଆଦର୍ଶ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂ ଯୋଗଦେଇ ବକ୍ସିଙ୍କ ଜୀବନାଦର୍ଶ ଓ ସ୍ୱାଧୀନତା ସଂଗ୍ରାମୀ କାହାଣୀ ସମ୍ପର୍କରେ କହିଥିଲେ। ବକ୍ସି କେବେ ସାଲିସ କରି ନ ଥିଲେ ଓ ତାଙ୍କ ଜୀବନ ସଂଘର୍ଷମୟ ଥିଲା ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଭୀମସେନ ପ୍ରଧାନ ଯୋଗଦେଇ କହିଲେ ଯେ, ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି, ସେମାନଙ୍କୁ ଯଥୋଚିତ ସମ୍ମାନ ଦିଆଯିବା ଉଚିତ। ଅନ୍ତତଃପକ୍ଷେ ତାଙ୍କ ଜୟନ୍ତୀ, ଶ୍ରାଦ୍ଧୋତ୍ସବରେ ମନେପକାଇବା ଆବଶ୍ୟକ। ସଂଗ୍ରାମୀଙ୍କ

**ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ**

ଇତିହାସ ପଢ, ନିଜକୁ ପ୍ରସ୍ତୁତ କର, ମୁଁ ଦେଶ ପାଇଁ କ’ଣ କରିପାରିବି ସେ ପ୍ରଶ୍ନ ନିଜକୁ ପଚାର। ସମସ୍ୟା ଓ ସଂଗ୍ରାମ ହେଉଛି ଚିରାଚରିତ। ଜୀବନରେ ଆଗକୁ ବଢିବାକୁ ହେଲେ ସଂଗ୍ରାମ କରିବାକୁ ପଡ଼ିବ ବୋଲି ପ୍ରଧାନ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ କହିଲେ, ଛାତ୍ରୀଛାତ୍ରଙ୍କୁ ଆଦର୍ଶ ଭାବେ ଗଢିବା ଦାୟିତ୍ୱ ହେଉଛି ଶିକ୍ଷୟିତ୍ରୀ ଶିକ୍ଷକଙ୍କର। ଛାତ୍ର ଓ ଯୁବସମାଜ ଦେଶର ଭବିଷ୍ୟତ। କଠିନ ପରିଶ୍ରମ କରି ନିଜ ପରିଚୟ ନିଜେ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ମହାପୁରୁଷଙ୍କ ଜୀବନୀ ପାଠ ଆଗକୁ ବଢିବାର ପ୍ରେରଣା ଦିଏ ବୋଲି ସେ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ଉପାଧ୍ୟକ୍ଷ ଗୋପିନାଥ ମହାରଣା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ବିଜେବି ହାଇସ୍କୁଲସ୍ଥିତ ବକ୍ସିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ।

## ଆଜିଠୁ ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାର

**ପୁରୀ, ୨୪।୧ (ଅଜିତ୍ ମହାନ୍ତି)**

ଭାରତ ସରକାରଙ୍କ ବିକାଶ ଆୟୁକ୍ତ, ବସ୍ତ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରାୟୋଜିତ ଏବଂ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା, ପୁରୀ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାର–୨୦୨୪ (ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ) ଗୁରୁବାରଠାରୁ ଆରମ୍ଭ ହେବ। ଏହା ଫେବୃଆରୀ ୩ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମହୋଦଧି ନିବାସ ସମ୍ମୁଖ ବେଳାଭୂମିଠାରେ ଚାଲିବ। ଏହି ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ବିଭିନ୍ନ ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ କଳାକାରମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରଦର୍ଶନୀରେ ବିଭିନ୍ନ ଘର ସଜାଇବା ଉପକରଣଠାରୁ ଆରମ୍ଭକରି ସମସ୍ତ ବାହାର ରାଜ୍ୟର ହସ୍ତକଳା କାରିଗରି ଦେଖିବା ସହିତ କିଣିପାରିବେ। ଏହି ପ୍ରଦର୍ଶନୀକୁ ୨୫ ତାରିଖ ଅପରାହ୍ନ ୫ଟାରେ ଭାରତ ସରକାରଙ୍କ ବୟନ ଓ ରେଳ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଦର୍ଶନା ବିକ୍ରମ ଜର୍ଦ୍ଦୋଶ ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବଲିଉଡ କଳାକାର ତିଳକ ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏହି ମେଳାରେ ଦର୍ଶକମାନେ ବିଭିନ୍ନ ଖାଦ୍ୟ ଷ୍ଟଲରେ ଖାଦ୍ୟର ମଜା ନେଇପାରିବେ ବୋଲି ସମ୍ପାଦକ ରାଜେଶ ମହାନ୍ତି କହିଛନ୍ତି।

## ଓଡ଼ିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିଛି ଶ୍ରୀଜଗନ୍ନାଥଙ୍କ ଚେତନା




**ବେଗୁନିଆ, ୨୪।୧ (ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟ ସଭାଗୃହ ପରିସରରେ ବୁଧବାର ଓଡ଼ିଆ ନାଟ୍ୟ ସାହିତ୍ୟ ଓ ଶ୍ରୀଜଗନ୍ନାଥଙ୍କ ଚେତନା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ନୂଆ–ଓ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆନୁକୂଲ୍ୟରେ ଆୟୋଜିତ ସଭାରେ ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ ଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ର ଅତିଥିଙ୍କୁ ବ୍ରହ୍ମକମଳ ପୁଷ୍ପ ଚାରା ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ସାହିତ୍ୟ ଭାଷା ଆନ୍ଦୋଳନର ସର୍ବୋଚ୍ଚ ସ୍ଥାନ ଅଧିକାର କରିଛି। ସାହିତ୍ୟରୁ ଓଡ଼ିଆ ଭାଷା, କଳା ଓ ସଂସ୍କୃତିର ଉତ୍ପତ୍ତି। ଶ୍ରୀଜଗନ୍ନାଥଙ୍କ ଚେତନା ଓଡ଼ିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିଛି ବୋଲି ଅତିଥି ସାହୁ ମତବ୍ୟକ୍ତ କରିଥିଲେ। ସାହିତ୍ୟ ପ୍ରତିଯୋଗିତାର ନୋଡାଲ ଅଧିକାରୀ ଡ. ସତ୍ୟଜିତ୍ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି, ନମିତା ରାଣୀ ମହାରଣା, ଅଧ୍ୟାପକ ବିଧୁଭୂଷଣ ରାଉତ, ସଲିଳ ବଡ଼ଜେନା, ନବକିଶୋର ବିଷୋୟୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

## ସାହାଯ୍ୟର ହାତ ବଢ଼ାଇଲା କେଜିଏନ ଦରବାର

**ଜଟଣୀ, ୨୪।୧ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳର ସାମାଜିକ ସଙ୍ଗଠନ କେଜିଏନ ଦରବାର ମାନବିକତା ଦେଖାଇଛି। ପୌରାଞ୍ଚଳର ଜଣେ ବାସହରା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଏହି ସଙ୍ଗଠନର ସଦସ୍ୟମାନେ ସହଯୋଗ କରିଚନ୍ତି। ସୂଚନା ମୁତାବକ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୨ରେ ଦୀର୍ଘ ଦିନ ଧରି ଏମ୍.ଡି. ୟୁସୁଫ ନାମକ ଭିନ୍ନକ୍ଷମ ବ୍ୟକ୍ତି ଘର ଦ୍ୱାର ନ ଥିବା କାରଣରୁ ସହର ଓ ଉକ୍ତ ୱାର୍ଡ ଅଞ୍ଚରେ ଏଣେ ତେଣେ ବୁଲୁଥିଲେ। ଶୀତ ଓ ବର୍ଷା ସମୟରେ ଏହି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଥଇଥାନ କରିବା ପାଇଁ ଉକ୍ତ ସଙ୍ଗଠନର ସଦସ୍ୟ ତାଙ୍କୁ ଉଦ୍ଧାର କରି ଆଶ୍ରୟ ପ୍ରଦାନ କରିବା ସହିତ ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ଓ ଭତ୍ତା ପାଇଁ ଆବେଦନ କରିଥିବା ସଂଗଠନ କର୍ମକର୍ତ୍ତା ଏମ୍.ଡି ରୁକସାର ସୂଚନା ଦେଇଛନ୍ତି।

## ‘ଓଡ଼ିଆ କଳା ସଂସ୍କୃତି, ଇତିହାସ, ସାହିତ୍ୟର ମହତ୍ତ୍ୱ’ ଆଲୋଚନାଚକ୍ର

**ନିରାକାରପୁର, ୨୪।୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ‘ଓଡ଼ିଆ କଳା ସଂସ୍କୃତି, ଇତିହାସ ଓ ସାହିତ୍ୟର ମହତ୍ତ୍ୱ’ ଶୀର୍ଷକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଗତିକୃଷ୍ଣ ଉତ୍ତରକବାଟ ଏଥିରେ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ସାହୁ ଅତିଥି ପରିଚୟ ପ୍ରଦାନ ସହ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ଭାବେ ପିଏନ୍ କଲେଜର ପୂର୍ବତନ ଅଧ୍ୟାପକ ଓ ଗବେଷକ ଗୋପାଳକୃଷ୍ଣ ଦାସ ଯୋଗଦେଇଥିଲେ। ଓଡ଼ିଆ ସାହିତ୍ୟ ଇତିହାସରେ ଆଞ୍ଚଳିକ ଗବେଷଣାର ଅଭାବ ଓ ତା’ର ଭବିଷ୍ୟତ ସମ୍ପର୍କରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମହର୍ଷି ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ଶଶାଙ୍କ ଚୂଡ଼ାମଣି ଯୋଗଦେଇ ଓଡ଼ିଆ ଭାଷା, ଶାସ୍ତ୍ରୀୟ ଭାଷାର ମାନ୍ୟତା ଓ ଇତିହାସ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟ ପ୍ରାଣ ପ୍ରତିଷ୍ଠାତା ଦୁଃଶାସନ ଗୁମାନସିଂ ଉପସ୍ଥିତ ଥିଲେ। ସମାଜ ବିଜ୍ଞାନ ଅଧ୍ୟାପକ ଅବକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ନୋଡାଲ ଅଫିସର ଦୀପ୍ତିମୟୀ ଗଜେନ୍ଦ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଖୋକନ ନାୟକ ଧନ୍ୟବାଦ ଦେଇଥିଲେ। ସ୍କୁଲର ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଚୋରି ଅଭିଯୋଗରେ ୩ କୋର୍ଟ ଚାଲାଣ

**ଜଟଣୀ, ୨୪।୧ (ରବୀନ୍ଦ୍ରନାଥ ମହାକୁଡ଼)**







ଜଟଣୀ ପୋଲିସ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିବା ସହିତ ମାମଲା ରୁଜୁକରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅଧୀନ ବେଲପଡା ଗ୍ରାମ ଜେନା ସାହିର ସରୋଜ ଜେନା ଓରଫ ବିନୁ, ସେହି ସାହିର ପ୍ରକାଶ ଜେନା ଓରଫ ପପୁ ଏବଂ ରୋହିତ କୁମାର ଜେନା ଓରଫ ବାପି। ଏମାନଙ୍କ ଠାରୁ ଚୋରି ଯାଇଥିବା ୨ଟି ୩୩କେଭିର ଆଇସୋଲେଟର ଓ ଏକ ମୋଟର ସାଇକେଲ ଜବତ କରାଯାଇଛି। ଏ ନେଇ ଏକ କେସ୍ (ନଂ. ୨୩/୨୪) ରୁଜୁ ହୋଇଥିବା ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ସୂଚନା ମୁତାବକ, ଏମଏସ ଭିଜନ ଇଣ୍ଡିଆ ସର୍ଭିସେସ୍ ଇଞ୍ଜିନିୟର ପୂର୍ଣ୍ଣଚନ୍ଦ୍ର ସାହୁ ତାଙ୍କ ସଂସ୍ଥାରୁ ଗତ ୨୨ ତାରିଖରେ ଉପରୋକ୍ତ ୩ ଅଭିଯୁକ୍ତ ଦୁଇଟି ଆଇସୋଲେଟର ବକ୍ସ ସହିତ ଅନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଥାନାରେ ଅଭିଯୋଗ କରିଥିଲେ।

### ଫଳକ ଭାଙ୍ଗିଲେ ଦୁର୍ବୃତ୍ତ

**କାର୍ଯ୍ୟାନୁଷ୍ଠାନ ନେଉନି ପ୍ରଶାସନ**

**ଗମ୍ଭାରୀମୁଣ୍ଡା, ୨୪।୧ (ଦିଲୀପ ସ୍ୱାଇଁ):** ଗୋଟିଏ ପରେ ଗୋଟିଏ ଫଳକ ଭାଙ୍ଗି ଚାଲିଛନ୍ତି ଦୁର୍ବୃତ୍ତ। ହେଲେ ପ୍ରଶାସନ ଏଥିରେ ନିରବଦ୍ରଷ୍ଟା ସାଜିଛି। ଫଳକ ଭାଙ୍ଗିବା ପଛର କ’ଣ କାରଣ ସେନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସୂଚନାଥାଉ କି, ବାଣପୁର ବ୍ଲକ ଦେଓଗାଁ ପଞ୍ଚାୟତସ୍ଥିତ ମଙ୍ଗଳବାର ବିଳମ୍ବିତ ରାତିରେ ଫଳକ ଭାଙ୍ଗି ଦେଇଥିବା ନେଇ ବୁଧବାର ନାରୁଣୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଫଳକଭଙ୍ଗା ଘଟଣା ଆଗରୁ ଅନେକ ଥର ଘଟିଥିଲେ ମଧ୍ୟ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ, ତାହା ଏବେ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଫଳକ ଲାଗିବାର ୨ଦିନ ନ ପୂରୁଣୁ ମାଟିରେ ଲୋଟୁଥିବା ଫଳକକୁ ଦେଖିବାକୁ ମିଳୁଛି। ଫଳକ କେଉଁମାନେ ଭାଙ୍ଗୁଛନ୍ତି, କାହିଁକି ଭାଙ୍ଗୁଛନ୍ତି ଏବଂ ସରକାରୀ ସମ୍ପତ୍ତିକୁ ନଷ୍ଟ କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ରାମଦିନକୁ ହରାଇ ସେମିରେ ବାଦଲ ଏକାଡେମୀ




ଟୁର୍ଣ୍ଣାମେଣ୍ଟ ଅବସରରେ ଉପସ୍ଥିତ ଅତିଥିମାନେ।

**ବୋଲଗଡ଼, ୨୪।୧ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳିସ୍ଥିତ ତୁଳସୀବେରେଣା ଖେଳପଡ଼ିଆରେ ବୁଧବାର ସର୍ବଭାରତୀୟ ଆଞ୍ଚଳିକ କପ୍ ୨୦୨୪ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ସୋନପୁରର ରାମଦିନ କ୍ଲବ୍‌କୁ ୪–୧ ଗୋଲ ବ୍ୟବଧାନରେ ହରାଇ ଭଦ୍ରକର ବାଦଲ ଏକାଡେମୀ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌କୁ ରେଫରି ଭାବେ ସଖାବତ ଅଲ୍ଲୀ ଖାଁ ଏବଂ ଲାଇନ୍ସରେ ଏମ୍‌ଏସ୍ ବେଗ୍ ଓ ସୁଶାନ୍ତ ମିଶ୍ର ସହାୟତା କରିଥିବାବେଳେ ରିଜର୍ଭ ରେଫରି ଭାବେ ବାଇଧର ବାହୁବଳେନ୍ଦ୍ର ଉପସ୍ଥିତ ଥିଲେ। ଅତିଥି ରୂପେ ତାଳଡ଼ୁମ୍ବ ପିଏନ୍‌ବି ଶାଖା ପରିଚାଳକ ଶୁଭାଶିଷ ନାୟକ, କଡବ ସ୍ୱାସ୍ଥ୍ୟକେନ୍ଦ୍ର ଡା. ବିଜୟ ଖୁଣ୍ଟିଆ, ଆୟୁର୍ବେଦିକ ଡା. ଶରତ ରଥ, ଡାକ୍ତର ହବିବୁର ରହମାନ ଓ ତୁଷାରକାନ୍ତ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ତୁଳସୀ ବେରେଣା, ଦେଉଳି, ଦକ୍ଷିଣ ପାରିଖେତା, ଜାମୁସାହି ଓ ନୂଆପଲ୍ଲୀ ଆଦି ଗ୍ରାମଗୁଡ଼ିକର ମିଳିତ ସହଯୋଗରେ ଆଞ୍ଚଳିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ କମିଟି ଏହାର ଆୟୋଜନ ହୋଇଛି।

## ଟାଙ୍ଗୀ କପ୍ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଭୁବନେଶ୍ୱର ବିଜୟୀ



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

**ଟାଙ୍ଗୀ–ଖୋର୍ଦ୍ଧା, ୨୪।୧ (ରଘୁନାଥ ସାହୁ)**

ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମଠାରେ ବୁଧବାର ଟାଙ୍ଗୀ କପ୍ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧର ୨୨ ମିନିଟ୍‌ରେ ଓ ଦ୍ୱିତୀୟାର୍ଦ୍ଧର ୨୭ ମିନିଟ୍‌ରେ ଭୁବନେଶ୍ୱର ଦଳର ୧୨ ନମ୍ବର ଖେଳାଳି ପୂର୍ଣ୍ଣିମା ରାଓ ୨ଟି ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଅତିଥି ଭାବେ ଡା. ମଧୁସୂଦନ ସେନାପତି, ପ୍ରାକ୍ତନ ଫୁଟବଲ ଖେଳାଳି କିଶୋର ଚନ୍ଦ୍ର ପଟ୍ଟନାୟକ, ହମିଦ ମୀରା, ବରିଷ୍ଠ ଆଇନଜୀବୀ ନକୁଳ ନାୟକ, ବସନ୍ତ ସାହୁ, ଭୁବନେଶ୍ୱର ସାଂସଦ ପ୍ରତିନିଧି ହେମନ୍ତ ବେହେରା, ଆୟୋଜକ କମିଟି ସଭାପତି ତପନ ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଭୁବନେଶ୍ୱରର ପୂର୍ଣ୍ଣିମାଙ୍କୁ କେଶବ ବିଶ୍ୱାଳ ସ୍ମାରକୀ ଓ ବାଲେଶ୍ୱର ଦଳର ପ୍ରଭାତୀଙ୍କୁ ମୁନା ରଥ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରିୟବ୍ରତ ବାହିନୀପତି, ନନ୍ଦ କିଶୋର ସ୍ୱାଇଁ, ପ୍ରଫୁଲ୍ଲ ବେହେରା ଖେଳ ପରିଚାଳନା କରିଥିଲେ। ଅପର୍ତ୍ତି ବେହେରା ମ୍ୟାଚ୍ କମିଶନର ଥିଲେ। କ୍ରୀଡ଼ା ସଂଗଠକ ବିଜୟ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମିଟୁ ନାୟକ, ସତ୍ୟ ନାରାୟଣ ବଳିୟାରସିଂ, ପ୍ରଣୟ ପାଇକରାୟ, ସୁଶାନ୍ତ ବିଶ୍ୱାଳଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗୁରୁବାର ୟୁନିଟ–୬ ଭୁବନେଶ୍ୱର ଓ କଟକ ମହିଳା ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

# 'ପିଲାମାନେ ହେବେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶାର ସୂତ୍ରଧର'

## ୫-ଟି ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ

- ଚତୁର୍ଥ ଦିବସରେ ୬ ଜିଲାର ୨୮୬ ସ୍କୁଲ ଲୋକାର୍ପିତ
- ପୂର୍ବରୁ ୩ଟି ପର୍ଯ୍ୟାୟରେ ଲୋକାର୍ପିତ ହୋଇଛି ୬୮୮୩ ସ୍କୁଲ
- ପିଲାମାନଙ୍କ ବଡ଼ ହେବାର ସ୍ୱପ୍ନକୁ ସାକାର କରିବା ପାଇଁ ରୂପାନ୍ତରିତ ସ୍କୁଲରେ ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି ମୁଖ୍ୟମନ୍ତ୍ରୀ: ପାଣ୍ଡିଆନ



ଭୁବନେଶ୍ୱର,୨୪।୧(ଅନିଲ ଦାସ)

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଚତୁର୍ଥ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଖୋର୍ଦ୍ଧା, ସୁବର୍ଣ୍ଣପୁର, ପୁରୀ, ନୟାଗଡ଼, ବୌଦ୍ଧ ଓ ନବରଙ୍ଗପୁର ଆଦି ୬ଟି ଜିଲାର ୨୮୬ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ଖୋର୍ଦ୍ଧା ଜିଲାର ୮୦ଟି ହାଇସ୍କୁଲ, ସୁବର୍ଣ୍ଣପୁରର ୧୪, ପୁରୀର ୫୩, ନୟାଗଡ଼ର ୭୫, ବୌଦ୍ଧର ୧୦ ଓ ନବରଙ୍ଗପୁରର ୫୪ ହାଇସ୍କୁଲ ଅନ୍ତର୍ଭୁକ୍ତ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ରୂପାନ୍ତରିତ ସ୍କୁଲରେ ପିଲାଙ୍କ ସଫଳ ଭବିଷ୍ୟତ ପାଇଁ ସବୁ ସୁଯୋଗ ରହିଛି। ପିଲାମାନେ ଆଗାମୀ ଦିନରେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶାର ସାରଥି ହେବେ ବୋଲି ସେ ଦୃଢ଼ ଆଶା ଓ ବିଶ୍ୱାସ ପ୍ରକଟ କରିଛନ୍ତି। ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି। ସ୍କୁଲ, କଲେଜଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ, ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ଏସବୁ ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ। ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ ୫-ଟିର ଗୁରୁତ୍ୱ ବୁଝାଇଛନ୍ତି। ସେ କହିଛନ୍ତି ଯେ ପିଲାମାନେ ନିଜ ଜୀବନରେ ଏହାକୁ ପ୍ରୟୋଗ କଲେ ନିଶ୍ଚୟ ସଫଳ ହେବେ। ୫-ଟି ଉପକ୍ରମରେ ଏହି ରୂପାନ୍ତର କାର୍ଯ୍ୟକ୍ରମରେ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରେଟୋରିର ବ୍ୟବସ୍ଥା କରାଯାଇଛି। ଏହା ହେଉଛି ଟେକ୍ନୋଲୋଜିର ପ୍ରୟୋଗ। ସେହିଭଳି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ସହ କରାଯାଉଛି। ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ଏବେ ସରକାରୀ ସ୍କୁଲରେ ପାଠ ପଢିବା ପାଇଁ ପିଲା ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ରାଜ୍ୟର ଛାତ୍ରୀଛାତ୍ରମାନେ ନିଜର ଭବିଷ୍ୟତକୁ ନେଇ ଯେଉଁସବୁ ସ୍ୱପ୍ନ ଦେଖିଛନ୍ତି, ତାକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ରୂପାନ୍ତରିତ ସ୍କୁଲରେ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେଇଛନ୍ତି। ଏହି ରୂପାନ୍ତରିତ ସ୍କୁଲଗୁଡ଼ିକ ହେଉଛି ରାଜ୍ୟବାସୀଙ୍କ ସମ୍ପତ୍ତି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ସମସ୍ତେ ଦାୟିତ୍ୱବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ୫-ଟି ସ୍କୁଲ ରୂପାନ୍ତର ସମ୍ପର୍କରେ ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ରମାନେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପୁରୀରେ ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବୌଦ୍ଧରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ନବରଙ୍ଗପୁରରେ ସାଂସଦ ରମେଶ ଚନ୍ଦ୍ର ମାଝି, ଖୋର୍ଦ୍ଧାରେ ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ ନୟାଗଡ଼ରେ ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ ଯେ ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ଟି ସ୍କୁଲ ରୂପାନ୍ତରିତ ହେବ।

# ଥଣ୍ଡା ବଢ଼ାଇଲା କୋହଲା ପାଗ

ଭୁବନେଶ୍ୱର,୨୪।୧(ଅନିଲ ଦାସ)

ଗତ ୩ ଦିନ ହେବ ରାଜ୍ୟର କେତେକ ଜିଲାରେ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ତୁହାକୁ ତୁହା ବର୍ଷା ସାଙ୍ଗକୁ କୋହଲା ପବନ ଯୋଗୁ ଉପକୂଳ ଏବଂ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନରେ ଶୀତର ପ୍ରକୋପ ବଢ଼ିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୧୭.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ୧୬.୮, ଅନୁଗୋଳ ୧୦, ବାରିପଦା ୧୮.୪, କେନ୍ଦୁଝର ୧୬.୧, ତାଳଚେର ୨୧, ବଲାଙ୍ଗୀର ୧୦.୫, ସୋନପୁର ୧୨.୪, ନୟାଗଡ ୫, ବୌଦ୍ଧ ୧୨, ଭଦ୍ରକ ୫.୨, ଯାଜପୁର ୫.୨, ଢେଙ୍କାନାଳ ୭.୫, ଖୋର୍ଦ୍ଧା ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଗୁରୁବାର ଯାଏ ଏଭଳି ବର୍ଷା ଓ ମେଘୁଆ ପାଗ ଲାଗି ରହିବ। ଦିନର ତାପମାତ୍ରା ହ୍ରାସ ପାଇବ। ଏଥିସହିତ ଘନ କୁହୁଡି ମଧ୍ୟ ପାଗକୁ ଆହୁରି ବିଗାଡିବଦେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିଚାପ ବଳୟ ସକ୍ରିୟ ରହିଛି। ଏହାଛଡ଼ା ଏକ ନିମ୍ନଚାପ ରେଖା ଆଭ୍ୟନ୍ତରୀଣ କର୍ଣ୍ଣାଟକରୁ ଆଭ୍ୟନ୍ତରୀଣ ଓଡ଼ିଶାଯାଏ ଲମ୍ବିଛି।

ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ କୋରାପୁଟ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ବର୍ଷା ସହିତ କେତେକ ଜିଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ କୁହୁଡ଼ି ଅନୁଭୂତ ହୋଇପାରେ। ଆସନ୍ତା ୧୨ ଘଣ୍ଟା ମଧ୍ୟରେ କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଏବଂ ବରଗଡ଼ ଜିଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବ। ସେହିପରି ୨୬ ତାରିଖରେ ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, କଟକ, ଯାଜପୁର, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। କୁହୁଡ଼ି ହେବାକୁ ଥିବା ଜିଲାଗୁଡ଼ିକରେ ସତର୍କତା ଅବଲମ୍ବନ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ସତର୍କ କରାଯାଇଛି। ରାଜପଥଗୁଡ଼ିକରେ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଓ ପରିବହନ ବିଭାଗକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ଆସନ୍ତା ୩୦ ଓ ୩୧ ତାରିଖରେ ମଧ୍ୟ ରାଜ୍ୟର କେତେକ ଜିଲାରେ ସ୍ୱଳ୍ପରୁ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।

# ପଥର ଖଣିରେ ଚଢାଉ, ୨ ଗିରଫ

ଭୁବନେଶ୍ୱର,୨୪।୧
(ସୂର୍ଯ୍ୟକାନ୍ତ ବେହେରା)

ଜଟଣୀ ତହସିଲ ମୁଣ୍ଡଳ ମୌଜାରେ ଥିବା ସରକାରୀ ଜମିରୁ ବେଆଇନ ଭାବେ ମାଙ୍କଡା ପଥର କାଟି ଚାଲାଣ କରୁଥିବାବେଳେ ଏୟାରଫିଲ୍ଡ ଥାନା ପୋଲିସ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଜିତେନ୍ଦ୍ର ଦାସ ଓ ଜଗବନ୍ଧୁ ଦାସ। ତେବେ ଚଢାଉ ସମୟରେ ପୋଲିସ ପଥର ବୋଝେଇ ୨ଟି ଟ୍ରକ, ପଥର କଟାରେ ବ୍ୟବହୃତ ପାୱାରଟିଲର ଓ କାର ଜବତ କରିଛି। ତେବେ ପଥର ଖଣିରେ କାମ କରୁଥିବା କେତେଜଣ ଶ୍ରମିକ ପୋଲିସକୁ ଦେଖି ଘଟଣାସ୍ଥଳରୁ ପଳାଇଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୨୫/୨୪) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ଦୁଇ ଅଭିଯୁକ୍ତ।



ରାଜ୍ୟସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ବୁଧବାର ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ଅନୁଷ୍ଠିତ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍। (ଫଟୋ- ବିକାଶ ନାୟକ)

# ଡାହାମିଛ କହୁଛନ୍ତି ବିଜୟ ପଟ୍ଟନାୟକ: ବିଜେଡି

## ସଡ଼କ ପଥରେ ଆଦୌ ଯାଇ ନ ଥିଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର,୨୪।୧(ଅନିଲ ଦାସ)

ଗଜପତି ଜିଲାରେ ସଡ଼କ ଦୁର୍ଘଟଣା ନେଇ କଂଗ୍ରେସ ନେତା ବିଜୟ ପଟ୍ଟନାୟକ ଗଣମାଧ୍ୟମ ସାମ୍ନାରେ ଯେଉଁ ତଥ୍ୟ ଦେଉଛନ୍ତି ତାହା ସମ୍ପୂର୍ଣ୍ଣ ଡାହାମିଛ ବୋଲି ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ଗଜପତି ଜିଲାରେ ସୁରକ୍ଷାକର୍ମୀଙ୍କ ଗାଡ଼ି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଖବର ଶୁଣି ଅତ୍ୟନ୍ତ ମର୍ମାହତ। ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଏଭଳି ସମୟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ନୂଆ ନୂଆ ନେତା ହୋଇଥିବା ବିଜୟ ପଟ୍ଟନାୟକଙ୍କର ମନ୍ତବ୍ୟ ଆଶ୍ଚର୍ଯ୍ୟ କରିଛି। ହଜାର ହଜାର ସଂଖ୍ୟାରେ ଗଜପତିବାସୀ ଦେଖିଛନ୍ତି ୫-ଟି ଅଧ୍ୟକ୍ଷ ଗଜପତିକୁ ହେଲିକପ୍ଟରରେ ଆସିଥିଲେ। ଆଉ ୨ଟା ୧୫ରେ ହେଲିକପ୍ଟରରେ ଭୁବନେଶ୍ୱର ଫେରିଥିଲେ। ଦୁର୍ଘଟଣା ପ୍ରାୟ ୨ଟା ୪୫ରେ ଘଟିଛି। ବିଜୟ ପଟ୍ଟନାୟକ ଯେଉଁ ଦୁର୍ଘଟଣାର ଅବତାରଣା କରିଛନ୍ତି ତାହା ଏକ ସୁରକ୍ଷାକର୍ମୀଙ୍କ ଗାଡ଼ି ଦ୍ୱାରା ହୋଇଛି, ଯାହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। ହେଲେ ଏହାକୁ ନେଇ ଆପଣଙ୍କ ଭଳି ଲୋକ ଯେଉଁ ବୟାନ ଦେଇଛନ୍ତି ଲଜ୍ଜା ଲାଗିବା କଥା। ଗଜପତିବାସୀ ଧୀରେ ଧୀରେ ଆପଣଙ୍କ ଅସଲ ଚରିତ୍ର ଓ ଦୁଇ ପ୍ରକାର ଆଭିମୁଖ୍ୟକୁ ଜାଣିଗଲେଣି ବୋଲି ଈପ୍ସିତା କହିଛନ୍ତି।

# ସାଧାରଣତନ୍ତ୍ର ଦିବସ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୨୪।୧
(ସୂର୍ଯ୍ୟକାନ୍ତ ବେହେରା)

## ଫୁଲ୍‌ଡ୍ରେସ୍ ପରେଡ୍ ଅଭ୍ୟାସ ସରିଲା

- ନିରୀକ୍ଷଣ କଲେ ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ
- ରାଜଧାନୀରେ ୩୦ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ଶୁକ୍ରବାର ରାଜ୍ୟସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ସହରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ବୁଧବାର ଫୁଲ୍‌ଡ୍ରେସ୍ ପରେଡ୍ କରାଯାଇଥିଲା। ସକାଳେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଉପସ୍ଥିତିରେ ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ଯୋଗଦେଇ ଏହାକୁ ନିରୀକ୍ଷଣ କରିଥିଲେ। ତେବେ ଏଥର ପରେଡର ନେତୃତ୍ୱ ନେଇଛନ୍ତି ଆଇପିଏସ୍ ଅଫିସର ଏ.ବି. ଶିନ୍ଦା। ପରେଡ୍‌ରେ ୬୪ଟି ଗ୍ରୁପ୍ (କଣ୍ଟିଜେଣ୍ଟ) ଅଂଶଗ୍ରହଣ କରିବେ। ସେହିପରି ଏହି ଉତ୍ସବରେ ଝାଡଖଣ୍ଡ ପୋଲିସ ମଧ୍ୟ ଯୋଗଦେବ। ଆର୍ମି, ନ୍ୟାଭି, ପୋଲିସର ବିଭିନ୍ନ ୱିଙ୍ଗ, ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ଗ୍ରୁପ୍‌ର ଚିତ୍ତାକର୍ଷକ ପରେଡ୍ ଦେଖିବାକୁ ମିଳିବ। ଏସବୁ ଗ୍ରୁପ୍ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବାଘନାଚ, ମୟୂର ନାଚ ଆଦି ଗ୍ରୁପ୍‌ର ଅଭ୍ୟାସ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ଡେୟାରଡେଭିଲ ବାଇକ ଶୋ ଦର୍ଶକଙ୍କୁ ଅଧିକ ଆକର୍ଷିତ କରିଥିଲା। ଏହି ଶୋ'ରେ ୩୫ଜଣ ବାଳକ ଓ ୩୦ଜଣ ବାଳିକା ଭାଗ ନେଇଥିଲେ। ଅପରପକ୍ଷେ କଣ୍ଟିଜେଣ୍ଟ ମଧ୍ୟରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍), ଓଡ଼ିଶା ରାଜ୍ୟ ସଶସ୍ତ୍ର ପୋଲିସ (ସପ୍ତମ ବାଟାଲିଅନ), ସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ (ଏସ୍‌ଏସ୍‌ଜି), ସ୍ପେଶାଲ ଅପରେଶନ୍ ଗ୍ରୁପ୍ (ଏସ୍‌ଓଜି), ସିଆର୍‌ପିଏଫ୍, ଅଗ୍ନିଶମ ଏବଂ ଓଡ୍ରାଫ୍, ଆର୍ମି, ନ୍ୟାଭି ଓ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଗ୍ରୁପ୍ ରହିଛି। ଏନେଇ ପୋଲିସ ଡିଜି କହିଛନ୍ତି, ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ଉତ୍ସାହର ସହ ପାଳନ କରିବାକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩୦ ପ୍ଲାଟୁନ ଫୋର୍ସ ଓ ୨୦୦ ଜଣରୁ ଊର୍ଦ୍ଧ୍ୱ ଅଧିକାରୀଙ୍କୁ ନିୟୋଜିତ କରାଯିବ। ତେବେ ପରେଡ ସମୟରେ ମହାତ୍ମାଗାନ୍ଧୀ ମାର୍ଗ ଓ ଏହାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସର୍ବସାଧାରଣଙ୍କ ଯାତାୟାତ ପାଇଁ ବନ୍ଦ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ମନଗଢ଼ା ପ୍ରେସ୍ ରିଲିଜ ଜରିଆରେ ବିଭ୍ରାନ୍ତ କରୁଛନ୍ତି ଧର୍ମେନ୍ଦ୍ର: ସସ୍ମିତ

ଭୁବନେଶ୍ୱର,୨୪।୧(ଅନିଲ ଦାସ)

ମନଗଢ଼ା ପ୍ରେସ୍ ରିଲିଜ ଜରିଆରେ ଶିକ୍ଷକ ନିଯୁକ୍ତି ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭ୍ରାନ୍ତ କରୁଛନ୍ତି। ଏଭଳି ଘଟଣାରୁ ତାଙ୍କର ରାଜନୈତିକ ଫାଇଦା ଉଠାଇବାର ମାନସିକତା ସ୍ପଷ୍ଟ ବାରିହୋଇ ପଡୁଛି ବୋଲି ବିଜେଡି ଏମ୍‌ପି ତଥା ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ଟୁଇଟ୍ କରି ସେ କହିଛନ୍ତି, ଭାରତ ସରକାରଙ୍କ ଅଧୀନରେ ଥିବା ମିନିରତ୍ନ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ସଂସ୍ଥା ଇଡିସିଆଇଏଲ୍(ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ସବୁ କିଛି ସ୍ପଷ୍ଟ କରାଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ଟୁଇଟ୍ ଏହାକୁ ଭଲ ଭାବେ ସ୍ପଷ୍ଟ କରିଛି। ତେବେ ଏକ ଅନୌପଚାରିକ, ଦସ୍ତଖତବିହୀନ ଓଡ଼ିଆ ପ୍ରେସ୍ ରିଲିଜ୍(ସମ୍ଭବତଃ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଇଟି ସେଲ୍) ଦ୍ୱାରା ସତ୍ୟକୁ ବିଭ୍ରାନ୍ତ ଓ ମିଥ୍ୟା ପ୍ରମାଣିତ କରିବା ପାଇଁ ଭୁଲ ଭାବେ ପ୍ରସାରିତ କରାଯାଇଛି। ଶିକ୍ଷକ ନିଯୁକ୍ତି ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୀତି କରିବା ଏବଂ ମିଥ୍ୟା ଖବରକୁ ସମ୍ବେଦନଶୀଳ କରିବା ଆଶ୍ଚର୍ଯ୍ୟଜନକ। ଏହା ଯେକୌଣସି ଉପାୟରେ ରାଜନୈତିକ ଫାଇଦା ଉଠାଇବାର ମାନସିକତାକୁ ଦର୍ଶାଉଛି ବୋଲି ସସ୍ମିତ କହିଛନ୍ତି।

# ତଥ୍ୟ ଦାଖଲ ପାଇଁ ସମୟ ନେଲେ ରାଜ୍ୟ ସରକାର

କଟକ,୨୪।୧ (କାର୍ତ୍ତିକ ସାହୁ)

## ଶ୍ରୀମନ୍ଦିର ପରିଚାଳନା କମିଟିକୁ ଜମି କିଣାବିକା କ୍ଷମତା ପ୍ରଦାନ ବିରୋଧରେ ମାମଲା

ଶ୍ରୀମନ୍ଦିର ପରିଚାଳନା କମିଟିକୁ ରାଜ୍ୟ ସରକାର ନୂତନ ଆଇନ ବଳରେ ଶ୍ରୀଜଗନ୍ନାଥଙ୍କ ଜମି କିଣାବିକା କ୍ଷମତା ପ୍ରଦାନ କରିଛନ୍ତି। ଏହାକୁ ବିରୋଧ କରି ଆଗତ ମାମଲାରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଶୁଣାଣି କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର ସତ୍ୟପାଠରେ ତଥ୍ୟ ଦେଇ ନ ଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହାଇକୋର୍ଟ ଏନେଇ ଜବାବ ତଲବ କରିବା ପାଇଁ ଆଉ କିଛି ସମୟ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ହାଇକୋର୍ଟ ଅଧିକ ଦିନ ସମୟ ମଞ୍ଜୁର କରି ସବିଶେଷ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଶ୍ରୀମନ୍ଦିର ଆଇନରେ ରହିଛି ରାଜ୍ୟ ସରକାରଙ୍କ ଅନୁମତି ବିନା ଶ୍ରୀମନ୍ଦିର ପରିଚାଳନା କମିଟି ଶ୍ରୀଜଗନ୍ନାଥଙ୍କ ଜମି କିଣାବିକା କରିପାରିବ ନାହିଁ। ହେଲେ ରାଜ୍ୟ ସରକାର କୋଭିଡ୍ ସମୟରେ ଉକ୍ତ ଆଇନରେ ସଂଶୋଧନ କରାଇଛନ୍ତି। ଫଳରେ ଶ୍ରୀଜଗନ୍ନାଥଙ୍କ ଜମି କିଣାବିକା ପାଇଁ ଆଉ ରାଜ୍ୟ ସରକାରଙ୍କ ଅନୁମତି ଆବଶ୍ୟକ ନାହିଁ। ଶ୍ରୀମନ୍ଦିର ପରିଚାଳନା କମିଟିକୁ ଏନେଇ କ୍ଷମତା ପ୍ରଦାନ କରାଯାଇଛି। ଉକ୍ତ କମିଟି ନୂତନ କ୍ଷମତା ବଳରେ ଜମି କିଣାବିକା କରିପାରିବ। ଏହି ସଂଶୋଧିତ ଆଇନ ବିରୋଧରେ ସାମାଜିକ କର୍ମୀ ଦିଲ୍ଲୀପ ବରାଳ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ହାଇକୋର୍ଟ ୨୦୨୨ ମାର୍ଚ୍ଚ ୧୫ ତାରିଖରେ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନୂତନ ଆଇନ କାର୍ଯ୍ୟକାରୀ ହେବା ପରଠାରୁ କ'ଣ ସବୁ ଜମି କେଉଁଠାରେ କିଣାବିକା ହୋଇଛି, ତାହାର ଏକ ତାଲିକା ସତ୍ୟପାଠ ଆକାରରେ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜ୍ୟ ସରକାର ସେଭଳି ତଥ୍ୟ ପ୍ରଦାନ କରି ନ ଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ବୁଧବାର ହାଇକୋର୍ଟରେ ଉପସ୍ଥାପନ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ଏନ୍‌ଜିଟିର ନିର୍ଦ୍ଦେଶ: ତଦନ୍ତ କରିବେ ୪ ଜଣିଆ କମିଟି

## କଳାପଥର ଖାଦାନରୁ ୨ ଏମ୍‌ଆଇପି ପ୍ରଭାବିତ

- ଅନୁମତିଠାରୁ ଢେରଗୁଣ ଅଧିକ ଉତ୍ତୋଳନ
- ଚାଷୀଙ୍କ ପେଟରେ ଲାତ

ଯାଜପୁର,୨୪।୧(ହର୍ଷବର୍ଦ୍ଧନ ବେହେରା)



ରାଣୀବନ୍ଧ ଏମ୍‌ଆଇପି ନିକଟରେ ବେଆଇନ ଖନନ।

ରାଜ୍ୟ ସରକାର ଜଳସେଚନ ଜମିର ପରିମାଣ ବୃଦ୍ଧି କରିବାକୁ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍‌ଆଇପି) ସମେତ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ଯାଜପୁର ଜିଲା ପ୍ରଶାସନ କେତେଜଣ ପ୍ରଭାବଶାଳୀ ଗୋଷ୍ଠୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବାରୁ ସରକାରଙ୍କ ଏହି ମହତ ଉଦ୍ଦେଶ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଜିଲାର ଧର୍ମଶାଳା ତହସିଲ ଅଧୀନ ରାହାଡ଼ପୁର ପାହାଡ଼କୁ ଲାଗିଥିବା ରାଣୀବନ୍ଧ ଓ ପାଇକରାପୁର ଏମ୍‌ଆଇପିକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ରାହାଡ଼ପୁର ପାହାଡ଼ରେ ବେଆଇନ ଓ ଅନୁମତିଠାରୁ ଢ଼େର ଗୁଣ ଅଧିକ କଳାପଥର ଉତ୍ତୋଳନ ଯୋଗୁ ରାଣୀବନ୍ଧ ଓ ପାଇକରାପୁର ଏମ୍‌ଆଇପି ସାଙ୍ଗକୁ ଢ଼େଙ୍କାନାଳ ସୀମାନ୍ତ ନିଶ୍ଚିନ୍ତ ନାମକ ଏକ ସଂରକ୍ଷିତ ଜଙ୍ଗଲ ପ୍ରଭାବିତ ହୋଇଛି। ଏହି ମର୍ମରେ ବାବୁଲି ଜେନା ଓ ଅନ୍ୟମାନେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୬/୨୦୨୪/ଇଜେଡ ନମ୍ବରରେ ଏକ ମାମଲା ରୁଜୁ କରିଛନ୍ତି। ଉକ୍ତ ମାମଲାକୁ ଗ୍ରହଣ କରି ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ବି. ଅମିତ ସ୍ଥାଲେକର ଓ ଏକ୍ସପର୍ଟ ମେମ୍ବର ଅରୁଣ କୁମାର ବର୍ମା ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛନ୍ତି। ଅଭିଯୋଗର ସତ୍ୟତା ବାହାର କରିବାକୁ ଏକ ୪ ଜଣିଆ କମିଟି ଗଠନ କରି ୪ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲା ପ୍ରଶାସନ ସମେତ ଲିଜ୍‌ଧାରୀ ସତ୍ୟ ମଲ୍‌ଟିପ୍ଲେକ୍ସ ପ୍ରାଇଭେଟ ଲିଃ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି), ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପ୍ରମୁଖଙ୍କୁ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଏନ୍‌ଜିଟିର ନିର୍ଦ୍ଦେଶରେ ଦର୍ଶାଯାଇଛି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁସାରେ, ଧର୍ମଶାଳା ତହସିଲ ଅନ୍ତର୍ଗତ ଖାତା ନଂ. ଏସ୍-୨୩୫ ଓ ପ୍ଲଟ ନଂ. ୧(ପି)ରେ ୬ ଏକର ପରିମିତ ଖାଦାନକୁ ୨।୬।୨୦୨୨ରେ ସତ୍ୟ ମଲ୍‌ଟିପ୍ଲେକ୍ସ ପ୍ରାଇଭେଟ୍ ଲିଃକୁ ଲିଜ୍ ସୂତ୍ରରେ ଦିଆଯାଇଛି। ଏହାବାଦ ଏଠାରେ ୧୦୪.୭୭ ଏକର ପରିମିତ ୧୨ଟି ଖାଦାନ ଚାଲିଛି। ଏଠାରୁ ନିର୍ଦ୍ଧାରିତ ପରିମାଣଠାରୁ ବହୁଅଧିକ ଗୁଣରେ କଳାପଥର ଉତ୍ତୋଳନ କରାଯାଉଛି। ଏଥିପାଇଁ ଅନିୟନ୍ତ୍ରିତ ବ୍ଲାଷ୍ଟିଂ ଯୋଗୁ ଆଖପାଖ ଜନବସତି ପ୍ରଭାବିତ ହେବା ସହ ଘରକାନ୍ଥଗୁଡ଼ିକ ଫାଟିଯାଉଛି। ଏହାସହ କଳାପଥର ପରିବହନ ଯୋଗୁ ଧୂଳି ଉଡ଼ି ବାୟୁ ପ୍ରଦୂଷଣ ଉତ୍କଟ ହେଉଛି। ଏଥିପାଇଁ ଚାଷ ଜମି କ୍ଷତିଗ୍ରସ୍ତ ହେବା ସହ ଓଭରଲୋଡିଂ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏଥିଯୋଗୁ ପାଇକରାପୁରା ଓ ରାଣୀବନ୍ଧ ଏମ୍‌ଆଇପି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଜଳସେଚନ ସମ୍ବଳ ଥିଲେ ସୁଦ୍ଧା ସମ୍ପୃକ୍ତ ଚାଷୀ ବିଭିନ୍ନ ସମୟରେ ମରୁଡ଼ିର ସମ୍ମୁଖୀନ ହେଉଛନ୍ତି। ଏମ୍‌ଆଇପିର ସହକାରୀ ନିର୍ବାହୀ ଯନ୍ତ୍ରୀ ଏହି ମର୍ମରେ ଗତ ୩୧।୮।୨୦୧୮ରେ ଧର୍ମଶାଳା ତହସିଲଦାରଙ୍କୁ ପତ୍ର ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷେ ଯାଜପୁର ଓ ଢେଙ୍କାନାଳ ସୀମାନ୍ତରେ ଥିବା ନିଶ୍ଚିନ୍ତ ସଂରକ୍ଷିତ ଜଙ୍ଗଲ ମଧ୍ୟ କଳାପଥର ଉତ୍ତୋଳନ ଯୋଗୁ ବହୁଳ ମାତ୍ରାରେ ପ୍ରଭାବିତ ହେଉଛି। ପୂର୍ବରୁ ରାହାଡ଼ପୁର ପାହାଡ଼, ନିଶ୍ଚିନ୍ତ ପାହାଡ଼ ଭାବେ ପରିଚିତ ଥିଲା। ଏଭଳି ଭାବେ ପରିବେଶଗତ ଅନୁମତିର ବିଭିନ୍ନ ଚୁକ୍ତିଗୁଡ଼ିକୁ ଲିଜ୍‌ଧାରୀ ଉଲ୍ଲଂଘନ କରୁଥିବାରୁ ୨ ଏମ୍‌ଆଇପି ସମେତ ବହୁ ମୂଲ୍ୟବାନ ଘନ ଜଙ୍ଗଲ ଥିବା ନିଶ୍ଚିନ୍ତ ଏବେ ନିଶ୍ଚିହ୍ନ ହେବାକୁ ବସିଛି ବୋଲି ଅଭିଯୋଗକାରୀ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ଉକ୍ତ ଅଭିଯୋଗକୁ ଏନ୍‌ଜିଟି ପକ୍ଷରୁ ଗ୍ରହଣ କରିବା ସହ ଏସ୍‌ପିସିବିର ଜଣେ ବରିଷ୍ଠ ବୈଜ୍ଞାନିକ, ସିଆର ଜଣେ ବରିଷ୍ଠ ବୈଜ୍ଞାନିକ, ଯାଜପୁର ଖଣି ଉପନିର୍ଦ୍ଦେଶକ ଓ ଯାଜପୁର ଜିଲାପାଳଙ୍କୁ ନେଇ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ପିସିବି ଏହାର ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ ଏବଂ କମିଟି ତଦନ୍ତ ରିପୋର୍ଟ ସତ୍ୟପାଠରେ ଦାଖଲ କରିବ। ପରବର୍ତ୍ତୀ ଶୁଣାଣି ୬।୩।୨୦୨୪ରେ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଈଶାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜେଡି ଗଡ଼ରେ ପ୍ରାର୍ଥୀ ଖୋଜୁଛି ଭାଜପା

## ପାଟଣା ନିର୍ବାଚନମଣ୍ଡଳୀ

କେନ୍ଦୁଝର,୨୪।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପାଟଣା ସଂରକ୍ଷିତ (ଏସ୍‌ଟି) ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ରମାଗତ ଚତୁର୍ଥଥର ବିଜେଡି ଦଖଲ କରିବାକୁ ଉଦ୍ୟମ ଚଳାଉଛି। ଭାଜପା ଉକ୍ତ ସିଟ୍ ଫେରି ପାଇବା ପାଇଁ ଯୋଗ୍ୟ ପ୍ରାର୍ଥୀ ଖୋଜୁଥିବା ବେଳେ କଂଗ୍ରେସ ପୂର୍ବତନ ବିଧାୟକଙ୍କୁ ଫେରାଇ ଆଣି ଆସନ ଦଖଲ କରିବାକୁ ଚେଷ୍ଟା କରୁଛି। ଏଣୁ ୨୦୨୪ ପାଟଣା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଲଢ଼େଇ ରୋମାଞ୍ଚକର ହେବ ବୋଲି ଆକଳନ କରାଯାଉଛି।

ଗତ ନିର୍ବାଚନରେ ବିଜେଡି ଟିକେଟରେ ଜଗନ୍ନାଥ ନାୟକ ୭୦ ହଜାର ୩୧୦ ଭୋଟ (୪୩.୭ ପ୍ରତିଶତ) ଭୋଟ ପାଇ ବିଜୟୀ ହୋଇଥିଲେ। ଭାଜପାର ଭାବାନୀ ଶଙ୍କର ନାୟକ ୬୨ହଜାର ୫୧୪ ଭୋଟ (୩୮.୯ ପ୍ରତିଶତ) ପାଇଥିଲେ। ତେବେ ଇତି ମଧ୍ୟରେ ଭବାନୀ ଶଙ୍କର ପଦ୍ମ ଛାଡ଼ି ଶଙ୍ଖ ଧରିଥିବାରୁ ଏହି ସିଟ ପାଇଁ ଭାଜପା ନୂଆ ପ୍ରାର୍ଥୀ ଖୋଜୁଛି। ଅପରପେକ୍ଷ କଂଗ୍ରେସ ଦଳର ବିନୋଦ ବିହାରୀ ନାୟକ ୧୩ ହଜାର ୫୮ ଭୋଟ (୮.୧ ପ୍ରତିଶତ) ପାଇ ତୃତୀୟ ସ୍ଥାନରେ ରହିଥିଲେ।

୨୦୧୪ ନିର୍ବାଚନରେ ବିଜେଡି ଟିକେଟରୁ ହୃଷୀକେଶ ନାୟକ ଜିତିଥିଲେ। ତେବେ ଦଳରେ ତାଙ୍କୁ ଅଲୋଡ଼ା ଭଳି ବ୍ୟବହାର କରାଯାଉଥିବା ଅଭିଯୋଗ କରି ସେ ବିଜେଡି ଛାଡ଼ି ୨୦୨୩ରେ କଂଗ୍ରେସରେ ମିଶିଛନ୍ତି। ୨୦୨୪ ନିର୍ବାଚନରେ କଂଗ୍ରେସ ଟିକେଟ୍‌ରେ ସେ ଲଢ଼ିବା ନେଇ ଚର୍ଚ୍ଚା ଜୋର ଧରିଛି। ହୃଷୀକେଶ ପୂର୍ବରୁ ଉକ୍ତ ଆସନରୁ ବିଭିନ୍ନ ଦଳରୁ ୬ ଥର ବିଜୟୀ ହୋଇଥିବାରୁ କଂଗ୍ରେସ ଉକ୍ତ ଆସନକୁ ଅକ୍ତିଆର କରିବା ନେଇ ଉତ୍ସାହୀ ଅଛି। ଏଥିସହ ସେ ବିଜେଡି ପାଇଁ ଚିନ୍ତାର କାରଣ ସାଜି ପାରନ୍ତି ବୋଲି ସମୀକ୍ଷକମାନେ ମତବ୍ୟକ୍ତ କରୁଛନ୍ତି।

ଅନ୍ୟପକ୍ଷରେ ଏହି ସିଟରେ ଭାଜପା ଦଳ କାହାକୁ ପ୍ରାର୍ଥୀ କରିବ ସ୍ପଷ୍ଟ ହୋଇ ନ ଥିଲେ ହେଁ ପୂର୍ବତନ ସାଂସଦ ଅନନ୍ତ ନାୟକଙ୍କୁ ନେଇ ଦଳ ଆଗ୍ରହୀ ବୋଲି ଚର୍ଚ୍ଚା ହେଉଛି। ତେବେ ଅନନ୍ତ ଲୋକସଭା ପାଇଁ ଲଢ଼ିବାକୁ ଇଛା ପ୍ରକଟ କରୁଥିବାରୁ ଦଳର ଆଦେଶକୁ ସମସ୍ତେ ଅପେକ୍ଷା କରିଛନ୍ତି। ଏହା ଛଡ଼ା ଭାଜପା ଦଳରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାୟକ, ବିଜେଡି ବିଧାୟକ ଜଗନ୍ନାଥଙ୍କ ଭାଇ ସତ୍ୟବ୍ରତ ନାୟକ, ଅଖିଳ ଚନ୍ଦ୍ର ନାୟକ ପ୍ରମୁଖ ଆଶାୟୀ ଅଛନ୍ତି। ଗତ ସାଧାରଣ ନିର୍ବାଚନରେ ଟିକେଟ ନ ମିଳିବାରୁ ଭାଜପା ବିଦ୍ରୋହୀ ପ୍ରାର୍ଥୀ ଭାବରେ ଅଖିଳ ଚନ୍ଦ୍ର ନାୟକ ସ୍ୱାଧୀନ ପ୍ରାର୍ଥୀ ହୋଇ ମାତ୍ର ୮,୦୭୪ (୫ ପ୍ରତିଶତ) ଭୋଟ ପାଇଥିଲେ। ଏଥି ପାଇଁ ତାଙ୍କୁ ଦଳରୁ ନିଲମ୍ବିତ ହେବାକୁ ପଡ଼ିଥିଲା, ଯାହାକି ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ମତପ୍ରକାଶ ପାଉଛି।

ତେବେ ୨୦୨୪ ନିର୍ବାଚନ ପାଇଁ ବିଧାୟକ ଜଗନ୍ନାଥ ପୁଣି ଥରେ ଟିକେଟ ପାଇବା ଅଧିକ ସମ୍ଭାବନା ଥିବାରୁ ବିଭିନ୍ନ ଅଞ୍ଚଳ ବୁଲି ସାମାଜିକ କାର୍ଯ୍ୟରେ ଯୋଗଦେବା ସହ ଉନ୍ନୟନ ମୂଳକ କାମ କରିବାପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତେବେ ଦଳରେ ଥିବା ଅନ୍ତର୍ବିବାଦ ଯୋଗୁ କେତେକେ ଟିକେଟ୍ କାଟିବାକୁ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଚଳାଇଥିବାରୁ ତାଙ୍କ ସମର୍ଥକମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

ରାଜ୍ୟ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟର ଉପଲବ୍ଧି ଓ ତାଙ୍କର କାର୍ଯ୍ୟଧାରାକୁ ନେଇ ଲଢ଼ିବେ। ପ୍ରତ୍ୟେକ ଦିନ ଭୋଟରଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣିବା ଓ ସମାଧାନର ବାଟ ବାହାର କରିବାକୁ ସେ ଉଦ୍ୟମ ଜାରି ରଖିଛନ୍ତି। ବିକାଶମୂଳକ କାର୍ଯ୍ୟରୁ ଲୋକମାନେ ଲାଭବାନ ହେଉଥିବାରୁ ଦଳ ପ୍ରତି ଆସ୍ଥା ବଢୁଛି ବୋଲି ବିଧାୟକ ଜଗନ୍ନାଥ କହିଛନ୍ତି।

## ହୃଷୀକେଶଙ୍କ ଘରବାହୁଡ଼ା ପରେ କଂଗ୍ରେସ ଉତ୍ସାହୀ

ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ହୃଷୀକେଶ ନାୟକ କହିଛନ୍ତି, ବିଜେଡି ତାଙ୍କୁ ଅଲୋଡ଼ା କରିଦେବାରୁ ସେ ଦଳ ଛାଡି କଂଗ୍ରେସକୁ ଫେରିଛନ୍ତି। ତାଙ୍କ ପୂର୍ବର କାର୍ଯ୍ୟଧାରା ଓ ଲୋକ ସମ୍ପର୍କ ହିଁ ତାଙ୍କର ଲୋକପ୍ରିୟତାକୁ ଅଧିକ ବିକଶିତ କରିବ ବୋଲି ସେ କହିଛନ୍ତି।

ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ମୋଦି ମନ୍ତ୍ରକୁ ଆଧାର କରି ଭାଜପା ନିର୍ବାଚନ ଲଢ଼ିବ। ଏଣୁ ଏହି ସିଟ୍ ହାତେଇବାକୁ ଭାଜପା ହାତଛଡ଼ା କରିବ ନାହିଁ ବୋଲି ଭାଜପା ଜିଲା ସଭାପତି ସବୁଜ ମହାନ୍ତ ବର୍ମା କହିଛନ୍ତି। ଉକ୍ତ ନିର୍ବାଚନ ମଣ୍ଡଳୀରେ ଭାଜପା ଜିଲା ସଭାପତି ଓ ଅନ୍ୟ ଭାଜପା ପଦାଧିକାରୀଙ୍କ ଘର ହୋଇଥିବାରୁ ଭାଜପା ଉକ୍ତ ଆସନ ହାତେଇବାକୁ ଉଦ୍ୟମ ଚଳାଇବ ଏବଂ ଏହା ଜିଲା ସଂଗଠନ ପାଇଁ ଏକ ବଡ ଚ୍ୟାଲେଞ୍ଜ ହେବ ବୋଲି ମତ ପ୍ରକାଶ ପାଉଛି।



# କଂଗ୍ରେସରେ ବଳଭଦ୍ର



ହୁଙ୍କାର ଜନସମାବେଶରେ ସମର୍ଥକଙ୍କ ସହ ବଳଭଦ୍ର ମାଝି ଏବଂ କଂଗ୍ରେସ ନେତୃବୃନ୍ଦ।

ଭବାନୀପାଟଣା,୨୪।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ପୂର୍ବତନ ମନ୍ତ୍ରୀ ତଥା ଲାଞ୍ଜିଗଡ଼ର ପୂର୍ବତନ ବିଧାୟକ ବଳଭଦ୍ର ମାଝି ବୁଧବାର ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଇଛନ୍ତି। ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ କଂଗ୍ରେସର ହୁଙ୍କାର ଜନ ସମାବେଶରେ ସମର୍ଥକଙ୍କ ସହ ବଳଭଦ୍ର ହାତ ଧରିଛନ୍ତି। ମିଶ୍ରଣ ପର୍ବରେ ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ପ୍ରଭାରୀ ଅଜୟ କୁମାର, ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ପାଣିଗ୍ରାହୀ ଓ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ। ନିଜ ଅଞ୍ଚଳର ଲୋକଙ୍କ ସ୍ୱାର୍ଥକୁ ଆଖିରେ ରଖି କଂଗ୍ରେସରେ ସାମିଲ ହୋଇଥିବା ବଳଭଦ୍ର କହିଛନ୍ତି।

ସୂଚନାଯୋଗ୍ୟ, ଗତ ୮ ତାରିଖ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଥିଲେ। ପ୍ରକାଶ ଯେ, ଲଗାତର ଭାବେ ୧୯୯୦ରୁ ବଳଭଦ୍ର ଲାଞ୍ଜିଗଡ଼ ଓ ନର୍ଲା ନିର୍ବାଚନ ମଣ୍ଡଳୀରୁ ୫ଥର ବିଧାୟକ ହୋଇଥିଲେ। ହେଲେ ୨୦୧୯ରେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ଟିକେଟ କଟିବା ପରେ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ବି ସେ ବିଜେଡିରେ ସକ୍ରିୟ ଥିଲେ। ହେଲେ ଦଳରେ ଅବହେଳାର ଶିକାର ହୋଇଥିବା କାରଣରୁ ସେ ବିଜେଡିରୁ ଇସ୍ତଫା ଦେଇଥିବା କହିଥିଲେ।


## ପଞ୍ଚମ ଜନ୍ମବାର୍ଷିକୀ ଶୁଭେଚ୍ଛା



ଦେବାଂଶ ଦାଶ (ଈଶାନ)
ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର
ଆଜିର ଏ ସକାଳ କେତେ ଯେ କୋମଳ,
ଆଜିର ଏ ଦିବସ କେତେ ଯେ ସରସ,
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ ଓଠେ ଦିଅନ୍ତୁ ସଦାହସ,
ଦେବଙ୍କ ଅଂଶ ତୁ ଦେବାଂଶ ରଖ ଯଶ ଆମ ବଂଶର।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା', ଆଇ, ପାପା, ମାମା, ପିଉସା, ମାମାନାନୀ, ଗୁନୁନାନୀ, ମାମୁ, ମାଇଁ, ମଉସା, ମାଉସୀ, ତିତିଲି, ସାଇ, ଶ୍ରଦ୍ଧା, ସୃଷ୍ଟି, ମିଷ୍ଟି, ୟାଶିକା ଓ ୟେଶିଲ।
ଧ-୭୩୭୯୪

## ୨୪ତମ ଜନ୍ମଦିନ ଶୁଭେଚ୍ଛା



ବିକାଶ କୁମାର ବେହେରା
Dear best friend Vicky,
ଜନ୍ମଦିନର ବହୁତ ବହୁତ ଶୁଭେଚ୍ଛା ଓ ଅଭିନନ୍ଦନ, ମୁଁ ବହୁତ କୃତଜ୍ଞ ଯେ ତୁମଭଳି ବନ୍ଧୁ ପାଇଛି । ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ସଦାସର୍ବଦା ଖୁସିରେ ରଖନ୍ତୁ।
ଚନ୍ଦନ କୁମାର
ଚୌଦ୍ୱାର, କଟକ, ଓଡ଼ିଶା
ଧ-୨୨୯୮



ଧ-୨୩୫୨


# ଆଲିଙ୍ଗନକୁ ନେଇ ଚର୍ଚ୍ଚାରେ ଦେବାଶିଷ, ଅରିନ୍ଦମ୍

କଟକ,୨୪।୧(ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଓ ଅଭିନେତା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅରିନ୍ଦମ ରାଏଙ୍କୁ ନେଇ ସହରରେ ଚର୍ଚ୍ଚା ହୋଇଛି। ବୁଧବାର କଟକ ବକ୍ସି ବଜାରଠାରେ ଅନୁଷ୍ଠିତ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନବେଳେ ମଞ୍ଚରେ ଦୁହେଁ ଦୁହିଁଙ୍କ ହାତ ଧରି ଆଲିଙ୍ଗନ କରିଥିଲେ। ଏଭଳି ଦୃଶ୍ୟ ସାଧାରଣ ଲୋକଙ୍କୁ ଚର୍ଚ୍ଚାର ଖୋରାକ୍ ଯୋଗାଇଛି। ତେବେ ନେତାଜୀ ଜୟନ୍ତୀରେ ମଙ୍ଗଳବାର ସନ୍ଧ୍ୟାରେ ସହରର ଗୋଟିଏ ପଟେ ବିଜୁ ଛାତ୍ର ଜନତା ଦଳର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଅନ୍ୟପଟେ ଅରିନ୍ଦମ ନିଜ ସମର୍ଥକଙ୍କୁ ନେଇ ଶୋଭାଯାତ୍ରା କରିଥିଲେ। ଉଭୟ ଶୋଭାଯାତ୍ରା ନେତାଜୀ ସଂଗ୍ରହାଳୟରେ ଗୋଟିଏ ସମୟରେ ପହଞ୍ଚିଥିଲା। ବିଜୁ ଛାତ୍ର ଜନତା ଦଳର ମଶାଲ ଶୋଭାଯାତ୍ରାରେ ଜିଲା ସଭାପତି ଦେବାଶିଷ ଉପସ୍ଥିତ ଥିଲେ। ହେଲେ ନେତାଜୀ ସଂଗ୍ରହାଳୟରେ ପହଞ୍ଚିବା ପରେ ଦେବାଶିଷ ଓ ଅରିନ୍ଦମ ଉଭୟଙ୍କୁ ଅଣଦେଖା କରିଥିବା ଚର୍ଚ୍ଚା ହୋଇଥିଲା। ମଙ୍ଗଳବାର ହୋଇଥିବା ଶୋଭାଯାତ୍ରାକୁ ନେଇ ଅରିନ୍ଦମ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ତାଙ୍କୁ ଡକାଯାଇ ନାହିଁ ଏବଂ ସେ ଛାତ୍ର ନୁହନ୍ତି। ଏ ସମ୍ପର୍କରେ ଦେବାଶିଷ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ହେଲେ ଏହାର କିଛି ଘଣ୍ଟା ପରେ ଅର୍ଥାତ୍ ବୁଧବାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ କାର୍ଯ୍ୟକ୍ରମରେ ଉଭୟ ଉଭୟଙ୍କୁ ଆଲିଙ୍ଗନ କରିବା କଟକର ରାଜନୈତିକ ବାତାବରଣକୁ ସରଗରମ କରିଛି।



ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ଦେବାଶିଷ ଓ ଅରିନ୍ଦମ ଏବଂ ଅନ୍ୟ ନେତୃବୃନ୍ଦ।

### ରାଜନୀତି ନୁହେଁ ଏହା ବ୍ୟକ୍ତିଗତ ସମ୍ପର୍କ: ଦେବାଶିଷ

ଏ ସମ୍ପର୍କରେ ଦେବାଶିଷ କହିଛନ୍ତି, ଭାଇଚାରାର ସହର କଟକରେ ସବୁ କିଛି ଚଳେ। ମଙ୍ଗଳବାର ନେତାଜୀଙ୍କ ନାତିଙ୍କୁ ନେଇ ବିଜୁ ଛାତ୍ର ଜନତା ଦଳକୁ ଶୋଭାଯାତ୍ରା କରିବାର ସୁଯୋଗ ମିଳିଥିଲା। ଏହା କୌଣସି ଦଳୀୟ କାର୍ଯ୍ୟକ୍ରମ ଭାବେ ଆୟୋଜନ କରାଯାଇ ନ ଥିଲା। ଅରିନ୍ଦମ ସମସ୍ତଙ୍କୁ ଏକଜୁଟ କରି ବ୍ୟକ୍ତିଗତ ଭାବେ ଶୋଭାଯାତ୍ରା କରିଥିଲେ। ନେତାଜୀ ସଂଗ୍ରହାଳୟଠାରେ ମୋର ଅରିନ୍ଦମ୍‌ଙ୍କ ସହ ଭେଟ ହୋଇ ନ ଥିଲା। ହେଲେ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମରେ ତାଙ୍କ ସହିତ ସାମ୍ନାସାମ୍ନି ହେବା ସହ କଥା ହୋଇଛି। ଅରିନ୍ଦମ ମୋର ସାନଭାଇ ଏବଂ ଦଳର ରାଜ୍ୟ ସାଧାରଣ ସମ୍ପାଦକ। ରାଜନୀତି ଅଲଗା ବାଟରେ ଓ ମୋର ଅରିନ୍ଦମଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଅଲଗା ରହିଛି। ଅରିନ୍ଦମ ଟିକେଟ ପାଇଲେ ଲଢ଼ିପାରନ୍ତି। ଏପରି କି କୌଣସି ବ୍ୟକ୍ତି ମଧ୍ୟ ନିର୍ବାଚନ ଲଢ଼ିପାରିବେ ବୋଲି ଦେବାଶିଷ କହିଛନ୍ତି। ଅପରପକ୍ଷରେ ଅରିନ୍ଦମ କହିଛନ୍ତି, ମଙ୍ଗଳବାର ଶୋଭାଯାତ୍ରା ମୋର ବ୍ୟକ୍ତିଗତ ଓ ଏକ ଅନୁଷ୍ଠାନକୁ ନେଇ ରହିଥିଲା। ଦଳୀୟ କାର୍ଯ୍ୟକ୍ରମରେ ଡକା ହେଲେ ମୁଁ ଉପସ୍ଥିତ ରହିଥାଏ। ମଙ୍ଗଳବାର ଶୋଭାଯାତ୍ରା ସମ୍ପର୍କରେ ଅବଗତ ନ ଥିଲି। ତେଣୁ ଶୋଭାଯାତ୍ରା ମୁଁ ଉପସ୍ଥିତ ନ ଥିଲି, ଏହାର କାରଣ ଉକ୍ତ ବ୍ୟକ୍ତି ହିଁ କହି ପାରିବେ। କଟକରେ ସମସ୍ତଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଭଲ ଥାଏ। ବିଜେଡିରୁ ଟିକେଟ ମିଳିଲେ ନିଶ୍ଚିତ ନିର୍ବାଚନ ଲଢ଼ିବି। ଜିଲା ସଭାପତି ସମର୍ଥନ କରୁଛନ୍ତି, ପ୍ରଥମେ ଧନ୍ୟବାଦ ଜଣାଇବି। ଯଦି ଟିକେଟ ନ ମିଳେ ତେବେ ତାହା ସମୟ କହିବ ବୋଲି ଅରିନ୍ଦମ କହିଛନ୍ତି।

# ୭ ସଂଯୋଜକ, ସହସଂଯୋଜକ ନିଯୁକ୍ତି ଦେଲା ବିଜେଡି



### ଅଜୟ ନାୟକ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ସଂଯୋଜକ

ଭୁବନେଶ୍ୱର,୨୪।୧(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ, ବ୍ଲକ, ମ୍ୟୁନିସିପାଲିଟି, ସଇଁତଳା ବ୍ଲକ, ଗୁଡ୍‌ଭେଲା ବ୍ଲକ ଓ ତୁଷୁରା ଏନ୍‌ଏସି ପାଇଁ ପର୍ଯ୍ୟବେକ୍ଷକ ଏବଂ ସହପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଏ ନେଇ ବିଜୁ ଜନତା ଦଳ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅଜୟ କୁମାର ନାୟକଙ୍କୁ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସ୍ନେହାଞ୍ଜଳି ମହାନ୍ତିଙ୍କୁ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ, ସି. ଭେଲମନ ନାୟରଙ୍କୁ ଟିଟିଲାଗଡ଼ ବ୍ଲକ ଏବଂ ଶିଶିର ପରିଜାଙ୍କୁ ଟିଟିଲାଗଡ଼ ମ୍ୟୁନିସିପାଲିଟି, ଲୋଟସ ଷଡ଼ଙ୍ଗୀଙ୍କୁ ସଇଁତଳା ବ୍ଲକ, ଅଶୋକ ଜେନାଙ୍କୁ ଗୁଡ୍‌ଭେଲା ବ୍ଲକ ଏବଂ ଚିରାଗ ସିଂଦେଓଙ୍କୁ ତୁଷୁରା ଏନ୍‌ଏସି ସହସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି।


## Classified Everyday
0674-2580101, 2549949



REAL ESTATE
SALE

ଭୁବନେଶ୍ୱର ଜଟଣୀ ଗେଟ୍ କିଛି ଦୂରତାରେ 1200 sqft. 3,60,000/-, ଛତାବର bypass sqft-500/-. 9348232008.
D-75298

**Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350.**
D-2340

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295.
D-75297



FOR RENT

**Rent Esplanade Bhubaneswar Office space 1432sqft., Furnished, Parking. Call- 9776505301.**
D-2322

**MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414.**
D-2295



HEALTH CARE

**Newly open SPA positively health benefits with expert therapist. 9938843929.**
D-75190

Newly open SPA positively health benefits (Expert therapist). Contact: 9124527170.
D-75191

Spa Kerala body Massage best Therapist @699/- Bhubaneswar. Kajal-9337672475. D-2344

Newly health benefited Spa Expert Therapist at Mastercanteen. Contact: 7749034655. D-75193

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit sworn before the Court of Executive Magistrate, Sundargarh, I, Kunti Kerketta, W/o. Dulamani Kerketta, R/o. Village/ P.O.- Giringkela, Dist.- Sundargarh declare that after marriage I have changed my surname from Kunti Pradhan to Kunti Kerketta. Hence my correct name is Kunti Kerketta for all purposes.
D-2351

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରଘୁନାଥ ମହାପାତ୍ର
(ସାକ୍ଷୀଗୋପାଳଙ୍କ ପୂଜାପଣ୍ଡା)
ସାକ୍ଷୀଗୋପାଳ, ମହାପାତ୍ରସାହି
ଆବିର୍ଭାବ: ୩।୧୧।୧୯୪୪
ତିରୋଧାନ: ୧୫।୧।୨୦୨୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା ଏବଂ ଆଶୀର୍ବାଦ ଆମ୍ଭମାନଙ୍କର ସ୍ମୃତିରେ ଚିର ଲିପିବଦ୍ଧ ହୋଇରହିଥାଉ । ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ଝିଅ- ଗୁନ, ପିନା, ଜ୍ୱାଇଁ- ବିନୟ, ପୁତ୍ରପୁତ୍ରବଧୂ- ନାରଣ, ସୁମିତ୍ରା, ନାତିନାତୁଣୀ- ଚନ୍ଦନ, ସୁମନ, କ୍ରିଶ୍, ଡୁଡୁଲି, ଲଭ୍‌ଲି, ରୋମି, ଓମ୍, ବନ୍ଧୁ ଓ ପରିବାରବର୍ଗ ।
ଧ-୭୩୪୪୭

### ଶ୍ରଦ୍ଧାଞ୍ଜଳି



୰ ସୁଦାମ ଚରଣ ପଟ୍ଟନାୟକ
(ପଞ୍ଚମ ତିରୋଧାନ ଦିବସ)
ଆବିର୍ଭାବ- ୧୬।୧୦।୧୯୩୦
ତିରୋଧାନ- ୨୫।୦୧।୨୦୧୯
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା ।
ସମସ୍ତ ପରିବାରବର୍ଗ ଓ ବନ୍ଧୁ ବାନ୍ଧବ।।
ନୟାପଲ୍ଲୀ, ଭୁବନେଶ୍ୱର
ଧ-୬୧୯୫୮


# ବନ୍ଧୁମିଳନ ଆଳରେ ନେତୃତ୍ୱ ପରିବର୍ତ୍ତନ ସ୍ୱର

## ବଡ଼ଚଣା ବିଜେଡି

ଚଣ୍ଡିଖୋଲ,୨୪।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ବିଜେଡି ପକ୍ଷରୁ ପୁରୁଖା କର୍ମୀମାନେ ବୁଧବାର ଚଣ୍ଡିଖୋଲ ନିକଟ ଧର୍ମଶାଳା ଭବନରେ ଏକ ବନ୍ଧୁମିଳନ କରି ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ନେତୃତ୍ୱ ପରିବର୍ତ୍ତନର ସ୍ୱର ଉଠାଇଛନ୍ତି। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦ, ପୂର୍ବତନ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ପୂଜାରାଣୀ ବଳ ଓ ରାଜ୍ୟ ଯୁବ ବିଜେଡି ଯୁଗ୍ମ ସମ୍ପାଦକ ଆଶିଷ ରଞ୍ଜନ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଯୁବନେତା ଧନେଶ୍ୱର ବେହେରାଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ସରପଞ୍ଚ ପ୍ରମୋଦ ଜେନା, ସେକ୍ ଅବଦୁଲ ଗନି, ପୁଷ୍ପଲତା ସିଂହ, ଅକ୍ଷୟ ରାଉତରାୟ, ସାଗରିକା ଚୌଧୁରୀ, ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ନାଥ ଦାଶ, ପୂର୍ବତନ ସମିତିସଭ୍ୟ ପ୍ରତିଭା ଖୁଣ୍ଟିଆ, ବରିଷ୍ଠ ନେତୃମଣ୍ଡଳୀ ନିହାର ରଞ୍ଜନ ମିଶ୍ର, ପୂର୍ବତନ ବ୍ଲକ ମହିଳା ସଭାନେତ୍ରୀ ଦମୟନ୍ତୀ ସାମଲ, ସମିତିସଭ୍ୟ ସ୍ମରଣିକା ବଳ, ଶ୍ରୀକୃଷ୍ଣ ପରିଡ଼ା, ନିରଞ୍ଜନ ମହାନ୍ତି, ରବୀନ୍ଦ୍ର ରାଉତ, ବିଧାନଚନ୍ଦ୍ର ସାମନ୍ତରାୟ ଓ ଭରତ ମହାପାତ୍ର ପ୍ରମୁଖ ଯୋଗଦେଇ କହିଥିଲେ, ବିଜେଡି ପ୍ରତିଷ୍ଠା ସମୟରେ ଯେଉଁମାନେ ବଡ଼ଚଣାରେ ମଙ୍ଗ ଧରିଥିଲେ ଦଳ କ୍ଷମତାରେ ଥାଇ ମଧ୍ୟ ଆଜିର ନେତୃତ୍ୱ ସେମାନଙ୍କୁ ଅଣଦେଖା କରିଛି। ଯେଉଁମାନଙ୍କ ଦଳ ପ୍ରତି ସାମାନ୍ୟ ଧାରଣା ନାହିଁ ସେହିଭଳି ହାତ ଗଣତି ଲୋକଙ୍କୁ ନେଇ ନେତୃତ୍ୱ କାର୍ଯ୍ୟ କରୁଥିବାରୁ ଗତ ନିର୍ବାଚନରେ ଦଳ ମାତ୍ର ୧୪୮୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। ତେଣୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମଜେୟ ଲେଙ୍କାଙ୍କୁ ଆଗାମୀ ନିର୍ବାଚନରେ ପ୍ରାର୍ଥୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ନେତୃମଣ୍ଡଳୀମାନେ ପ୍ରକାଶ କରିଥିଲେ। ଯଦି ରାଜ୍ୟ ନେତୃତ୍ୱ ବଡ଼ଚଣାର ନେତୃତ୍ୱ ପରିବର୍ତ୍ତନ ନ କରନ୍ତି ତେବେ ଆସନ୍ତା ନିର୍ବାଚନରେ ଅସହଯୋଗ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର କର୍ମୀ ଯୋଗଦେଇଥିଲେ। ନିରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ବନ୍ଧୁମିଳନରେ ସାମିଲ ହୋଇଥିବା ବିଜେଡିର ପୁରୁଖା କର୍ମୀ।

## ଗୁରୁଜୀ ନମସ୍କାର

ନୂଆ ସିନେମା



'ଗୁରୁଙ୍କ ବିନା ଜୀବନରେ କିଛି ସମ୍ଭବ ନୁହେଁ। ଅତୀତରେ ଗୁରୁମାନଙ୍କର ସ୍ଥାନ ବେଶ୍ ଉଚ୍ଚରେ ଥିଲା। ଛାତ୍ର ଜୀବନର ଅନେକ ଅଭୁଲା କଥାକୁ ନେଇ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଗୁରୁଜୀ ନମସ୍କାର'। ନିକଟରେ ଏହାର ଶୀର୍ଷକ ଘୋଷଣା ହୋଇଛି। ଗ୍ରାମୀଣ ସ୍ଥିତିରେ ଜଣେ ଉତ୍ସର୍ଗୀକୃତ ଶିକ୍ଷକଙ୍କ କାହାଣୀ, ସୃଜନଶୀଳତା, ପାରିବାରିକ ପୃଷ୍ଠପୋଷକତା ଏବଂ ବ୍ୟକ୍ତିଗତ ବଳିଦାନକୁ ନେଇ ଏହାର କାହାଣୀ ଗତିଶୀଳ। ଶିକ୍ଷାରେ ପରିବର୍ତ୍ତନ ଆଣିବାକୁ ଏହି ଶିକ୍ଷକ କିପରି ବ୍ରତ ଭାବେ ଗ୍ରହଣ କରିଛନ୍ତି ଏବଂ ତାହାର ଫଳାଫଳ କ'ଣ ହେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଅଣ୍ଡରଗ୍ରାଉସ ପ୍ରଡକ୍ସନ ଏବଂ ଏଲ୍ଆଇଏମ୍ଇଏଲ୍୧୮ ସହଯୋଗିତାରେ ଏହାକୁ ପ୍ରସ୍ତୁତ କରାଯାଉଛି। ବର୍ତ୍ତମାନ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ସଙ୍କେତ ତ୍ରିପାଠୀ ଏହାର ପ୍ରଯୋଜନା କରିବା ସହ କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିବେ ଜିତେନ୍ଦ୍ରିୟ ପ୍ରଧାନ। ଏହାର କ୍ରିଏଟିଭ୍ ପ୍ରଯୋଜକ ଅଛନ୍ତି ସର୍ବେଶ୍ୱର ସୂତାର। ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ଦେଇଛନ୍ତି ଅଶୋକ କୁମାର ଏବଂ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଏହାର ସହ ପ୍ରଯୋଜନା କରିଛନ୍ତି ଇଲା ମିଶ୍ର।

## ଶେଷ ହେଲା ଅପେକ୍ଷା


ଶୁଭାଶିଷ

କଥାରେ ଅଛି, ଅପେକ୍ଷାର ଫଳ ମିଠା। ଦେଖୁନାହାନ୍ତି, ସିନେମାଟିକୁ ରିଲିଜ୍ କରିବାକୁ ମନଲାଖି ତାରିଖଟିଏ ଖୋଜାଯାଉଥିଲା। ବିକ୍ରମ ଶଙ୍କରଙ୍କ ପ୍ରଯୋଜିତ 'ଶାନ୍ତି ଆପାର୍ଟମେଣ୍ଟ' ଫିଲ୍ମଟି ଫେବୃଆରୀ ୨ରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ଅଭିଜିତ୍। ଫିଲ୍ମଟିର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି ଅଶ୍ୱିନୀ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସନ୍ଦୀପ ପଣ୍ଡା। ଏହାର ବିଭିନ୍ନ ଭୂମିକାରେ ଦ୍ୱୀପନ୍ୱିତ ମହାପାତ୍ର, ଶୁଭାଶିଷ ଶର୍ମା ଓରଫ ମଣ୍ଟୁ, ରାଗିଣୀ, ଆଲିଆ, ବରଦା, ଶନ୍ତୁ ପ୍ରସନ୍ନଜିତ୍, ଶକ୍ତି, ରାକ୍ଷୀ, ଅନୁଷ୍କା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ଏହି ଫିଲ୍ମରେ କି ମସଲା ଅଛି ତାହା ରିଲିଜ୍ ପରେ ଜଣାପଡ଼ିବ।

ପରଦାରେ..


'ଫାଇଟର' ଫିଲ୍ମରେ 'ଦୀପିକା, ହୃତିକ୍, ଅନିଲ

## ଫାଇଟର

ଚଳିତବର୍ଷର ଅନ୍ୟତମ ଚର୍ଚ୍ଚିତ ସିନେମା 'ଫାଇଟର' ଆଜି ପରଦା ଉପରକୁ ଆସୁଛି। ଫିଲ୍ମଟିକୁ ନେଇ କେବଳ ଏହାର ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ ନୁହନ୍ତି, ଏଥିରେ ଅଭିନୟ କରିଥିବା ହୃତିକ୍ ରୋଶନ ଏବଂ ଦୀପିକା ପାଦୁକୋନ୍ ମଧ୍ୟ ବେଶ୍ ଆଶାବାନ୍ଧି ବସିଛନ୍ତି। ଚିତ୍ରଟିର କାହାଣୀ ଆକ୍ସନଭିତ୍ତିକ ଏବଂ ଦର୍ଶକ ଏଥିରୁ ଭରପୂର ମନୋରଞ୍ଜନ ପାଇବେ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ। ଫିଲ୍ମଟିକୁ 'ୟୁ/ଏ' ସାର୍ଟିଫିକେଟ୍ ମିଳିଛି। ଫିଲ୍ମଟିର କାହାଣୀ ରଚନା କରିଛନ୍ତି ସିଦ୍ଧାର୍ଥ ଆନନ୍ଦ, ରମଣ ଛିବି ଏବଂ ଆବାସ ଦଲାଲ୍। ଫିଲ୍ମ ବିଷୟରେ ହୃତିକ୍ କହନ୍ତି, 'ଏହାର କାହାଣୀ ବେଶ୍ ଦମ୍‌ଦାର। ଏଥିରେ ଭରପୂର ଆକ୍ସନ ରହିଛି। ଏହି ଫିଲ୍ମରେ ଅଭିନୟ କରିଥିବା କଳାକାରମାନେ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଉକ୍ତ ସିନେମାରେ ହୃତିକ୍ ଏବଂ ଦୀପିକାଙ୍କ ବ୍ୟତୀତ ଅନିଲ କପୁର, କରନ୍ ସିଂ ଗ୍ରୋଭର, ଅକ୍ଷୟ ଓବରୟ, ଆମୀର ନାୟକ ଏବଂ ସଞ୍ଜୀବ ଚୋପ୍ରା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ 'ଫାଇଟର'ରେ କି ମସଲା ରହିଛି ତାହା ଅଳ୍ପଦିନ ମଧ୍ୟରେ ଜଣାପଡ଼ିବ।

## ଅଧୁରା ରହିଗଲା ଆଶା

ବୋନି ତନୟା ଜାହ୍ନବୀ କପୁର ବର୍ତ୍ତମାନ ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ନାୟିକା। 'ଧଡକ୍' ଫିଲ୍ମରୁ ସେ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ହେଲେ ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ତାଙ୍କ ମା' ଶ୍ରୀଦେବୀଙ୍କର ଏକ ଆଶା ଥିଲା। ସେ ଚାହୁଁଥିଲେ, ମୋ ଝିଅ ପାଠପଢ଼ି ଡାକ୍ତର ହେଉ। ହେଲେ ବିଧିର ବିଧାନ ଥିଲା ଅଲଗା। ପରବର୍ତ୍ତୀ ସମୟରେ ସେ ଅଭିନୟକୁ କ୍ୟାରିୟର ଭାବେ ଗ୍ରହଣ କରିଛନ୍ତି। ଏ ନେଇ ଜାହ୍ନବୀ କୁହନ୍ତି, 'ଯେତେବେଳେ ମୁଁ ପଢୁଥିଲି ସେତେବେଳେ ମମି ମୋତେ ସବୁବେଳେ କହୁଥିଲେ-ତୁ ଭଲ ପାଠ ପଢ଼, ଆଉ ଡାକ୍ତର ହେବାକୁ ଚେଷ୍ଟାକର। କିନ୍ତୁ ପାଠପଢ଼ା ଶେଷହେବା ପରେ ତାଙ୍କର ସେହି ଆଶାକୁ ମୁଁ ପୂରଣ କରିପାରିଲି ନାହିଁ। ସବୁବେଳେ ଅଭିନୟ ମୋତେ ହାତଠାରି ଡାକୁଥିଲା। ଶେଷରେ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ସ୍ଥିରକଲି। ଆଉ ମୋର ଏହି ଆଶାକୁ ଉଭୟ ମମି ଏବଂ ପାପା ସମର୍ଥନ କରିଥିଲେ।' ସ୍କୁଲରେ ପଢ଼ିବା ସମୟରେ ଜାହ୍ନବୀ ନିଜ ପାଣି ବୋତଲ ଉପରେ ଏକ ନିକ୍ ନେମ୍ ଲେଖିଥିଲେ। ତାହା ଥିଲା 'ଚୁସ୍‌କି'। ପ୍ରତିଦିନ ସକାଳୁ ସେ ଏକ ଗ୍ଲାସ୍ ଲସି ପିଅନ୍ତି। ସବୁଠାରୁ ଖାସ୍‌କଥା ହେଲା, ସମୟ ମିଳିଲେ ସେ କ'ଣ କରନ୍ତି ଜାଣନ୍ତି? ନିଜ ମନରେ ଉଙ୍କି ମାରିଥିବା ଭାବନାଗୁଡ଼ିକୁ ସେ କବିତାରେ ରୂପାନ୍ତରିତ କରିଥାଆନ୍ତି।


ଜାହ୍ନବୀ

## 'ତେଜାବ୍' ହିଟ୍ ହୋଇ ନ ଥିଲେ...

ଥରେ ମନେପକାନ୍ତୁ ନା ସେହି ଶ୍ରୋତାଦୃତ ତଥା ଅଲ୍ ଟାଇମ୍ ହିଟ୍ ଗୀତ 'ଏକ୍ ଦୋ ତିନ୍'କୁ। ଏହି ଗୀତଟି ମାଧୁରୀ ଦୀକ୍ଷିତଙ୍କୁ ରାତାରାତି ନାୟିକା ଦୌଡ଼ରେ ସାମିଲ କରିଦେଇଥିଲା। ଫିଲ୍ମଟି ଥିଲା ଏନ୍. ଚନ୍ଦ୍ରାଙ୍କ 'ତେଜାବ୍'। ବକ୍ସ ଅଫିସରେ ଚିତ୍ରଟି ସୁପର ଡୁପର ହିଟ୍ ସାବ୍ୟସ୍ତ ହୋଇଥିଲା। ୧୯୮୮ରେ ପରଦା ଉପରକୁ ଆସିଥିବା ଏହି ଫିଲ୍ମଟି ବଲିଉଡ୍‌ରେ ମାଧୁରୀଙ୍କ ଭାଗ୍ୟ ଖୋଲିଦେଇଥିଲା। ଏହାପୂର୍ବରୁ ୧୯୮୪ରେ 'ଅବୋଧ'ରୁ ସେ ହିନ୍ଦୀ ସିନେମାରେ ଏଣ୍ଟ୍ରି କରିଥିଲେ। ଏ ନେଇ ମାଧୁରୀ କହନ୍ତି ; 'ମୁଁ କଦାପି ଭାବି ନ ଥିଲି ଯେ, ଦିନେ ଅଭିନୟକୁ କ୍ୟାରିୟର କରିବି। କିନ୍ତୁ ମୋ ଅଭିନୀତ 'ତେଜାବ୍'କୁ ଦର୍ଶକେ ଯେପରି ଗ୍ରହଣ କଲେ ତା'ପରେ ସ୍ଥିରକଲି ଯେ ଆକ୍ଟିଂ ହିଁ ଦିନେ ନା ଦିନେ ମୋତେ ଏକ ସ୍ୱତନ୍ତ୍ର ପରିଚୟ ଦେବ। ଯଦି ଏହି ଫିଲ୍ମ ଫ୍ଲପ୍ ହୋଇଥାଆନ୍ତା ତେବେ ହୁଏତ ଆଜି ମୁଁ ବଲିଉଡ୍‌ରେ ନ ଥାନ୍ତି।' ସମୟ ଥିଲା ବଲିଉଡ୍‌ରେ ରାଜ୍ କରୁଥିଲେ ମାଧୁରୀ। ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ରାମ୍ ଲକ୍ଷନ୍', 'ମୁଜରିମ୍', 'ଦିଲ୍', 'ସାଜନ୍', 'ପ୍ରହାର', 'ବେଟା', 'ଖଲନାୟକ', 'ହମ୍ ଆପ୍‌କେ ହେ କୌନ', 'ରାଜା', 'ୟାରାନ୍', 'ମୃତ୍ୟୁଦଣ୍ଡ', 'ଦିଲ୍ ତୋ ପାଗଲ ହେ' ଏବଂ 'ଦେବ୍‌ଦାସ'।


ମାଧୁରୀ

ମୋ କଥା ପୁନମ୍

## ପରିଶ୍ରମର ମୂଲ୍ୟ ମିଳିଛି



ପିଲାଟିଦିନରୁ ମନରେ ତାଙ୍କର ଜଣେ ଗାୟିକା ହେବାକୁ ଆଶା ରହିଥିଲା। ପରବର୍ତ୍ତୀ ସମୟରେ ପ୍ରଗାଢ଼ ନିଷ୍ଠା ଏବଂ ଅଧ୍ୟବସାୟ ବଳରେ ସେ ନିଜକୁ ଜଣେ କଣ୍ଠଶିଳ୍ପୀ ଭାବରେ ସାବ୍ୟସ୍ତ କରି ସାଉଣ୍ଟି ଚାଲିଛନ୍ତି ପ୍ରଶଂସା। ଏହି ଗାୟିକା ଜଣଙ୍କ ହେଉଛନ୍ତି ପୁନମ୍। ବେଶ୍ କେତୋଟି ଆଲବମ୍ ପାଇଁ ଗୀତ ଗାଇସାରିବା ପରେ ତାଙ୍କୁ ଓଡ଼ିଆ ସିନେମାରେ ସୁଯୋଗ ମିଳିଥିଲା। ଆଉ ସେଭଳି ଚାନ୍ସକୁ ସେ ହାତଛଡ଼ା କରି ନ ଥିଲେ। ଏ ନେଇ ସେ କୁହନ୍ତି, 'ଗୀତ ଗାଇବା ଏବଂ ତାହା ପୁଣି ଶ୍ରୋତାଦୃତ ହେବା ଦୁଇଟି ଅଲଗା କଥା। ଏଥିପାଇଁ ପରିଶ୍ରମ ଏବଂ ଏକାଗ୍ରତାର ଆବଶ୍ୟକତା ରହିଛି। ମୋତେ ପଛକୁ ପଛ ତିନୋଟି ଓଡ଼ିଆ ସିନେମାରେ କଣ୍ଠଦାନ କରିବାର ସୁଯୋଗ ମିଳିଛି। ଏହି ଦାୟିତ୍ୱକୁ ମୁଁ ଠିକ୍‌ଭାବରେ ତୁଲାଇଛି। ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ମୁଁ ଗାଇଥିବା ଆଲବମ୍‌ଗୁଡ଼ିକୁ ଶ୍ରୋତା ଗ୍ରହଣ କରିଛନ୍ତି। ତେଣୁ ମୁଁ ଦୃଢ଼ ସ୍ୱରରେ କହିବି ମୋ ପରିଶ୍ରମର ପ୍ରକୃତ ମୂଲ୍ୟ ମିଳିଛି। ଏହାଦ୍ୱାରା ସଙ୍ଗୀତକୁ କ୍ୟାରିୟର କରିବାର ଆଶା ମୋର ଦ୍ୱିଗୁଣିତ ହୋଇଛି।' ଏସ୍‌ଡି ଫିଲ୍ମସ ବ୍ୟାନରରେ ନିର୍ମିତ ହେଉଥିବା ଓଡ଼ିଆ ସିନେମା 'ଏକଲବ୍ୟ'ର ଟାଇଟଲ ଗୀତ ଗାଇଛନ୍ତି ସେ। ଏହାବ୍ୟତୀତ ପ୍ରସ୍ତୁତ ହେଉଥିବା ନୂଆ ଓଡ଼ିଆ ସିନେମା 'ବିଗୁଲ୍-୨' ଏବଂ 'ଶ୍ରଦ୍ଧାଞ୍ଜଳି:ଏକ ପ୍ରେମ କାହାଣୀ' ପାଇଁ ମଧ୍ୟ କଣ୍ଠଦାନ କରିଛନ୍ତି ଏହି ଗାୟିକା। ଓଡ଼ିଆ ଆଲବମ୍ 'ଚକା ଚକା ଭଉଁରୀ', 'ରଙ୍ଗବତୀ କନକଲତା' ଏବଂ 'ସଞ୍ଜୀବନୀ' ବାଲେଶ୍ୱରରେ ଜନ୍ମିତା ସ୍ୱର୍ଣ୍ଣଲତା ଓରଫ ପୁନମ୍‌ଙ୍କ ଗାୟିକା କ୍ୟାରିୟରକୁ ବେଶ୍ ମାଇଲେଜ୍ ଦେଇଛି।

## ପ୍ରେମର ନୂଆ ଫର୍ମୁଲା

ପ୍ରେମ କେତେବେଳେ ଆଉ କେମିତି ହୁଏ ତାହା ଆକଳନ କରିବା କଷ୍ଟକର। ବେଳେବେଳେ ପ୍ରଥମ ଦେଖାରେ ହିଁ ମନରେ ମନ ମିଶିଯାଏ। ହେଲେ ମନଲାଖି ପ୍ରେମିକା ହେଉ ଅବା ପ୍ରେମିକଟିଏ ଖୋଜିପାଇବା ହୁଏତ ଏତେ ସହଜ ନୁହେଁ। ତେବେ ପ୍ରେମର ଭିତିରି କଥାକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି ରିଲିଜ୍ ଅପେକ୍ଷାରେ ଥିବା ନୂଆ ସିନେମା 'ଆସିକ୍ ସରେଣ୍ଡର ହେଲା'ରେ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ବିଶ୍ୱାସ ଏଣ୍ଟରଟେନ୍‌ମେଣ୍ଟ। ଅନ୍ୟପକ୍ଷେ ଫିଲ୍ମଟିର କାହାଣୀ, ଉପସ୍ଥାପନା ଏବଂ ସଙ୍ଗୀତ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ରାଜା ଡି। ଏଥିରେ ଥିବା ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ। ଫିଲ୍ମର ନାୟକ ସାଜିଛନ୍ତି ସମ୍ଭବ ମାନସିଂ ଏବଂ ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ଜୟା ବିଶ୍ୱାସ। ଏମାନଙ୍କ ବ୍ୟତୀତ ଏହାର ଅନ୍ୟାନ୍ୟ ଭୂମିକାରେ ମିହିର ଦାସ, ମନୋଜ ମିଶ୍ର, ବଣ୍ଟି ଅନୁଗୁଳିଆ, ଅଶୋକ ଦାସ, ପ୍ରତିଭା ପଣ୍ଡା, ପିୟାଲି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମଟି ଆସନ୍ତା ମାସ ୯ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ଆସିକ ସରେଣ୍ଡର ହେଲା' ଫିଲ୍ମରେ ସମ୍ଭବ-ଜୟା

# ବାଜ୍‌ବଲ୍‌କୁ ହରାଇବା ଲକ୍ଷ୍ୟରେ ଭାରତୀୟ ସ୍ପିନର


ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ବୁଧବାର ପ୍ରାକ୍ଟିସ୍ ସେସନ ଅବସରରେ ଇଂଲଣ୍ଡ ଦଳର ଖେଳାଳି।

**ଆଜି ପ୍ରଥମ ଟେଷ୍ଟ**

**ମ୍ୟାଚ୍ ସ୍ଥାନ: ହାଇଦ୍ରାବାଦ**
**ସମୟ: ସକାଳ ୯.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

**ହାଇଦ୍ରାବାଦ,୨୪ା୧(ପି.ଟି.)**

ଘରୋଇ ମାଟିରେ ଭାରତ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ। ବିଗତ ୧୨ ବର୍ଷ ମଧ୍ୟରେ ଏହା କୌଣସି ଘରୋଇ ସିରିଜରେ ପରାଜିତ ହୋଇନାହିଁ। ଇଂଲଣ୍ଡ ନିଜର ଚିରାଚରିତ ବାଜ୍‌ବଲ୍ ଉପରେ ଭରସା କରିଥିବା ବେଳେ ଭାରତ ଏହାର ସ୍ପିନରଙ୍କ ଭରସାରେ ରହିଛି। ଶେଷ ଥର ପାଇଁ ଭାରତ ୨୦୧୨ରେ ଘରୋଇ ମାଟିରେ ଏକ ଟେଷ୍ଟ ସିରିଜ୍ ହାରିଥିଲା। ଇତିମଧ୍ୟରେ ଭାରତ ୧୬ଟି ସିରିଜ୍ ଘରୋଇ ମାଟିରେ ବିଜୟୀ ହୋଇଥିବା ବେଳେ ଏଥିରୁ ୭ଟି କ୍ଲିନ୍‌ସୁଇପ୍ କରିଛି। ୧୨ ବର୍ଷ ମଧ୍ୟରେ ଭାରତ ୪୪ଟେଷ୍ଟ ଖେଳିଥିବା ବେଳେ ଏଥିରୁ ମାତ୍ର ୩ ମ୍ୟାଚରେ ପରାଜିତ ହୋଇଛି। ଘରୋଇ ମାଟିରେ ଏଭଳି ପ୍ରଦର୍ଶନ ୮୦ ଦଶକର ୱେଷ୍ଟଇଣ୍ଡିଜ୍ ଓ ଅଷ୍ଟ୍ରେଲିଆ ନିକଟରେ ଦେଖିବାକୁ ମିଳିଥାଏ। ଭାରତର ଏହି ପ୍ରଦର୍ଶନର ଶ୍ରେୟ ଏକାଧିକ ଘଟଣା ଉପରେ ନିର୍ଭର କରିଥାଏ। ତେବେ ଏଥିରେ ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷରେ ଇଂଲଣ୍ଡ ବାଜ୍‌ବଲ୍ କ୍ରିକେଟ ଖେଳୁଛି। ପରସ୍ଥିତି ଯାହାବି ଥାଉ ନା କାହିଁକି ଦଳ ଆକ୍ରମଣାତ୍ମକ କ୍ରିକେଟ ଖେଳିବା ଉପରେ ଗୁରୁତ୍ୱ ଦେଉଛି। ଏଭଳି ପରିସ୍ଥିତିରେ ଗୁରୁବାର ଆରମ୍ଭ ହେଉଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡକୁ ରୋକିବା ପାଇଁ ଭାରତ ଏହାର ଦୁଇ ସ୍ପିନରଙ୍କ ଉପରେ ନିର୍ଭର କରିବ। ଏହି ସମୟ ମଧ୍ୟରେ ଅଶ୍ୱିନ ୪୬ ଟେଷ୍ଟରୁ ୨୮୩ ଉଇକେଟ ନେଇଥିବା ବେଳେ ଜାଡେଜା ୩୯ ଟେଷ୍ଟରୁ ୧୯୧ ଉଇକେଟ ନେଇଛନ୍ତି। ଉଭୟ ମିଳିତ ଭାବରେ ୨୧ ଆଭରେଜରେ ୫୦୦ ଉଇକେଟ ନେଇଛନ୍ତି। ସେହିପରି ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣେ ତୃତୀୟ ସ୍ପିନର ଭାବେ ଖେଳିପାରନ୍ତି।

ଭାରତୀୟ ଉପ ମହାଦେଶର ପିଚ୍ ଇଂଲଣ୍ଡ ଖେଳାଳିଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ତେବେ ବିରାଟ କୋହଲିଙ୍କ ଅନୁପସ୍ଥିତି ଇଂଲଣ୍ଡ ପାଇଁ ଏକମାତ୍ର ଆଶ୍ୱସ୍ତିକର ଖବର ରହିଛି। ୨୮ ମ୍ୟାଚ୍‌ରୁ କୋହଲି ୧୯୯୧ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୫ ଶତକ ଓ ୯ ଅର୍ଦ୍ଧଶତକ ସାମିଲ ରହିଛି। କୋହଲିଙ୍କ ଅନୁପସ୍ଥିତିରେ ବିକଳ୍ପ ଖେଳାଳି ଭାବରେ ରଜତ ପଟିଦାର ଦଳରେ ସାମିଲ ହୋଇଥିଲେ ମଧ୍ୟ ତାଙ୍କର ଖେଳିବା ସମ୍ଭାବନା କମ୍। ଶ୍ରେୟସ ଆୟର, ଲୋକେଶ ରାହୁଲ ଓ ଶ୍ରୀକର ଭରତ ମଧ୍ୟକ୍ରମରେ ଭାରତୀୟ ବ୍ୟାଟିଂ ଭାର ସମ୍ଭାଳି ପାରନ୍ତି। ରୋହିତ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲ ଓପନ କରିବାକୁ ଥିବା ବେଳେ ଶୁବମନ ଗିଲ୍ ଓପନର ଦାୟିତ୍ୱରେ ନଜର ଆସିବେ। ସେହିଭଳି ପେସ୍ ବୋଲିଂ ଭାର ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କ କାନ୍ଧରେ ରହିବ। ଇଂଲଣ୍ଡ ବୋଲିଂ ଆକ୍ରମଣରେ ମାର୍କ ଉଡ୍ ଏକମାତ୍ର ନାମୀ ପେସର ରହିଥିବା ବେଳେ ଦଳ ୩ ସ୍ପିନରଙ୍କ ସହ ଓହ୍ଲାଇପାରେ। ସେହିପରି ବ୍ୟାଟିଂରେ ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସଙ୍କ ଉପରେ ନିର୍ଭର କରିବ ଇଂଲଣ୍ଡ ଦଳ।

# ମେରୀକମଙ୍କ ଅବସର



**ନୂଆଦିଲ୍ଲୀ, ୨୪ା୧**

ଛଅ ଥର ବିଶ୍ୱ ଚାମ୍ପିୟନ ଓ ୨୦୧୨ ଅଲିମ୍ପିକ ପଦକ ବିଜେତା ଭାରତର ଷ୍ଟାର ବକ୍ସର ଏମ୍.ସି. ମେରୀକମ୍ ବୁଧବାର ବକ୍ସିଂରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବିଏ) ନିୟମାନୁସାରେ ଏଲିଟ ସ୍ତରରେ ପୁରୁଷ ଓ ମହିଳା ବକ୍ସରମାନେ ୪୦ବର୍ଷ ବୟସ ପର୍ଯ୍ୟନ୍ତ ଭାଗ ନେଇପାରିବେ। ମେରୀକମ୍‌ଙ୍କୁ ବର୍ତ୍ତମାନ ବୟସ ୪୧ବର୍ଷ। ୬ଥର ବିଶ୍ୱ ଟାଇଟଲ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ମହିଳା ବକ୍ସର। ୫ଥର ଏସିଆନ ଚାମ୍ପିୟନ ଏବଂ ଭାରତର ପ୍ରଥମ ମହିଳା ବକ୍ସର ହିସାବରେ ୨୦୧୪ ଏସିଆନ ଗେମ୍ସରେ ଭାରତ ପାଇଁ ଏକ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ। ଏହି ଅଭିଜ୍ଞ ବକ୍ସର ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଅଧିକ ସଂଖ୍ୟାରେ ଟାଇଟଲ ଜିତି ସେ ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ୪୮ କେଜି ଓଜନ ଶ୍ରେଣୀରେ ଭାଗ ନେଇଥାନ୍ତି। ଏଆଇବିଏ ଓମେନ୍ସ ୱାର୍ଲ୍ଡ ବକ୍ସିଂ ଚାମ୍ପିୟନଶିପ୍‌ରେ ଏକ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ। ୨୦୦୫ରେ ସେ ୱାର୍ଲ୍ଡ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। ମେରୀକମ୍ କହିଛନ୍ତି, ଏଲିଟ ସ୍ତର ପ୍ରତିଯୋଗିତାରେ ଭାଗନେବା ଲାଗି ଏବେ ବି ତାଙ୍କର ଆଗ୍ରହ ଥିଲେ ମଧ୍ୟ ବୟସ କଟକଣା ତାଙ୍କୁ ଅନୁମତି ଦେଉ ନାହିଁ।

# କିଟ୍ ରଗ୍‌ବୀ ପୁରୁଷ ୭ଏସ୍ ଟିମ୍‌କୁ ଯୋଗ୍ୟତା

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ**

**ଭୁବନେଶ୍ୱର, ୨୪ା୧**
**(ବିଜୟ ରଣା)**

ମୋହଲିଠାରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ୟୁନିଭର୍ସିଟି ରଗ୍‌ବୀ (ପୁରୁଷ ଓ ମହିଳା) ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ, ନୂଆଦିଲ୍ଲୀ ଅଧୀନରେ ଚଣ୍ଡିଗଡ଼ ୟୁନିଭର୍ସିଟି ଦ୍ୱାରା ଆୟୋଜିତ ଏହି ଇଭେଣ୍ଟରେ ରୌପ୍ୟ ପଦକ ଜିତିବା ପରେ କିଟ୍ ରଗ୍‌ବୀ ପୁରୁଷ ୭ଏସ୍ ଦଳ ଖେଲୋ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। କିଟ୍ ୟୁନିଭର୍ସିଟି ପୁରୁଷ ଦଳ ଫାଇନାଲରେ ଚଣ୍ଡିଗଡ଼ ୟୁନିଭର୍ସିଟିଠାରୁ ହାରିଯାଇଥିଲା। ତେବେ ରନରଅପ୍ ହୋଇଥିବାରୁ ଦଳ ଚତୁର୍ଥ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ୨୦୨୩-୨୪ରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଦଳକୁ ଅଭିନନ୍ଦ ଜଣାଇବା ସହ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଦଳର ସଫଳତା କାମନା କରିଛନ୍ତି।



ଟ୍ରଫି ସହ କିଟ୍ ରଗ୍‌ବୀ ପୁରୁଷ ୭ଏସ୍ ଦଳ।



ଦି ଉତ୍କଳ ୟୁନିକର୍ନସ ରୋଲର ସ୍ପୋର୍ଟ୍ସ ଏକାଡେମୀ ତରଫରୁ ସମ୍ବର୍ଦ୍ଧିତ ଖେଳାଳି।

# ଓଡ଼ିଶା ପୁରୁଷ, ମହିଳା ହକି ଦଳ ସେମିରେ

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

**ଭୁବନେଶ୍ୱର,୨୪ା୧**
**(ସରୋଜ ଜେନା)**

ଚେନ୍ନାଇରେ ଅନୁଷ୍ଠିତ ଷଷ୍ଠ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ସେମିଫାଇନାଲରେ ପ୍ରବେଶ କରିଛି ଓଡ଼ିଶା ପୁରୁଷ ଓ ମହିଳା ହକି ଦଳ। ଓଡ଼ିଶା ପୁରୁଷ ଦଳ ଟେବୁଲ ଟପ୍ପର ଭାବେ ସେମିରେ ପ୍ରବେଶ କରିଥିବା ବେଳେ ମହିଳା ଦଳ ଦ୍ୱିତୀୟ ସ୍ଥାନରେ ରହିଥିଲା। ମହିଳା ଦଳ ଝାଡଖଣ୍ଡକୁ ୫-୧, ପଞ୍ଜାବକୁ ୩-୨ରେ ହରାଇଥିବା ବେଳେ ହରିଆଣା ନିକଟରୁ ୧-୨ରେ ହାରିଥିଲା। ଅନ୍ୟ ପକ୍ଷରେ ପୁରୁଷ ଦଳ ୬-୧ରେ ତାମିଲନାଡୁ, ୨-୧ରେ ମଧ୍ୟପ୍ରଦେଶ ଓ ପଞ୍ଜାବକୁ ୫-୧ରେ ପରାସ୍ତ କରିଥିଲା। ଉଭୟ ଦଳର ପ୍ରଦର୍ଶନକୁ ନେଇ ହକି ଓଡ଼ିଶା ନିର୍ଦ୍ଦେଶକ ଡେଭିଡ୍ ଜନ୍ ସନ୍ତୋଷ ପ୍ରକାଶ କରିଛନ୍ତି।

# କୃତୀ ସ୍କେଟରଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୪ା୧**
**(ବିଜୟ ରଣା)**

ଦି ଉତ୍କଳ ୟୁନିକର୍ନସ ରୋଲର ସ୍ପୋର୍ଟ୍ସ ଏକାଡେମୀ ତରଫରୁ ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଭାରତୀ ବିଦ୍ୟାଭବନ ଅଡିଟୋରିୟମରେ ୭୦ କୃତୀ ସ୍କେଟରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜିଡି ଗୋଏଙ୍କା ପବ୍ଲିକ ସ୍କୁଲର ସିଇଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଚଳିତବର୍ଷ ଏକାଡେମୀର ୭ଜଣ ସ୍କେଟର ଓଡ଼ିଶା ପାଇଁ ଖେଳି ଜାତୀୟ ସ୍ତରରେ ପଦକ ହାସଲ କରି ବାରେ ସମର୍ଥ ହୋଇଛନ୍ତି। ଡିଏଭି ନ୍ୟାଶନାଲ ରୋଲର ସ୍କେଟିଂ ଜାତୀୟ ପ୍ରତିଯୋଗିତାରେ ସାଇରେୟାଂଶ ପରିଡ଼ା ଓ ସୌମିଲ ବାଗ୍ ନିଜ ନିଜ ବର୍ଗରେ ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ଏ.ଆର. ଦେବାଂଶ ସିବିଏସ୍‌ଇ ନ୍ୟାଶନାଲ ରୋଲର ସ୍କେଟିଂ ପ୍ରତିଯୋଗିତାରେ ରୌପ୍ୟ ଏବଂ ୬୧ତମ ଜାତୀୟ ରୋଲର ସ୍କେଟିଂ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଅବସରରେ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ଦେବାଶିଷ ପଟ୍ଟନାୟକ ଏବଂ ମୁଖ୍ୟ ସଞ୍ଚାଳକ ଅଜୟ ଭୂଷଣ ସାହୁ ସମସ୍ତ ସ୍କେଟରଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତା ପାଇଁ ସଫଳତା କାମନା କରିଛନ୍ତି।

**କଳିଙ୍ଗ ସୁପର୍ କପ୍**

# ଫାଇନାଲରେ ଇଷ୍ଟ ବେଙ୍ଗଲ

**ଭୁବନେଶ୍ୱର,୨୪ା୧**
**(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ କଳିଙ୍ଗ ସୁପର କପ୍ ଫାଇନାଲରେ ପ୍ରବେଶ କରିଛି ଇଷ୍ଟ ବେଙ୍ଗଲ ଏଫ୍‌ସି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଦଳ ଜାମସେଦପୁର ଏଫ୍‌ସିକୁ ୨-୦ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଅନ୍ତିମ ମ୍ୟାଚ୍‌ର କୋଲକାତା ଡର୍ବି ବିଜୟୀ ହୋଇଥିବା ଇଷ୍ଟ ବେଙ୍ଗଲ ଆତ୍ମବିଶ୍ୱାସରେ ନଜର ଆସିଥିଲା। ପ୍ରଥମ ମିନିଟରୁ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ବୁଧବାର ସନ୍ଧ୍ୟାରେ ଝିପି ଝିପି ବର୍ଷା ହୋଇଥିବା ବେଳେ ଜାମସେଦପୁର ଖେଳାଳିଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିଥିଲା।

ପ୍ରଥମ ମିନିଟରୁ ଇଷ୍ଟ ବେଙ୍ଗଲ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲା। ତେବେ ୧୯ ତମ ମିନିଟରେ ଇଷ୍ଟ ବେଙ୍ଗଲ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ ମାହେର ହିଜାଜି। ଜାଭିଏର ସିଭେରିଓଙ୍କ କଟ୍ ବ୍ୟାକ୍‌କୁ ଡିଫ୍ଲେକ୍ଟ କରିବା ସହିତ ଇଷ୍ଟ ବେଙ୍ଗଲକୁ ୧-୦ରେ ଆଗୁଆ କରିଥିଲେ ହିଜାଜି। ୨୬ ତମ ମିନିଟରେ ଜାମସେଦପୁର ଅଧିନାୟକ ମାଞ୍ଜୋରୋ ସ୍କୋର କରିବାକୁ ଉଦ୍ୟମ କରିଥିଲେ ହେଁ ଏହାକୁ ନିଷ୍ଫଳ କରି ଦେଇଥିଲେ ଇଷ୍ଟ ବେଙ୍ଗଲ ଗୋଲକିପର ପ୍ରଭସୁଖରନ୍ ଗିଲ୍। ଏହାର ୧ ମିନିଟ୍ ମଧ୍ୟରେ ମାଞ୍ଜୋରୋ ଓ ହାଓକିପ୍ ସ୍କୋର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପ୍ରଥମ ହାଫ୍‌ରେ ୧-୦ରେ ଆଗୁଆ ରହିଥିଲା ଇଷ୍ଟ ବେଙ୍ଗଲ। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଇଷ୍ଟ ବେଙ୍ଗଲ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ୪୭ ତମ ମିନିଟରେ ଜାଭିଏର ସିଭେରିଓ ଟୋରୋ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ଗୋଲ ପରେ ଜାମସେଦପୁର ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ ମଧ୍ୟ ସ୍କୋର କରିବାରେ ସମ୍ଭବ ହୋଇ ନ ଥିଲା। ମ୍ୟାଚ୍‌ର ୮୨ ତମ ମିନିଟରେ ଇଷ୍ଟ ବେଙ୍ଗଲକୁ ପେନାଲ୍ଟି କିକ୍ ମିଳିଥିଲେ ମଧ୍ୟ ଏହାକୁ ମିସ୍ କରିଥିଲେ କ୍ଲେଟନ୍ ସିଲ୍‌ଭା। ଶେଷରେ ଫାଇନାଲ ହୁଟର ବାଜିବା ସହ ମ୍ୟାଚ ଜିତି ନେଇଥିଲା ଇଷ୍ଟ ବେଙ୍ଗଲ। ଗୁରୁବାର ଦ୍ୱିତୀୟ ସେମି ଫାଇନାଲରେ ପରସ୍ପରକୁ ଭେଟିବେ ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି। ଏହି ମ୍ୟାଚ୍‌ର ବିଜେତା ୨୮ ତାରିଖରେ ଇଷ୍ଟ ବେଙ୍ଗଲ ସହିତ ଫାଇନାଲ ଖେଳିବ।



ଇଷ୍ଟ ବେଙ୍ଗଲ ଓ ଜାମସେଦପୁର ଏଫସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# କିକ୍‌ଷ୍ଟାର୍ଟ ସହ ପଏଣ୍ଟ ବାଣ୍ଟିଲା ଓଏଫ୍‌ସି


ଓଡ଼ିଶା ଓ କିକ୍‌ଷ୍ଟାର୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

**ଭୁବନେଶ୍ୱର,୨୪ା୧**
**(ସରୋଜ ଜେନା)**

ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ନିଜର ଅପରାଜେୟ ଧାରା ବଜାୟ ରଖିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ବୁଧବାର ବେଙ୍ଗାଲୁରୁ ଫୁଟବଲ ଷ୍ଟାଡିୟମରେ କର୍ଣ୍ଣାଟକର କିକ୍‌ଷ୍ଟାର୍ଟ ଏଫ୍‌ସି ବିପକ୍ଷରେ ଦଳ ୦-୦ରେ ଏହାର ମ୍ୟାଚ୍ ଅମୀମାଂସିତ ରଖିଛି। ଏହା ସହିତ ଦଳ ପଏଣ୍ଟ ଟେବୁଲରେ ୧ ନମ୍ବର ସ୍ଥାନ ବଜାୟ ରଖିଛି। ମ୍ୟାଚ୍‌ର ପଞ୍ଚମ ମିନିଟରେ ଓଏଫ୍‌ସି ପାଇଁ ସ୍କୋର କରିବାର ସୁଯୋଗ ସୃଷ୍ଟି କରିଥିଲେ ପ୍ୟାରୀ ଖାଖା। ତେବେ କିକ୍‌ଷ୍ଟାର୍ଟ ଗୋଲକିପର ଏହାକୁ ରୋକି ଦେଇଥିଲେ। ୨୭ ତମ ମିନିଟରେ ପ୍ୟାରୀଙ୍କ ଆଉ ଏକ ପ୍ରୟାସକୁ ରୋକିବାରେ ସଫଳ ହୋଇଥିଲା କିକ୍‌ଷ୍ଟାର୍ଟ। ପ୍ରଥମାର୍ଦ୍ଧ ୦-୦ରେ ଶେଷ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧର ୫୨ ତମ ମିନିଟରେ ଇନ୍ଦୁମତୀ କାଥିରସେନ ଓ ୭୮ ତମ ମିନିଟରେ ପ୍ୟାରୀ ଖାଖାଙ୍କ ଏକ ଶଟ୍‌କୁ ରୋକିବାରେ ସଫଳ ହୋଇଥିଲେ। ଓଏଫ୍‌ସି ୪ ଫେବୃୟାରୀରେ ସ୍ପୋର୍ଟ୍ସ ଓଡ଼ିଶା ବିପକ୍ଷରେ ଏହାର ପରବର୍ତ୍ତୀ ମ୍ୟାଚ୍ ଖେଳିବ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୫/୨୦୨୪ Bhubaneswar, Thursday, January 25/ 2024

# ସେମିରେ ମେଡ୍‌ଭେଡେଭ୍, ୟାସ୍ତ୍ରେମସ୍କା

**ମେଲବୋର୍ନ,୨୪।୧(ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନ ୨୦୨୪ର ସେମି ଫାଇନାଲ ଲାଇନ୍‌ଅପ୍ ଚୂଡାନ୍ତ ହୋଇଛି। ବୁଧବାର ସମସ୍ତ କ୍ୱାର୍ଟର ଫାଇନାଲ ଶେଷ ହେବା ସହ ସେମିରେ ପ୍ରବେଶ କରିଛନ୍ତି ଡାନିଲ ମେଡଭେଡେଭ,ଆଲେକଜାଣ୍ଡାର ଜେଭରେଭ୍, କ୍ୱିନୱେନ ଝେଙ୍ଗ ଓ ଦାୟନା ୟାସ୍ତ୍ରେମସ୍କା। ପୁରୁଷ ସିଙ୍ଗିଲ୍ସରେ ୩ ନମ୍ବର ସ୍ଥାନରେ ଥିବା ରୁଷିଆର ଡାନିଲ ମେଡଭେଡେଭ ୪ ଘଣ୍ଟା ୩୦ ମିନିଟର କଡା ସଂଘର୍ଷପୂର୍ଣ୍ଣ ମୁକାବିଲା ପରେ ୯ ନମ୍ବର ଖେଳାଳି ହ୍ୟୁବର୍ଟ ହରକାଜଙ୍କୁ ପରାସ୍ତ କରିଥିଲେ। ୭-୬(୪), ୨-୬, ୬-୩, ୫-୭ ଓ ୬-୪ ସେଟ୍‌ରେ ମେଡଭେଡେଭ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଏହି ମ୍ୟାଚ୍‌ର ଏକାଧିକ ର୍ୟାଲି ୨୦ ଶଟ୍‌ରୁ ଅଧିକ ଖେଳାଯାଇଥିଲା। ୨୦୨୧ ଚାମ୍ପିୟନ ମେଡଭେଡେଭ ୨ ଥର ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ ଖେଳି ସାରିଥିବା ବେଳେ ପ୍ରଥମ ସେଟରୁ ହିଁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ପ୍ରଥମରୁ ସେ ୪-୨ରେ ଆଗୁଆ ରହିଥିଲେ ମଧ୍ୟ ହରକାଜ ପ୍ରତ୍ୟାବର୍ତ୍ତନ କରି ସେଟ୍‌କୁ ଟାଇବ୍ରେକରକୁ ନେଇଥିଲେ। ଦ୍ୱିତୀୟ ସେଟ୍‌କୁ ହରକାଜ ଜିତିବା ପରେ ତୃତୀୟ ସେଟକୁ ଜିତି ନେଇଥିଲେ ମେଡଭେଡେଭ। ହରକାଜ ପରବର୍ତ୍ତୀ ସେଟରେ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ନିର୍ଣ୍ଣାୟକ ସେଟ୍‌କୁ ନିଜ ଅଭିଜ୍ଞତା ବଳରେ ଜିତି ନେଇଥିଲେ। ସେହିପରି ଦ୍ୱିତୀୟ ସେମି ଫାଇନାଲରେ ୱିମ୍ବେଲଡନ୍ ବିଜେତା କାର୍ଲୋସ୍ ଅଲକାରାଜ ଗାର୍ଫିଆଙ୍କୁ ୬-୧, ୬-୩, ୭-୬(୭) ଓ ୬-୪ ସେଟରେ ପରାସ୍ତ କରିଥିଲେ ଜର୍ମାନୀର ଆଲେକଜାଣ୍ଡାର ଜେଭରେଭ୍। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜେଭ୍‌ରେଭ୍ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ଅଲକାରାଜଙ୍କୁ ଚାପରେ ରଖିଥିଲେ। ପ୍ରଥମ ଦୁଇ ସେଟ୍‌କୁ ଜିତିବା ପରେ ଜେଭରେଭଙ୍କ ବିଜୟ ସମ୍ଭାବନା ବୃଦ୍ଧି ପାଇଥିଲା। ତେବେ ତୃତୀୟ ସେଟ୍‌କୁ ଟାଇବ୍ରେକରରେ ଜିତି ନେଇଥିଲେ ଅଲକାରାଜ। ମାତ୍ର ନିର୍ଣ୍ଣାୟକ ଚତୁର୍ଥ ସେଟ୍‌କ ୬-୪ରେ ଜିତିବା ସହ ସେମି ଫାଇନାଲରେ ପ୍ରବେଶ କରିଥିଲେ ଜେଭରେଭ୍। ଶୁକ୍ରବାର ନୋଭାକ୍ ଜୋକୋଭିଚ୍-ଜାନିକ୍ ସିନ୍ନର, ଡାନିଲ ମେଡଭେଡେଭ-ଆଲେକଜାଣ୍ଡାର ଜେଭରେଭଙ୍କ ମଧ୍ୟରେ ସେମି ଫାଇନାଲ ମ୍ୟାଚ୍ ଖେଳାଯିବ।

ପ୍ରଥମେ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଶେଷ ହୋଇଥିବା ବେଳେ କ୍ୱିନୱେନ ଝେଙ୍ଗ ଓ ଦାୟନା ୟାସ୍ତ୍ରେମସ୍କା ବିଜୟୀ ହୋଇଥିଲେ। ବିଶ୍ୱ ମାନ୍ୟତାର ୯୩ ତମ ସ୍ଥାନରେ ଥିବା ୟୁକ୍ରେନର ଦାୟନା ୟାସ୍ତ୍ରେମସ୍କା୬-୩, ୬-୪ ସେଟରେ ଲିଣ୍ଡା ନୋସ୍କୋଭାଙ୍କୁ ପରାସ୍ତ କରିଥିଲେ। ୧୯୭୮ରେ କ୍ରିଷ୍ଟିନ ଷ୍ଟୋରିଙ୍କ ପରେ ଓପନ୍ ଏରାରେ ଦ୍ୱିତୀୟ ଖେଳାଳି ଭାବେ ସେ କ୍ୱାଲିଫାୟର ଖେଳି ସେମିରେ ପହଞ୍ଚିଛନ୍ତି। ଏହା ୟାସ୍ତ୍ରେମସ୍କାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ସେମି ଫାଇନାଲ। ଏହା ସହ ଇଗା ସ୍ୱିଟେକଙ୍କୁ ପରାସ୍ତ କରିଥିବା ଲିଣ୍ଡା ନୋସ୍କୋଭାଙ୍କୁ ନିରାଶ ହେବାକୁ ପଡିଛି। ପ୍ରଥମ ସେଟ୍‌ରେ ନୋସ୍କୋଭା ୨-୧ରେ ଆଗୁଆ ରହିଥିଲେ। ତେବେ ସର୍ଭିସ୍ ପଏଣ୍ଟ ବ୍ରେକ୍ କରିବା ସହ ଅଗ୍ରଣୀକୁ ୫-୨ରେ ପହଞ୍ଚାଇଥିଲେ ୟାସ୍ତ୍ରେମସ୍କା। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଚାଇନାର କ୍ୱିନୱେନ ଝେଙ୍ଗ ୬-୭(୭), ୬-୩ ଓ ୬-୧ ସେଟ୍‌ରେ ରୁଷିଆର ଆନ୍ନା କାଲିନସ୍କାୟାଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍ ଟାଇବ୍ରେକରକୁ ଯାଇଥିବା ବେଳେ କାଲିନସ୍କାୟା ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ତେବେ ପରବର୍ତ୍ତୀ ୨ ସେଟକୁ ଜିତି ଝେଙ୍ଗ ସେମି ଫାଇନାଲରେ ପ୍ରବେଶ କରିଥିଲେ। ଗୁରୁବାର କୋକୋ ଗଫ-ଆରିନା ସାବାଲେଙ୍କା, କ୍ୱିନୱେନ ଝେଙ୍ଗ-ଦାୟନା ୟାସ୍ତ୍ରେମସ୍କାଙ୍କ ମଧ୍ୟରେ ସେମି ଫାଇନାଲ ମ୍ୟାଚ୍ ଖେଳାଯିବ।

## ଅଷ୍ଟ୍ରେଲିଆନ୍ ଓପନ


ଲିଣ୍ଡା ନୋସ୍କୋଭାଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ଦାୟନା ୟାସ୍ତ୍ରେମସ୍କା।

# ବୋପାନ୍ନା ନମ୍ବର ୱାନ୍

**ମେଲବୋର୍ନ,୨୪।୧(ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବା ଭାରତର ରୋହନ ବୋପାନ୍ନା ବିଶ୍ୱର ନମ୍ବର ୱାନ ଖେଳାଳି ହେବାର ଗୌରବ ହାସଲ କରିଛନ୍ତି। ଏହା ସହ ସେ ୪୩ ବର୍ଷରେ ବିଶ୍ୱର ବୟସ୍କ ଖେଳାଳି ଭାବରେ ଏକ ନମ୍ବର ଖେଳାଳି ହେବାକୁ ଯାଉଛନ୍ତି। ଅଷ୍ଟ୍ରେଲିଆର ମାଥ୍ୟୁ ଏବ୍‌ଡେନଙ୍କୁ ସାଥୀ କରି ଖେଳିଥିବା ବୋପାନ୍ନା ୬-୪, ୭-୬(୫) ସେଟ୍‌ରେ ଷଷ୍ଠ ସିଡ୍ ଖେଳାଳି ଆର୍ଜେଣ୍ଟିନାର ମାକ୍ସିମୋ ଗୋଞ୍ଜାଲେଜ୍ ଓ ଆନ୍ଦ୍ରେସ ମୋଲଟେନିଙ୍କୁ ପରାସ୍ତ କରିଥିଲେ। ଏହି ଟୁର୍ନାମେଣ୍ଟକୁ ବିଶ୍ୱ ମାନ୍ୟତାର ୩ ନମ୍ବର ଖେଳାଳି ଭାବେ ପ୍ରବେଶ କରିଥିଲେ ବୋପାନ୍ନା-ଏବ୍‌ଡେନ। ଚଳିତ ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ବୋପାନ୍ନା-ଏବ୍‌ଡେନ ଯୋଡି ବୁଧବାରର ମ୍ୟାଚ୍‌କୁ ୧ ଘଣ୍ଟା ୪୬ ମିନିଟ ସମୟ ନେଇ ବିଜୟୀ ହୋଇଥିଲେ। ଭାରତ-ଅଷ୍ଟ୍ରେଲୀୟ ଯୋଡି ସେମିଫାଇନାଲରେ ଅଣସିଡେଡ ଟୋମାସ ମାକହାକ ଓ ଝିଝେନ୍ ଝାଙ୍ଗଙ୍କୁ ଭେଟିବେ। ପୂର୍ବରୁ ଆମେରିକାର ରାଜୀବ ରାମ ୩୮ ବର୍ଷ ବୟସରେ ବିଶ୍ୱର ବୟସ୍କ ଖେଳାଳି ଭାବରେ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିଲେ। ଚତୁର୍ଥ ଭାରତୀୟ ଭାବରେ ବୋପାନ୍ନା ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ଲିଆଣ୍ଡର ପେସ୍, ମହେଶ ଭୂପତି ଓ ସାନିଆ ମିର୍ଜାଙ୍କ ପରେ ସେ ଏଭଳି କୃତିତ୍ୱ ହାସଲ କରିଛନ୍ତି।


ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ରୋହନ ବୋପାନ୍ନା।

# ସୂର୍ଯ୍ୟକୁମାର ଆଇସିସି ପ୍ଲେୟର ଅଫ୍ ଦି ଇୟର


ସୂର୍ଯ୍ୟକୁମାର ଯାଦବ

**ଡର୍ବାନ, ୨୪।୧(ପି.ଟି.)**

## ଟି୨୦ କ୍ରିକେଟ

ବିସ୍ଫୋରକ ବ୍ୟାଟର ସୂର୍ଯ୍ୟକୁମାର ଯାଦବ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ପ୍ଲେୟର୍ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ତାଙ୍କୁ ଭାରତ ମିଡଲ ଅର୍ଡରର ବୋଲି କୁହାଯାଉଛି। ଦଳର ମ୍ୟାଚ ବିଜୟରେ ତାଙ୍କର ଅନେକ ଥର ବଡ଼ ଅବଦାନ ରହିଛି। ୨୦୨୩ରେ ସୂର୍ଯ୍ୟକୁମାରଙ୍କ ବ୍ୟାଟିଂ ଆଭରେଜ ୫୦ ପାଖାପାଖି ରହିଥିବା ବେଳେ ଷ୍ଟ୍ରାଇକ୍ ରେଟ୍ ୧୫୦ରୁ ଅଧିକ ରହିଥିଲା। ଚଳିତମାସ ପ୍ରଥମ ଭାଗରେ ଜର୍ମାନୀରେ ତାଙ୍କ ଉରୁ ସନ୍ଧିରେ ଏକ ଅସ୍ତ୍ରୋପଚାର ହୋଇଛି। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଖେଳିବା ଲାଗି ମାର୍ଚ୍ଚ ବେଳକୁ ସେ ଠିକ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି। ବର୍ଷ ଆରମ୍ଭରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ସେ କିନ୍ତୁ ମାତ୍ର ୭ରନ କରି ପାରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ମ୍ୟାଚରେ ସେ ୮୩ ରନ (୪୪ବଲ୍) କରିବା ପୂର୍ବରୁ ସ୍ଥିର ପ୍ରଦର୍ଶନ ସହ ୨୦ରୁ ୪୦ ମଧ୍ୟରେ ରନ ସ୍କୋର କରିଛନ୍ତି। ସିରିଜ ଶେଷରେ ଫ୍ଲୋରିଡାଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ମ୍ୟାଚରେ ସେ ୪୫ ବଲ୍‌ରେ ୬୧ରନ ସଂଗ୍ରହ କରିଥିଲେ। ଅଧିନାୟକ ଭାର ଏବଂ ଏକ ଯୁବ ଦଳର ନେତୃତ୍ୱ ସହ ସେ ଭଲ ପ୍ରଦର୍ଶନ କରିବାରେ ସଫଳ ରହିଛନ୍ତି। ଜୋହାନ୍ସବର୍ଗଠାରେ ବର୍ଷ ଶେଷରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ଅନ୍ତର୍ଜାତୀୟ ଟି୨୦ରେ ମାତ୍ର ୫୬ ବଲ୍‌ରୁ ୧୦୦ ରନ ସଂଗ୍ରହ କରିବା ପୂର୍ବରୁ ଅଷ୍ଟ୍ରେଲିଆ (୪୨ ବଲ୍‌ରୁ ୮୦) ଏବଂ ଦକ୍ଷିଣ ଆଫ୍ରିକା (୩୬ ବଲ୍‌ରୁ ୫୬ରନ) ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିଲେ। ଜାନୁୟାରୀରେ ସେ ଶ୍ରୀଲଙ୍କା ବିପକ୍ଷରେ ୫୧ ବଲ୍‌ରେ ୧୧୨ ରନ କରିଥିଲେ। ତାଙ୍କର ଏହି ଇନିଂସରେ ୯ଟି ଛକା ଓ ୭ଟି ଚୌକା ସାମିଲ ଥିଲା। ଏହାଦ୍ୱାରା ପୁରୁଷ ଅନ୍ତର୍ଜାତୀୟ ଟି୨୦ରେ ଭାରତ ପାଇଁ ସେ ରୋହିତ ଶର୍ମାଙ୍କ ପଛକୁ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। କୌତୂହଳର କଥା ୨୦୧୭ରେ ରୋହିତ ସମାନ ଦଳ ବିପକ୍ଷରେ ମାତ୍ର ୩୫ ବଲ୍‌ରେ ଶତକ ହାସଲ କରିଥିଲେ। ଭାରତ ଏହି ମ୍ୟାଚ ୯୧ ରନରେ ଜିତିନେଇଥିଲା।

# ଜାତୀୟ ଫେନ୍‌ସିଂ: ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର,୨୪।୧(ସରୋଜ ଜେନା):** ଆସାମର ଗୁଆହାଟୀରେ ହେବାକୁ ଥିବା ଜାତୀୟ ସିନିୟର ଫେନ୍‌ସିଂ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଘୋଷଣା ହୋଇଛି। ୨୮ରୁ ୩୧ ଜାନୁଆରୀ ମଧ୍ୟରେ ଚାମ୍ପିୟନଶିପ ଆୟୋଜିତ ହେବ। ରାଜ୍ୟ ଫେନ୍‌ସିଂ ଆସୋସିଏଶନ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଏବଂ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। **ଓଡ଼ିଶା ଦଳ:** ମୁକେଶ କର୍ଣ୍ଣ, ପ୍ରତୀକ ଶତପଥି, ଜିତେନ୍ଦ୍ର ବେହେରା, ରୋଶନ ସାହୁ, ସତ୍ୟଜିତ ସାହୁ, ଆର୍ଯ୍ୟନ ଦେବ ରାଉତ, କୈଳାଶ ମାଝି, ସିଦ୍ଦିକ ଖାନ, ଅମିତ ସାହୁ, ସାହିଲ କୁମାର, ପ୍ରିନ୍ସ କୁମାର ବିଶ୍ୱାଳ, ବବିତା ଛନ୍ଦା, ବଂଶୀକା ସ୍ୱାଇଁ, ଅନ୍ୱେଷା ହୋତା, ଅନୁସ୍ମିତା ନନ୍ଦ, ଅଂସୁମିତ୍ରା ପୃଷ୍ଟି, ପ୍ରବନ୍ଧକ: ବୁଦ୍ଧିରାଜ ବିଶ୍ୱାଳ, ପ୍ରଶିକ୍ଷକ: ସୁକାନ୍ତ ସେଠ, ସସ୍ମିତା ଗଡ଼ତିଆ, ନରସିଂହ ରାଣା।

# ଚତୁଃରାଷ୍ଟ୍ରୀୟ ହକି: ଭାରତ-ଫ୍ରାନ୍ସ ମ୍ୟାଚ ଡ୍ର

**କେପ୍‌ଟାଉନ୍, ୨୪।୧ (ପି.ଟି.)**

ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟରେ ବୁଧବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ଫ୍ରାନ୍ସ ବିପକ୍ଷ ମ୍ୟାଚକୁ ଦଳ ୨-୨ରେ ଡ୍ର ରଖିଛି। ଭାରତ ପକ୍ଷରୁ ମନଦୀପ (୮ମ ମିନିଟ) ଓ ଅମିତ ରୋହିଦାସ (୧୯ତମ) ପ୍ରଥମାର୍ଦ୍ଧରେ ଗୋଟିଏ ଲେଖାଏଁ ଗୋଲ୍ ଦେଇଥଲେ। ତେବେ ପରେ ଫ୍ରାନ୍ସ ଦୃଢ ପ୍ରତ୍ୟାବର୍ତ୍ତନ ସହ ଟିମୋଥି କ୍ଲିମେଣ୍ଟ (୩୭ତମ) ଓ ବି. ଗାସ୍‌ପାର୍ଡ (୫୯ତମ)ଙ୍କ ଗୋଲ ଜରିଆରେ ମ୍ୟାଚକୁ ବରାବର ରଖିବାରେ ସମର୍ଥ ହୋଇଥିଲା। ମ୍ୟାଚ ଆରମ୍ଭରୁ ଉଭୟ ଦଳ ରକ୍ଷଣାତ୍ମକ ଖେଳିଥିଲେ। ଭାରତ ପକ୍ଷରୁ ମ୍ୟାଚର ପ୍ରଥମ ଗୋଲ୍ ସ୍କୋର କରିଥିଲେ ମନଦୀପ। ଦ୍ୱିତୀୟ କ୍ୱାର୍ଟରରେ ରୋହିଦାସ ଭାରତର ଗୋଲ୍ ସଂଖ୍ୟାକୁ ୨କୁ ବୃଦ୍ଧି କରିଥିଲେ। ଫ୍ରାନ୍ସ ଗୋଲ୍ ପରିଶୋଧ କରିବା ଲାଗି ଉଦ୍ୟମ କରିଥିଲା। କ୍ଲିମେଣ୍ଟ ୩୭ତମ ମିନିଟରେ ଗୋଲ୍ ଦେବାରେ ସମର୍ଥ ହୋଇଥିଲେ। ଫାଇନାଲ କ୍ୱାର୍ଟରରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳି ଗୋଲ୍ ଦେବାକୁ ଚେଷ୍ଟା କରିଥିଲେ। ଫାଇନାଲ ହୁଟର ପୂର୍ବରୁ ଗାସ୍‌ପାର୍ଡ ଗୋଲ୍ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଭାରତ ଶୁକ୍ରବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବାକୁ ଥିବା ବେଳେ ରବିବାର ବିଶ୍ୱର ନମ୍ବର ୱାନ ଦଳ ନେଦରଲାଣ୍ଡକୁ ଭେଟିବ।

## ଇଷ୍ଟ୍‌ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି

# ସମ୍ବଲପୁର ଚାମ୍ପିୟନ

**ଭୁବନେଶ୍ୱର,୨୪।୧ (ସରୋଜ ଜେନା)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି ସମ୍ବଲପୁର ବିଶ୍ୱବିଦ୍ୟାଳୟ। ଉତ୍ତରପ୍ରଦେଶର ବୀର ବାହାଦୁର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରାଞ୍ଚି ବିଶ୍ୱବିଦ୍ୟାଳୟ ତୃତୀୟ ଓ କିଟ୍ ଭୁବନେଶ୍ୱର ଚତୁର୍ଥ ସ୍ଥାନରେ ରହିଥିଲା। ଏଆଇୟୁ ପରିଦର୍ଶକ ବ୍ରଜ କିଶୋର ପ୍ରସାଦ, କିଟ୍ ଓ କିସ୍ ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ, କ୍ରୀଡା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ଓ ଉପ କ୍ରୀଡା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟର ପ୍ରଥମ ୪ ସ୍ଥାନରେ ଥିବା ଦଳଗୁଡିକ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ହକି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦଳକୁ ବଧେଇ ଦେବା ସହିତ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ହକି ଟୁର୍ନାମେଣ୍ଟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ଟୁର୍ନାମେଣ୍ଟ ଚାମ୍ପିୟନ ସମ୍ବଲପୁର ଦଳ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ